# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଅକ୍ଟୋବର ୨୨/୨୦୧୯ (୧୬ ପୃଷ୍ଠା) Sambalpur, Tuesday, October 22 / 2019 ★★

୧୫ଶ ଭାଗ ୩୦୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-


# ୭୮.୯୬% ମତଦାନ

**ବରଗଡ଼ ଅଫିସ୍/ଭୁବନେଶ୍ୱର (ବ୍ୟୁରୋ), ୨୧।୧୦**

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ସୋମବାର ମତଦାନ ପ୍ରକ୍ରିୟା ଶେଷ ହୋଇଛି। ନିର୍ବାଚନ ମଣ୍ଡଳୀର ୨୮୫ଟି ବୁଥ୍‌ରେ ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହୋଇଥିଲା। ସର୍ବଶେଷ ସୂଚନା ମୁତାବକ ୭୮.୯୬% ମତଦାନ ହୋଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି। ମତଦାନ ସମୟରେ କାଁ ଭାଁ କେତୋଟି ଘଟଣାକୁ ଛାଡ଼ିଦେଲେ ସେଭଳି କିଛି ବିଶୃଙ୍ଖଳା ଉପୁଜି ନ ଥିବା ଜଣାପଡ଼ିଛି। ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ୫ଜଣ ପ୍ରାର୍ଥୀ ତଥା କଂଗ୍ରେସର ଦିଲୀପ କୁମାର ପଣ୍ଡା, ଭାଜପାର ସନତ କୁମାର ଗଡ଼ତିଆ, ବିଜେଡିର ରୀତା ସାହୁ, ଭାରତ ହିନ୍ଦୁ ମହାସଭାର ଅଶୋକ କୁମାର ମିଉଲ ଏବଂ ସ୍ୱାଧୀନ ପ୍ରାର୍ଥୀ ବୃନ୍ଦାବନ ପୁରୋହିତଙ୍କ ଭାଗ୍ୟ ବର୍ତ୍ତମାନ ଇଭିଏମ୍‌ରେ ସିଲ୍ ହୋଇ ରହିଛି। ଆସନ୍ତା ୨୪ ତାରିଖରେ ଭୋଟ ଗଣତି ପରେ ଫଳାଫଳ ପ୍ରକାଶ ପାଇବ। ବିଜେପୁର

## ବିଜେପୁର ଉପନିର୍ବାଚନ
## ୨୪ରେ ଗଣତି

ଉପନିର୍ବାଚନରେ ସମୁଦାୟ ୨ଲକ୍ଷ ୩୨ହଜାର ୨୬୪ ମତଦାତା(ଭୋଟର)ଙ୍କ ପାଇଁ ମତଦାନ ବ୍ୟବସ୍ଥା ହୋଇଥିଲା। ସେମାନଙ୍କ ମଧ୍ୟରୁ ୨୦୯ ଜଣ ସର୍ଭିସ ଭୋଟର ଥିଲେ। ବରପାଲିର ୭୭ହଜାର ୫୮୬ ଭୋଟରଙ୍କ ପାଇଁ ୮୪ଟି ବୁଥ୍(ନଂ-୧ରୁ ୮୪), ବିଜେପୁରର ୮୩ହଜାର ୧ଜଣ ଭୋଟରଙ୍କ ପାଇଁ ୧୦୬ଟି ବୁଥ୍(ନଂ-୮୫ରୁ ୧୯୦) ଏବଂ ଗାଇସିଲେଟ୍‌ର ୭୧ହଜାର ୪୬୮ ଭୋଟରଙ୍କ ପାଇଁ ୯୫ଟି ବୁଥ୍(ନଂ-୧୯୧ରୁ ୨୮୫) କରାଯାଇଥିଲା। ବିଜେପୁର ବ୍ଲକ ଓ ଏନ୍‌ଏସିରେ ସର୍ବାଧିକ ୮୨.୫୬% ମତଦାନ ହୋଇଥିବାବେଳେ ଗାଇସିଲେଟ୍ ବ୍ଲକରେ ୮୦.୪୩ ଏବଂ ବରପାଲି ବ୍ଲକ ଓ ଏନଏସିରେ ସର୍ବନିମ୍ନ ୭୭.୨୮% ମତଦାନ ହୋଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦାଶ ସୂଚନା ଦେଇଛନ୍ତି ।

# ମହାରାଷ୍ଟ୍ର, ହରିୟାଣାରେ ପୁଣି ଭାଜପା

**ନୂଆଦିଲ୍ଲୀ,୨୧।୧୦**

ମହାରାଷ୍ଟ୍ର ଓ ହରିୟାଣା ବିଧାନସଭା ନିର୍ବାଚନ ଲାଗି ଭୋଟଗ୍ରହଣ ସୋମବାର ଶେଷ ହୋଇଛି। ଗୁରୁବାର ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ତେବେ ଭୋଟଗ୍ରହଣ ଶେଷ ହେବା ପରେ ବିଭିନ୍ନ

## ବୁଥ୍ ଫେରନ୍ତା ଜନମତ ସର୍ଭେ

ଗଣମାଧ୍ୟମ ପକ୍ଷରୁ ବୁଥ୍ ଫେରନ୍ତା ଜନମତ (ଏକ୍‌ଜିଟ୍ ପୋଲ୍) ସର୍ଭେ ରିପୋର୍ଟ ପ୍ରକାଶ ପାଇଛି। ଉଭୟ ରାଜ୍ୟରେ ଭାଜପା ନିରଙ୍କୁଶ ସଂଖ୍ୟାଗରିଷ୍ଠତା ସହ ପୁଣିଥରେ ସରକାର ଗଢ଼ିବ ☞ପୃଷ୍ଠା-୪


Vencobb FRESH CHICKEN — Taste the difference!

21.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 66 | 114 | 124 |
| CTC | 62 | 109 | 119 |
| DKL | 63 | 110 | 120 |
| BDK | 63 | 110 | 120 |
| BLS | 63 | 110 | 120 |
| ANG | 66 | 114 | 124 |
| BHM | 59 | 105 | 115 |

*Conditions Apply

Issued in the Interest of Consumers


## ଆଜିର ସମ୍ପାଦକୀୟ

### ସାଂକେତିକ

## ଆଜିର ମନ୍ତବ୍ୟ

“ ଯଦି ପାକିସ୍ତାନ ଭାରତ ବିରୋଧରେ ଆତଙ୍କବାଦୀ କାର୍ଯ୍ୟକଳାପ ବନ୍ଦ ନ କରେ, ତେବେ ‘ପିଓକେ’ରେ ଥିବା ଆତଙ୍କବାଦୀ ଶିବିରକୁ ସେନା ପକ୍ଷରୁ ଧ୍ୱଂସ କରାଯିବ।

**-ସତ୍ୟପାଲ ମଲିକ, ଜମ୍ମୁ-କଶ୍ମୀର ରାଜ୍ୟପାଳ**










ଲାଲ୍‌ଚାନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଶ୍ରୀଯୁକ୍ତ ସଂଜୟ ହଂସ

# ଏଥର ଦୁଇଗୁଣ ଆନନ୍ଦ
## ଧନତେରାସ୍ ଓ ଦୀପାବଳୀକୁ ଚମକାଇବ ଲାଲ୍‌ଚାନ୍ଦ୍‌ର ଅଫର



ଦଶହରା ପରେ ଧନତେରାସ୍ ଓ ଦୀପାବଳୀ । ଆଗେଇଚାଲିଛି ପର୍ବପର୍ବାଣୀର ଧାରା । ସଭିଙ୍କ ମନରେ ଉଲ୍ଲାସ । ଏହି ଉଲ୍ଲାସକୁ ଦ୍ୱିଗୁଣିତ କରିଛି ଲାଲ୍‌ଚାନ୍ଦ୍ । ସବୁଥର ଭଳି ଏଥର ମଧ୍ୟ ଲାଲ୍‌ଚାନ୍ଦ୍ ଦିନକୁ ଦିନ ଗ୍ରାହକମାନଙ୍କ ପାଇଁ ନେଇଆସୁଛି ନୂଆ ନୂଆ ମନଛୁଆଁ ଅଫର । ଏଥର ଧନତେରାସ୍ ଓ ଦୀପାବଳୀରେ ଯେଉଁସବୁ ରିହାତି ଓ ଲକି ଡ୍ର ଯୋଜନା ଲାଲ୍‌ଚାନ୍ଦ୍ ଆଣିଛି, ତାହା ଗ୍ରାହକମାନଙ୍କୁ ଚମତ୍କୃତ କରିବ ନିଶ୍ଚୟ ।

ବର୍ଷର ଏଇ ପାଞ୍ଚଟି ଦିନରେ ଯେପରି ମା’ ଲକ୍ଷ୍ମୀଙ୍କ କୃପା ସଭିଙ୍କ ଉପରେ ବୃଷ୍ଟି ହେବ ଓ ସମସ୍ତଙ୍କ ଗୃହ ସୁଖ ସମୃଦ୍ଧିରେ ପୂର୍ଣ୍ଣ ହେବ ଏହି କାମନା କରି ଲାଲ୍‌ଚାନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ଶ୍ରୀ ସଂଜୟ ହଂସ ଘୋଷଣା କରିଛନ୍ତି ଏଥରର ସବୁଠୁ ବଡ଼ ଅଫର ।

ସୁନା ଅଳଙ୍କାରର ଗଢ଼ା ମୂଲ୍ୟ କମ୍ କରାଯାଇ ରଖାଯାଇଛି ଗ୍ରାମ୍ ପ୍ରତି ଫ୍ଲାଟ୍ ୨୯୫ ଟଙ୍କା । ଡିଜାଇନର ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଗ୍ରାମ୍ ପ୍ରତି ଫ୍ଲାଟ୍ ୩୯୫ ଟଙ୍କା । ସେହିପରି ହୀରା ଅଳଙ୍କାରରେ ରହିଛି ଫ୍ଲାଟ୍ ୨୦ ପ୍ରତିଶତ ଛାଡ଼ । ଦୀପାବଳୀ ଓ ଧନତେରାସ୍ ଉପଲକ୍ଷେ ବିଭିନ୍ନ ଓଜନ ବିଶିଷ୍ଟ ସ୍ୱର୍ଣ୍ଣ ମୁଦ୍ରା ମଧ୍ୟ ଯଥେଷ୍ଟ ପରିମାଣରେ ଉପଲବ୍ଧ । ଖାଲି ସେତିକି ନୁହେଁ, ଏଥିରେ ଗଢ଼ା ମଜୁରୀ ସଂପୂର୍ଣ୍ଣ ରୂପେ ଛାଡ଼ କରାଯାଇଛି ବୋଲି କହିଛନ୍ତି ଶ୍ରୀ ହଂସ ।

ଏତେ ସବୁ ରିହାତି ପରେ ମଧ୍ୟ ଲାଲ୍‌ଚାନ୍ଦ୍ ଗ୍ରାହକମାନଙ୍କ ପାଇଁ ଆଣିଛନ୍ତି ଅନେକ ଉପହାର । ସେସବୁ ଭିତରେ ରହିଛି ୬ଟି ହୋଣ୍ଡା ଆକ୍ଟିଭା, ଚାରିଟି କେଲ୍‌ଭିନ୍ କ୍ଲେନ୍ ହାତଘଣ୍ଟା, ୩୦ଟି ବ୍ଲୁଷ୍ଟୋନ୍ ହୀରା ଅଳଙ୍କାର ଓ ୧୦୦ଟି ସାନ୍ତ୍ୱନାମୂଳକ ପୁରସ୍କାର ଏବଂ ୩୬ଟି ଲକ୍ଷପତି ପୁରସ୍କାର । ତା’ ମାନେ ୩୬ ଜଣ ଗ୍ରାହକ ହେବେ ଲକ୍ଷପତି ।

ତିନି ଦଶନ୍ଧି ତଳୁ ମାତ୍ର ୧୦୦ ବର୍ଗଫୁଟର ଛୋଟିଆ ଦୋକାନରୁ ଆରମ୍ଭ ହୋଇ ପୂର୍ବଭାରତର ବୃହତ୍ତମ ଅଳଙ୍କାର ସୋରୁମ୍ ଭାବରେ ଗଣା ହେବାର ସୌଭାଗ୍ୟ ଲାଭ କରିଛି ଲାଲ୍‌ଚାନ୍ଦ୍ । ନିକଟରେ ନନ୍ଦନକାନନ ରୋଡ୍‌ର ରଘୁନାଥପୁର ଠାରେ ଏହାର ୩୦ ହଜାର ବର୍ଗଫୁଟର ବିଶାଳ ଫ୍ଲାଗ୍‌ସିପ୍ ଷ୍ଟୋର୍ ଉଦ୍‌ଘାଟିତ ହୋଇଛି । ବଲିଉଡ୍ ଅଭିନେତ୍ରୀ ତଥା ଫେସନ୍ ଆଇକନ୍, ସୋନମ୍ କାପୁର୍ ଆହୂଜା ରିବନ କାଟି ଏହାକୁ ଉନ୍ମୋଚନ କରିଥିଲେ ।

ଲାଲ୍‌ଚାନ୍ଦ୍ ବ୍ରାଣ୍ଡର ଆହୁରି ଦୁଇଟି ବଡ଼ ସୋରୁମ୍ ଅଛି । ସେଥିରୁ ଗୋଟିଏ ଅଛି ମାଷ୍ଟର କ୍ୟାଣ୍ଟିନ୍ ଛକ, ଭୁବନେଶ୍ୱରରେ ଓ ଅନ୍ୟଟି କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍, କଟକରେ । ୨୦ ହଜାର ବର୍ଗଫୁଟ ପରିମିତ ପ୍ରତ୍ୟେକଟି ଷ୍ଟୋର୍ ଉଚ୍ଚମାନ ଓ ଅଳଙ୍କାରର ଶୁଦ୍ଧତା ପାଇଁ ବେଶ୍ ପରିଚିତ ।

ଲାଲ୍‌ଚାନ୍ଦ୍‌ର ସର୍ବବୃହତ ରଘୁନାଥପୁର ସ୍ଥିତ ଷ୍ଟୋର୍‌ରେ ରହିଛି ଏକ୍ସପୋର୍ଟ କ୍ୱାଲିଟି ତଥା ଅନ୍ତର୍ଜାତୀୟ ସ୍ତରର ଅଳଙ୍କାର । ସୁନା, ହୀରା ଏବଂ ରୂପାର ନିଖୁଣ ଏବଂ ଅବର୍ଣ୍ଣନୀୟ କାରିଗରୀ ଏଠାରେ ଦେଖିବାକୁ ମିଳେ । ଦୀପାବଳୀ ଉପଲକ୍ଷେ କର୍ପୋରେଟ୍ ଗିଫ୍ଟ ସାମଗ୍ରୀର ବିଶାଳ ରେଞ୍ଜ୍ ଏଠାରେ ଉପଲବ୍ଧ । ଏସବୁରେ ମଧ୍ୟ ରହିଛି ଅନେକ ରିହାତି । ଯେପରିକି ରୂପା ଅଳଙ୍କାର ଓ ରୂପା ବାସନର ଗଢ଼ା ମଜୁରୀରେ ୩୦ ପ୍ରତିଶତ ରିହାତି, ଫ୍ୟାସନ୍ ଅଳଙ୍କାରରେ ୨୦ ପ୍ରତିଶତ ରିହାତି, ଆର୍ଟିଫ୍ୟାକ୍ଟ ଓ ଗିଫ୍ଟ ଆଇଟମ୍ ଉପରେ ୧୫ ପ୍ରତିଶତ ରିହାତି ଓ ବ୍ରାଣ୍ଡେଡ୍ ହାତଘଣ୍ଟା ଉପରେ ୧୦ ପ୍ରତିଶତ ରିହାତି ଅଛି । ଏହିସବୁ ଅଫର ଗୁଡ଼ିକ ଲାଲ୍‌ଚାନ୍ଦ୍‌ର କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍, କଟକ ସୋରୁମ୍‌ରେ ମଧ୍ୟ ଉପଲବ୍ଧ ।

ଲାଲ୍‌ଚାନ୍ଦ୍‌ର ରଘୁନାଥପୁର ସୋରୁମ୍‌ରେ ଏହି ଉତ୍ସବ ଋତୁ ପାଇଁ ଆସିଛି ସ୍ୱତନ୍ତ୍ର ଡିଜାଇନ୍‌ର ଅଳଙ୍କାର ସମ୍ଭାର । ଏସବୁ କେବଳ ଲାଲ୍‌ଚାନ୍ଦ୍‌ର ଫ୍ଲାଗ୍‌ସିପ୍ ଷ୍ଟୋର୍ ବ୍ୟତୀତ ଅନ୍ୟ କେଉଁଠି ମିଳିବ ନାହିଁ । ଏବେ ଲୋକେ ଉପହାର ଆକାରରେ ହୀରା ମୁଦି ଦେବାପାଇଁ ଖୁବ୍ ପସନ୍ଦ କରୁଛନ୍ତି । ତାହାକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ଫାଇନ୍ କଟ୍ ହୀରାଯୁକ୍ତ ମୁଦିର ବିଶାଳ ସଂଗ୍ରହ ଏଠାରେ ଉପଲବ୍ଧ ।

ଶ୍ରୀ ହଂସଙ୍କ ପାଇଁ ସଫଳତାର ମନ୍ତ୍ର ହେଉଛି - ସୁଲଭ ମୂଲ୍ୟ, ଉତ୍ତମ ଗୁଣବତ୍ତା, ନିଖୁଣ କାରିଗରୀ ଏବଂ ଉତ୍କୃଷ୍ଟ ଗ୍ରାହକ ସେବା । ଏଥିପାଇଁ ସେ କେବଳ ଓଡ଼ିଶା ଅଥବା ଭାରତ କାହିଁକି ବିଦେଶାଗତମାନଙ୍କର ମଧ୍ୟ ଶ୍ରଦ୍ଧା ଓ ସମ୍ମାନର ପାତ୍ର ହୋଇପାରିଛନ୍ତି ।

ସେ କହନ୍ତି - ‘ମୋର କଠିନ ପରିଶ୍ରମ କେବଳ ଗ୍ରାହକମାନଙ୍କ ଶ୍ରଦ୍ଧା ପାଇଁ ଉତ୍ସର୍ଗୀକୃତ । ମୁଁ ଦିନରାତି କଠିନ ପରିଶ୍ରମ କରେ, ଯେପରି ମୋର ଗ୍ରାହକମାନେ ସବୁଠାରୁ ବେଶି ଉପକୃତ ହୋଇପାରିବେ । ଗ୍ରାହକମାନଙ୍କ ମୁହଁରେ ହସ ଦେଖିବାରେ ମୋର ସବୁଠୁ ବେଶି ଖୁସି । ଗ୍ରାହକମାନଙ୍କର ଆନନ୍ଦ ଉଲ୍ଲାସକୁ ଦୁଇଗୁଣ କରିବା ପାଇଁ ମୁଁ ଉତ୍ସବ ଋତୁ ମାନଙ୍କପାଇଁ ସବୁଠାରୁ ଅଧିକ ଅଫର ସଞ୍ଚୟ କରି ରଖିଥାଏ ।’

ଏହି ସମୟରେ ଲାଲ୍‌ଚାନ୍ଦ୍‌ରୁ ସପିଂ କରି ଗ୍ରାହକମାନେ ବମ୍ପର ଲକି ଡ୍ରରେ ଭାଗ ନେବାର ସୁଯୋଗ ପାଇପାରିବେ । କଟକର କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍ ସ୍ଥିତ ସୋରୁମ୍ ପାଇଁ କଟକର ଶହୀଦ ଭବନ ଠାରେ ଆସନ୍ତା ନଭେମ୍ବର ୬ ତାରିଖରେ ଲକି ଡ୍ର ଅନୁଷ୍ଠିତ ହେବାକୁ ଥିବା ବେଳେ ଭୁବନେଶ୍ୱରର ରଘୁନାଥପୁର ସୋରୁମ୍ ଓ ମାଷ୍ଟରକ୍ୟାଣ୍ଟିନ୍ ଛକସ୍ଥିତ ସୋରୁମ୍ ପାଇଁ ଲକି ଡ୍ର ହୋଟେଲ୍ ନିଉ ମାରିଅନ୍, ଭୁବନେଶ୍ୱର ଠାରେ ନଭେମ୍ବର ୭ ତାରିଖରେ ଅନୁଷ୍ଠିତ ହେବ ।

ପାଞ୍ଚଦିନ ବ୍ୟାପି ଚାଲୁଥିବା ଦୀପାବଳୀ ଉତ୍ସବ ମଧ୍ୟରେ ଆସେ ଧନତେରାସ୍ । ଯାହାକୁ ଧନ ଓ ସମ୍ପଦର ଉତ୍ସବ ବୋଲି ମଧ୍ୟ କୁହାଯାଇଥାଏ । ଧନତେରାସ୍‌କୁ ‘ଧନ ତ୍ରୟୋଦଶୀ’ ବୋଲି ମଧ୍ୟ କୁହାଯାଏ । ଏହା ହେଉଛି କାର୍ତ୍ତିକ ମାସ କୃଷ୍ଣପକ୍ଷର ତ୍ରୟୋଦଶ ଦିନ । ପୌରାଣିକ କଥା ଅନୁସାରେ ଏହି ସମୟରେ ଦେବତା ଓ ରାକ୍ଷସମାନେ ଅମୃତ ପାଇଁ ସମୁଦ୍ର ମନ୍ଥନ କରିଥିଲେ ଓ ସମୁଦ୍ର ମଧ୍ୟରୁ ମା’ ଲକ୍ଷ୍ମୀ ପ୍ରକଟ ହୋଇଥିଲେ । ସେଥିପାଇଁ ଧନତେରାସ୍‌ର ଦିନ ଗୁଡ଼ିକରେ ସୁନା, ହୀରା ଓ ରୌପ୍ୟର ମୂଲ୍ୟବାନ ଅଳଙ୍କାର କ୍ରୟ କଲେ ମା’ ଲକ୍ଷ୍ମୀ ପ୍ରସନ୍ନ ହେବାର ବିଶ୍ୱାସ ରହିଛି । ଏଥର ଧନତେରାସ୍ ପଡୁଛି ଅକ୍ଟୋବର ୨୫ରେ ।

ଏହି ଅବସରରେ ଶ୍ରୀ ହଂସ ସମଗ୍ର ଓଡ଼ିଶା ବାସୀଙ୍କୁ ଧନତେରାସ୍ ଓ ଦୀପାବଳୀର ଶୁଭେଚ୍ଛା ଜଣାଇଛନ୍ତି ।

ଆଉ ଡେରି ନକରି ନିକଟସ୍ଥ ଲାଲ୍‌ଚାନ୍ଦ୍ ସୋରୁମ୍‌କୁ ଆସନ୍ତୁ ଏବଂ ଆପଣଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବା ସହ ଲାଭକରନ୍ତୁ ଅନେକ ରିହାତି ଓ ଉପହାର ।




LALCHND
Odisha's Most Trusted Jeweller



ମୁଁ ମୁମ୍ବାଇ ଆସିବା ବେଳେ ଏକ ଛୋଟ ଘରେ ରହୁଥିଲି। ଦୁଇବର୍ଷ କାଳ ମୋ ପାଠପଢ଼ା ଖର୍ଚ୍ଚ ଶିକ୍ଷକ ତୁଲାଇଥିଲେ।
- ରାଜକୁମାର ରାଓ, ବଲିଉଡ୍ ଅଭିନେତା





# କିମ୍‌ଙ୍କ ବିକିନୀ ଫଟୋକୁ ନେଇ ଚର୍ଚ୍ଚା

**ନୂଆଦିଲ୍ଲୀ:** ବଲିଉଡ୍ କିଙ୍ଗ୍ ଖାନ୍ ଶାହରୁଖ୍ ଏବଂ ବିଗ୍ ବି ଅମିତାଭ୍ ବଚ୍ଚନଙ୍କ ସହ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିଥିବା ଅଭିନେତ୍ରୀ କିମ୍ ଶର୍ମା ଏବେ ଚର୍ଚ୍ଚାରେ। ଏବେ ଆପଣ ଭାବୁଥିବେ ଫିଲ୍ମ ଇଣ୍ଡଷ୍ଟ୍ରିରୁ ବିଦାୟ ନେବାର ଏତେ ବର୍ଷ ପରେ କିମ୍‌ଙ୍କୁ ନେଇ ପୁଣି କାହିଁକି ଚର୍ଚ୍ଚା ? ତେବେ ଆମେ କହି ରଖୁଛୁ, ଦୁଇଟି କାରଣରୁ ବଲିଉଡ୍‌ର ଏହି ହଟ୍ ଅଭିନେତ୍ରୀଙ୍କୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ୩୯ ବର୍ଷୀୟା କିମ୍ ନିଜ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲରେ ଏକ ବିକିନୀ ଫଟୋ ଶେୟାର କରିଛନ୍ତି, ଯାହାକୁ ନେଇ ସେ ସୋସିଆଲ ମିଡିଆରେ ଚର୍ଚ୍ଚାରେ ଅଛନ୍ତି। ସୁଇମିଂ ପୁଲ୍‌ରେ କିମ୍ ଏକ ମଲ୍‌ଟି କଲର୍ ବିକିନୀ ପିନ୍ଧି ଫଟୋ ଶେୟାର କରିବା ସହ କ୍ୟାପଶନ୍‌ରେ 'ହାପି ଗାର୍ଲ' ଲେଖିଛନ୍ତି। ୩୯ ବର୍ଷ ବୟସରେ ମଧ୍ୟ କିମ୍ ଖୁବ୍ ସୁନ୍ଦର ଆଉ ଫିଟ୍ ଦେଖାଯାଉଛନ୍ତି। ତାଙ୍କ ବିକିନୀ ଫଟୋକୁ ଫ୍ୟାନ୍ସଙ୍କ ସହ ବି-ଟାଉନ୍‌ର ଅନେକ ସେଲିବ୍ରିଟି ମଧ୍ୟ ଖୁବ୍ ପସନ୍ଦ କରିବାସହ କମେଣ୍ଟ ଦେଇ ପ୍ରଶଂସା ମଧ୍ୟ କରୁଛନ୍ତି।

ଅନ୍ୟପକ୍ଷରେ, ମହାରାଷ୍ଟ୍ର ଏବଂ ହରିୟାଣାରେ ଏବେ ବିଧାନସଭା ନିର୍ବାଚନ ଚାଲିଛି। ଏହି ସମୟରେ କିମ୍ ଏକ ଫଟୋ ଜରିଆରେ ଭୋଟ୍ ଦେବାକୁ ଅପିଲ୍ କରିଛନ୍ତି। କିମ୍ ନିଜ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲରେ ଆଉ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ଭୋଟ୍ ଦେଇ ଫେରିଥିବା ଜଣାପଡୁଛି। ଫଟୋଟି ଶେୟାର କରି ସେ କ୍ୟାପଶନ୍‌ରେ ଲେଖିଛନ୍ତି, "ପରିସ୍ଥିତି ଯେତେ ମଳିନ ପଡ଼ିଯାଇଥିଲେ ମଧ୍ୟ ପରିବର୍ତ୍ତନର ଆଶା ଛାଡ଼ିବା ଉଚିତ ନୁହେଁ। ସିଷ୍ଟମ୍‌କୁ ସୁଧାରିବାର ଏହା ଏକମାତ୍ର ମାଧ୍ୟମ।"

କିମ୍‌ଙ୍କ ଏହି ଦୁଇଟି ଫଟୋ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ସାଉଁଟୁଛି। ୨୦୦୦ ମସିହାରେ କିମ୍ ଫିଲ୍ମ 'ମୋହୋବତେଁ'ରୁ ନିଜର ଡେବ୍ୟୁ କରିଥିଲେ। ପରେ ପରେ ସେ 'ଫିଦା', 'କେହେତା ହେ ଦିଲ୍ ବାର୍-ବାର୍', 'ତୁମସେ ଅଚ୍ଛା କୌନ୍ ହେ' ଏବଂ 'ମନି ହେ ତୋ ହନୀ ହେ' ଭଳି ଫିଲ୍ମରେ ନଜରକୁ ଆସିଥିଲେ।

# ବିରାଟ ହେବେ ସୁପର ହିରୋ



**ନୂଆଦିଲ୍ଲୀ:** ଭାରତୀୟ କ୍ରିକେଟ୍ ଟିମ୍ କ୍ୟାପ୍ଟେନ୍ ବିରାଟ୍ କୋହଲି ଖୁବ୍‌ଶୀଘ୍ର ନୂଆ ଅବତାରରେ ଟିଭି ପରଦାରେ ନଜରକୁ ଆସିବେ। ପିଲାଙ୍କ କାର୍ଟୁନ ଶୋ'ରେ ସୁପର୍‌ହିରୋ ହୋଇ ନଜର ଆସିବେ ବିରାଟ। ଷ୍ଟାର ଇଣ୍ଡିଆ ନେଟ୍‌ୱର୍କ ପକ୍ଷରୁ ସୁପର୍‌ହିରୋ ଏନିମେଟେଡ୍ ସିରିଜ୍ 'ସୁପର୍ ଭି' ଲଞ୍ଚ ହେବାକୁ ଯାଉଛି। ଏହି ସିରିଜ ବିରାଟଙ୍କୁ ନେଇ ନିର୍ମାଣ କରାଯାଉଛି। ଯେଉଁଥିରେ 'ସୁପର୍ ଭି' ଦୁନିଆକୁ ରକ୍ଷା କରୁଥିବା ଦେଖିବାକୁ ମିଳିବ। ସିରିଜ୍‌ର ପ୍ରିମିୟର୍ ବିରାଟଙ୍କ ଜନ୍ମଦିନ ଅର୍ଥାତ ନଭେମ୍ବର ୫ରେ ରିଲିଜ ହେବ, ଯାହାକୁ ଦର୍ଶକେ ଷ୍ଟାର୍‌ପ୍ଲସ୍, ଷ୍ଟାର୍‌ସ୍ପୋର୍ଟ୍‌ସ, ଡିଜ୍‌ନୀ ଚ୍ୟାନେଲ ଏବଂ ହଟ୍‌ଷ୍ଟାର୍‌ରେ ମଧ୍ୟ ଦେଖିପାରିବେ।

ସିରିଜରେ ୧୫ ଏପିସୋଡ୍ ଥିବାବେଳେ ଭରପୂର କମେଡି, ଆକ୍ସନ ଏବଂ ଡ୍ରାମା ଦେଖିବାକୁ ମିଳିବ। ଏହା ଜଣେ ବାଳକର କାହାଣୀ, ଯିଏ ନିଜ ପରିବାର ଓ ସମ୍ପର୍କୀୟଙ୍କ ଆଶା ଆକାଂକ୍ଷାର ବୋଝ ତଳେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ। ୧୫ବର୍ଷୀୟ ଏହି ବାଳକ 'ସୁପର୍ ଭି'ର ବିଶେଷ ଭାବରେ କ୍ରିକେଟ୍‌ରେ ପ୍ରତି ଦୁର୍ବଳତା ରହିଥାଏ। ଖୁବ୍ କମ୍ ବୟସରେ 'ସୁପର୍ ଭି'କୁ ତାର ସୁପର୍ ପାୱାର୍ ଥିବା ଜଣାପଡ଼େ ଏବଂ ସେ ଦୁନିଆକୁ କିଛି ସୁପର୍ ଭିଲେନ୍‌ଙ୍କଠାରୁ ରକ୍ଷା କରିଥାଏ।

ଏନେଇ ବିରାଟ କହିଛନ୍ତି, ପିଲାବେଳେ ତାଙ୍କୁ ମଧ୍ୟ ସୁପର୍ ହିରୋମାନେ ବହୁତ ଭଲ ଲାଗୁଥିଲେ। କୁନି ଦର୍ଶକଙ୍କ ନିକଟରେ ପହଞ୍ଚିବାକୁ ଆନିମେଶନ ଏକ ଭଲ ମାଧ୍ୟମ। ଏହା ଏକ ରୋମାଞ୍ଚ ଭରା ସିରିଜ। ଏହା ସାପ୍ତାହିକ ଶୋ ହୋଇଥିବାବେଳେ ପ୍ରତି ଏପିସୋଡ୍ ଶେଷରେ ବିରାଟ ଏକ ବାର୍ତ୍ତା ଦର୍ଶକଙ୍କୁ ଦେବେ ବୋଲି କହିଛନ୍ତି।

**'ସୁପର ଭି' ହୋଇ ଦୁନିଆକୁ ରକ୍ଷା କରିବେ**

# ୩୨୦ମୂଷା ସହ ଭ୍ୟାନ୍‌ରେ ରହୁଛନ୍ତି ମହିଳା



**କାଲିଫର୍ନିଆ:** ଆମେରିକାର କାଲିଫର୍ନିଆଠାରେ ଜଣେ ମହିଳା ୩୨୦ ମୂଷା ସହ ଏକ ଭ୍ୟାନ୍‌ରେ ରହୁଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ଡିଓଗେ ହ୍ୟୁମାନ ସୋସାଇଟି (ପ୍ରାଣୀ କଲ୍ୟାଣ ପାଇଁ ଉଦ୍ଦିଷ୍ଟ) ନାମକ ଏକ ବେସରକାରୀ ସଂସ୍ଥାକୁ ଖବର ଦେଇଥିଲେ। ଅଭିଯୋଗ ପରେ ପୂରା ଘଟଣା ପଦାକୁ ଆସିଛି। ସମ୍ପୃକ୍ତ ମହିଳାଙ୍କ ନାଁ କର୍ଲ। ନିଜର ଘର ନ ଥିବାରୁ ସେ ଏହି ଲିଭିଂ ଭ୍ୟାନ୍‌ରେ ରୁହନ୍ତି। ମୂଷାମାନଙ୍କ ସହ ଭ୍ୟାନ୍‌ରେ ରହିବା ସମ୍ପର୍କରେ ପଚାରିବାରେ କର୍ଲ କୁହନ୍ତି, ପ୍ରଥମେ ତାଙ୍କ ପାଖରେ ମାତ୍ର ଦୁଇଟି ମୂଷା ଥିଲା। କିନ୍ତୁ ସମୟକ୍ରମେ ସେମାନଙ୍କ ବଂଶବୃଦ୍ଧି ଘଟି ଏବେ ୩୦୦ରୁ ଊର୍ଦ୍ଧ୍ୱ ମୂଷା ଅଛନ୍ତି। କର୍ଲ ସମସ୍ତ ମୂଷାଙ୍କୁ ଭ୍ୟାନ୍ ଭିତରେ ପିଞ୍ଜରାରେ ରଖିଛନ୍ତି। ସେ ରହୁଥିବା ଗାଡ଼ି ମଧ୍ୟ ତାଙ୍କୁ କେହି ଦାନ ସୂତ୍ରରେ ଦେଇଥିବା ଜଣାପଡ଼ିଛି। ୱାଶିଂଟନ୍‌ପୋଷ୍ଟର ରିପୋର୍ଟ ମୁତାବକ କର୍ଲ ମୂଷାମାନଙ୍କୁ ଲିଭିଂ ଭ୍ୟାନ୍‌ରେ ରଖି ପର୍ଯ୍ୟାପ୍ତ ପରିମାଣର ଖାଇବା ଓ ପାଣି ପିଇବାକୁ ଦେଉଥିଲେ। ତେଣୁ ଏ କ୍ଷେତ୍ରରେ ପ୍ରାଣୀ ନିର୍ଯାତନା ମାମଲା ଲାଗୁ କରାଯିବ ନାହିଁ ବୋଲି ସ୍ଥାନୀୟ ଏକ ଏନ୍‌ଜିଓରେ କାମ କରୁଥିବା ଡେନ୍ କୁକ୍ କହିଛନ୍ତି।

# ଭାରତରେ ରହିଛି ପୃଥିବୀର ଦ୍ୱିତୀୟ ବୃହତମ ପ୍ରାଚୀର

**ଜୟପୁର:** ବିଶ୍ୱରେ ସବୁଠାରୁ ବଡ଼ ପ୍ରାଚୀର ଚାଇନାରେ ରହିଛି। ପଞ୍ଚମ ଶତାବ୍ଦୀରେ ନିର୍ମିତ ଏହି ପ୍ରାଚୀର ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଗୋଟିଏ । ଏହି ପ୍ରାଚୀର ଭଳି ଭାରତରେ ମଧ୍ୟ ନିର୍ମିତ ହୋଇଛି ଏକ ବୃହତ୍ ପ୍ରାଚୀର। ଏହା ସମ୍ପର୍କରେ କମ୍ ଲୋକ ଜାଣିଛନ୍ତି। ଏହା ଉପରେ ୧୦ଟି ଘୋଡ଼ା ଏକା ସଙ୍ଗେ ଦୌଡ଼ି ପାରିବା ଭଳି ସୁବିଧା ରହିଛି। ରାଜସ୍ଥାନର କୁମ୍ଭଲଗଡ଼ ଦୁର୍ଗ ଚାରିପଟେ ରହିଛି ଏହି ପ୍ରାଚୀର। ରାଜସମନ୍ଦ ଜେଲ୍ଲାସ୍ଥିତ କୁମ୍ଭଲଗଡ଼ ଦୁର୍ଗକୁ ରାଣା କୁମ୍ଭ ନିର୍ମାଣ କରିଥିଲେ। ଏହି ଦୁର୍ଗଟି ଅଜେୟଗଡ଼ ନାମରେ ପ୍ରସିଦ୍ଧି ଲାଭ କରିଥିଲା । ଦୁର୍ଗ ଚାରିପଟେ ନିର୍ମିତ ହୋଇଥିବା ପ୍ରାଚୀରକୁ ଭାଙ୍ଗି ପ୍ରବେଶ କରିବାକୁ ଆକବର ଚେଷ୍ଟା କରିଥିଲେ, କିନ୍ତୁ ସଫଳ ହୋଇପାରି ନ ଥିଲେ। ଏହି ପ୍ରାଚୀର ୟୁନେସ୍କୋ ପକ୍ଷରୁ ବିଶ୍ୱ ଐତିହ୍ୟର ମାନ୍ୟତା ପାଇଛି।



# ଗଛ ନେଲା ପ୍ରଥମ ବଟାନିକାଲ ସେଲ୍‌ଫି

**ଲଣ୍ଡନ:** ଗଛ ସେଲ୍‌ଫି ନେଉଛି। ଏହା ବିଶ୍ୱାସ ହେଉନଥିଲେ ବି ସତ। ଲଣ୍ଡନ ଚିଡ଼ିଆଖାନାରେ ରହିଥିବା ଏକ ଗଛ ନେଇଛି ଏମିତିକା ସେଲ୍‌ଫି। ଏହି ଘଟଣାକୁ ସାମ୍ନାକୁ ଆଣିଛନ୍ତି ଜୁଲୋଜିକାଲ ସୋସାଇଟି ଅଫ୍ ଲଣ୍ଡନ୍‌ର ବୈଜ୍ଞାନିକମାନେ। ଛାଇରେ ବଢୁଥିବା ଫର୍ନ ଜାତୀୟ ଗଛ ନିଜେ ଶକ୍ତି ଉତ୍ପନ୍ନ କରି ପ୍ରତି ୨୦ ସେକେଣ୍ଡରେ ଫଟୋ ନେଉଛି ବୋଲି ଗବେଷକମାନେ କହିଛନ୍ତି। ଗବେଷକମାନେ କୁହନ୍ତି, ଗଛ ଉତ୍ପନ୍ନ କରୁଥିବା ଶକ୍ତିକୁ ଉପଯୋଗ କରି ଗଛରେ ଲଗାଯାଇଥିବା ପାୱାର କ୍ୟାମେରା ଓ ସେନ୍‌ସର ଗଛକୁ ସେଲ୍‌ଫି ନେବାରେ ସାହାଯ୍ୟ କରେ। ବୈଜ୍ଞାନିକମାନେ ମାଇକ୍ରୋବାଏଲ ଫୁଏଲ ସେଲ୍ ବିକଶିତ କରିଛନ୍ତି। ଏକ ଫୁଏଲ ସେଲ୍ ଏକ ମିଲି ୱାଟ୍ ପାୱାର ଉତ୍ପନ୍ନ କରେ। ଏମିତି କେତେକ ସେଲ୍‌କୁ ଯୋଡି ଫୁଏଲ ସେଲ୍ ଡିଭାଇସ ବିକାଶ କରାଯାଇଛି। ଏହା ମାଇକ୍ରୋଅର୍ଗାନିଜମ୍ ଉପସ୍ଥିତିରେ କେମିକାଲ ଏନର୍ଜିକୁ ଇଲେକ୍ଟ୍ରିକାଲ ଏନର୍ଜିରେ ପରିଣତ କରିଥାଏ। ଏହି ଶକ୍ତି ସାହାଯ୍ୟରେ କ୍ୟାମେରା ମାଧ୍ୟମରେ ଜଙ୍ଗଲରେ ଘଟୁଥିବା ବିଭିନ୍ନ ଘଟଣା ଉପରେ ନଜର ରଖାଯାଇପାରିବ ଯେଉଁଠି ପହଞ୍ଚିବା ଲାଗି ମଣିଷକୁ କଷ୍ଟ ହୋଇଥାଏ। ଫୁଏଲ ସେଲ୍ ଡିଭାଇସ ଗଛର ବୃଦ୍ଧି, ତାପମାନ ତଥା ଆର୍ଦ୍ରତା ସମ୍ବନ୍ଧରେ ମଧ୍ୟ ତଥ୍ୟ ଯୋଗାଇଦେବ ବୋଲି ବୈଜ୍ଞାନିକମାନେ କହିଛନ୍ତି।



# ବିଲ୍ଡିଂରେ ୮ ହଜାର ଗଛ

**ନୂଆଦିଲ୍ଲୀ:** ଦିଲ୍ଲୀର ନେହେରୁ ପ୍ଲେସ୍‌ସ୍ଥିତ ଏକ ବିଲ୍ଡିଂକୁ ଯଦି କେହି ଯାଆନ୍ତି ତେବେ ପୂରା ପ୍ରଦୂଷଣମୁକ୍ତ ପରିବେଶ ରହିଥିବା ଅନୁଭବ କରିପାରିବେ। ବିଲ୍ଡିଂର ମୁଖ୍ୟ ଦରଜା ପାଖରୁ ଆରମ୍ଭ କରି ପ୍ରାୟ ସବୁ ଜାଗାରେ ଖାଲି ଗଛ ହିଁ ଦେଖିବାକୁ ମିଳିବ। ନେହରୁ ପ୍ଲେସସ୍ଥିତ ପାହାଡପୁର ବିଜନେଶ ସେଣ୍ଟରରେ ଏହି ସ୍ୱଚ୍ଛ ବିଲ୍ଡିଂରେ ବିଶୁଦ୍ଧ ବାୟୁ ରହିଥିବା ଯୋଗୁ ଏହାକୁ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ସାର୍ଟିଫିକେଟ୍ ମଧ୍ୟ ପ୍ରଦାନ କରାଯାଇଛି। ୫୫ ହଜାର ବର୍ଗଫୁଟ ଜାଗାରେ ନିର୍ମିତ ଏହି ବିଲ୍ଡିଂର ମାଲିକ ହେଉଛନ୍ତି କମଲ ମିତ୍ତଲ। ତିନି ଦଶକ ପୂର୍ବରୁ ଇଣ୍ଡୋର ପଲ୍ୟୁଶନ୍ କିପରି କମ୍ କରାଯିବ ତାହା ଉପରେ ଏଠାରେ ଗବେଷଣା କରାଯାଉଛି ଓ ସ୍ୱଚ୍ଛ ବାୟୁ ମିଳିବା ଲାଗି ନିୟମିତ ନୂଆ ନୂଆ ପଦ୍ଧତି ଅବଲମ୍ବନ କରାଯାଉଛି। ସ୍ୱଚ୍ଛ ବାୟୁ ଉପଲବ୍ଧ ହେବା ପାଇଁ କରାଯାଉଥିବା ନୂଆ ପଦ୍ଧତିରେ ଏହି ବିଲ୍ଡିଂ ନାମରେ ୧୦ଟି ପ୍ୟାଣ୍ଟେଟ ରହିଛି। ୩୦ ବର୍ଷରୁ ଊର୍ଦ୍ଧ୍ୱ ଏହି ବିଲ୍ଡିଂରେ ପାଖାପାଖି ୮ ହଜାର ଗଛ ରଖାଯାଇଛି। ରିସେପ୍ସନ୍‌ଠାରୁ ଆରମ୍ଭ କରି,କ୍ୟାବିନ,ମିଟିଂହଲ୍ ତଥା ଟଏଲେଟ୍ ଯାଏ ଯୁଆଡେ ଚାହିଁବେ ଖାଲି ଗଛ ଦେଖିବାକୁ ପାଇବେ। ନିୟମିତ ସକାଳ ୧୦ଟା ଠାରୁ ୬ମହଲା ବିଶିଷ୍ଟ ଏହି ବିଲ୍ଡିଂ ମଧ୍ୟରେ ସ୍ୱଚ୍ଛ ବାୟୁ ଉପରେ ରିପୋର୍ଟ ସଂଗ୍ରହ କରାଯାଏ। ପୂର୍ବରୁ ଏହି ବିଲ୍ଡିଂରେ ମାଇକ୍ରୋସଫ୍ଟ କମ୍ପାନୀର ଅଫିସ ଚାଲିଥିଲା। ରିସେପ୍ସନ୍ ପାଖରେ ପିଏମ୍ ୨.୫ ଠିକ୍ ଅଛି ମାନେ ବିଲ୍ଡିଂର ବାୟୁ ସ୍ୱଚ୍ଛ ରହିଛି ବୋଲି ଜଣାପଡେ। ବିଲ୍ଡିଂରେ ପ୍ରାୟ ୧୫୦ ଜଣ ଲୋକ କାମ କରୁଛନ୍ତି। ପ୍ରତିଦିନ ଏମାନଙ୍କର ଅମ୍ଳଜାନ ସ୍ତର ମାପ କରାଯାଏ। ପ୍ରତି ସପ୍ତାହରେ ମେଡିକାଲ ଚେକ୍‌ଅପ୍ ମଧ୍ୟ କରାଯାଉଛି। ଦେଖାଯାଇଛି, ଗତ ୧୦ ବର୍ଷ ମଧ୍ୟରେ କେହି ବି ରୋଗରେ ପୀଡିତ ହେବା ଦର୍ଶାଇ ଛୁଟି ନେଇନାହାନ୍ତି।



# ବିଶ୍ୱର ସବୁଠାରୁ ବୟସ୍କା ଶୁଟର

**ବାଗ୍‌ପତ୍(ଉତ୍ତରପ୍ରଦେଶ):** ଯେଉଁ ବୟସରେ ଜଣେ ମଣିଷ ସମସ୍ତ କାର୍ଯ୍ୟରୁ ଅବସର ନେଇ ଅନ୍ୟର ସାହାରାରେ ବଞ୍ଚିଥାଏ, ସେହି ବୟସରେ ଜଣେ ମହିଳା ଭାରତ ଏବଂ ବିଦେଶରେ ନାରୀ ସମାଜ ପାଇଁ ଏକ ପ୍ରେରଣା ସାଜିଛନ୍ତି। ସେ ହେଉଛନ୍ତି ଉତ୍ତରପ୍ରଦେଶର ବାଗ୍‌ପତ ଜିଲାର ଜୋହରି ଗ୍ରାମର ୮୭ ବର୍ଷୀୟା ସାର୍ପ ଶୁଟର୍ ଚନ୍ଦ୍ରୋ ତୋମର୍। ବୟସ ସତେ ଯେମିତି ତାଙ୍କ ପ୍ରତିଭା ଏବଂ ଆଗ୍ରହ ଆଗରେ ହାର୍ ମାନିଯାଇଛି। ସେ ସମସ୍ତଙ୍କ ମଧ୍ୟରେ ଶୁଟର୍ ଦାଦି ନାମରେ ପରିଚିତ। ଏବେ ବି ସେ ଗାଁର ପିଲାଙ୍କୁ ଶୁଟିଂ ତାଲିମ ଦେଉଛନ୍ତି। ସାରା ଜୀବନ ଓଢ଼ଣି ତଳେ ରହିଥିବା ଦାଦି ଦିନେ ବିଶ୍ୱରେ ଏକ ପରିଚିତ ଚେହେରା ପାଲଟିଯିବେ, ତାହା କେବେ ଚିନ୍ତା କରି ନ ଥିଲେ। ୬୫ବର୍ଷ ବୟସ ପର୍ଯ୍ୟନ୍ତ ସେ ଜଣେ ସାଧାରଣ ଦାଦିଭାବେ ହିଁ ଜୀବନ ବିତାଉଥିଲେ। ଶିକ୍ଷା ଲାଭର ସୁଯୋଗ ପାଇ ନ ଥିବା ଦାଦି ଏକ ଯୌଥ ପରିବାରରେ ଚଳି ଆସିଥିଲେ। ଘର କାମ ଛଡ଼ା ବାହାର ଦୁନିଆ କ'ଣ ସେ ଜାଣି ନ ଥିଲେ। ହେଲେ ୧୯୯୮ରେ ହଠାତ୍ ତାଙ୍କ ଭାଗ୍ୟ ବଦଳିଯାଇଥିଲା। ନାତୁଣୀ ଶେଫାଳୀ ଶୁଟିଂ ରେଞ୍ଜକୁ ତାଲିମ ପାଇଁ ଜୋହରି ରାଇଫଲ୍ କ୍ଲବ୍‌କୁ ଯିବା ସମୟରେ ଚନ୍ଦ୍ରୋ ଦାଦି ପ୍ରତିଦିନ ତାଙ୍କ ସହ ଯାଉଥିଲେ। ସେଠାରେ କେବଳ ପୁଅମାନଙ୍କୁ ଦେଖି ନାତୁଣୀ ଭୟ କରୁଥିବାବେଳେ ଦିନେ ସେ ରାଇଫଲ୍ ଲୋଡ୍ କରିପାରୁ ନ ଥିଲେ। ଏହି ସମୟରେ ଦାଦି ତାଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଯାଇଥିଲେ। ସମସ୍ତଙ୍କୁ ଦେଖି ଦାଦି ପ୍ରଥମଥର ପାଇଁ ଶୁଟ୍ କରିଥିବାବେଳେ ତାହା ସିଧା 'ବୁଲ୍ସ ଆଏ'ରେ ଲାଗିଥିଲା। ତାଙ୍କ ଶୁଟିଂ ଦେଖି କ୍ଲବ୍‌ର ସଭାପତି ରାଜ୍‌ପାଲ ସିଂ ତାଙ୍କ ମଧ୍ୟରେ ରହିଥିବା ପ୍ରତିଭାକୁ ଚିହ୍ନିପାରିଥିଲେ। ଏହା ହିଁ ଦାଦିଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା। ସେହି ସମୟରେ ରାଜ୍‌ପାଲ ଦାଦିଙ୍କୁ ଶୁଟିଂ ଶିଖିବା ପାଇଁ ପରାମର୍ଶ ଦେଇଥିଲେ। ହେଲେ ପରିବାର ଲୋକଙ୍କ ଠାରୁ ସହଯୋଗ ମିଳିବା କଷ୍ଟକର ଥିଲା। ଫଳରେ ସେ ସାହସ ଜୁଟାଇ ସମସ୍ତଙ୍କ ଅଜାଣତରେ ତାଲିମ ନେଇଥିଲେ। ଜୀବନର ପ୍ରଥମ ଶୁଟିଂ ପ୍ରତିଯୋଗିତାରେ ଉଭୟ ଦାଦି ଏବଂ ନାତୁଣୀ ଶେଫାଳୀ ପଦକ ହାସଲ କରିବାରେ ସକ୍ଷମ ହୋଇଥିଲେ। ଏହି ଖବର ବିଭିନ୍ନ ଖବରକାଗଜରେ ଫଟୋ ସହ ପ୍ରକାଶ ପାଇବା ପରେ ପରିବାର ପକ୍ଷରୁ ପ୍ରତିବନ୍ଧକ ଆସିଥିଲା। ହେଲେ ଦାଦି ହାରି ନ ଯାଇ ଘରେ ହିଁ ଅଭ୍ୟାସ ଜାରି ରଖିଥିଲେ। ମାତ୍ର ଏବେ ତାଙ୍କ ପ୍ରତିଭା ଓ ଇଚ୍ଛାଶକ୍ତି ଦେଖି ପରିବାର ଲୋକେ ମଧ୍ୟ ସମର୍ଥନ କରିବାକୁ ବାଧ୍ୟ ହୋଇଛନ୍ତି।



# କାନ୍ଦିବା ପାଇଁ ବି ଦିଆଯାଏ ପ୍ରଶିକ୍ଷଣ

**ଟୋକିଓ:** ସୁସ୍ଥ ଓ ନିରାମୟ ଜୀବନ ପାଇଁ କାନ୍ଦିବା ମଧ୍ୟ ସ୍ୱାସ୍ଥ୍ୟ ଉପଯୋଗୀ। କାନ୍ଦିବା ଦ୍ୱାରା ମନ ଖୁସି ତୁଳନାରେ ଅଧିକ ଉପକାର ମିଳିଥାଏ। ପରିବର୍ତ୍ତିତ ଜୀବନଶୈଳୀରେ ମାନସିକ ଚାପଠାରୁ ଦୂରେଇ ରହିବା ଲାଗି କେତେକ ବିକଶିତ ଦେଶରେ କାନ୍ଦିବା ଟ୍ରେନିଂ ଦିଆଯାଇଥାଏ। ଜାପାନରେ କାମ ଚାପରେ ବହୁଲୋକ ବିଭିନ୍ନ ସମସ୍ୟା ଭୋଗିଥାନ୍ତି। ଏଥିରୁ ଦୂରେଇ ରହିବା ପାଇଁ ଏଠାକାର ଅଫିସ୍ ଓ ସ୍କୁଲରେ କାନ୍ଦିବା ଟ୍ରେନିଂ ଦିଆଯାଇଥାଏ। କାନ୍ଦିବା ଦ୍ୱାରା ମନ ହାଲକା ହୋଇ ମାନସିକ ଚାପ ଦୂରେଇ ଯାଇଥାଏ ବୋଲି ସ୍ଥାନୀୟ ନିପ୍ପନ ମେଡିକାଲ୍ ସ୍କୁଲରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ ହୋଇଛି। ଆଖିରୁ ଲୁହ ବୋହିଲେ ମାନସିକ ଚାପ ଧୀରେ ଧୀରେ କମିବାକୁ ଲାଗିଥାଏ। ଫଳରେ ମନ ହାଲକା ହୋଇ ଫ୍ରେଶ୍ ଲାଗିଥାଏ। ନୂତନ ଉତ୍ସାହରେ କାମ ଅବା ପାଠ ପଢ଼ିବାକୁ ଇଚ୍ଛା ହୋଇଥାଏ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି।





ଅଳ୍ପ ବୟସରେ ଯଦି ଜଣେ ଉଦୀୟମାନ ଯୁବକ ମରିଗଲା, ତେବେ ଜାଣିବ ଯେ ସେ ଈଶ୍ୱରଙ୍କର ଅତି ପ୍ରିୟ ଥିଲା ଓ ଈଶ୍ୱରଙ୍କ ଡାକରାରେ ଚାଲିଗଲା।

- ମେନାଣ୍ଡର




# ୫ ଜିଲାର ୮.୩୦ ଲକ୍ଷ ଲୋକଙ୍କୁ ମିଳିବ ବିଶୁଦ୍ଧ ପାନୀୟ ଜଳ

**କ୍ୟାବିନେଟ୍ ନିଷ୍ପତ୍ତି**

- ଖର୍ଚ୍ଚ ହେବ ୧୩୨୪ କୋଟି
- ୨୪ ମାସରେ ଶେଷ ହେବ ପ୍ରକଳ୍ପ କାର୍ଯ୍ୟ

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ)**

ବସୁଧା, ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭ୍‌ଲପମେଣ୍ଟ କର୍ପୋରେଶନ(ଓମ୍ବାଡାକ) ଏବଂ ଜାତୀୟ ଗ୍ରାମ୍ୟ ପାନୀୟ ଜଳଯୋଗାଣ ଯୋଜନାରେ ୫ ଜିଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ୮,୩୦, ୩୯୧ ଲୋକଙ୍କୁ ରାଜ୍ୟ ସରକାର ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ପାଇଁ ଚୂଡାନ୍ତ ହୋଇଥିବା ୧୩୨୪.୮୩ କୋଟି ଟଙ୍କାର ଟେଣ୍ଡରକୁ ସୋମବାର ରାଜ୍ୟ କ୍ୟାବିନେଟ୍ ମୋହର ମାରିଛି। ଭୂତଳ ଜଳ ଖଣି ଦ୍ୱାରା ପ୍ରଭାବିତ ହେଉଥିବା ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ୩ଟି ବ୍ଲକ ଅନ୍ତର୍ଗତ ୩୮୪ଟି ଗ୍ରାମକୁ ୪ଟି ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯିବ। ୩ଟି ବ୍ଲକ ଅଧୀନରେ ଥିବା ୬୩ଟି ପଞ୍ଚାୟତର ୩୮୪ଟି ଗ୍ରାମରେ ବାସ କରୁଥିବା ୩,୨୦,୫୮୪ ଜଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏହା ଦ୍ୱାରା ଯାଜପୁର ଜିଲାର ସୁକିନ୍ଦା ବ୍ଲକ ଅଧୀନରେ ଥିବା ୨୦ଟି ପଞ୍ଚାୟତର ୭୧ଟି ଗ୍ରାମର ୧,୦୧,୦୬୮, କେନ୍ଦୁଝର ଜିଲାର ହାଟଡିହି ବ୍ଲକ ଅନ୍ତର୍ଗତ ୨୯ଟି ପଞ୍ଚାୟତ ଅଧୀନରେ ଥିବା ୨୦୦ ଗ୍ରାମର ୧,୨୬,୬୩୩ ଓ ମୟୂରଭଞ୍ଜ ଜିଲାର କୁସୁମି ବ୍ଲକ ଅନ୍ତର୍ଗତ ୧୪ ପଞ୍ଚାୟତର ୧୧୩ ଗ୍ରାମର ୯୨,୮୮୩ ଜନସାଧାରଣ ଉପକୃତ ହୋଇପାରିବେ। ଉକ୍ତ ୪ଟି ପ୍ରକଳ୍ପ ପାଇଁ ୬୪୧ କୋଟି ୫୭ ଲକ୍ଷ ଟଙ୍କାର ଟେଣ୍ଡରକୁ ଅନୁମୋଦନ କରାଯାଇଛି। ଉକ୍ତ ପ୍ରକଳ୍ପ କାର୍ଯ୍ୟ ୨ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ବସୁଧା ଯୋଜନାରେ ଢେଙ୍କାନାଳ ଜିଲାର ୨ଟି ଜଳ ଯୋଗାଣ ପ୍ରକଳ୍ପ ପାଇଁ ଡକାଯାଇଥିବା ଟେଣ୍ଡରକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ଦୁଇଟି ପ୍ରକଳ୍ପ ଦ୍ୱାରା ଜିଲାର ୨ଟି ବ୍ଲକ ଅଧୀନରେ ଥିବା ୬୩ଟି ପଞ୍ଚାୟତ ଅନ୍ତର୍ଗତ ୩୧୭ଟି ଗ୍ରାମର ୩,୧୭,୯୧୪ ଲୋକଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ। ସେଥିମଧ୍ୟରୁ ଓଡପଡ଼ା ବ୍ଲକ ଅନ୍ତର୍ଗତ ୨୮ଟି ପଞ୍ଚାୟତ ଅଧୀନରେ ଥିବା ୧୩୨ଟି ଗ୍ରାମର ୧,୪୩,୪୮୨ ଏବଂ ହିନ୍ଦୋଳ ବ୍ଲକ ଅନ୍ତର୍ଗତ ୩୫ଟି ପଞ୍ଚାୟତ ଅଧୀନରେ ଥିବା ୧୮୫ ଗ୍ରାମର ୧,୭୪,୪୩୨ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ୩୪୯.୩୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସେହିପରି ଜାତୀୟ ଗ୍ରାମୀଣ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଯୋଜନାରେ ଦେବଗଡ଼ର ଦୁଇଟି ବ୍ଲକ ଅଧୀନରେ ଥିବା ୩୮ ଗ୍ରାମପଞ୍ଚାୟତର ୪୩୨ଟି ଗ୍ରାମରେ ରହୁଥିବା ୧,୯୧,୮୯୩ ଜଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ବାରକୋଟ ବ୍ଲକ ଅନ୍ତର୍ଗତ ୨୧୬ ଗ୍ରାମର ୧,୦୦,୨୨୫ ଏବଂ ରିଆମାଳ ବ୍ଲକ୍ ଅନ୍ତର୍ଗତ ୨୧୬ ଗ୍ରାମର ୯୧,୬୬୮ ଜଣ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ୩୩୩ କୋଟି ୮୮ଲକ୍ଷ ଟଙ୍କାର ଟେଣ୍ଡର ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ପ୍ରକଳ୍ପ ଗୁଡ଼ିକ ୨୪ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।






# ଅବଢ଼ା ଯୋଜନା ପାଇଁ ଖର୍ଚ୍ଚ ହେବ ୩୨୦୮ କୋଟି

**କ୍ୟାବିନେଟ୍ ନିଷ୍ପତ୍ତି**

- ଦେବୋତ୍ତର ଆଇନରୁ ବାଦ୍ ଗୋବର୍ଦ୍ଧନ ପୀଠ
- ଶଙ୍କରାଚାର୍ଯ୍ୟଙ୍କ ଉପରେ ସମ୍ପୂର୍ଣ୍ଣ ପରିଚାଳନା ଭାର
- ଜାତିଗତ ପ୍ରମାଣପତ୍ର ପାଇଁ ଦେବାକୁ ପଡ଼ିବନି ୟୁଜର ଫି

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ)**

ଅବଢ଼ା ଯୋଜନା ପାଇଁ ରାଜ୍ୟ ସରକାର ବୃହତ୍ ବ୍ୟୟବରାଦ କରିଛନ୍ତି। ଆସନ୍ତା ୩ ବର୍ଷ ପାଇଁ ସରକାର ଏହି ଯୋଜନା ସକାଶେ ୩୨୦୮ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଏହି ଯୋଜନାରେ ୭୧୯ କୋଟି ଟଙ୍କା ବ୍ୟୟବରାଦ କରିଥିବା ବେଳେ ୨୦୨୦-୨୧ରେ ୧୪୦୨ କୋଟି ଏବଂ ୨୦୨୧-୨୨ରେ ୧୦୮୭ କୋଟିଟଙ୍କା ଖର୍ଚ୍ଚ କରାଯିବ। ସୋମବାର ରାଜ୍ୟ କ୍ୟାବିନେଟ୍ ଏହି ପ୍ରସ୍ତାବ ଉପରେ ମୋହର ମାରିଛି।

ପୁରୀରେ ତୀର୍ଥଯାତ୍ରୀମାନଙ୍କର ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଯାତ୍ରୀମାନଙ୍କୁ ଉନ୍ନତ ସୁବିଧାସୁଯୋଗ, ନିରାପତ୍ତା ଏବଂ ପୁରୀର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ୨୦୧୭-୧୮ରେ ରାଜ୍ୟ ସରକାର ଅବଢ଼ା ଯୋଜନା କାର୍ଯ୍ୟକାରୀ କରିବାକୁ ଘୋଷଣା କରିଥିଲେ। ଏହି ଯୋଜନାରେ ଶ୍ରୀଜଗନ୍ନାଥ ମନ୍ଦିର ସୁରକ୍ଷା, ଐତିହ୍ୟ କ୍ଷେତ୍ରର ବିକାଶ, ସେତୁ ପ୍ରକଳ୍ପ, ମୂଷା ନଦୀର ପୁନରୁଦ୍ଧାର, ବହୁତଳ କାର୍ ପାର୍କିଂ, ପୁରୀ ହ୍ରଦ ଉନ୍ନତୀକରଣ, ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର , ଗୃହ ନିର୍ମାଣ ଯୋଜନା, ରଘୁନନ୍ଦନ ପାଠାଗାର, ଆଚାର୍ଯ୍ୟ ହରିହର ଛକର ଉନ୍ନତୀକରଣ, ଅଠର ନଳା ଐତିହ୍ୟର ଉନ୍ନତୀକରଣ ଓ ବିଭିନ୍ନ ମଠର ଉନ୍ନତି ଆଦି ପ୍ରକଳ୍ପକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହିସବୁ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଉକ୍ତ ବ୍ୟୟବରାଦ କରିଛନ୍ତି । ଏହି ଯୋଜନାରେ ହବିଷିଆଳିମାନଙ୍କ ପାଇଁ ନୂତନ ଆଶ୍ରୟସ୍ଥଳୀ ନିର୍ମାଣ, ପୁରୀର ବିଭିନ୍ନ ସ୍ଥାନରେ ରାସ୍ତାର ଉନ୍ନତୀକରଣ, ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ବାତ୍ୟା ଫନୀର ପରବର୍ତ୍ତୀ ସମୟରେ ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ବିଚାରପତି ବି.ପି. ଦାଶଙ୍କ ତଦନ୍ତ କମିଟି ସୁପାରିସ ଆଧାରରେ ରାଜ୍ୟ ସରକାର କେତେକ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ସମସ୍ତ ଯୋଜନାକୁ ଅବଢ଼ା ଯୋଜନାରେ ସାମିଲ କରାଯାଇଛି।

ଏଥିସହିତ ପୁରୀ ଗୋବର୍ଦ୍ଧନ ପୀଠର ପରିଚାଳନା ଅଧିକାର ରାଜ୍ୟ ସରକାର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଉପରେ ନ୍ୟସ୍ତ କରିଛନ୍ତି। ହିନ୍ଦୁ ଧାର୍ମିକ ଅନୁଷ୍ଠାନ କ୍ଷେତ୍ରରେ ଶଙ୍କରାଚାର୍ଯ୍ୟଙ୍କ ଅଗ୍ରଣୀ ଓ ମୁଖ୍ୟ ଭୂମିକାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ହିନ୍ଦୁ ଦେବୋତ୍ତର ଅଧିନିୟମ ୧୯୫୧କୁ ସଂଶୋଧନ କରାଯାଇଛି। ଏହି ଅଧିନିୟମରୁ ଗୋବର୍ଦ୍ଧନ ପୀଠକୁ ବାଦ୍ ଦିଆଯାଇଛି। ଏହି ମଠ ଉପରେ ସରକାରଙ୍କର କୌଣସି ନିୟନ୍ତ୍ରଣ ରହିବ ନାହିଁ। ସମସ୍ତ ପରିଚାଳନାଗତ କାର୍ଯ୍ୟ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ସମାପନ ହେବ। ଆଇନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି।

ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ମୋଟ ୧୧ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ତଫସିଲ ଭୁକ୍ତ ଜାତି, ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ, ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ରେସିଡେଣ୍ଟ, ଇନ୍‌କମ୍ ସାର୍ଟିଫିକେଟ, ଜାତିଗତ ପ୍ରମାଣ ପତ୍ର ପାଇଁ ଆବେଦନ ଫି, ୟୁଜର ଫି ଏବଂ ଅନ୍ୟାନ୍ୟ ଫି ଦେବାକୁ ପଡ଼ିବ ନାହିଁ। ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି।






# ନଭେମ୍ବର ୨୧ରେ ପ୍ରକାଶ ପାଇବ ଓଟିଇଟି ରେଜଲ୍ଟ

- ଆନ୍‌ସର-କି'ରେ ତ୍ରୁଟି ଥିବା ମନ୍ତ୍ରୀଙ୍କ ସ୍ୱୀକାର
- ପରୀକ୍ଷାର୍ଥୀଙ୍କୁ ଫେରାଯିବ ରିଚେକିଂ ଫି'

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**

ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ(ଓଟିଇଟି) ପରୀକ୍ଷା ଫଳ ଆସନ୍ତା ନଭେମ୍ବର ୨୧ରେ ପ୍ରକାଶ ପାଇବ। ଏ ନେଇ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେପଟେ ଓଟିଇଟି ଆନ୍‌ସର-କି'ରେ ବ୍ୟାପକ ତ୍ରୁଟି ଥିବା ମନ୍ତ୍ରୀ ସ୍ୱୀକାର କରିଛନ୍ତି। ରିଚେକିଂ ପାଇଁ ଛାତ୍ରୀଛାତ୍ରଙ୍କଠାରୁ ନିଆଯାଇଥିବା ଫି'କୁ ଫେରାଇ ଦିଆଯିବ। ଏ ସବୁ ସମସ୍ୟାର ଶୀଘ୍ର ସମାଧାନ କରିବା ପାଇଁ ମନ୍ତ୍ରୀ ଦାଶ ମାଧ୍ୟମିକ ଶିକ୍ଷା ବୋର୍ଡକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ, ଗତ ୨୦୧୮ ଅକ୍ଟୋବରରେ ଓଏସ୍‌ଏସ୍‌ଟିଇଟି ପରୀକ୍ଷା ହୋଇଥିଲା। ସେତେବେଳେ ମଧ୍ୟ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ପରିଲକ୍ଷିତ ହୋଇଥିଲା ଓ ପିଲା ଆନ୍‌ସର-କି'କୁ ଚ୍ୟାଲେଞ୍ଜ କରିଥିଲେ। ପରେ ଦୁଇ ଦୁଇଥର ଗ୍ରେସ୍ ମାର୍କ ମିଳିଥିଲା କିନ୍ତୁ ପ୍ରତିଶ୍ରୁତି ଅନୁସାରେ ରିଚେକିଂ-ଫି ପିଲାଙ୍କୁ ଆଜିଯାଏ ଫେରାଗଲା ନାହିଁ। ତେବେ ୨୦୧୯ ଫେବୃୟାରୀ ୨୧ରେ ଓଏସ୍‌ଏସ୍‌ଟିଇଟି ରେଜଲ୍ଟ ବାହାରିଥିଲା। ଏଣୁ ଏବେ ମଧ୍ୟ ସମାନ ପରିସ୍ଥିତି ଉପୁଜିଥିବାବେଳେ ରିଚେକିଂ-ଫି ଫେରାଇବା ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯିବା ନେଇ ପରୀକ୍ଷାର୍ଥୀଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଗତ ଜାନୁୟାରୀ ୧୬ରେ ଓଟିଇଟି ଅଫ୍‌ଲାଇନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଯୋଗୁ ବାତିଲ୍ ହୋଇଥିଲା। ପରେ ଅଗଷ୍ଟରେ ଅନ୍‌ଲାଇନ୍ ପରୀକ୍ଷା ଅନୁଷ୍ଠିତ ହେଲା। ସେତେବେଳେ ମଧ୍ୟ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। କିନ୍ତୁ ବୋର୍ଡ ଏହାକୁ ସ୍ୱୀକାର କରି ନ ଥିଲା। ପ୍ରଥମେ ଓଟିଇଟିର ଅଫ୍‌ଲାଇନ୍ ପ୍ରଶ୍ନପତ୍ର ଲିକ୍‌କୁ ନେଇ ବିକ୍ଷୋଭ ସାଙ୍ଗକୁ କ୍ରାଇମ୍‌ବ୍ରାଞ୍ଚର ହସ୍ତକ୍ଷେପ, ପରେ ଅନ୍‌ଲାଇନ୍ ପରୀକ୍ଷାର ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାପରେ ଆନ୍‌ସର-କି'ରେ ବ୍ୟାପକ ତ୍ରୁଟି ଥିବା ଅଭିଯୋଗ ହୋଇଥିଲା। ଓଟିଇଟି ଅନ୍‌ଲାଇନ୍ ଆନ୍‌ସର-କି'ରେ ବ୍ୟାପକ ତ୍ରୁଟି ସାଙ୍ଗକୁ ଖାମ୍‌ଖିଆଲ ଭାବେ ମାର୍କିଂ କରାଯାଇଥିବା ଓଟିଇଟି ଛାତ୍ର ସଂଘର ଆବାହକ ଦୀନବନ୍ଧୁ ପତି ଅଭିଯୋଗ ଆଣିଥିଲେ। ଅଭିଯୋଗ ଅନୁସାରେ, ଗତ ଅଗଷ୍ଟ ୫ରୁ ୧୮ ଯାଏ ୪୫ଟି ଶିଫ୍ଟରେ ଓଟିଇଟି ଅନ୍‌ଲାଇନ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଯାହାର ଆନ୍‌ସର-କି' ଗତ ୫ ତାରିଖରେ ପ୍ରକାଶ ପାଇଛି। ପ୍ରତି ସିଫ୍ଟରେ ୧୦ରୁ ଅଧିକ ଉତ୍ତର ଭୁଲ୍ ଥିବା ସାମ୍ନାକୁ ଆସିଥିଲା। ସଂଘ ପକ୍ଷରୁ ପରୀକ୍ଷାର୍ଥୀଙ୍କୁ ୧୦ରୁ ୧୫ ମାର୍କ ଗ୍ରେସ୍ ଦିଆଯିବା ଦାବି ଉଠିଥିଲା। ପ୍ରତି ପ୍ରଶ୍ନ ପିଛା ୫୦୦ଟଙ୍କା ଫି' ନିଆଯିବାକୁ ମଧ୍ୟ ବିରୋଧ କରାଯାଇଥିଲା। ସେତେବେଳେ ଏହି ଘଟଣାକୁ ନେଇ ବିଭିନ୍ନ ଛାତ୍ର ସଙ୍ଗଠନ ପକ୍ଷରୁ ପ୍ରତିବାଦ କରାଯିବା ସହିତ ତୁରନ୍ତ ସମାଧାନ କରିବା ପାଇଁ ଦାବି ଉଠିଥିଲା। ଏହାର ତଦନ୍ତ କରିବା ପାଇଁ ମଧ୍ୟ ମନ୍ତ୍ରୀ ମାଧ୍ୟମିକ ଶିକ୍ଷା ପରିଷଦକୁ ନିର୍ଦ୍ଦେଶ ଦେଇଥିଲେ।






ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ପ୍ରଜ୍ଞା
ପରିବାରବର୍ଗ



ଶୁଭଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ■ ଭିମ୍‌ସାର ଘଟଣା ଭିନ୍ନ ରୂପ ନେଲା

# ସୀମା ଭୁଲିଯାଇଥିଲେ ଡାକ୍ତର

- ■ରୋଗୀ ସମ୍ପର୍କୀୟଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗ
- ■ଡାକ୍ତରଙ୍କ ବିରୋଧରେ ମାମଲା ରୁଜୁ କଲା ପୋଲିସ
- ■ନର୍ସିଂହୋମ୍‌ରେ ଚିକିତ୍ସା ପାଇଁ ଡାକ୍ତର ବାଧ କରିଥିଲେ

ସମ୍ବଲପୁର,୨୧।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ରେ ଡାକ୍ତର ସୂର୍ଯ୍ୟକାନ୍ତ ପାଙ୍ଗଯୋଶୀଙ୍କୁ ରବିବାର ମାଡ଼ ଘଟଣା ସୋମବାର ବିବାଦୀୟ ହୋଇପଡିଛି। ଡାକ୍ତରମାନେ ନିଜ ସୀମାସରହଦ ଭୁଲି ଆଇନକୁ ହାତକୁ ନେବାକୁ ପଛାଇ ନ ଥିବା ଏକ ଭିଡିଓ ଭାଇରାଲରୁ ସ୍ପଷ୍ଟ ହୋଇଛି। ଡାକ୍ତର ପାଙ୍ଗଯୋଶୀଙ୍କୁ ମାଡ଼ ମରାଯାଇନି ବରଂ ତାଙ୍କୁ ଭେଟିବାକୁ ଯାଇଥିବା ରୋଗୀଙ୍କ ଦୁଇ ସମ୍ପର୍କୀୟଙ୍କୁ ଡାକ୍ତର ପାଙ୍ଗଯୋଶୀ ତାଙ୍କ ଡାକ୍ତରୀ ଛାତ୍ରଙ୍କ ସହ ମିଶି ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ବୁର୍ଲା ଥାନାରେ ସୋମବାର ସମ୍ପୃକ୍ତ ଡାକ୍ତରମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଜିଲା ଲଇକେରା ରେଙ୍ଗାଲବେଡା ଗ୍ରାମର ଠଣସୁନ୍ଦର ବେହେରା ଅସୁସ୍ଥତା ଯୋଗୁ ଭିମ୍‌ସାର ଆସିଥିଲେ। ଡାକ୍ତର ପାଙ୍ଗଯୋଶୀ କିନ୍ତୁ ତାଙ୍କୁ ଭିମ୍‌ସାରରେ ଚିକିତ୍ସିତ ନ ହେବାକୁ ପରାମର୍ଶ ଦେଇ ନିକଟସ୍ଥ ସମଲେଶ୍ୱରୀ ନର୍ସିଂହୋମ୍‌ରେ ଭର୍ତ୍ତି ହେବାକୁ କହିଥିଲେ। ସେଠାରେ ଉତ୍ତମ ଚିକିତ୍ସା କରାଯାଇ ପାରିବ । ସେ ସେଠାକୁ ଯାଇ ଚିକିତ୍ସା କରିବେ ବୋଲି କହିଥିଲେ। ଏଣୁ ଇଚ୍ଛା ନ ଥିଲେ ବି ବାଧବାଧକତା ଯୋଗୁ ଠଣସୁନ୍ଦର ଗତ ୧୫ ତାରିଖରେ ସମଲେଶ୍ୱରୀ ନର୍ସିଂହୋମ୍‌ରେ ଭର୍ତ୍ତି ହୋଇଥିଲେ। ପ୍ରତିଶ୍ରୁତି ଅନୁସାରେ ପ୍ରତିଦିନ ଡାକ୍ତର ପାଙ୍ଗଯୋଶୀ ଠଣସୁନ୍ଦରଙ୍କୁ ଚିକିତ୍ସା ଲାଗି ସମଲେଶ୍ୱରୀ ନର୍ସିଂହୋମ୍ ଆସୁଥିଲେ। ଇତିମଧ୍ୟରେ ଠଣସୁନ୍ଦରଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିଥିଲା । ସେ ନର୍ସିଂହୋମରୁ ଡିସ୍‌ଚାର୍ଜ କରିଦେବାକୁ ଡାକ୍ତର ପାଙ୍ଗଯୋଶୀଙ୍କୁ କହିଥିଲେ। ସେ କିନ୍ତୁ ଡିସଚାର୍ଜର ନାଁ ଗନ୍ଧ ଧରୁ ନ ଥିଲେ। ଏଣେ ନର୍ସିଂହୋମ୍‌ରେ ରହିବା ଦ୍ୱାରା ଠଣସୁନ୍ଦରଙ୍କ ଉପରେ ଆର୍ଥିକ ବୋଝ ବଢ଼ି ଚାଲିଥିଲା। ରବିବାର ମଧ୍ୟାହ୍ନ ସାଢେ ୧୨ଟାରେ ଡାକ୍ତର ପାଙ୍ଗଯୋଶୀ ନର୍ସିଂହୋମକୁ ଆସିଥିଲେ। ଏହି ସମୟରେ ଠଣସୁନ୍ଦରଙ୍କ ପୁଅ ମୁକେଶ ତାଙ୍କୁ ଭେଟି ବାପାଙ୍କୁ ଡିସ୍‌ଚାର୍ଜ କରିବାକୁ ଅନୁରୋଧ କରିଥିଲେ। ହେଲେ ଡାକ୍ତର ପାଙ୍ଗଯୋଶୀ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ଚାପୁଡା ମାରି ହତ୍ୟା ଧମକ ଦେଇଥିଲେ। ଏହାପରେ ସେଠାରୁ ଭିମ୍‌ସାରକୁ ଡ୍ୟୁଟିରେ ଚାଲି ଯାଇଥିଲେ। ଏହି ଖବର ପାଇବା ପରେ ଠଣସୁନ୍ଦରଙ୍କ ଶାଳକଙ୍କ ପୁଅ (ପୁତୁରା) ଝସକେତନ ରାଉତ ଆସି ପହଞ୍ଚିଥିଲେ। ମୁକେଶଙ୍କ ସହ ସେ ଭିମ୍‌ସାର ଯାଇ ଡାକ୍ତର ପାଙ୍ଗଯୋଶୀଙ୍କୁ ଭେଟି ଡିସ୍‌ଚାର୍ଜ ପାଇଁ ଅନୁରୋଧ କରିଥିଲେ। ହେଲେ ସେଠାରେ ଡାକ୍ତର ପାଙ୍ଗଯୋଶୀ ଓ ଉପସ୍ଥିତ ଜୁନିୟର ଡାକ୍ତରମାନେ ସଂଘବଦ୍ଧଭାବେ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ଠଣସୁନ୍ଦର ଅଭିଯୋଗ କରିଛନ୍ତି। । ଏଣୁ ମାଡ ମାରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଠଣସୁନ୍ଦର ବୁର୍ଲା ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଅଭିଯୋଗକୁ ଆଧାର କରି ଡାକ୍ତରମାନଙ୍କ ବିରୋଧରେ ଏକ ମାମଲା (ନଂ.୪୬୦/୧୯) ମଧ୍ୟ ରୁଜୁ ହୋଇଛି । ହେଲେ ଏହି ଘଟଣାରେ ପୋଲିସ କାହାକୁ ଗିରଫ କରିନାହିଁ। ସୂଚନାଯୋଗ୍ୟ, ରବିବାର ଡାକ୍ତର ପାଙ୍ଗଯୋଶୀଙ୍କୁ ମାଡ ମାରିବା ଅଭିଯୋଗରେ ରୋଗୀ ଠଣସୁନ୍ଦରଙ୍କ ପୁଅ ମୁକେଶ ଓ ପୁତୁରା ଝସକେତନ ଜେଲ ଯାଇଛନ୍ତି।

### କାନ ଧରାଇବା,ମୁଣ୍ଡିଆ ମାରାଇବା ଭିଡିଓ ଭାଇରାଲ

ଏହି ଘଟଣାକୁ ନେଇ ସୋମବାର ଏକ ଭିଡ଼ିଓ ଭାଇରାଲ ହୋଇଛି। ଏଥିରେ କେତେଜଣ ଯୁବକ, ଡାକ୍ତର ଓ ପୋଲିସ ଅଛନ୍ତି । ପୋଲିସ ଉପସ୍ଥିତିରେ ସେହି ଯୁବକମାନେ ରୋଗୀ ଠଣସୁନ୍ଦରଙ୍କ ପୁତୁରା ଝସକେତନଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ କରୁଛନ୍ତି। କାନ ଧରି ଉଠ୍‌ବସ୍ କରାଇବା ସହ ଡାକ୍ତରଙ୍କ ଗୋଡ ଧରି ଭୁଲ୍ ମାଗିବାକୁ କହୁଛନ୍ତି । ପୋଲିସ ସମ୍ମୁଖରେ ମୁକେଶ ଓ ଝସକେତନଙ୍କୁ ଏଭଳି ନିର୍ଯାତନା ଦେଇ ଭିଡିଓ କରିବା ପଛରେ ଡାକ୍ତରମାନଙ୍କ ହାତ ରହିଥିବା ଅଭିଯୋଗ ହୋଇଛି।

### ସଫେଇ ଦେଲା ଜେଡିୟୁ

କନିଷ୍ଠ ଡାକ୍ତର ସଂଘ (ଜେଡିୟୁ)ଏହି ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି ସଫେଇ ଦେଇଛି। ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ଘଟେ ସେଥିପ୍ରତି ଜେଡିୟୁ ଗୁରୁତ୍ୱ ଦେବ ବୋଲି କହିଛି। ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତରମାନେ ଘରୋଇ ନର୍ସିଂହୋମ୍‌କୁ କିଭଳି ନ ଯିବେ ସେ ଦିଗରେ କଡା ନିୟମ ରହିବା ଆବଶ୍ୟକ ରହିଛି। ସରକାରୀ ମେଡିକାଲ ନିକଟରେ ଘରୋଇ ମେଡ଼ିକାଲ ଓ ପାଥୋକ୍ଲିନିକଗୁଡିକ ବନ୍ଦ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଜେଡିୟୁ ସଭାପତି ଡାକ୍ତର ସଞ୍ଜୀବ ମିଶ୍ର କହିଛନ୍ତି।

### ପିଇଓ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା

# ଯାଜପୁର ଜିଲା ବନ୍ଦକୁ ମିଳିଲା ସ୍ୱତଃ ସମର୍ଥନ

- ■ସ୍ୱାଭାବିକ ଜୀବନଯାତ୍ରା ଠପ
- ■୫୦୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଗିରଫ

ଯାଜପୁର ଅଫିସ,୨୧।୧୦

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ରହସ୍ୟଜନକ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ଦାବିରେ ସୋମବାର ସମଗ୍ର ଯାଜପୁର ଜିଲାରେ ବନ୍ଦ ପାଳନ କରାଯାଇଛି। ସ୍ମିତାରାଣୀଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଅଭିଯୋଗରେ ଜିଲା ଭାଜପା ସଭାପତି ଗୌତମ ରାୟଙ୍କ ନେତୃତ୍ୱରେ ଜିଲା ବନ୍ଦ ଡାକରାକୁ ସାଧାରଣ ଲୋକଙ୍କ ସ୍ୱତଃପ୍ରବୃତ୍ତ ସମର୍ଥନ ମିଳିଥିଲା। ଏହା ପ୍ରଭାବରେ ଜିଲାର ଯାଜପୁର ସହରଠାରୁ ଆରମ୍ଭ କରି ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର, ସୁକିନ୍ଦା, ପାଣିକୋଇଲି, ବିଞ୍ଝାରପୁର, ଦଶରଥପୁର, ବରୀ, କୁଆଖିଆ, ଧର୍ମଶାଳା, ଚଣ୍ଡିଖୋଲ, ବଡଚଣା ସମେତ ସମସ୍ତ ସହର ଓ ଗ୍ରାମାଞ୍ଚଳରେ ମଧ୍ୟ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ସୋମବାର ଭାଜପା ପକ୍ଷରୁ ବନ୍ଦ ପାଳନ ଡାକରା ଦିଆଯାଇଥିବାବେଳେ ଏହାର ସୂଚନା ନ ପାଇ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଆସିଥିବା ଲୋକେ ନାହିଁ ନ ଥିବା ହଇରାଣ ହୋଇଥିବା ଦେଖିବାକୁ ମିଳିଥିଲା। ବ୍ୟାସନଗରରେ ଜିଲାପାଳଙ୍କ ଜନଶୁଣାଣି ମଧ୍ୟ ସଫଳ ହୋଇପାରି ନ ଥିଲା। ବଡ଼ଚଣା, ବରୁଆଁ, ପାଣିକୋଇଲି, ଜାରକା, ବ୍ୟାସନଗର ପ୍ରଭୃତି ଅଞ୍ଚଳରୁ ୫୦୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀଙ୍କୁ ଗିରଫ କରିଥିବାବେଳେ ବନ୍ଦ ଶାନ୍ତିପୂର୍ଣ୍ଣ ରହିଥିଲା। ବ୍ୟାସନଗର ସହରରେ କାଁଭାଁ ଛୋଟମୋଟ ଦୋକାନ ଖୋଲା ରହିଥିଲା। ଗାଡି ଚଳାଚଳ ବନ୍ଦ ରହିଥିବାରୁ ସାଧାରଣ ଲୋକେ ଗନ୍ତବ୍ୟସ୍ଥଳକୁ ଯାଇ ନ ପାରି ହଟହଟା ହୋଇଥିଲେ।

ପ୍ରଥମ ପୃଷ୍ଠାରୁ...

### ମହାରାଷ୍ଟ୍ର...

ବୋଲି ଅଧିକାଂଶ ଗଣମାଧ୍ୟମ ପୂର୍ବାନୁମାନ କରିଛନ୍ତି। ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାରେ ସରକାର ଗଠନ ଲାଗି କୁହୁକ ସଂଖ୍ୟା ୧୪୫ ହୋଇଥିଲାବେଳେ ଭାଜପା-ଶିବସେନା ମେଣ୍ଟକୁ ୨୩୦ ଆସନ ମିଳିବ ବୋଲି ଟାଇମ୍ସ ନାଓ ଏକ୍‌ଜିଟ ପୋଲ୍ ପୂର୍ବାନୁମାନ କରିଛି। ଏଥିରେ କଂଗ୍ରେସ ଏନ୍‌ସିପି ମେଣ୍ଟକୁ ମାତ୍ର ୪୮ ଆସନ ମିଳିବ ବୋଲି କୁହାଯାଇଥିଲାବେଳେ ଅନ୍ୟାନ୍ୟ ଦଳଙ୍କୁ ୧୦ଟିରେ ସୀମିତ ରହିବାକୁ ପଡିବ। ସେହିପରି ନ୍ୟୁଜ୍ ୧୮-ଆଇପିଏସ୍‌ଓଏସ୍ ସର୍ଭେ ଅନୁଯାୟୀ ଭାଜପା-ଶିବସେନା ମେଣ୍ଟକୁ ୨୪୩ ଆସନ ମିଳିବାକୁ ଥିଲାବେଳେ କଂଗ୍ରେସ-ଏନ୍‌ସିପିକୁ ୪୧ ଓ ଅନ୍ୟମାନଙ୍କୁ ୪ ଆସନ ମିଳିବ। ଦେବେନ୍ଦ୍ର ଫଡ୍‌ନବିସ୍ ପୁଣିଥରେ ମୁଖ୍ୟମନ୍ତ୍ରୀ ହେବେ ବୋଲି ଭାଜପା ପକ୍ଷରୁ ଘୋଷଣା କରାଯାଇଛି। ଏବିପି ନ୍ୟୁଜ୍-ସି ଭୋଟର ଏକ୍‌ଜିଟ ପୋଲ୍ ଅନୁଯାୟୀ ଭାଜପା-ଶିବସେନା ମେଣ୍ଟକୁ ୧୯୨ରୁ ୨୧୬ ଆସନ ମିଳିବାକୁ ଥିଲାବେଳେ ବିରୋଧୀ ମେଣ୍ଟକୁ ୫୫ରୁ ୮୧ ଆସନ ମିଳିବା ପୂର୍ବାନୁମାନ କରାଯାଇଛି। ସେହିପରି ଇଣ୍ଡିଆ ଟୁଡେ-ଆକ୍ସିସ ସର୍ଭେରେ ଶାସକ ମେଣ୍ଟକୁ ୧୬୬-୧୯୪ ଆସନ ଏବଂ କଂଗ୍ରେସ-ଏନ୍‌ସିପି ମେଣ୍ଟକୁ ୭୨ରୁ ୯୦ ଆସନ ମିଳିବ ବୋଲି କୁହାଯାଇଛି। ରିପବ୍ଲିକ-ଜନ୍ କୀ ବାତ୍ ସର୍ଭେ ଅନୁଯାୟୀ ଭାଜପା-ଶିବସେନା ମେଣ୍ଟକୁ ୨୧୬-୨୩୦ ଏବଂ କଂଗ୍ରେସ-ଏନ୍‌ସିପିକୁ ୫୨-୫୯ ଆସନ ମିଳିବ। ନ୍ୟୁଜ୍ ଏକ୍ସ-ପୋଲ୍ ଷ୍ଟ୍ରାଟ୍ ସର୍ଭେ ଅନୁଯାୟୀ ଶାସକ ମେଣ୍ଟ ୧୮୮ରୁ ୨୦୦ ଆସନ ପାଇବାକୁ ଥିଲାବେଳେ ବିରୋଧୀ ମେଣ୍ଟକୁ ୭୪ରୁ ୮୯ ଏବଂ ଅନ୍ୟମାନଙ୍କୁ ୬ରୁ ୧୦ ଆସନ ମିଳିବ ବୋଲି କୁହାଯାଇଛି।ହରିୟାଣାରେ ମଧ୍ୟ ଅନୁରୂପ ପୂର୍ବାନୁମାନ କରାଯାଇଛି। ଟାଇମ୍ସ ନାଓର ବୁଥ୍‌ଫେରନ୍ତା ଜନମତ ସର୍ଭେ ଅନୁଯାୟୀ ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭାରେ ଶାସକ ଭାଜପାକୁ ୭୧ ଆସନ ମିଳିବାକୁ ଥିବାବେଳେ କଂଗ୍ରେସକୁ ୧୧ ଓ ଅନ୍ୟ ଦଳଙ୍କୁ ୮ ଆସନ ମିଳିବ। ସେହିପରି ରିପବ୍ଲିକ୍ ଟିଭି- ଜନ କୀ ବାତ୍ ଅନୁଯାୟୀ ଭାଜପାକୁ ୫୨ରୁ ୬୩, କଂଗ୍ରେସକୁ ୧୫ରୁ ୧୯ ଏବଂ ଅନ୍ୟମାନଙ୍କୁ ୮ରୁ ୧୨ ଆସନ ମିଳିବ ବୋଲି ପୂର୍ବାନୁମାନ କରାଯାଇଛି। ଏଠାରେ ମ୍ୟାଜିକ୍ ନମ୍ବର ହେଉଛି ୪୬। ସିଏନ୍‌ଏନ୍ ନ୍ୟୁଜ୍୧୮-ଆଇପିଏସ୍‌ଓଏସ୍ ଏକ୍‌ଜିଟ ପୋଲ୍‌ରେ ଭାଜପାକୁ ୭୫ ଆସନ ମିଳିବ ବୋଲି କୁହାଯାଇଥିଲାବେଳେ କଂଗ୍ରେସ ୧୦ଟିରେ ବିଜୟୀ ହେବ ବୋଲି ପୂର୍ବାନୁମାନ କରାଯାଇଛି। ତେବେ ଏହି ସଂସ୍ଥା ଆଇଏନ୍‌ଏଲ୍‌ଡିକୁ କୌଣସି ଆସନ ଦେଇନାହିଁ। ସେହିପରି ନ୍ୟୁଜ୍‌ଏକ୍ସ-ପୋଲ୍‌ଷ୍ଟ୍ରାଟ ସର୍ଭେ ଅନୁଯାୟୀ ଭାଜପା ୭୫ରୁ ୮୦ ଆସନ ପାଇବାକୁ ଥିବାବେଳେ କଂଗ୍ରେସ ୯ରୁ ୧୨ ଆସନରେ ସୀମିତ ରହିବ ଓ ଅନ୍ୟମାନଙ୍କୁ ୪ଟି ଆସନ ମିଳିବ। ଅବ୍‌କି ବାର ୭୫ ପାର୍ ବୋଲି ଭାଜପା ପକ୍ଷରୁ ହରିୟାଣାରେ ସ୍ଲୋଗାନ ଦିଆଯାଇଥିଲା। ନିର୍ବାଚନ ପ୍ରଚାରରେ ଭାଜପା ମୁଖ୍ୟତଃ ଜାତୀୟ ସୁରକ୍ଷା ଏବଂ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ପ୍ରାଧାନ୍ୟ ଦିଆଯାଇଥିଲା। ଭାଜପା ପାଇଁ ପ୍ରଚାରର ମଙ୍ଗ ଧରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ଦଳ ଅଧ୍ୟକ୍ଷ ଅମିତ୍ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ। ଅନ୍ୟପକ୍ଷରେ ରାହୁଲ ଗାନ୍ଧୀ କଂଗ୍ରେସ ପାଇଁ ପ୍ରଚାରର ନେତୃତ୍ୱ ନେଇଥିଲେ।

**ମହାରାଷ୍ଟ୍ର - ୨୮୮**

| ସର୍ଭେ ସଂସ୍ଥା | ଭାଜପା+ ଶିବସେନା | କଂଗ୍ରେସ+ ଏନ୍‌ସିପି | ଅନ୍ୟାନ୍ୟ |
|---|---|---|---|
| ଟାଇମ୍ସ ନାଓ | ୨୩୦ | ୪୮ | ୧୦ |
| ନ୍ୟୁଜ ୧୮ - ଆଇପିଏସ୍‌ଓଏସ୍ | ୨୪୩ | ୪୧ | ୦୪ |
| ଇଣ୍ଡିଆଟୁଡେ - ଆକ୍ସିସ | ୧୬୬-୧୯୪ | ୭୨-୯୦ | ୨୨-୩୪ |
| ଏବିପି ନ୍ୟୁଜ୍- ସି ଭୋଟର | ୧୯୨-୨୧୬ | ୫୫-୮୧ | ୪-୨୧ |
| ରିପବ୍ଲିକ- ଜନ୍ କୀ ବାତ୍ | ୨୧୬-୨୩୦ | ୫୨-୫୯ | ୮-୧୨ |
| ନ୍ୟୁଜ୍ ଏକ୍ସ - ପୋଲ୍‌ଷ୍ଟ୍ରାଟ୍ | ୧୮୮-୨୦୦ | ୭୪-୮୯ | ୬-୧୦ |

**ହରିୟାଣା - ୯୦**

| ସର୍ଭେ ସଂସ୍ଥା | ଭାଜପା | କଂଗ୍ରେସ | ଅନ୍ୟାନ୍ୟ |
|---|---|---|---|
| ଟାଇମ୍ସ ନାଓ | ୭୧ | ୧୧ | ୮ |
| ନ୍ୟୁଜ ୧୮ - ଆଇପିଏସ୍‌ଓଏସ୍ | ୭୫ | ୧୦ | ୫ |
| ଏବିପି ନ୍ୟୁଜ୍- ସି ଭୋଟର | ୭୨ | ୮ | ୧୦ |
| ରିପବ୍ଲିକ- ଜନ୍ କୀ ବାତ୍ | ୫୨-୬୩ | ୧୫-୧୯ | ୮-୧୨ |
| ନ୍ୟୁଜ୍ ଏକ୍ସ - ପୋଲ୍‌ଷ୍ଟ୍ରାଟ୍ | ୭୫-୮୦ | ୯-୧୨ | ୧-୪ |

### କିଛି ତଥ୍ୟ

ଭାରତ ୨୦୧୭-୧୮ରେ ଆମେରିକାଠାରୁ ୨ ବିଲିୟନ ଡଲାରର ଏଫ୍‌ଡିଆଇ ଲାଭ କରିଥିବା ବେଳେ ୨୦୧୮-୧୯ରେ ଏହା ୩.୧୩ବିଲିୟନ ଡଲାର ରହିଛି।
– ବାଣିଜ୍ୟ ମନ୍ତ୍ରଣାଳୟ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରାଶ୍ୟାଧିପତିଙ୍କ ପ୍ରଭାବରେ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ନିକଟ ସମ୍ପର୍କୀୟଙ୍କ ସହାନୁଭୂତି ଲାଭ କରିବେ । କଳକାରଖାନା, ଜଳଜାତ ଦ୍ରବ୍ୟ ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ । କିନ୍ତୁ ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ । ଅବଶ୍ୟ ଫେରିବା ବାଟରେ ବନ୍ଧୁଠାରୁ ଅର୍ଥ ସାହାଯ୍ୟ ପାଇ ଖୁସି ହେବେ।

**ବୃଷ** ସ୍ୱସ୍ଥାନସ୍ଥ ଶୁକ୍ର ଯୋଗୁ ସାମାଜିକ ସ୍ତରରେ ବନ୍ଧୁଙ୍କ ନିକଟରୁ ଯାହା ଓ ଯେତିକି ପାଉଛନ୍ତି ତାହାକୁ ଆଦରର ସହିତ ଗ୍ରହଣ କରିବା ଭଲ ହେବ । ପାରିବାରିକ କ୍ଷେତ୍ରରେ ନିଜର ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ ଓ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବ । ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ ।

**ମିଥୁନ** ବୃହସ୍ପତିଙ୍କ ସ୍ଥାନ ସ୍ଥିତି ଜନିତ କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରରେ ସମସ୍ୟା ଦେଖାଦେବ । ତଥାପି କୌଣସି ଦୃଢ଼ ପଦେକ୍ଷପ ନେଲେ ଝାମେଲା ଅଧିକ ବଢ଼ି ଯାଇପାରେ। ଜମିଜମା ବିବାଦ, ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିପାରିବେ । କିଛି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି।

**କର୍କଟ** ଏକାଧିକଗ୍ରହ ଚତୁର୍ଥସ୍ଥ ଯୋଗୁ କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିପାରନ୍ତି। କୌଣସି କାରଣ ନେଇ ଆପଣଙ୍କ ମନରେ ଥିବା ଆଶଙ୍କା ଅପରାହ୍ନେ ଦୂର ହୋଇଯିବ । ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ, ଯାହାକି ବନ୍ଧୁ ଗହଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯିବ । ପରିବହନ, ବ୍ୟବସାୟ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ ।

**ସିଂହ** ଆର୍ଥିକ ପରିସ୍ଥିତି କ୍ରମଶଃ ବଦଳି ଯିବାରୁ ଏକ ପ୍ରକାର ମନ ହାଲ୍‌କା ହୋଇଯିବ । କିନ୍ତୁ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ, ଯାହାକି ସମସ୍ୟାକୁ ବୃଦ୍ଧି କରିପାରେ। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହେବ। ସକାଳୁ ସକାଳୁ କୌଣସି ଶୁଭ ଖବର ପାଇ ମନଟି ଏକପ୍ରକାର ଖୁସି ହୋଇଯିବ।

**କନ୍ୟା** ଦିନଟି ଯଦିଓ ପୂର୍ଣ୍ଣତଃ ମନ୍ଦ ନୁହେଁ ତଥାପି ବୁଝି ବିଚାରି କାମ କରନ୍ତୁ ନଚେତ୍ ସମସ୍ୟାକୁ ଡାକି ଆଣିଲା ଭଳି କାମ ହେବ । ବହୁତ ଦିନ ହେଲା ଇଚ୍ଛା କରୁଥିବା ଓ ଆଜି ସୁଦ୍ଧା ପାଇ ପାରିନଥିବା ଜିନିଷଟି ପାଇ ପାଇ ଖୁସି ହେବେ । ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହା ବିଶେଷ ଉତ୍କଟ ହେବ ନାହିଁ ।

**ତୁଳା** ଆଜି ପିଲାଙ୍କ ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉ ଥିବାରୁ ମନ ଭଲ ରହିବ ନାହିଁ । କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଦୀର୍ଘ ଦିନରୁ ରହିଥିବା ସମସ୍ୟାର ସମାଧାନ ହୋଇଯିବ । ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ, ଫଳରେ ଦୂରଯାତ୍ରା କରିବାକୁ ପଡ଼ିପାରେ ।

**ବିଛା** ଦୀର୍ଘଦିନ ହେଲା ଆପଣ ଯାହାକୁ ଭଲ ଭାବିଛନ୍ତି ସେହି ବ୍ୟକ୍ତି ନିଜର ଫାଇଦା ହାସଲ ପାଇଁ ଚେଷ୍ଟା କରିପାରେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମତାନ୍ତର ଘଟିବେ । କଳା,ସାହିତ୍ୟ, ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତି ସହ ପ୍ରତିଷ୍ଠା ମିଳିବ । ସାଙ୍ଗଠନିକ କାର୍ଯ୍ୟ,ସଭା ସମିତି, ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ଧନୁ** ବିଭିନ୍ନ ପ୍ରକାର ସମସ୍ୟାକୁ କେନ୍ଦ୍ରକରି ବିଶେଷ କିଛି ଅସୁବିଧା ନ ଥିଲେ ମଧ୍ୟ ମାନସିକ ସ୍ଥିତି ଭଲ ରହିବ ନାହିଁ। କିଛି ଗୁପ୍ତକଥା,କଳାଧନ,କଚେରି ମାମଲା, ଅନ୍ୟମାନଙ୍କ ଘରୋଇ କଥାର ଆଲୋଚନା ସମ୍ପର୍କିତ ଅଯଥା ଚିନ୍ତା କରିପାରନ୍ତି। ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପରିବହନ,ବ୍ୟବସାୟ, ଶିଳ୍ପ,ବାଣିଜ୍ୟରେ ଉନ୍ନତି କରିବେ ।

**ମକର** ଆଜିର କାମ ହାସଲ ସକାଶେ ଖର୍ଚ୍ଚାନ୍ତ ହେବେ ସିନା କାମ ଅଟକିବ ନାହିଁ । ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ । ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ଅଟକି ଥିବା କାମଟି ସହଜରେ ହାସଲ କରିବେ।

**କୁମ୍ଭ** ଆଜି ଯାହା କରନ୍ତୁ କିମ୍ବା ଯୁଆଡେ ଯାଆନ୍ତୁନା କାହିଁକି ଲାଭବାନ୍ ନିଶ୍ଚିତ ହେବେ। ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପଡ଼ା, ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ପାରିବାରିକ ଜୀବନରେ ଉଚିତ୍ ବୁଝାମଣା ରହିବା ହେତୁ ସାମୟିକ ଶାନ୍ତି ଲାଭ କରିବେ।

**ମୀନ** ଗତକାଲି ରାତିରେ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଚେଷ୍ଟା କରୁଥିବା କାମରେ ଅବଶ୍ୟ ସଫଳତା ପାଇବେ। ପାରିପାର୍ଶ୍ୱିକ ସ୍ଥିତି କେତେକାଂଶରେ ବଦଳିଯିବା କାରଣରୁ ସାମାନ୍ୟ ଚିନ୍ତିତ ରହିପାରନ୍ତି।

ଆଜି କାର୍ତ୍ତିକ କୃଷ୍ଣ ନବମୀ ମଙ୍ଗଳବାର, ଅକ୍ଟୋବର ୨୨ ତାରିଖ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ମକର ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୩୨ମି. ମଧ୍ୟେ, ଘ୭।୧୮ମି. ଗତେ ଘ୧୧।୩୨ମି. ମଧ୍ୟେ ଅମୃତବେଳା। ଦିବା ଘ୭।୧୦ମି. ଗତେ ଘ୮।୪୫ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧୦।୨୦ମି. ଗତେ ଘ୧୧।୫୩ମି. ମଧ୍ୟେ, ଘ୨।୫୫ମି. ଗତେ ଘ୪।୩୧ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୨।୨୩ମି. ଗତେ ଘ୩।୪୯ମି. ମଧ୍ୟେ ରାହୁକାଳ।


## classifieds Everyday
0674-2580101, 2549302

**real estate**

**SALE**

BDA Yellow zone plot near Pitapalli Square, 200mtr from NH. Ready for construction. 9437827966, 7978441564. D-14873

**3800 Sqft. GA plot immediately sale at Surya Nagar, Bhubaneswar, Contact Deepak: 9937329999 (Broker excuse).** D-68019

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-66800

**ଭୁବନେଶ୍ୱର ପଟିଆ ବିଗ୍‌ବଜାର, ରଘୁନାଥପୁର Royal Lagoon, Patia station, ଫୁଲନଖରା ନିକଟରେ Simplex, Duplex, 1, 2, 3BHK flat ମିଳୁଛି. 9658122456, 8327785834.** D-68406

2600sqft. Boundary wall plan approval plot at Pokhariput, Bhubaneswar Rs.72,000,00/- 9861125539, 9040521173. D-67242

**Mouza Krushnasaranpur-Ph(IV) Sqft. 450/, 1200 ବର୍ଗଫୁଟକୁ 5,40,000/-ରେ କିଣନ୍ତୁ। A.K. Swain- 9337028135.** D-68402

4BHK duplex with Gated Community at Balianta (land1400 & construction- 2200@ 55,00,000/- 2600@ 65,00,000/-) Mplanets: 9938219397, 9861022055. D-14782

**Bhubaneswar Kesura SBI Colonyକୁ ଲାଗି ଘରବାଡି ପ୍ଲଟ ପାଚେରି ସହ ମିଳୁଅଛି। 9777100826.** D-68407

ନିଜସ୍ୱ ସ୍ଥିତିବାନ ବାସୋପଯୋଗୀ 60' ପିଚୁରାସ୍ତାକୁ ଲାଗି ହଂସପାଳ 9937816565, 9937568585. D-68133

**ଫୁଲନଖରା DPS ପାଖରେ NH ଠାରୁ 1KM ଦୂରରେ ଘରବାରି ପ୍ଲଟ୍ ମିଳୁଅଛି। sqft. 1300 ଟଙ୍କା। Contact No- 9556247343, 9348042481.** D-14872

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଭୁବନେଶ୍ୱର ଗ୍ୟାରେଜ ଛକ ନିକଟରେ ପ୍ଲଟ୍ ବିକ୍ରିହେବ। Possession, Registration immediate 9178660666. D-14854

30'road BDA Yellowzone 2nos. gharabari boundary plot near SUM Hospital, Kalinga Nagar DAV School (size-2024) sqft.1950/- 9437240766, 9937044887. D-68405

**packers & movers**

India's No.1 Packers- Leo Packers & Movers since 1975, Nationwide Network- 9438133699. D-14664

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Ayurvedic full body massage ladies/gents smart experts therapist- 8480939300 D-66979

Full body herbal massage with refreshment expert therapist. 7381239385, 06742540855. D-68138

Experience full body massage with us (expert). Call: 7377048581, 06742597822. D-68139

Herbal full body massage by smart / expert therapist. Contact: 8338067247. D-68140

Summer special mesmerizing offer expert therapeutic refreshing massage appointment. 9668374480. D-68141

Newly open full body massage by ladies, gents therapist. 8018656899 D-60844

Ayurvedic full body massage by ladies, gents therapist. 7008773793 D-60845

Refresh your mind and soul with best therapy at Orchid Salon/Spa. 9937287222. D-66983

**AFFIDAVIT**

By virtue of an affidavit before Notary, Bhubaneswar, I Ravina Kalsi have changed my name to Ravviina Kalsi. Henceforth I shall be known as Ravviina Kalsi for all purposes. D-67091

Affidavit before Executive Magistrate, Gondia, 04.10.19, my name has changed from Tunulata Mohanty, W/o. Akshaya Mohanty to Satyabhama Mohanty, W/o. Laxmidhar Mohanty, Vill/Post- Mathatentulia, Gondia, Dhenkanal for LIC Policy No.584897708 and all legal purposes. D-66826

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**



> ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
> - ଗୌତମ ବୁଦ୍ଧ

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଶାନ୍‌ଭୀ ସହସ୍ରା



ରାହୁଲ ପାଲ୍

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଜେରା କରୁନି ପୋଲିସ: ଭାଜପା

## ବନ୍ଦ ପାଳନ କରିବନି କଂଗ୍ରେସ: ନିରଞ୍ଜନ

### ସ୍ମିତାରାଣୀ ମୃତ୍ୟୁ ପ୍ରସଙ୍ଗ

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁ ଘଟିଥିବା ଗେଷ୍ଟ ହାଉସରେ ମୁଖ୍ୟ ଅଭିଯୁକ୍ତ ତଥା ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ରଙ୍କ ବ୍ୟତୀତ ଅନ୍ୟ ୩ଜଣ ବିଜେଡି ନେତା ସେଠାରେ ଉପସ୍ଥିତ ଥିଲେ। ଏପରିକି ଏକ ସିମେଣ୍ଟ କମ୍ପାନୀର ଜଣେ ଉଚ୍ଚପଦସ୍ଥ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଘଟଣାରେ ପୋଲିସ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ଅଭିଯୋଗରେ ରୂପେଶଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୪ ଜଣଙ୍କୁ କ'ଣ ପାଇଁ ଗିରଫ କଲାନାହିଁ। ସେମାନଙ୍କୁ ତଦନ୍ତ ପରିସରକୁ ଅଣାଯାଇନାହିଁ କିମ୍ବା ସେମାନଙ୍କୁ ପଚରାଉଚରା କରାଯାଇନାହିଁ। ଏହି ସମୟରେ ମୃତକ ସ୍ମିତାରାଣୀଙ୍କ ସ୍ୱାମୀ ସୁଶୀଲ ବିଶ୍ୱାଳ ଏବଂ ଭାରତୀୟ ସେନାରେ କାର୍ଯ୍ୟରତ ତାଙ୍କର ୨ଭାଇଙ୍କୁ ଘଣ୍ଟା ଘଣ୍ଟା ଧରି କେଉଁ ତଦନ୍ତ ପରିସର ଭିତରେ ଅନ୍ତର୍ଭୁକ୍ତ କରାଯାଇଥିଲା ବୋଲି ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ସୋମବାର ପ୍ରଶ୍ନ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ଯେଉଁ ଗେଷ୍ଟ ହାଉସରେ ଏଭଳି ଘଟଣା ଘଟିଛି ସେହି ଘରକୁ ଏପର୍ଯ୍ୟନ୍ତ ସିଲ୍ କରାଯାଇନାହିଁ। ସେହିପରି ମରଶରୀର ବୁହା ହୋଇଥିବା ସ୍କର୍ପିଓ ଗାଡିକୁ ପୋଲିସ ଜବତ କରିନାହିଁ। ଏହି ହତ୍ୟାକାଣ୍ଡରେ ଅନ୍ୟମାନଙ୍କ ହାତ ରହିଥିବା ଜଣାପଡୁଛି ବୋଲି ସେ ଅଭିଯୋଗ କରିଛନ୍ତି। ଏଥିରେ ସମ୍ପୃକ୍ତ ଦୋଷୀଙ୍କୁ ପୋଲିସ ଜେରା କରିବା ପରିବର୍ତ୍ତେ ସ୍ମିତାରାଣୀଙ୍କ ପରିବାର ଲୋକଙ୍କୁ ଜେରା କରିବା ବାହାନାରେ ତଦନ୍ତ ବାଟମାରଣା କରାଯାଉଛି ବୋଲି ଲେଖାଶ୍ରୀ କହିଛନ୍ତି। ଅନ୍ୟପଟେ ଏହି ଘଟଣାରେ ଭାଜପା ଉପରେ ବର୍ଷିଛି କଂଗ୍ରେସ। ଅପରପକ୍ଷରେ ଘଟଣାକୁ ନେଇ ଭାଜପା ରାଜନୀତି କରୁଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ସେ ଆହୁରି କହିଛନ୍ତି, କଂଗ୍ରେସ ବନ୍ଦ ଡାକରା ଦେବନାହିଁ। ବନ୍ଦ ଡାକରାକୁ ନେଇ ପ୍ରତିଯୋଗିତା ହେବା ଠିକ୍ ନୁହେଁ। ଏହି ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ। ଏସ୍‌ପି ଏହି ଘଟଣାକୁ ନେଇ ଯେଉଁ ବୟାନ ରଖିଛନ୍ତି ସେଥିରୁ ବହୁ ଲୋକଙ୍କ ଉପରେ ସନ୍ଦେହ ହେଉଛି। ସ୍ମିତାରାଣୀ ଆତ୍ମହତ୍ୟା କରିଥିବା ଗେଷ୍ଟହାଉସକୁ ରାମ୍‌କୋ ସିମେଣ୍ଟ କମ୍ପାନୀ ଭଡାରେ ନେଇଥିବା କହୁଛନ୍ତି। ତେବେ ସେହି ଗେଷ୍ଟ ହାଉସଟି କାହାର। ସ୍ମିତାରାଣୀ ଆତ୍ମହତ୍ୟା କରିବାକୁ ସେହି ସ୍ଥାନ କ'ଣ ପାଇଁ ବାଛିଲେ। ସେଠାରେ କ'ଣ ହୋଇଥିଲା, ଯେଉଁଥିଲାଗି ସେ ସେଠାରେ ଆତ୍ମହତ୍ୟା କରିବାକୁ ଠିକ୍ ଭାବିଲେ ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି।

# ଦୀପାବଳିରୁ ଆନନ୍ଦ ବିହାର ସୁବିଧା ସ୍ପେଶାଲ ଟ୍ରେନ

ଭୁବନେଶ୍ୱର, ୧୯।୧୦(ବ୍ୟୁରୋ)





ପୂର୍ବତଟ ରେଳପଥ ପକ୍ଷରୁ ଆସନ୍ତା ରବିବାର ଦୀପାବଳିଠାରୁ ଆରମ୍ଭ ହେବାକୁ ଯାଉଛି ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ ସୁବିଧା ସ୍ପେଶାଲ(୮୨୪୧୯-୮୨୪୨୦) ଏକ୍ସପ୍ରେସ। ପୂଜା ଋତୁ ଓ ନିଯୁକ୍ତି ପ୍ରକ୍ରିୟା ଚାଲୁଥିବାରୁ ଅନ୍ୟ ଟ୍ରେନଗୁଡ଼ିକରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ଏହି ସ୍ପେଶାଲ ଟ୍ରେନ ନଭେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚଳାଚଳ କରିବ। ଟ୍ରେନ୍‌ଟି ପ୍ରତି ରବିବାର ଭୁବନେଶ୍ୱରରୁ ରାତି ୧୧ଟା ୫୫ରେ ଛାଡି ଆନନ୍ଦ ବିହାରରେ ମଙ୍ଗଳବାର ସକାଳ ୭ଟାରେ ପହଞ୍ଚିବ। ସେହିଭଳି ଆନନ୍ଦ ବିହାରଠାରୁ ପ୍ରତି ମଙ୍ଗଳବାର ଅପରାହ୍ନ ୧୨ଟା ୫୫ରେ ଛାଡ଼ି ଭୁବନେଶ୍ୱରରେ ବୁଧବାର ଅପରାହ୍ନ ୫ଟା ୪୫ରେ ପହଞ୍ଚିବ। ଏହି ସ୍ପେଶାଲ ଟ୍ରେନ କଟକ, ଭଦ୍ରକ, ବାଲେଶ୍ୱର, ହିଜଲୀ, ବାଙ୍କୁରା, ଆଦ୍ରା, ଗୋମୋହ, କୋଦରମା, ଗୟା, ସାସାରାମ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ, ଆଲ୍ଲାହାବାଦ ଓ କାନପୁର ଷ୍ଟେଶନରେ ରହଣିର ବ୍ୟବସ୍ଥା କରାଯାଇଛି। ଏହି ଟ୍ରେନ ଯୋଗୁ ଦିଲ୍ଲୀ, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶାର ଯାତ୍ରୀମାନେ ଉପକୃତ ହେବେ। ସୂଚନାଯୋଗ୍ୟ, ପୂର୍ବତଟ ରେଳପଥର ବାଣିଜ୍ୟ ବିଭାଗ ପାସେଞ୍ଜର ପ୍ରୋଫାଇଲ ମ୍ୟାନେଜମେଣ୍ଟ ଦ୍ୱାରା ନିୟମିତ ଟ୍ରେନଗୁଡ଼ିକର ଭିଡ଼ ପରିଚାଳନା କରାଯାଉଛି। ଭିଡ଼କୁ ନଜରରେ ରଖି ଟ୍ରେନଗୁଡ଼ିକରେ ଅତିରିକ୍ତ ବଗି ସଂଯୋଗ କରିବା ସହ ସ୍ପେଶାଲ ଟ୍ରେନର ବ୍ୟବସ୍ଥା କରାଯାଉଛି। ଏହି ଟ୍ରେନର ଚଳାଚଳ ପୃଷ୍ଠପୋଷକତାକୁ ଦେଖି ଆଗକୁ ଆହୁରି ସ୍ପେଶାଲ ଟ୍ରେନ କରିବାକୁ ଯୋଜନା କରାଯାଉଛି।







## ଅଖିଳ ଭାରତୀୟ ମୋଟର ପରିବହନ କଂଗ୍ରେସର ଉପାଧ୍ୟକ୍ଷ ଭାବେ ରବିନାରାୟଣ ଶତପଥୀ ନିର୍ବାଚିତ

**କଟକ ଅଫିସ, ୨୧।୧୦:** ଓଡ଼ିଶା ରାଜ୍ୟ ଟ୍ରକ ମାଲିକ ମହାସଂଘର ସାଧାରଣ ସମ୍ପାଦକ ରବିନାରାୟଣ ଶତପଥୀ ଅଖିଳ ଭାରତୀୟ ମୋଟର ପରିବହନ କଂଗ୍ରେସର ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଅଖିଳ ଭାରତୀୟ ମୋଟର ପରିବହନ କଂଗ୍ରେସରେ ସମସ୍ତ ପରିବହନ କମ୍ପାନୀର ମାଲିକ ସଦସ୍ୟ ଅଛନ୍ତି। ସୋମବାର ଦିଲ୍ଲୀରେ ଅନୁଷ୍ଠିତ ନିର୍ବାଚନରେ ସେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ଜଣାପଡିଛି। ପରିବହନ ବ୍ୟବସାୟର ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ସରକାରଙ୍କ ସହିତ ଆଲୋଚନା କରି ଯୋଜନା ପ୍ରଣୟନ କରିବା ଓ ମୋଟରଯାନ ଆଇନ ସଂଶୋଧନରେ ସଙ୍ଗଠନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ରବିନାରାୟଣ ଦ୍ୱିତୀୟ ଓଡିଆ ଭାବେ ନିର୍ବାଚିତ ହୋଇଥିବାରୁ ପୂର୍ବାଞ୍ଚଳ ସମସ୍ତ ଟ୍ରକ ମାଲିକ ସଂଘ, ପରିବହନ ମାଲିକ ସଂଘ, ମହାନଦୀ ବିହାର ଡେଭଲପମେଣ୍ଟ ଅସୋସିଏଶନ ସମେତ ବହୁ ସଂଗଠନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି।




## ମହିଳାଙ୍କୁ ପିଟି ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

ପୁରୁଷୋତ୍ତମପୁର, ୨୧।୧୦ (ଡି.ଏନ୍.ଏ.): ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ସୋମବାର ସ୍ୱାମୀ ହତ୍ୟାକରି ପୋଡିଦେଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଭୂତସରସିଙ୍ଗିର ଜୟନ୍ତୀ ସେଠୀ। ଜୟନ୍ତୀଙ୍କ ସାନଭାଇ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଜୟନ୍ତୀଙ୍କୁ ସୋମବାର ସକାଳେ ତାଙ୍କ ସ୍ୱାମୀ ପିଟିପିଟି ମାରିବା ପରେ ପୋଡି ଦେଇଥିଲେ। ଏହି ଖବର ଭାଇ ଜଗନ୍ନାଥ ପାଇବା ପରେ ଜଗନ୍ନାଥ ପୁରୁଷୋତ୍ତମପୁର ଥାନାକୁ ଯାଇ ଅଭିଯୋଗ କରିଥିଲେ। ପୋଲିସ ଗାଁରେ ପହଞ୍ଚି ମୃତ ମହିଳାଙ୍କ ସ୍ୱାମୀଙ୍କୁ ଥାନାକୁ ଆଣିଥିଲା। ଖବର ଲେଖାହେବା ସୁଦ୍ଧା ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନାହିଁ।




CLASSIFIED DISPLAY






ଜଣେ ଯାହା କିଛି କାର୍ଯ୍ୟ କରୁ- ସବୁଥିରୁ ଆନନ୍ଦ ପାଇବା ଉଚିତ। ଏପରି କି ଯେଉଁ କାର୍ଯ୍ୟ ତୁଚ୍ଛ ମନେ ହୁଏ, ତା'ପଛରେ ମଧ୍ୟ ଗଭୀର ରହସ୍ୟ ନିହିତ ଥାଏ।
-ଶ୍ରୀମା



# ସାଂକେତିକ

ଲିଙ୍ଗଗତ ସମାନତା ଓ ନାରୀ ସଶକ୍ତୀକରଣ ଏକ ଜାତିକୁ ସମୃଦ୍ଧ କରିଥାଏ। ପରିବାର ଓ ସେଥିରେ ଥିବା ପୁରୁଷଙ୍କ ସହନଶୀଳତାର ଅଭାବ ଯୋଗୁ ଭାରତରେ ବିଶେଷକରି ମହିଳାମାନେ ଆଜି ପର୍ଯ୍ୟନ୍ତ ସେଭଳି ଶ୍ରମବଳରେ ଯୋଗଦେଇ ପାରୁନାହାନ୍ତି। କେବଳ କିଛି ଅଂଶ କୁଟୀର ଶିଳ୍ପ, ନିର୍ମାଣ ଓ ମୁଖ୍ୟତଃ କୃଷିକ୍ଷେତ୍ରରେ ସେମାନଙ୍କ ଯୋଗଦାନ ଆଖିଦୃଶିଆ ରହିଛି। ଫଳରେ ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ମହିଳାଙ୍କ ଅବଦାନ ଅତି ନଗଣ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ବେଟି ବଚାଅ, ବେଟି ପଢ଼ାଅ' ସ୍ଲୋଗାନ୍ ଦେଇଥିବା ବେଳେ ତା'ର ସେଭଳି ବାସ୍ତବ ପ୍ରତିଫଳନ ଦୃଷ୍ଟିକୁ ଆସୁ ନ ଥିଲା। ଏବେ କେନ୍ଦ୍ର ସରକାର ନାରୀଙ୍କୁ ଅଧିକ ସଶକ୍ତ କରିବା ଲାଗି ସେମାନଙ୍କ ଶିକ୍ଷା ଓ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଦେଶର ସୈନିକ ସ୍କୁଲରେ ଆସନ୍ତା ଶିକ୍ଷାବର୍ଷ ୨୦୨୧-୨୦୨୨ରୁ ପର୍ଯ୍ୟାୟକ୍ରମେ ଝିଅମାନେ ପାଠ ପଢ଼ିବା ନେଇ ଏକ ପ୍ରସ୍ତାବକୁ ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅନୁମୋଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଦୁଇବର୍ଷ ପୂର୍ବେ ମିଜୋରାମର ଛିଙ୍ଗ୍‌ଛିପ୍ ସୈନିକ ସ୍କୁଲରେ ଝିଅମାନଙ୍କ ନାମଲେଖା ସକାଶେ ପ୍ରତିରକ୍ଷା ମନ୍ତ୍ରଣାଳୟ ଆରମ୍ଭ କରିଥିବା ପାଇଲଟ୍ ପ୍ରକଳ୍ପ ସଫଳ ହେବା ପରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି।

କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପ ସ୍ୱାଗତଯୋଗ୍ୟ। କିନ୍ତୁ ଏହା କହିଲା ବେଳକୁ ମନେରଖିବାକୁ ହେବ ଯେ, ଭାରତର ସ୍କୁଲ ସ୍ତରରେ ଝିଅଙ୍କ ଡ୍ରପ୍‌ଆଉଟ୍ (ସ୍କୁଲ ଛାଡ଼ିବା) ହାର ପୁଅଙ୍କଠାରୁ ଯଥେଷ୍ଟ ଅଧିକ। ଏଠାରେ ପ୍ରଶ୍ନ ଉଠୁଛି, ଭାରତରେ କେତୋଟି ସୈନିକ ସ୍କୁଲ ଅଛି ? ଉତ୍ତର ହେଉଛି ୨୭। ଓଡ଼ିଶା ଭଳି ରାଜ୍ୟରେ ଭୁବନେଶ୍ୱରରେ ଗୋଟିଏ ସ୍କୁଲ ରହିଛି। ତେଣୁ ସମଗ୍ର ଦେଶରେ ଥିବା ସୈନିକ ସ୍କୁଲରେ କିଛି ଝିଅ ପଢ଼ିବାର ସୁଯୋଗ ପାଇପାରନ୍ତି। ଏହା ପରେ ଚିନ୍ତା ହେଉଛି ଯେ, ସେହି ଝିଅମାନେ କେବଳ ସେନାରେ ଯୋଗଦେବା ସକାଶେ ଏହି ସ୍କୁଲରେ ନାମ ଲେଖାଇବେ କି ? ଏଠାରେ ସ୍ପଷ୍ଟ ଭାବେ କହିହେବ ଯେ, ସଶସ୍ତ୍ର ବାହିନୀରେ ମହିଳାଙ୍କ ଯୋଗଦାନକୁ ଆମ ସହ ସମସ୍ତେ ସ୍ୱାଗତ କରନ୍ତି। ସେଥିରେ ଦ୍ୱିମତ ନାହିଁ। ମାତ୍ର ତାହା ଭାରତୀୟ ମହିଳାଙ୍କ ଶିକ୍ଷାଗତ ଯୋଗ୍ୟତା ଏବଂ ନିଯୁକ୍ତି ହାରରେ ସେଭଳି କୌଣସି ପ୍ରଭାବ ପକାଇବ କି ବୋଲି ପ୍ରଶ୍ନ ହେବା ସ୍ୱାଭାବିକ।

ଇତିହାସକୁ ଦେଖିଲେ ଭାରତୀୟମାନେ ଇସ୍ରାଏଲର ଇହୁଦୀଙ୍କ ଭଳି ନୁହନ୍ତି। ଐତିହାସିକ ରୂପରେ ଭାରତ କେବେହେଲେ ବଡ଼ ଯୁଦ୍ଧ ଘଟାଇ ଅନ୍ୟ କୌଣସି ଦେଶକୁ ଅକ୍ତିଆର କରିନାହିଁ। ମହାଭାରତ ଥିଲା ପାରିବାରିକ ଯୁଦ୍ଧ ଏବଂ ତାହା ସମ୍ପତ୍ତି ଓ ନାରୀ ସକାଶେ ଘଟିଥିଲା। ରାମାୟଣ ମଧ୍ୟ ସେହି ନାରୀ ପାଇଁ ହୋଇଥିଲା। ଅବଶ୍ୟ ଆଜି ଲୋକେ କହିପାରନ୍ତି କାର୍ଗିଲ ଓ ବାଲାକୋଟ୍ ଭଳି ଯୁଦ୍ଧ ଭାରତ ଜିତିଛି। ସେଭଳି ଚିନ୍ତାଧାରା ସହିତ ଆମେ କୌଣସି ଯୁକ୍ତି କରିବାକୁ ଚିନ୍ତା କରୁନାହୁଁ। କିନ୍ତୁ ଆଜିର ପୃଥିବୀରେ ସଶସ୍ତ୍ର ବାହିନୀର କିଛିଟା ଆବଶ୍ୟକତା ଥିବା ବେଳେ ସୈନ୍ୟଙ୍କୁ ବ୍ୟବହାର କରି ଯୁଦ୍ଧ କରିବାର ଯୁଗ ବିତିଗଲାଣି। ଏଭଳି ସ୍ଥଳେ ଭାରତୀୟ ନାରୀ ଶକ୍ତିକୁ କେଉଁ ଦିଗକୁ ମୁହାଁଇବାକୁ ଆମ ସରକାର ଚାହୁଁଛନ୍ତି ବୁଝିବା କଷ୍ଟକର। ସୈନିକ ସ୍କୁଲରେ ଝିଅମାନେ ପଢ଼ିବାର ନିଷ୍ପତ୍ତି ସ୍ୱାଗତଯୋଗ୍ୟ ହୋଇଥିବା ବେଳେ ତାହା କେବଳମାତ୍ର ସାଂକେତିକ ବୋଲି ମନେହୁଏ। ସମାଲୋଚନା କରିବା ଉଦ୍ଦେଶ୍ୟରେ ନୁହେଁ, କିନ୍ତୁ ସମୟ ଆସିଲାଣି ଝିଅମାନଙ୍କ ସାଧାରଣ ଶିକ୍ଷାରେ ବୃଦ୍ଧି ଘଟାଇବା ପାଇଁ ପରିବାରର ସହଯୋଗ କେଉଁ ଭାବେ ବଜାୟ ରଖିହେବ। ଛାତ୍ରୀଙ୍କ ଉପରେ ପଡୁଥିବା ଘରୋଇ ଚାପ ଯୋଗୁ ମୁଖ୍ୟତଃ ସ୍କୁଲ ଛାଡ଼ିବା ପାଇଁ ସେମାନେ ବାଧ୍ୟ ହୋଇଥାଆନ୍ତି। ଏହା ସହିତ ଛାତ୍ରୀଙ୍କ ପ୍ରତି ଉଭୟ ମାନସିକ ଓ ଶାରୀରିକ ସୁରକ୍ଷା ଦିଗରେ ଧ୍ୟାନ ଦିଆଯିବା ନିତାନ୍ତ ଦରକାର। ଏଠାରେ ମନେରଖିବାକୁ ହେବ ଯେ, ହାତଗଣତି ମହିଳା ରାଜନେତା, ଆଇପିଏସ୍ କିମ୍ବା ଆଇଏଏସ୍ ଅଫିସର ଉଚ୍ଚ ସ୍ଥାନରେ ଥିଲେ ମଧ୍ୟ ସାଧାରଣ ମହିଳାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେଉନାହିଁ। ଅନ୍ୟପଟେ ଯଦି ଜଣେ ମହିଳା ମୁଖ୍ୟ ବିଚାରପତି ପଦବୀରେ ପହଞ୍ଚି ପାରୁଛନ୍ତି, ତା'ହେଲେ ତାଙ୍କ ଉପରେ କୋପଦୃଷ୍ଟି ରଖି ସେଠାରେ ବିଦା କରିବା ହୋଇଯାଉଛି ଆମ ବ୍ୟବସ୍ଥାର ମୂଳ ଦାୟିତ୍ୱ। ଏଭଳି ସ୍ଥଳେ କେତେଜଣ ମହିଳା ସେନାରେ ଅଫିସର ପଦବୀ ହାସଲ କରି ଏବଂ ସେହି ପୋଷାକ ପିନ୍ଧି ଫଟୋ ଉଠାଇଲେ ତାହା ସମସ୍ତଙ୍କ ଆଖିକୁ ସୁଖ ଆଣିଦେଇପାରେ, କିନ୍ତୁ ଭାରତର ନାରୀସମାଜ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ।

## ଚିରନ୍ତନୀ

''ବେଦନାର ଅଶ୍ରୁକଣା
ଝରେ ଯେବେ ନୟନର କୋଣୁ
''ହୃଦୟ ଶୀତଳ କରି
ଧରା ଧୂଳି ଝାଡି ଦେଇ ମନୁ।
''ନିର୍ମଳ ସେ ପୂତ ଜଳେ
ଅନ୍ତର ବେଦନା ତୋର ଲିପ
''ଜୀବନ ମନ୍ଦିର ଚୂଳେ
ଜଳି ଉଠୁ ଆଶା ମହାଦୀପ !
''ଅଖିଳ ଜୀବର ବଂଶ
ହେଉ ଧନ୍ୟ ହେଉ ସମୁଜ୍ଜ୍ୱଳ
ସତ୍ୟ ହେଉ ପୁଣ୍ୟ ହେଉ
ମହୀୟାନ ହେଉ ଚରାଚର !''

(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | | 4 | | 3 | | 8 | 9 | A | | | | | 6 | |
| | | | | | | | 0 | | 9 | | E | B | 5 | |
| | 8 | | | 1 | | | C | | 3 | 0 | | | D | |
| | | | | | | 1 | 7 | | | | | | | 0 |
| | | | | 2 | | | E | 5 | 1 | C | | 3 | | |
| | | 1 | D | | 4 | | | | | | | | A | 2 |
| | | B | | | 1 | | A | | | 8 | 6 | | | |
| | | E | | | | 9 | | B | C | | | 4 | | |
| 4 | | | 6 | C | 5 | | | 1 | | | | 0 | | |
| | | 6 | | 7 | 0 | 4 | | 3 | 2 | B | | | | |
| | E | | 1 | | | | | 6 | A | 5 | 8 | | 4 | |
| | 3 | | | 6 | | | | | | | 4 | 9 | | |
| | | | | | D | 0 | | | 7 | | 2 | A | | |
| | | | 9 | | E | | 3 | | | | | 7 | | |
| 0 | 2 | | 8 | | | E | 5 | | | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 1 | D | 7 | B | 6 | 2 | A | 3 | 0 | 5 | 9 | C | 8 | E |
| B | 9 | 0 | 3 | 8 | 2 | 7 | D | 1 | C | A | E | 5 | 4 | 6 |
| C | 7 | 2 | E | D | 5 | 0 | B | 6 | 1 | 8 | 4 | 3 | 9 | A |
| 3 | E | A | 9 | C | 0 | 4 | 5 | 8 | D | 6 | B | 7 | 2 | 1 |
| 6 | 5 | 8 | 1 | A | 4 | 9 | C | E | 2 | 7 | 3 | B | 0 | D |
| A | 3 | 4 | B | 5 | E | 1 | 2 | 7 | 8 | 9 | C | D | 6 | 0 |
| 7 | B | E | 8 | 6 | 3 | 5 | 4 | D | A | 0 | 1 | 2 | C | 9 |
| 8 | 2 | 9 | C | 1 | A | 6 | E | 0 | B | D | 5 | 4 | 7 | 3 |
| 0 | 6 | 5 | D | 2 | 9 | 3 | 8 | C | E | 4 | 7 | A | 1 | B |
| D | C | 1 | 0 | 4 | 7 | A | 9 | B | 3 | 2 | 6 | E | 5 | 8 |
| 2 | D | B | 5 | 9 | 8 | C | 1 | A | 4 | E | 0 | 6 | 3 | 7 |
| 5 | 0 | 6 | A | 7 | C | 8 | 3 | 2 | 9 | B | D | 1 | E | 4 |
| 1 | A | C | 4 | 0 | D | E | 6 | 9 | 7 | 3 | 2 | 8 | B | 5 |
| E | 8 | 7 | 6 | 3 | 1 | B | 0 | 4 | 5 | C | A | 9 | D | 2 |
| 9 | 4 | 3 | 2 | E | B | D | 7 | 5 | 6 | 1 | 8 | 0 | A | C |

ଗତକାଲିର ଉତ୍ତର

# ମୋ ସରକାର: ସ୍ୱପ୍ନ ବଡ଼ ରାତି ଛୋଟ



ସହଦେବ ସାହୁ

ଗତ ଅଗଷ୍ଟ ୧୫ରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା 'ମୋ ସରକାର' ଯୋଜନା ଅକ୍ଟୋବର ୨ରୁ ଚାଲୁ ହେଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ତ ମହତ୍ ବୋଲି ସମସ୍ତେ କହିବେ, ମୋ ମତରେ ସେ ଗଣତନ୍ତ୍ରର ନୂଆ ସଂଜ୍ଞା ଦେଇଛନ୍ତି। ତେଣୁ ତାଙ୍କୁ ଧନ୍ୟବାଦ। ସମୟକୁ ଚାହିଁ ସେ ଯେଉଁ ୫-ଟି ଉପରେ ଜୋର୍ ଦେଇଛନ୍ତି ତାହା ମଧ୍ୟ ପ୍ରଶଂସନୀୟ। କିନ୍ତୁ ଏ ଦିଗରେ କେତେଗୁଡ଼ିଏ ବାଧା ରହିଛି ଯାହାକୁ ଅଧିକାରୀମାନେ ବାରମ୍ବାର ଉଠାଇବେ। ଉପରର କେତେକ କର୍ମଚାରୀ ଉଦ୍‌ବୁଦ୍ଧ ହେଲେ ବି ଯେ ପର୍ଯ୍ୟନ୍ତ ସବୁ କର୍ମଚାରୀ ଏବଂ ଶାସକ ଦଳର ପ୍ରତି ଲୋକ ସେମାନଙ୍କ କର୍ତ୍ତବ୍ୟ ଠିକ୍‌ଭାବେ ନ କରିଛନ୍ତି, ସେ ପର୍ଯ୍ୟନ୍ତ ସଫଳତା ଆସିବ ନାହିଁ।

'ମୋ ସରକାର' ଘୋଷଣା ଅନୁଯାୟୀ ମୁଖ୍ୟମନ୍ତ୍ରୀ ନିଜେ ଗାନ୍ଧୀ ଜୟନ୍ତୀରେ ପ୍ରଥମେ ଶହୀଦ ନଗର ଥାନା ଓ କ୍ୟାପିଟାଲ ହସ୍‌ପିଟାଲରେ ଦଶ ଦଶ ଜଣଙ୍କୁ ଫୋନ କରି ପଚାରିଛନ୍ତି ସେମାନଙ୍କ ଅଭିଜ୍ଞତା। 'ମୋ ସରକାର' ୱେବ୍‌ସାଇଟ୍‌ରେ ସେମାନଙ୍କ ନମ୍ବର ମିଳିବ। ସବୁ ଥାନା ଓ ସବୁ ଜିଲା ମହକୁମାରେ ଥିବା ହସ୍ପିଟାଲରେ ପହଞ୍ଚୁଥିବା ନାଗରିକମାନଙ୍କଠାରୁ ଫୋନ୍‌ରେ ବୁଝିବେ। ଦ୍ୱିତୀୟ ପର୍ଯ୍ୟାୟରେ ସବୁ ବିଭାଗରେ ସେହି ପ୍ରକାର କାର୍ଯ୍ୟଧାରା ୨୦୨୦ ମାର୍ଚ୍ଚ ୫ରୁ ନିଆହେବ। ନାଗରିକ ସେବାରେ ଗୁଣବତ୍ତା ବଢ଼ାଇବା ଲାଗି ମୁଖ୍ୟମନ୍ତ୍ରୀ ନିଜେ ଏଥିରେ ସମ୍ପୃକ୍ତ ରହିବେ। କ୍ୟାବିନେଟ୍ ଓ ବରିଷ୍ଠ ଅଧିକାରୀମାନେ ମଧ୍ୟ ସିଧାସଳଖ ଲୋକଙ୍କ ସହ ଟେଲିଫୋନ୍‌ରେ କଥା ହେବେ। ସାଧାରଣ ନାଗରିକଙ୍କୁ ଡାଏଲ୍ କରି ଥାନା ଓ ଜିଲାମୁଖ୍ୟ ହସ୍‌ପିଟାଲରେ ସେମାନଙ୍କ ଅଭିଜ୍ଞତା ବିଷୟରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ସେମାନଙ୍କ ମତ ନେବେ। ଅଗଷ୍ଟ ୧୫ ଭାଷଣରେ ମୁଖ୍ୟମନ୍ତ୍ରୀ କହିଲେ 'ମୁଁ ତ ତୁମ ମୁଖ୍ୟମନ୍ତ୍ରୀ। ମୁଁ ତୁମକୁ ସିଧା ଫୋନ୍ କରିବି, ହସ୍ପିଟାଲ, ଥାନା ଓ ସରକାରୀ ଦପ୍ତରମାନଙ୍କରେ ତୁମେମାନେ ପାଉଥିବା ବ୍ୟବହାର ବିଷୟରେ ପଚାରିବି। ପଞ୍ଚାୟତ ଅଫିସରେ ଦରଖାସ୍ତ କରିବାର ୪୮ ଘଣ୍ଟା ଭିତରେ ଗାଁରେ ବିଜୁଳି ସଂଯୋଗ ଦିଆଯିବ।'

ବିରୋଧୀ ଦଳମାନେ ମୁଖ୍ୟମନ୍ତ୍ରୀଙ୍କ ନୂଆ ଘୋଷଣାକୁ ସମାଲୋଚନା କରୁଛନ୍ତି। ସେମାନଙ୍କ ମତରେ ରାଜ୍ୟରେ ତ ସ୍ୱାସ୍ଥ୍ୟସେବା ଭୁଶୁଡ଼ି ପଡିଛି, ମୁଖ୍ୟମନ୍ତ୍ରୀ ତ ଖୋଦ ଆୟୁଷ୍ମାନ ଭାରତ ଯୋଜନା ଗ୍ରହଣ କରୁନାହାନ୍ତି, ସେ କେମିତି ଲୋକଙ୍କ ଆପତ୍ତି ଶୁଣିବେ ? ଅଧିକାଂଶ ଥାନା ତ ଲୋକଙ୍କ ଅପହଞ୍ଚ, ସେଠାରେ ଲୋକଙ୍କ ଦୁଃଖରୁ ପୋଲିସ ଫାଇଦା ଉଠାଉଛନ୍ତି। ଏଭଳି ଅବସ୍ଥାକୁ ସୁଧାରିବାକୁ ତ 'ମୋ ସରକାର' ଯୋଜନା ! ଆରମ୍ଭ ନ ହେଉଣୁ ଦୋଷ ଦେବା ଠିକ୍ ହେବ ନାହିଁ।

ଅସଲ କଥାଟା ବିରୋଧୀ ଦଳମାନେ କହୁନାହାନ୍ତି। ୫- ଟି ଭିତରେ ଅଛି ଟେକ୍ନୋଲୋଜି, ତାହା ତ ଲୋକଙ୍କୁ ପୂରା ଛୁଇଁନାହିଁ, ସରକାର କେମିତି ସମସ୍ତଙ୍କ ମୁହଁରୁ ଶୁଣିବାକୁ କହୁଛନ୍ତି ? ଓଡ଼ିଶାରେ ଟେଲିଡେନ୍ସିଟି (ପ୍ରତି ୧୦୦ ଲୋକରେ ଥିବା ଟେଲିଫୋନ କନେକ୍ସନ୍ ସଂଖ୍ୟା) ୭୯.୫୮, ତାହା ଜାତୀୟ ସ୍ତରର ୯୧.୦୯ଠାରୁ ବହୁତ କମ୍! ଟେଲିଡେନ୍ସିଟି ଅର୍ଥନୈତିକ ପ୍ରଗତିରେ ଉପରକୁ ଉଠିବାର ଏକ ବଡ଼ ଉପାୟ। କଥାବାର୍ତ୍ତା ହେବାର ଟେକ୍ନୋଲୋଜିରେ ବେତାର ସଂଯୋଗ ବା ୱାଇଫାଇ ଦରକାର, ତା' ଲାଗି ପ୍ରୟୋଜନୀୟ ବ୍ୟବସ୍ଥା ହେଉଛି ସ୍ମାର୍ଟ ଫୋନ୍ ବା କମ୍ପ୍ୟୁଟର ଏବଂ ତାହା ସର୍ବଦା ବିଜୁଳି ସରବରାହ ନ ପାଇଲେ ଅଚଳ। ପଇସାବାଲା ବ୍ୟାଟେରି ବ୍ୟବହାର କରିବେ, ଆଉ କମ୍ ପଇସାବାଲା ଅପେକ୍ଷା କରିଥିବେ ବିଜୁଳି ଆସିବା ଯାଏ। ଓଡ଼ିଶାର ସହରରେ ବେତାର ଟେଲିଡେନ୍ସିଟି ୧୬୦.୮ ଅର୍ଥାତ୍ ପ୍ରତି ଶହେ ସହରବାସୀ ୧୬୦.୮ଟି ଫୋନ୍ ରଖିଛନ୍ତି, ମଫସଲରେ ଟେଲିଡେନ୍ସିଟି ୬୧.୬। ଓଡ଼ିଶାରେ ଇଣ୍ଟରନେଟ୍ ଗ୍ରାହକ ସଂଖ୍ୟା ୨୮.୨୨%, (ଜାତୀୟ ସଂଖ୍ୟା ୩୮.୦୨%): ଗାଁ ଗହଳରେ ୧୬% ଓ ସହରାଞ୍ଚଳରେ ୮୩.୩%। ସାରା ରାଜ୍ୟରେ ଇଣ୍ଟରନେଟ୍ ଗ୍ରାହକ ସଂଖ୍ୟା ୧,୨୧,୮୦,୦୦୦ ବୋଲି ଇକୋନମିକ୍ ସର୍ଭେ କହୁଛି। ପ୍ରତି ସ୍ମାର୍ଟ ମୋବାଇଲ ଗୋଟିଏ ଗୋଟିଏ ଇଣ୍ଟରନେଟ୍ ବ୍ୟବହାରକାରୀ, ତା' ଛଡା କମ୍ପ୍ୟୁଟର ପାଇଁ ବି ଇଣ୍ଟରନେଟ୍। ତେଣୁ ଇଣ୍ଟରନେଟ୍ ବ୍ୟବହାରକାରୀ ବ୍ୟକ୍ତିଙ୍କ ସଂଖ୍ୟା ୫୦ ଲକ୍ଷରୁ ବେଶି ହେବ ନାହିଁ। ଏହା ଜନସଂଖ୍ୟାର ୮ ଭାଗରୁ ଭାଗେ। ଇକୋନମିକ୍ ସର୍ଭେ ଦେଖାଉଛି ମଫସଲରେ ୫୬ ଲକ୍ଷ ୭୦ ହଜାର, ହାରାହାରି ଦୁଇଟା ଫୋନ୍ ଉଚ୍ଚ ମଧ୍ୟବିତ୍ତ ପରିବାରର ଲୋକେ ବ୍ୟବହାର କରୁଛନ୍ତି, କଲେଜପଢୁଆ ପିଲାଏ ବି। ମଫସଲରେ ଇଣ୍ଟରନେଟ୍ ବ୍ୟବହାରକାରୀ ପ୍ରାୟ ୨୫ ଲକ୍ଷରୁ ବେଶି ହେବେ ନାହିଁ। ୨୦୧୬-୧୭ରେ ଟେଲିକମ୍ୟୁନିକେଶନ୍ ବିଭାଗ ବ୍ଲକ୍ ଅଫିସରଙ୍କ ଜରିଆରେ କରିଥିବା ସର୍ଭେରୁ ଜଣାଯାଏ ଯେ ମୋଟ ୫୧,୩୧୧ ଗାଁ ଭିତରୁ ୧୧,୦୦୦ ଗାଁ ମୋବାଇଲ ସେବା ବିବର୍ଜିତ। ତହିଁରୁ ୧୦,୦୦୦ ଗାଁ ମାଓବାଦୀ ପ୍ରବଣ। ମୋବାଇଲ୍ ଟାୱାର୍ ସଂଖ୍ୟା ଏ ଅଞ୍ଚଳରେ ନ ବଢ଼ିଲେ ଟେଲିଡେନ୍ସିଟି ବଢ଼ିବ ନାହିଁ। ଏଥିଲାଗି ସ୍ୱତନ୍ତ୍ର ଅର୍ଥ ବରାଦ ଦରକାର। ଏ ତ ସରକାର କହୁଥିବା 'ସ୍ୱାଭିମାନ ଅଞ୍ଚଳ'ର କଥା। ଟେଲିଡେନ୍ସିଟି ବଢ଼ାଇବା ପାଇଁ ଓଡ଼ିଶା ସରକାର ଓଡ଼ିଶା ମୋବାଇଲ୍ ଟାୱାର୍ସ, ଅପ୍ଟିକାଲ୍ ଫାଇବର କେବୁଲ ଆଣ୍ଡ ରିଲେଟେଡ୍ ଟେଲିକମ୍ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ପଲିସି, ୨୦୧୭ ଘୋଷଣା କରିଛନ୍ତି, ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ସୁବିଧା (ରାଇଟ୍ ଅଫ୍ ୱେ) ଅନୁମତି ଟେଲିକମ୍ ସର୍ଭିସ୍ ପ୍ରୋଭାଇଡର୍ ଓ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ପ୍ରୋଭାଇଡର୍‌ମାନଙ୍କୁ ଦେବେ। ଗଜପତି, କଳାହାଣ୍ଡି, କନ୍ଧମାଳ, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା ଜିଲାର ଗାଁଗୁଡ଼ିକରେ ଟାୱାର୍ସ ବା ଅପ୍ଟିକାଲ୍ ଫାଇବର କେବୁଲ ବସାଇବାକୁ କେହି ଆସୁନାହାନ୍ତି। ସେଗୁଡିକରେ କ'ଣ କେବେ 'ମୋ ସରକାର' କାମ କରିବ ନାହିଁ? 'ମୋ ସରକାର' କ'ଣ କେବଳ ଧୋବଧାଉଳିଆ ଲୋକଙ୍କ ପାଇଁ?

ଏ ପରିସ୍ଥିତିରେ ଫୋନ୍‌ରେ ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗରେ କଥା ହେଉଥିବା କେତେଜଣ ତ ଛଙ୍କା ହୋଇ ଆସୁଥିବେ ଏବଂ ଶାସକ ଦଳର ଲୋକେ ତାଙ୍କ ସପକ୍ଷର ଲୋକଙ୍କୁ ଆଣିବାର ଚେଷ୍ଟାରେ ଥିବେ। ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଉଥିବା ଲୋକେ ମୁଖ୍ୟମନ୍ତ୍ରୀଙ୍କଠାରୁ ସଂକ୍ଷେପରେ ଉତ୍ତର ପାଇବେ।

ଏ ଦିଗରେ ନବୀନ ପଟ୍ଟନାୟକ ନୂଆ ନୁହନ୍ତି। କେନ୍ଦ୍ର ସରକାର ଥାନାଗୁଡ଼ିକର ଗୁଣବତ୍ତା ପରୀକ୍ଷା ୨୦୧୭ରୁ ଆରମ୍ଭ କରିଦେଇଛନ୍ତି, କିନ୍ତୁ ବେଶି ଆଗେଇନାହାନ୍ତି। ଦେଶର ୧୫୦୦୦ ଥାନାକୁ (୧୦,୦୦୦ ସହରୀ ଓ ୫୦୦୦ ମଫସଲୀ ; ତହିଁରୁ କେତେକ ନିର୍ଦ୍ଦିଷ୍ଟ କାମ ପାଇଁ ଥାନା, ସାଇବର୍, ମହିଳା ବା ଶିଶୁ) କେତେଗୁଡ଼ିଏ ମାନଦଣ୍ଡରେ ବର୍ଗୀକରଣ କରିବାର ପ୍ରଚେଷ୍ଟାରେ ଭାରତ ସରକାର କେଏମ୍‌ପିଜି, ପ୍ରାଇସ୍ ୱାଟର ହାଉସ୍ କୁପର୍ସ, ଡିଲୟେଟ୍, ଆର୍ନଷ୍ଟ ଆଣ୍ଡ ୟଙ୍ଗ ଏବଂ ଗ୍ରାଣ୍ଟ ଥର୍ଟନ୍ ଭଳି ଗ୍ଲୋବାଲ୍ କନ୍‌ସଲ୍‌ଟାନ୍ସି କମ୍ପାନୀଙ୍କୁ ଟେଣ୍ଡର ମାଗିଛନ୍ତି। ୨୦୧୫ରେ ଗୁଜରାଟର କଚ୍ଛଠାରେ ପୋଲିସ ଡିଜିମାନଙ୍କ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ଦ୍ଦେଶ ଦେଇଥିଲେ ଯେ, ଭଲ କାମ ପାଇଁ ଦେଶର ଥାନାଗୁଡ଼ିକୁ ର୍‍ୟାଙ୍କିଂ ଦିଆଯାଉ, ତା'ହେଲେ ସେମାନଙ୍କ ଭିତରେ ଲୋକାଭିମୁଖୀ କାମ କରିବା ପାଇଁ ଆଗ୍ରହ ବଢ଼ିବ। ତଦନୁଯାୟୀ ସ୍କିମ୍‌ଟିଏ କରାଗଲା ଯେ ପ୍ରତି ରାଜ୍ୟର ସର୍ବୋତ୍ତମ ୧୦ଟି ଥାନା ଚିହ୍ନଟ କରାଯାଉ। ଦୁଇ ସ୍ତରୀୟ ଚିହ୍ନଟରେ ପ୍ରଥମ ହେବ ନାରୀ ସମ୍ପର୍କିତ ଅପରାଧ, ଅନୁସୂଚିତ ଜାତି ଓ ଉପଜାତି ସମ୍ପର୍କିତ ଅପରାଧ ଏବଂ ସମ୍ପତ୍ତି ସମ୍ପର୍କିତ ଅପରାଧର ଏତଲା କିପରି ତଦନ୍ତ କରାଯାଇଛି। ଦ୍ୱିତୀୟ ସ୍ତରର ଦୁଇଟି ଯାଞ୍ଚରେ ମାମଲା କିପରି ଧରିଲେ ଓ ସାରିଲେ, ରେକର୍ଡ କିପରି ରଖୁଛନ୍ତି ଆଦି ଦେଖାଯିବ। ଏଥିରେ ୮୦% ମାର୍କ ରହିବ, ବାକି ୨୦% ନାଗରିକମାନଙ୍କ ସହ ବ୍ୟବହାର ସମ୍ପର୍କରେ। ତିନି ଭାଗରେ ଯଥା- ଥାନାରୁ ଫେରିଥିବା ବ୍ୟକ୍ତି, ବଜାରର ଦୋକାନୀ ଏବଂ ସାଧାରଣ ପଦଚାରୀଙ୍କ ମତ ନିଆଯିବ। ଅଧିକ ମାର୍କ ଅଛି ପିଲାଙ୍କ ପାଇଁ କୋଠରି, କାନ୍ଥରେ ଚିତ୍ର, ପାଠାଗାର, ବ୍ୟାୟାମଶାଳା ଥିବା ଉପରେ। ୨୦୧୭ରେ କୋଏମ୍ବାଟୁରର ଆର୍‌ଏସ୍ ପୁରମ୍, ହାଇଦ୍ରାବାଦର ପଞ୍ଜାଗୁଟ୍ଟା ଓ ଲକ୍ଷ୍ନୌର ଗୁଡାମ୍ବା ୧ମ, ୨ୟ ଓ ୩ୟ ହୋଇଥିଲେ। ୨୦୧୮ରେ ରାଜସ୍ଥାନର କାଲୁ, ଆଣ୍ଡାମାନ ନିକୋବରର କାମ୍ପବେଲ୍ ବେ ଥାନା ଏବଂ ପଶ୍ଚିମବଙ୍ଗର ଫରାକ୍କା ଯଥାକ୍ରମେ ୧ମ, ୨ୟ ଓ ୩ୟ ହୋଇଥିଲେ। ଏହାର ଅନୁସରଣରେ ଆମ ରାଜ୍ୟର 'ମୋ ସରକାର' ଯୋଜନାରେ ପୋଲିସଠାରୁ ଆରମ୍ଭ କରି ସବୁ ସରକାରୀ କାମରେ କେତେଦୂର ଲୋକେ ସନ୍ତୁଷ୍ଟ ତାହା ଜାଣି ସଂଶୋଧନମୂଳକ ପଦକ୍ଷେପ ନେବା କଥା। ସ୍ୱପ୍ନ ତ ଅନେକ, ରାତି ଛୋଟକୁ ଗଣ୍ଡଗୋଳ କରିବା ଲୋକଙ୍କ ସଂଖ୍ୟା ଖୁବ୍ ବେଶି। 'ମୋ ସରକାର' କି ଭଳି କାମ କରୁଛି ତାହା ସମୟ କହିବ। ଏବେ ତ ଆରମ୍ଭ।

ଇମେଲ୍: sahadevas@yahoo.com

# ବିଜ୍ଞାପନ ବଜାର ଓ ଆମ ଲୀନାମାନେ



ସୁଧାକର ଦାସ

ପନ୍ଦର ବର୍ଷ ପରେ ନାୟକନାୟିକାଙ୍କ ମିଳନ, ପ୍ରେମ କରୁଥିବା ସମୟରେ ନାୟକ ନାୟିକାକୁ ଛାଡି ଚାଲିଯାଇଥିଲା ବିଦେଶକୁ, ଏବେ ଆସି ଜାଣୁଛି ତା' ପତ୍ନୀର ପରିଚୟ ଦେଇ ତା' ଘରେ ଆସ୍ଥାନ ଜମେଇ ବସିଛି ନାୟିକା, ଅଗଣାରେ ୫ ବର୍ଷର କୁନି ପୁଅ- ହାଇ ଭୋଲ୍‌ଟେଜ୍ ଡ୍ରାମା। କ୍ୟାମେରା ପଡୁଛି ଥରେ ନାୟକ ମୁହଁରେ, ଥରେ ନାୟିକା ମୁହଁରେ, ପୁଣିଥରେ କୁନିପୁଅର ମୁହଁ ଉପରେ। ସିକ୍...ସାକ୍...ସିକ୍...ସାକ୍... ହଠାତ୍ ଆସିଗଲା ବିଜ୍ଞାପନ ବିରତି, ଚିଡି ଉଠିଲେ ଆରତି ଦେବୀ। ଓଃ... କାହିଁକି ଏମାନେ ଏମିତି କରନ୍ତି ? ଉଠିଗଲେ ବସିବା ଜାଗାରୁ ଏଇ ବିରତି ସମୟ ଭିତରେ ଟିକେ ପାଣି ପି' ଦେଇ ଆସିବା ପାଇଁ। ଏଇ ମୁହୂର୍ତ୍ତକୁ କେତେବେଳୁ ଅନେଇ ବସିଥିଲା ଆରତି ଦେବୀଙ୍କ ୮ ବର୍ଷର ନାତୁଣୀ ଲିପ୍ସା। ସେ ଚଟାପଟ ଟିଭି ରିମୋଟ୍‌କୁ ଉଠେଇନେଲା ଚାନେଲ ଚେଞ୍ଜ କରି ଆରପଟେ ଚାଲିଥିବା କାର୍ଟୁନ ଶୋ' ଦେଖିବା ପାଇଁ। ନୋ ବେଟା, ଲିପ୍ସାର ହାତ ଶିଥିଳ ହୋଇଗଲା ସେଇ ରିମୋଟ ଉପରେ। ସେ ଅସହାୟ ଓ ଆତଙ୍କିତ ଆଖିରେ ଚାହିଁଲା ତା' ମା' ଲୀନାର ମୁହଁକୁ। ଲୀନା ଡାଇନିଂ ଟେବୁଲରେ ବସି ପରିବା କାଟୁ କାଟୁ ପୂରା ହଜିଯାଇଥିଲେ ଟିଭିରେ ଦେଉଥିବା ବିଜ୍ଞାପନ ବଜାରରେ। ପ୍ରଥମେ ଗୋଟେ ସାବୁନ, ତା'ପରେ ଥଣ୍ଡା ପାନୀୟ, ତା'ପରେ ସାନିଟାରୀ ନାପ୍‌କିନ, ତା'ପରେ ମୋବାଇଲ ଫୋନ, ତା'ପରେ ଗୋଟେ ଆଇସ୍କ୍ରିମ୍‌ର ବିଜ୍ଞାପନ ପରେ ପୁଣି ଆରମ୍ଭ ହୋଇଗଲା ଧାରାବାହିକ। ଆରତି ଦେବୀ ଫେରି ଆସିଥିଲେ ସୋଫା ଉପରକୁ। ଲୀନା ଚାଲିଯାଇଥିଲେ କିଚେନକୁ ଡିନର୍ ପ୍ରସ୍ତୁତ କରିବା ପାଇଁ।

ସେଦିନ ରାତିରେ ଅଭିଜିତ୍ ଘରକୁ ଫେରି ଦେଖିଲେ ଘରଟା କେମିତି ଚୁପ୍‌ଚାପ୍। ଡିନର୍ ଟେବୁଲରେ ବସୁ ବସୁ ପଚାରିଲେ କ'ଣ ହେଇଛି ? ଝିଅକୁ ମାରିଲ କାହିଁକି ? ସେ ଡିନର୍ ଖାଇଛି ତ ? ହଁ, ସେ ଖାଇଛି- ଏତକ କହି ନିଜ ମୋବାଇଲ ଫୋନ କାନରେ ଲଗେଇ ଶୋଇବା ଘର ଭିତରକୁ ପଶିଗଲା ଲୀନା। ଲୀନାଙ୍କ ମା' ଫୋନ କରିଥିଲେ। ଅଭିଜିତ୍ ଏଥର ମା' ମୁହଁରୁ ଶୁଣିଲେ ସବୁ କଥା। ଟିଭି ଦେଖାକୁ ନେଇ ଏତେ କଥା, ଲୀନା ଚାହୁଁଛି ସବୁ ବିଜ୍ଞାପନ ଦେଖିବ, ଲିପ୍ସା ଚାହୁଁଛି କାର୍ଟୁନ ଦେଖିବ। ସବୁ ଶୁଣିସାରି ଗୋଟେ ହାଲ୍‌କା ହୁଁ ମାରି ଅଭିଜିତ୍ ହାତ ଧୋଇବାକୁ ଉଠିଲା ବେଳକୁ ଆରତି ଦେବୀ ପଚାରିଲେ- ହଇରେ ଅଭି, ଏ ଟିଭିବାଲା ସବୁ କାହାଣୀ ଭିତରେ ଏ ବିଜ୍ଞାପନ କାହିଁକି ଦଉଛନ୍ତି କିରେ ? ସେ ପ୍ରଚାରଗୁଡା ବି ଏତେ ବେଢଙ୍ଗିଆ, ମୁଁ ତ ବେଳେବେଳେ ଆଖି ବୁଜି ଦେଉଛି।

ବୋଉ ଯେ ଏସବୁ ଧାରାବାହିକର ବ୍ୟବସାୟିକ ଦିଗଗୁଡା ବୁଝିପାରିବ, ସେ ନେଇ ଦ୍ୱନ୍ଦ୍ୱରେ ଥିଲେ ଅଭିଜିତ୍। ବୋଉ ଯେତେବେଳେ ପଚାରିଲାଣି, ତା'କୁ ତ କିଛି ଗୋଟେ ଉତ୍ତର ଦେବାକୁ ପଡିବ। ଅଭିଜିତ୍ କହିଲେ- ଦେଖ ବୋଉ, ଏ ଧାରାବାହିକରେ ଯେତେ ଟଙ୍କା ଖର୍ଚ୍ଚ ହୁଏ ସବୁ ଟଙ୍କା ଏଇ ପ୍ରଚାର କରୁଥିବା କମ୍ପାନୀମାନେ ଦିଅନ୍ତି, ନ ହେଲେ ଏସବୁ ତିଆରି ହେବ କେମିତି, ଆଉ ତମେ ସବୁ ଦେଖିବ କେମିତି ? ଏଥର ମା'ଙ୍କର ଦ୍ୱିତୀୟ ପ୍ରଶ୍ନ- ଇଏ ଯାହା ସବୁ କାହାଣୀ ଦେଖଉଛି, କଳାକାରମାନେ ଯେମିତି ଅଧାଲଙ୍ଗଳା ପୋଷାକପତ୍ର ପିନ୍ଧୁଛନ୍ତି- ଇଏ ସବୁ କ'ଣ ଆମ ଚଳଣିର କଥା ? ହାଲ୍‌କା ହସି ଅଭିଜିତ୍ କହିଲେ, ଏବେ କାହାଣୀ କାହିଁ ବୋଉ ? ଆଗରୁ କାହାଣୀର ମଝି ମଝିରେ ବିଜ୍ଞାପନ ଆସୁଥିଲା, ଏବେ ତ ବିଜ୍ଞାପନ ମଝି ମଝିରେ କାହାଣୀ ଆସୁଛି। ଯେମିତି ବିଜ୍ଞାପନ ଦେଖେଇବା ପାଇଁ ଧାରାବାହିକର କାହାଣୀ ଗୋଟାଏ ବାହାନା। ତେବେ ଏସବୁ ନ ଦେଖେଇଲେ କମ୍ପାନୀମାନେ ବିଜ୍ଞାପନ ଦେବେନି ବୋଉ। ସେମାନେ ଯେମିତି ଚାହିଁବେ, କାହାଣୀ ସେମିତି ଲେଖାହେବ। କ'ଣ କହୁଛୁ ମ' ? ଇଏ କେମିତିକା କଥା ? ଆଶ୍ଚର୍ଯ୍ୟ ଆଖିରେ ପ୍ରଶ୍ନ ଆରତି ଦେବୀଙ୍କର। ଅଭିଜିତ୍ କହି ଚାଲିଲେ- ବୋଉ, ୫୦ ଟଙ୍କାର ଦେହଲଗା ସାବୁନ, ୧୫୦ ଟଙ୍କାର ସାନିଟାରୀ ନାପକିନ କ'ଣ ଆମ ଗାଁ ଝରିଆ ରାଉତ ସ୍ତ୍ରୀ, ଝିଅ କି ବୋହୂ କିଣିପାରିବେ ? ନା ସେମାନଙ୍କୁ ଏ ପିଠିପେଟ ଦେଖଉଥିବା କଳାକାରମାନଙ୍କ ଅଭିନୟ ଭଲ ଲାଗିବ ? ଏଗୁଡା ଭଲ ଲାଗିବ ଆମ ଭଳି ନ ହେଲେ ଆମଠୁ ଉପର ସ୍ତରରେ ଥିବା ପରିବାରର ଝିଅବୋହୂମାନଙ୍କୁ। ତେଣୁ ସେମାନଙ୍କୁ ଯେମିତି ବେଶପୋଷାକ, ଯେମିତି କାହାଣୀ ଭଲ ଲାଗିବ, ସେମିତି କାହାଣୀ ଆଉ ଚରିତ୍ର ତମେ ସବୁ ଏବେ ଟିଭିରେ ଦେଖୁଛ। ଆରତି ଦେବୀଙ୍କ ମୁଣ୍ଡ ଉପରଦେଇ କଥାଗୁଡା ଚାଲିଗଲା। ମୁହଁରେ ସେଇ ବିସ୍ମୟ ଲାଗି ରହିଥାଏ। ଅଭିଜିତ୍ ପୁଣି ବୁଝେଇବାକୁ ଚେଷ୍ଟା କଲେ। ଦେଖ ବୋଉ, କମ୍ପାନୀ ସବୁ ସେଇ ଧାରାବାହିକରେ ବିଜ୍ଞାପନ ଦେବେ, ଯୋଉ ଧାରାବାହିକକୁ ତାଙ୍କ ଜିନିଷ କିଣୁଥିବା ଲୋକମାନେ ଦେଖିବେ ବା ଦେଖୁଛନ୍ତି।

ଆରତି ଦେବୀ ଏଥର ସବୁ ବୁଝିପାରିଥିବାର ହସଟିଏ ହସିଲେ। ତାଙ୍କ ମୁହଁରୁ ହସ ନ ଲିଭୁଣୁ, ଅଭିଜିତ୍ କହିଲେ- ବୁଝିଲୁ ବୋଉ, ଆମ ଚଳଣି, ଆମ ଭାବନା, ଆମ ଆଶା ଆକାଂକ୍ଷା ଆଉ ଆମ ସ୍ୱପ୍ନକୁ ନେଇ ଏବେ ବଜାରରେ ବହୁରାଷ୍ଟ୍ରୀୟ କମ୍ପାନୀଙ୍କ ଭିତରେ ଚାଲିଛି ତୀବ୍ର ପ୍ରତିଯୋଗିତା। ଆମ ମନକୁ ଚହଲେଇ ଦେଇ, ଆମ ଭାବନାକୁ ଉସ୍କେଇ ଦେଇ, ଆମ ଇନ୍ଦ୍ରିୟକୁ ମତେଇ ଦେଇ ଯିଏ ଯେତେ ନିଜ ଆଡକୁ ପ୍ରଭାବିତ କରିପାରୁଛି ତା'ର ଜିତାପଟ ଆଉ ଲାଭ ସେତେ ଅଧିକ। ସେଇଥିପାଇଁ ଆଜି ଟିଭି ଖୋଲିଲେ ମୌଳିକତା ନ ଥିବା, ମୂଲ୍ୟବୋଧ ନ ଥିବା, କୌଣସି ସକାରାତ୍ମକ ବାର୍ତ୍ତା ନ ଥିବା ମାଳ ମାଳ ଧାରାବାହିକ ଦେଖିବାକୁ ମିଳୁଛି। ଆଉ କିଛି କଥା କହି ଆସୁଥିଲେ ଅଭିଜିତ୍, ଏତିକିବେଳେ ସ୍ତ୍ରୀ ଲୀନା ତାଙ୍କୁ ତାଙ୍କ ଫୋନଟା ବଢେଇ ଦେଇ କହିଲେ- ନିଅ, ତୁମର ଫୋନ ଆସିଛି। ତମେ ଚାହିଁଲେ ସଂସାରଟାକୁ ବଦଳେଇ ଦବ ଆଉ... ଅଭିଜିତ୍ ଫୋନଟି ଧରି ଉଠିଗଲେ ବସିବା ଜାଗାରୁ।

ମୋ-୯୪୩୭୨୭୪୮୫୭

## ଏଇ ଭାରତରେ

ସମାଜରେ ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ବିନା କିଛି ପାଇବା ଆଶାରେ ବିଭିନ୍ନ ସେବା ଯୋଗାଇ ଦେଇଥାନ୍ତି। ତେବେ ଜଣେ ସାଧାରଣ ୱେଲ୍‌ଡର ମାଗଣାରେ ଅକ୍ସିଜେନ ସିଲିଣ୍ଡର୍ ଯୋଗାଇଦେବା କିଛି କମ୍ କଥା ନୁହେଁ। ଛତିଶଗଡ଼ର ଏହି ବ୍ୟକ୍ତିଙ୍କ ନାମ ସତ୍ୟନାରାୟଣ ସୋନି। ସେ ମାଗଣାରେ ରୋଗୀମାନଙ୍କୁ ଅକ୍ସିଜେନ ସିଲିଣ୍ଡର୍ ଯୋଗାଇ ଦେଉଛନ୍ତି। ବିଳାସପୁରର ପିଣ୍ଡ୍ରା ନିବାସୀ ସତ୍ୟନାରାୟଣ ୯ ବର୍ଷ ହେବ ଏହି କାର୍ଯ୍ୟ କରିଆସୁଛନ୍ତି। ଲୋକମାନେ ତାଙ୍କୁ ଶ୍ରଦ୍ଧାରେ ଡାକନ୍ତି ସିଲିଣ୍ଡରବାଲା ଭାଇ ସାହେବ । ପିଣ୍ଡ୍ରାର ନୂଆ ବସ୍‌ଷ୍ଟାଣ୍ଡ୍ ନିକଟରେ ତାଙ୍କର ଏକ ଦୋକାନ ରହିଛି। ସେଠାରେ ସେ ୱେଲ୍ଡିଂ କାମ କରନ୍ତି। ଦୋକାନରେ ସବୁବେଳେ ସିଲିଣ୍ଡର୍ ମହଜୁଦ ରଖି ୨୪ ଘଣ୍ଟା ଫୋନ୍ କଲ୍ ରିସିଭ୍ କରି ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ସଜାଗ ରହୁଛନ୍ତି। ଏଯାବତ୍ ସତ୍ୟନାରାୟଣ ମାଗଣାରେ ସିଲିଣ୍ଡର୍ ଯୋଗାଇ ଦେଇ ୫୦୦ ଲୋକଙ୍କ ଜୀବନ ବଞ୍ଚାଇ ସାରିଲେଣି। ଏକାଦଶ ଯାଏ ପଢ଼ିଥିବା ସତ୍ୟନାରାୟଣ କୁହନ୍ତି, ତାଙ୍କ ମା' ଶ୍ୱାସରୋଗରେ ପୀଡିତ ଥିଲେ ଓ ତାଙ୍କୁ ପିଣ୍ଡ୍ରାସ୍ଥିତ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅକ୍ସିଜେନ ସିଲିଣ୍ଡର ନ ଥିବାରୁ ତାଙ୍କ ମା'ଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ସତ୍ୟନାରାୟଣ ଅତ୍ୟନ୍ତ ଦୁଃଖିତ ହୋଇଥିଲେ। ସେବେଠାରୁ ଏଭଳି ପରିସ୍ଥିତିର କେହି ସାମ୍ନା ନ କରନ୍ତୁ ବୋଲି ଭାବି ରୋଗୀମାନଙ୍କୁ ଏଭଳି ସେବା ଯୋଗାଇ ଆସୁଛନ୍ତି। ପିଣ୍ଡ୍ରା ଏକ ପଛୁଆ ଅଞ୍ଚଳ। ଏଠାରେ ରୋଗୀଙ୍କ ପାଇଁ ଆବଶ୍ୟକ ଅକ୍ସିଜେନ ସିଲିଣ୍ଡର ଉପଲବ୍ଧ ହୁଏ ନାହିଁ। ଏଣୁ ଲୋକମାନେ ଚିକିତ୍ସା ଲାଗି ପାଖ ସହରକୁ ଯାଆନ୍ତି। ଏହି ଅସୁବିଧା ଦୂର କରିବା ଲାଗି ସତ୍ୟନାରାୟଣ ରୋଗୀମାନଙ୍କୁ ଅକ୍ସିଜେନ ସିଲିଣ୍ଡର ଯୋଗାଇଦେଇ ଅନେକ ଜୀବନ ବଞ୍ଚାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଅକ୍ଟୋବର ୧୯୯୪

- ଭାରତରେ ଖାଦ୍ୟ ଉତ୍ପାଦନ ବୃଦ୍ଧି ଏବଂ ରିଲିଫ ସହାୟତା ପାଇଁ ଜାପାନର ୯୩୭ ନିୟୁତ ୟେନ ଆର୍ଥିକ ସହାୟତା।
- ସିଓଲରେ ଥିବା ଏକ ନଦୀର ପୋଲ ଭୁଶୁଡି ପଡିବା ଫଳରେ ୪୮ ଜଣଙ୍କର ମୃତ୍ୟୁ ଘଟିଛି।
- କରାଚୀରେ ହିଂସାକାଣ୍ଡ ଘଟି ୩୩ ମୃତ।

## ପାଠକ ଶ୍ରେଷ୍ଠ ବିଚାରକ

### କାଳିଆ ଟଙ୍କା ଫେରସ୍ତକୁ ନେଇ ଚିନ୍ତା

ମହାଶୟ,

ରାଜ୍ୟ ସରକାର ନିର୍ବାଚନ ପୂର୍ବରୁ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୫ହଜାର ଟଙ୍କା ଲେଖାଏଁ କାଳିଆ ଯୋଜନାରେ ସହାୟତା ଯୋଗାଇଦେବା ପାଇଁ ଘୋଷଣା କରିଥିଲେ। ୫୨ଲକ୍ଷ ଚାଷୀଙ୍କୁ ଟଙ୍କା ଦିଆଯାଇଥିଲା। ଅବଶିଷ୍ଟ ଚାଷୀଙ୍କୁ ଶପଥ ଦିନ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମାତ୍ର ପ୍ରକୃତ ଚାଷୀ ବଦଳରେ ଅନେକ ଅଯୋଗ୍ୟ ବ୍ୟକ୍ତି ଟଙ୍କା ପାଇଛନ୍ତି। ଏପରିକି ଗୋଟିଏ ପରିବାରର ଗୋଟିଏ ଜମିକୁ ଦେଖାଇ ୨ ପୁଅ, ମାଆ, ଭାଇ ଓ ଭାଉଜ ଟଙ୍କା ନେଇଛନ୍ତି। ଏଭଳି ସ୍ଥଳେ ଅଯୋଗ୍ୟ ହିତାଧିକାରୀଙ୍କଠାରୁ ଅର୍ଥ ଫେରସ୍ତ ଆଣିବା ପାଇଁ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଟଙ୍କା କିପରି ଫେରସ୍ତ ଅଣାଯିବ ସେ ନେଇ ବିଚରା ସରକାରୀ କର୍ମଚାରୀ ଏବେ ଚିନ୍ତାରେ ପଡ଼ିଛନ୍ତି।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ସରକାରଙ୍କ ଉତ୍ତରଦାୟିତ୍ୱ

ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରିମାସୀରେ ଦେଶର ଅଭିବୃଦ୍ଧି ୫ ପ୍ରତିଶତକୁ ହ୍ରାସ ପାଇଛି। ବିଶେଷତଃ ନିର୍ମାଣ କ୍ଷେତ୍ର ଓ କୃଷି କ୍ଷେତ୍ରରେ ଦୁର୍ବଳ ପ୍ରଦର୍ଶନ ଏହାର ମୁଖ୍ୟ କାରଣ। ବେକାରି ହାର ଗତ ୪୫ ବର୍ଷରେ ସର୍ବାଧିକ ହୋଇଛି। ଏହି ନିମ୍ନଗାମୀ ଅର୍ଥନୀତି ଓ ଊର୍ଦ୍ଧ୍ୱଗାମୀ ବେକାରିର କାରଣ ଯାହା ହେଉନା କାହିଁକି, ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଉତ୍ତରଦାୟିତ୍ୱ ନେବାକୁ ହେବ। ପରିସ୍ଥିତିରେ ସୁଧାର ଆଣିବା ପାଇଁ ଆର୍ଥିକ କ୍ଷେତ୍ରରେ ବ୍ୟାପକ ସଂସ୍କାର ଓ ଅଧିକରୁ ଅଧିକ କଠୋର ପଦକ୍ଷେପ ନେବାକୁ ପଡ଼ିବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଫିଲ୍ମ ନିର୍ଦ୍ଦେଶକ ମଣି ରତ୍ନମ୍‌ଙ୍କ ସହ କାମ କରିବାକୁ ମୁଁ ଆଗ୍ରହୀ। ତାଙ୍କର ଆଗାମୀ ଫିଲ୍ମରେ ମୋତେ ଡବଲ ରୋଲ୍‌ରେ ଆପଣମାନେ ଦେଖିପାରିବେ।
- ଐଶ୍ୱର୍ଯ୍ୟା ରାୟ ବଚ୍ଚନ,
ବଲିଉଡ୍ ଅଭିନେତ୍ରୀ



# ପୋଲିସର ଦାୟିତ୍ୱ ବ୍ୟାପକ ହୋଇଛି



ଶହୀଦ ଶୁକଦେବଙ୍କ ମା'ଙ୍କୁ ସମ୍ମାନିତ କରାଯାଉଛି ।



ନାକଟିଦେଉଳ ସିଆରପିଏଫ ପକ୍ଷରୁ ଶହୀଦ ରଞ୍ଜନ କୁମାର ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

**ସମ୍ବଲପୁର, ୨୧।୧୦ (ବ୍ୟୁରୋ)**

ସମ୍ବଲପୁର ରିଜର୍ଭ ପୋଲିସ ପଡିଆଠାରେ ସୋମବାର ୬୦ତମ ପୋଲିସ ଶହୀଦ ଦିବସ ଅନୁଷ୍ଠିତ ହୋଇଯାଇଛି। ଦେଶର ବିଭିନ୍ନ ସ୍ଥାନରେ ଶହୀଦ ହୋଇଥିବା ପୋଲିସ କର୍ମଚାରୀଙ୍କ ନାମ ପଠନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିସହ ପୋଲିସ ଶହୀଦ ସ୍ତମ୍ଭରେ ପୁଷ୍ପଗୁଚ୍ଛ ଅର୍ପଣ କରାଯାଇଥିଲା। ସମ୍ବଲପୁର ଏସପି ବିଶ୍ୱାଲ କନୱାର ସିଂ ଯୋଗଦେଇ ପୋଲିସ କର୍ମଚାରୀଙ୍କ ଦାୟିତ୍ୱ ବର୍ତ୍ତମାନ ବଢ଼ିଛି ଓ ବ୍ୟାପକ ହୋଇଛି ବୋଲି କହିଥିଲେ।

**ରେଢାଖୋଲ,୨୧।୧୦(ଡି.ଏନ.ଏ)**
ରେଢାଖୋଲ ବ୍ଲକ ରେଙ୍ଗାଲିର ବିଏସ୍ଏଫ ଯବାନ ଶହୀଦ ଶୁକଦେବଙ୍କୁ ସୋମବାର ଶହୀଦ ଦିବସ ଅବସରରେ ପୋଲିସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ବଡମାଲସ୍ଥିତ ଜଗନ୍ନାଥ ହାଇସ୍କୁଲ ପରିସରରେ ଅୟୋଜିତ ସ୍ମୃତି ସଭାରେ ଚାରମାଳ ଥାନା ଅଧିକାରୀ ବସନ୍ତ କୁମାର ଦଲାଇ, ୪୭ ବାଟାଲିୟନର ଶହୀଦ ଶୁକଦେବଙ୍କ ସାଥୀ ଯବାନ ପ୍ରକାଶ ହେମ୍ବ୍ରମ, ବଡମାଳ ସରପଞ୍ଚ ଷଡାନନ ପ୍ରଧାନ, ରେଙ୍ଗାଲି ସରପଞ୍ଚ ସୁସ୍ମିତା ମଲ୍ଲିକ, ବଡମାଳ ଫାଣ୍ଡି ଅଧିକାରୀ ସନାତନ ପ୍ରଧାନ, ବଡମାଳ କଲେଜ ଅଧ୍ୟକ୍ଷ ରାଜେଶ ଦାଶ, ହାଇସ୍କୁଲ ପ୍ରଧାନ ଶିକ୍ଷକ ଯାଦବ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଲବଣୀଶ୍ୱର ଦେହୁରୀ, ଭୀମସେନ ସାହୁ, ସୂର୍ଯ୍ୟନାରାୟଣ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ହାଇସ୍କୁଲ ପରିସରରେ ସ୍ଥାପିତ ଶହୀଦ ଶୁକଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଡି ଉପଲକ୍ଷେ ଆୟୋଜିତ ସଭାରେ ଉପସ୍ଥିତ ଅତିଥିମାନେ ଶହୀଦ ଶୁକଦେବଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଶହୀଦ ଶୁକଦେବଙ୍କ ମା' ମନ୍ଦୋଦରୀ ଦେବୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶୁକଦେବଙ୍କ ବଡଭାଇ ଚିରଞ୍ଜନ ପ୍ରଧାନ, ମନୋରଞ୍ଜନ ପ୍ରଧାନ ଓ ସାନଭାଇ ମୁରଲୀଦେବ ପ୍ରଧାନ ପ୍ରମୁଖଙ୍କ ସମେତ ହାଇସ୍କୁଲ ଓ କଲେଜର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ । ସେହିଭଳି କଦଳୀଗଡ଼ ପଞ୍ଚାୟତ ଧଉରାଖମଣ ଗାଁର ଶହୀଦ ଚମ୍ପେଶ୍ୱର ମହାକୁଡଙ୍କୁ ମଧ୍ୟ ରେଢାଖୋଲ ପୋଲିସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କଦଳୀଗଡ଼ ହାଇସ୍କୁଲ ପରିସରରେ ଏକ ସ୍ମୃତି ସଭା ଆୟୋଜିତ ହୋଇଥିଲା। ଏଥିରେ ଶହୀଦଙ୍କ ସ୍ତ୍ରୀ ମଧୁସ୍ମିତା, ବାପା ସୁରଞ୍ଜି ମହାକୁଡ, ମା' ଲକ୍ଷ୍ମୀ ମହାକୁଡଙ୍କୁ ସମ୍ମାନିତ କରାଯାଇଥିଲା।

**ଧମା, (ଡି.ଏନ.ଏ.)**
ଅନ୍ତାପାଲିର ଶହୀଦ ଜଗତରାମ କୁଦେଇଙ୍କ ପରିବାରକୁ ମଧ୍ୟ ସୋମବାର ପୋଲିସ ଶହୀଦ ଦିବସ ଅବସରରେ ଅନ୍ତାପାଲି ସ୍କୁଲରେ ସମ୍ବର୍ଦ୍ଧିତ କରାଯାଇଛି। ଧମା ପୋଲିସ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ସଞ୍ଜୟ ଭୋଇ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମେଶ ପଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶହୀଦଙ୍କ ବଡ ଭାଇ ଅନ୍ତର୍ଯ୍ୟାମୀ ଓ ମା ବାପାଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ସେଠାରେ ଏକ ଫୁଟବଲ ପ୍ରତିଯୋଗିତା ସହ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ପ୍ରତିଯୋଗିତା କରାଯାଇଥିଲା।

**ନାକଟିଦେଉଳ,(ଡି.ଏନ.ଏ.)**
ନାକଟିଦେଉଳସ୍ଥିତ ସିଆରପିଏଫସି/୧୨ ବାଟାଲିୟନ ପକ୍ଷରୁ ସୋମବାର ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସିଆରପିଏଫ ପକ୍ଷରୁ ବାଟଗାଁଠାରେ ଥିବା ଶହୀଦ ସ୍ୱର୍ଗତ ରଞ୍ଜନ କୁମାର ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସି/୧୨ ବାଟାଲିୟନ ଅଫିସର ଇନଚାର୍ଜ ତଥା ଇନ୍ସପେକ୍ଟର ରାଜେନ୍ଦ୍ର ପ୍ରସାଦ ଯୋଷୀଙ୍କ ନେତୃତ୍ୱରେ ଏହି ଦିବସ ପାଳିତ ହୋଇଛି। ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖ ଓଡ଼ିଶା ପୋଲିସ ପକ୍ଷରୁ ୧୯୬୦ରୁ ଏହା ପାଳିତ ହେଉଛି । ଏହି ଦିବସ ଆମର ବୀର ପୋଲିସ କର୍ମଚାରୀ ଏବଂ ଅଧିକାରୀଙ୍କ ତ୍ୟାଗ ଓ ବଳିଷ୍ଠ ଅବଦାନର ଏକ ମହାନ ସ୍ମୃତି ଏବଂ ଯୁବ ସମାଜ ପାଇଁ ପ୍ରେରଣାଦାୟୀ ବୋଲି ଯୋଷୀ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାକଟିଦେଉଳ ଥାନା ଏସ୍ଆଇ ଅନିତା ପଟ୍ଟନିଆ, ଶହୀଦ ରଞ୍ଜନ ସାହୁଙ୍କ ବାପା ଧନେଶ୍ୱର ସାହୁ, ସ୍ତ୍ରୀ ଦୀପ୍ତି ସାହୁ, ସାନ ଭାଇ, ଝିଅ ଏବଂ ବାଟଗାଁ ସରପଞ୍ଚ ବେଦମତୀ କିଷାନ, ଅବସରପ୍ରାପ୍ତ ସେନା କର୍ମଚାରୀ ବାଲ୍ମୀକ କିଷାନ ପ୍ରମୁଖ ଯୋଗଦେଇ ଶହୀଦ ରଞ୍ଜନଙ୍କ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିରେ ବାଟଗାଁ ମହାବିଦ୍ୟାଳୟ, ଉଚ୍ଚବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମେତ ସିଆରପିଏଫ ସମସ୍ତ ଯବାନମାନେ ଉପସ୍ଥିତ ଥିଲେ।



ସମ୍ବଲପୁର ରିଜର୍ଭ ପୋଲିସ ପଡିଆରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।



ଅନ୍ତାପାଲି ସ୍କୁଲରେ ଶହୀଦ୍ ଜଗତରାମ କୁଦେଇଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

## ସଂକ୍ଷେପରେ

### ଏଟିଏମ୍ ନିକଟରୁ ଜଣେ ସନ୍ଦିଗ୍ଧଙ୍କୁ ଉଠାଇଲା ପୋଲିସ

ସମ୍ବଲପୁର,୨୧।୧୦(ବ୍ୟୁରୋ)- ସମ୍ବଲପୁର ଅଇଁଠାପାଲି ପୋଲିସ ବୁଢାରଜା ନିକଟରେ ଥିବା ଏଟିଏମ୍ କାଉଣ୍ଟର ନିକଟରୁ ଜଣେ ସନ୍ଦିଗ୍ଧଙ୍କୁ ସୋମବାର ପୋଲିସ ଉଠାଇ ନେଇଛି। ତାଙ୍କ ପାଖରୁ କେତୋଟି ଏଟିଏମ୍ କାର୍ଡ ଜବତ ମିଳିଛି। ଅଇଁଠାପାଲି ଥାନା ଅଧିକାରୀ ଚିନ୍ତାମଣୀ ପ୍ରଧାନ କହିଛନ୍ତି ଯେ, ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖାଯାଇ ପଚରା ଉଚୁରା କରାଯାଉଛି । କେଉଁ କାରଣରୁ ସେ ଏଟିଏମ ପାଖରେ ବୁଲିବା ସହ ବାରମ୍ବାର ଭିତରକୁ ଯିବା ଅରସିବା କରୁଥିଲେ ସେ ନେଇ ତଦନ୍ତ ଜାରି ରହିଛି।

### ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର, ୨୧।୧୦ (ବ୍ୟୁରୋ) ବିକାଶ ସ୍କୁଲ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର-ଝାରସୁଗୁଡା ବିଜୁ ପଟ୍ଟନାୟକ ରାଜ୍ୟ ରାଜପଥରେ ପଥଚାରୀଙ୍କୁ ଛାତ୍ରୀଛାତ୍ର ସଚେତନ କରିଥିଲେ । ହେଲମେଟ୍ ପିନ୍ଧିଥିବା ଏବଂ ସିଟ୍ ବେଲ୍ଟ ଲଗାଇଥିବା ବ୍ୟକ୍ତି ବିଶେଷଙ୍କୁ ଗୋଲାପ ଫୁଲ ଓ ଚକ୍‌ଲେଟ ଦେଇ ସ୍ୱାଗତ କରିଥିଲେ । ଅପରପକ୍ଷେ ହେଲମେଟ ପିନ୍ଧି ନ ଥିବା ମହିଳା, ପୁରୁଷ, ଛାତ୍ରୀଛାତ୍ରଙ୍କୁ ହେଲମେଟର ଆବଶ୍ୟକତା ଉପରେ ବୁଝାଇଥିଲେ । ଶାସନ ଥାନା ଅଧିକାରୀ ଜୟରଶ୍ମି ସେଠଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ବିକାଶ ଉଚ୍ଚତର ମାଧ୍ୟମିକ ସ୍କୁଲ ଅଧକ୍ଷ ସଞ୍ଜୀବ ବାବୁ, ସିବିଏସ୍ଇ ଅଧକ୍ଷ ଡ. ବିଜୟ ଚନ୍ଦ୍ର ପାଢ଼ୀ, ଡା. ଦିଲୀପ କୁମାର ନନ୍ଦ ସହଯୋଗ କରିଥିଲେ । ବିକାଶ ଅନୁଷ୍ଠାନ ସମୂହ ଅଧକ୍ଷ ଡି ମୂରଲୀକ୍ରିଷ୍ଣା, ପରିଚାଳନା ନିର୍ଦ୍ଦେଶକ ଜି ଭାସ୍କର ରାଓ ଓ ବିକାଶ ଶାସନ କ୍ୟାମ୍ପସ ପ୍ରଶାସନିକ ଅଧିକାରୀ ଜି. ନରେନ୍ଦ୍ର ଛାତ୍ରୀଛାତ୍ରଙ୍କୁ ସଡକ ସୁରକ୍ଷା ସଚେତନତା ବାର୍ତ୍ତା ଦେଇଥିଲେ।

### ଫସଲବୀମା କ୍ଷତିପୂରଣ ଦାବିରେ ରାସ୍ତାରୋକୋ ଚେତାବନୀ

ସମ୍ବଲପୁର,୨୧।୧୦(ବ୍ୟୁରୋ) ଯୁଯୁମୁରା ବ୍ଲକ ଅଫିସରେ ସୋମବାର ଜିଲା ପ୍ରଶାସନର ଜନ ଶୁଣାଣିରେ କବରପାଲି ପଞ୍ଚାୟତ ଚାଷୀମାନେ ଫସଲବୀମା କ୍ଷତିପୂରଣ ଦାବିରେ ରାସ୍ତାରୋକୋ ଚେତାବନୀ ଦେଇଛନ୍ତି । ଗତ ରବି ଋତୁ ଫସଲ ସମୟରେ ଅଦିନିଆ ବର୍ଷା ଓ ରୋଗ ପୋକ ଯୋଗୁ ଫସଲ ନଷ୍ଟ ହୋଇଯାଇଥିଲା । ପ୍ରଧାନମନ୍ତ୍ରୀ ଫସଲବୀମା ଟଙ୍କା ପ୍ରଦାନ କରିବା ପାଇଁ ଘୋଷଣା କରାଯାଇଥିଲା । ହେଲେ ଏ ପର୍ଯ୍ୟନ୍ତ ତାହା ମିଳିଲାନି। ଏଣୁ ସେମାନେ ରାସ୍ତାରୋକୋ କରିବେ ବୋଲି ସୁରଥ ବରର୍ତ୍ତି, ଶଙ୍କର ପ୍ରସାଦ ରାଓ, ନିତ୍ୟାନନ୍ଦ ଭୋଇ, ସଂଗ୍ରାମ ନାଥ, ଦୀପନ ନାଥ, ରାମ ପ୍ରସାଦ କାଲୋ, ଜଗଦୀଶ ପ୍ରଧାନ, ଶ୍ୟାମ ବାଗ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରୀକ କର୍ମଚାରୀ ସଂଘର ବୈଠକ

ସମ୍ବଲପୁର, ୨୧।୧୦ (ବ୍ୟୁରୋ) ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରୀକ କର୍ମଚାରୀ ସଂଘର ଖଣ୍ଡସ୍ତରୀୟ ବୈଠକ ଅଇଁଠାପାଲିସ୍ଥିତ ଯାନ୍ତ୍ରୀକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଗୋକୁଳି ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା । ଏଥିରେ ବଲାଙ୍ଗୀର, ସମ୍ବଲପୁର, ରେଢ଼ାଖୋଲ, କୁଚିଣ୍ଡା, ଅତାବିରା, ବରଗଡ, ଝାରସୁଗୁଡା, ବ୍ରଜରାଜନଗର, ବେଲପାହାଡ, ରେଙ୍ଗାଲି, ହୀରାକୁଦ, ବୁର୍ଲା ଅଞ୍ଚଳର କର୍ମଚାରୀ ଯୋଗଦେଇ ଆଲୋଚନା କରିଥିଲେ । ୱାର୍କଚାର୍ଜ କର୍ମଚାରୀଙ୍କୁ ସ୍ଥାୟୀ, ପୋଷାକ ବାବଦରେ ୧ ହଜାର ଟଙ୍କା, ମୃତ୍ୟୁ ଘଟିଥିବା କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ନିଯୁକ୍ତି ଦେବା ପ୍ରଭୃତି ଦାବି ଉପରେ ଆଲୋଚନା କରାଯାଇଥିଲା । ସଦାଶିବ ବିଶୋଇ, ମନବୋଧ ସାହୁ, ବନମାଳୀ ମିଶ୍ର, ପ୍ରଶାନ୍ତ ପଣ୍ଡା, ପଦ୍ମଲୋଚନ ସାହୁ, ସତ୍ୟନାରାୟଣ ଦୋରା, ସନ୍ତୋଷ ପୃଷେଟ, ଲଳିତ ମେହେର, ଉପେନ୍ଦ୍ର ବାଦି, ଭାନୁକିଶୋର ମହନ୍ତ, ମହେଶ୍ୱର ଜିତ ପ୍ରମୁଖ ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

### ଆଜିଠୁ ଚାଷୀଙ୍କ ଆନ୍ଦୋଳନ

**ସମ୍ବଲପୁର,୨୧।୧୦(ବ୍ୟୁରୋ)**
ସମ୍ବଲପୁର ଜିଲାପାଳଙ୍କ ଅଫିସ ନିକଟରେ ମଙ୍ଗଳବାରଠାରୁ ଚାଷୀମାନେ ଆନ୍ଦୋଳନ କରିବେ। ଏଥିପାଇଁ ଚାଷୀ ସଂଗଠନ ପକ୍ଷରୁ ସୋମବାର ଟେଣ୍ଟ ତିଆରି ହୋଇଛି। ବିଭିନ୍ନ ଅନୁଷ୍ଠାନକୁ ସହଯୋଗ ପାଇଁ ପତ୍ର ଦିଆଯାଇଛି। ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଆଶୋକ ପ୍ରଧାନ, ଦେବେନ୍ଦ୍ର ପ୍ରଧାନ, ଉପସଭାପତି ହରିଶଙ୍କର ପୁରୋହିତଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହେବ ।

### ରେଙ୍ଗାଲି ଅତିରିକ୍ତ ତହସିଲଦାର ନିଲମ୍ବିତ

**ସମ୍ବଲପୁର,୨୧।୧୦(ବ୍ୟୁରୋ)**
ସମ୍ବଲପୁର ଜିଲାର ଜଣେ ମହିଳା ଅତିରିକ୍ତ ତହସିଲଦାରଙ୍କୁ ଆଶାଳୀନ ଭାଷାରେ ଗାଲିଗୁଲଜ କରିବା ଅଭିଯୋଗରେ ରେଙ୍ଗାଲି ଅତିରିକ୍ତ ତହସିଲଦାର ପ୍ରଫୁଲ୍ଲ ବେହେରା ନିଲମ୍ବିତ ହୋଇଛନ୍ତି । ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ତାଙ୍କୁ ନିଲମ୍ବିତ କରାଯାଇଛି। ତାଙ୍କ ନାମରେ ସେପ୍ଟେମ୍ବର ୨୦ ତାରିଖ ଅଭିଯୋଗ ହେବା ପରେ ଯୌନ ନିର୍ଯାତନା ସେଲ୍‌ରେ ଶୁଣାଣି ହୋଇଥିଲା । ଅକ୍ଟୋବର ୧୧ ତାରିଖ ଶେଷ ଶୁଣାଣିରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ।

### ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଚିପିଲିମା,୨୧।୧୦(ଡି.ଏନ.ଏ.)**
ସଡ଼କ ସୁରକ୍ଷା ଓ ନୀତିନିୟମ ପାଳନ ନେଇ ସମ୍ବଲପୁର ମହାନଗର ନିଗମ ୱାର୍ଡ ନଂ. ୧୧ର ସେହ୍ନାପାଲି ବିଜୁ ଯୁବ ବାହିନୀ ପକ୍ଷରୁ ରକ୍ଷକ ନାମକ ଏକ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଛି । ଏହି ଅବସରରେ ବିଜୁ ଯୁବ ବାହିନୀ ସଭାପତି ଜ୍ୟୋତିପ୍ରକାଶ ପତିଙ୍କ ନେତୃତ୍ୱରେ ଗାଁରେ ପ୍ରଥମେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଗାଡି ଚଳାଇବା ବେଳେ ହେଲ୍‌ମେଟ ବ୍ୟବହାର କରିବା, ମଦ ପିଇ ଗାଡ଼ି ନ ଚଳାଇବା, ଗାଡିର କାଗଜପତ୍ର ଠିକ ରଖିବା ଭଳି ପରାମର୍ଶ ଦିଆଯାଇଥିଲା। ପରେ ଏକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିବା ସହ ସଡ଼କ ସୁରକ୍ଷା ନେଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବିଜୁ ଯୁବ ବାହିନୀର ରାଜବୀ ପୋଢ଼, ପୀତବାସ ଭୋଇ, ଏନ୍.କ୍ରିଷ୍ଣା, ମୁନ୍ନା ଦାସ, ଆନନ୍ଦ ସାଗର ଭୋଇ, ସନ୍ତୋଷ ବଘାର, ସୁଚିସ୍ମିତା ହଂସ ପ୍ରମୁଖ ସମେତ ସମସ୍ତ ସଦସ୍ୟ ତଥା ଜନସାଧାରଣ ସହଯୋଗ କରିଥିଲେ ।



ଅଦୃଶ୍ୟ ନାଟ୍ୟଆଶ୍ରମର କଳାକାରମାନେ ଶ୍ରେଷ୍ଠ ନାଟକ ପୁରସ୍କାର ଗ୍ରହଣ କରୁଛନ୍ତି।

### ରାଜ୍ୟସ୍ତରୀୟ ଲଘୁନାଟକ ମହୋତ୍ସବ

## 'ବୈଷ୍ଣବ ଜନତୋ' ଶ୍ରେଷ୍ଠ ନାଟକ

**ସମ୍ବଲପୁର, ୨୧।୧୦ (ବ୍ୟୁରୋ)**

ରାଜ୍ୟସ୍ତରୀୟ ଲଘୁ ନାଟକ ମହୋତ୍ସବ ଭବାନୀପାଟଣା କଳାହାଣ୍ଡି କଳାକାର ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଅଦୃଶ୍ୟ ନାଟ୍ୟଆଶ୍ରମ ଦ୍ୱାରା ମଞ୍ଚସ୍ଥ ନାଟକ 'ବୈଷ୍ଣବ ଜନତୋ' ଶ୍ରେଷ୍ଠ ନାଟକ ଭାବେ ପୁରସ୍କୃତ ହୋଇଛି। ଏଥିସହ ଅସିତ କୁମାର ଶତପଥୀ ଶ୍ରେଷ୍ଠ ନାଟ୍ୟକାର ଓ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପୁରସ୍କୃତ ହୋଇଛନ୍ତି । ନାଟକର ଅଭିନେତା ନରେନ୍ଦ୍ର ବେହେରା ଶ୍ରେଷ୍ଠ ଅଭିନେତା, ରାଜ ମେହେରଙ୍କୁ ଶ୍ରେଷ୍ଠ ଶିଶୁ କଳାକାର, ସୁମିତ୍ରା ମହାକୁଡଙ୍କୁ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ, ଶୁଭମ ମେହେରଙ୍କ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା, ଗିରିଜା ଶଙ୍କରଙ୍କୁ ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା ।

### ବିଶ୍ୱ ମାନବିକତା ଶୀର୍ଷକ ଆଲୋଚନାଚକ୍ର

## ସାହିତ୍ୟ ସ୍ୱର, ସ୍ୱରୂପ ପୁସ୍ତକ ଉନ୍ମୋଚିତ



ରବିବାର ସମ୍ବଲପୁର ବସୁମତୀ ସାହିତ୍ୟ ସଂସଦ ଦ୍ୱାରା ଆୟୋଜିତ ଆଲୋଚନା ଚକ୍ରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

**ସମ୍ବଲପୁର, ୨୧।୧୦ (ବ୍ୟୁରୋ)**
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଧ୍ୟାପନା ପ୍ରକୋଷ୍ଠ-୧ରେ ବସୁମତୀ ସାହିତ୍ୟ ସଂସଦ ପକ୍ଷରୁ ବିଶ୍ୱମାନବିକତା ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ଡା. ଗୁଣସାଗର ଦାଶଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅତନୁ କୁମାର ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଫେସର ସ୍ୱରୂପ ଗୋସ୍ୱାମୀ, ପ୍ରଫେସର ବିଭୁଦତ୍ତ ଦାଶ, ଗୁଣ୍ଡିଚା ସାମନ୍ତ ସିଂହାର, କୁମାର ହାସନ୍, ସୁରଜିତ ସିଂ ବର୍ନାଲା, ପ୍ରଫେସର ଗିରିଜା ଶଙ୍କର ଶର୍ମା ଓ କବି ସୌଭାଗ୍ୟବନ୍ତ ମହାରଣା ପ୍ରମୁଖ ଯୋଗଦେଇ ସନାତନ ସଂସ୍କୃତି, ଖୀଷ୍ଟଧର୍ମ, ମାନବ ଧର୍ମ, ଇସଲାମ୍ ଧର୍ମ, ଶିଖ୍ ଧର୍ମ, ଆଇନ, ସାହିତ୍ୟରେ ବିଶ୍ୱ ମାନବିକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କବି ସୌଭାଗ୍ୟବନ୍ତ ମହାରଣାଙ୍କ ପ୍ରବନ୍ଧ ସଂକଳନ ସାହିତ୍ୟ ସ୍ୱର ଓ ସ୍ୱରୂପ ଲୋକାର୍ପିତ ହୋଇଥିଲା। ଶେଷରେ ସଂସଦ ସଭାପତି ପ୍ରଫେସର କୁମୁଦ ରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜି କ'ଣ କେଉଁଠି







ସମ୍ବଲପୁର ରିଜର୍ଭ ପୋଲିସ ଲାଇନ ମୁଖ୍ୟ ଫାଟକ ନିକଟରେ ଏକ ମୃଦୁ ପାନୀୟ ଜଳ କମ୍ପାନୀର କାର୍ଯ୍ୟକ୍ରମ ଯୋଗୁ ରାସ୍ତାରେ ଭିଡ ଜମିଛି । ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଅଫିସ ପରିସରରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରୁଛନ୍ତି ।

**ସଂକ୍ଷେପରେ**

## ଭାଲୁ ଆକ୍ରମଣରେ ଜଣେ ମୃତ

ଦେବଗଡ,୨୧।୧୦(ଡି.ଏନ.ଏ.)
ଦେବଗଡ ଜିଲା ବାରକୋଟ ଥାନା ଅଧିନ ଔତଲ ଜଙ୍ଗଲରେ ସୋମବାର ଭାଲୁ ଆକ୍ରମଣରେ ଜଣେ ଗାଇଚରାଳିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବାରକୋଟ ବ୍ଲକ ସରୁଆଳି ପଞ୍ଚାୟତ ନୂଆଁମୁଣ୍ଡା ଗ୍ରାମର ରାମ ପ୍ରସାଦ ମୁଣ୍ଡା(୫୫)। ପୂର୍ବାହ୍ନରେ ସେ ଗ୍ରାମର କାଣ୍ଡେଶ୍ୱର ମୁଣ୍ଡାଙ୍କ ସହ ନିକଟସ୍ଥ ଜଙ୍ଗଲକୁ ଗାଇ ଚରାଇବାକୁ ଯାଇଥିଲେ । ଅପରାହ୍ନ ପ୍ରାୟ ୨ଟାରେ ଏକ ଭାଲୁ ହଠାତ ବୁଦାମୂଳରୁ ବାହାରି ରାମପ୍ରସାଦଙ୍କୁ ଆକ୍ରମଣ କରିଥିଲା । କାଣ୍ଡେଶ୍ୱର ଘଉଡାଇବାରୁ ଭାଲୁଟି ସେଠାରୁ ପଳାଇ ଯାଇଥିଲା । ରାମ ପ୍ରସାଦଙ୍କ ଗୋଡ ଏବଂ ମୁଣ୍ଡରେ ଗଭୀର ଆଘାତ ସୃଷ୍ଟି ହୋଇଯାଇଥିଲା । ଗାଁକୁ ଆସି କାଣ୍ଡେଶ୍ୱର ଗ୍ରାମବାସୀ ଓ ରାମପ୍ରସାଦଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଗ୍ରାମବାସୀ ଜଙ୍ଗଲରେ ପହଞ୍ଚିବା ବେଳକୁ ରାମପ୍ରସାଦଙ୍କର ମୃତ୍ୟୁ ହୋଇଯାଇଥିଲା ।

# ଦାଦନ ଯାଇଥିବା ଶ୍ରମିକଙ୍କ କାହାଣୀ

- କିଡ୍‌ନୀ ଚୋରି ହୋଇଥିବା ବିଷୟ କେଶାଇବାହାଲ ଅଞ୍ଚଳରେ ଚର୍ଚ୍ଚା
- ପୋଲିସ ହସ୍ତକ୍ଷେପ ପରେ ଘଟଣା ଭିନ୍ନମୋଡ

ବାମରା,୨୧।୧୦(ଡି.ଏନ.ଏ.)
ସମ୍ବଲପୁର ଜିଲା ବାମରା ବ୍ଲକ କେଶାଇବାହାଲ ଅଞ୍ଚଳରେ ଗତ ୩ରୁ ୪ ଦିନ ତଳେ ଏଭଳି ଏକ ଘଟଣା ନେଇ ବେଶ ଚର୍ଚ୍ଚା ହୋଇଥିଲା । ସ୍ଥାନୀୟ ଜଣେ ଯୁବକ ଦାଦନ ଖଟିବାକୁ ଯାଇଥିବା ବେଳେ ତାଙ୍କ କିଡନୀ ଚୋରୀ ହୋଇଥିବା ପ୍ରଚାର ହୋଇଥିଲା। ମହୁଲପାଲି ପୋଲିସର ତୁରନ୍ତ କାର୍ଯ୍ୟାନୁଷ୍ଠାନ ପରେ ଏବେ ଅସଲ କଥା ଜଣାପଡିଥିଲା । ପ୍ରାପ୍ତସୂଚନା ଅନୁସାରେ, କେଶାଇବାହାଲ (ବାହାଦୂରପଡା)ର ଗରୀବ ବିପିଏଲ ପରିବାର ସ୍ୱର୍ଗତ ଉମେଶ ନାଏକଙ୍କ ସାନ ପୁଅ ଦିନୁ ନାଏକ (୨୩) ଆର୍ଥିକ ଅଭାବ ଯୋଗୁ ଦାଦନ ଖଟି ୨ ପଇସା ରୋଜଗାର ଉଦ୍ଦେଶରେ ଅକ୍ଟୋବର ୧୩ ତାରିଖରେ ଘରୁ ବାହାରିଥିଲେ। ସାଙ୍ଗରେ ସେହି ପଡାର ବିଜୁ ମାଝି ଥିଲେ । ଦୁହେଁ ବାହାରି ବାମରା ଷ୍ଟେଶନରୁ ସିଧା ଚେନ୍ନାଇ ସେଣ୍ଟ୍ରାଲ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରୁ ଦୁହେଁ ସ୍ନାନ ସାରି ଷ୍ଟେଶନ ବାହାରକୁ ଯିବା ଜଳଖିଆ ପାଇଁ ବାହାରିବା ପରେ ଉଭୟ ପାଖରେ ମୋବାଇଲ ଫୋନ ନ ଥିବାରୁ ସମ୍ପୂର୍ଣ୍ଣ ସମ୍ପର୍କ ତୁଟି ଯାଇଥିଲା । ପ୍ରାୟ ୨ରୁ ୩ ଘଣ୍ଟା ଅତିବାହିତ ପରେ ଦିନୁ ନାଏକ ନିଜ ସାଙ୍ଗ ବିଜୁଙ୍କୁ ନ ପାଇ ଅସ୍ତବ୍ୟସ୍ତ ହୋଇ ପଡିଥିଲେ । ଦିନୁଙ୍କ ଚେତା ଏକ ଚେନ୍ନାଇ ବଡ ଡାକ୍ତରଖାନାରେ ଫେରିଥିବା ସେ ପ୍ରକାଶ କରିଥିଲେ । ଚେତା ଫେରିବା ପରେ ସେ ନିଜ ପେଟର ଉଭୟ ପାର୍ଶ୍ୱରେ ଅସ୍ତ୍ରୋପଚାର ହୋଇଥିବା ଦେଖି ଅଚାନକ ଭୟଭିତ ହୋଇ ପଡିଥିଲେ । ସେଠାରୁ ସେ ସୁଯୋଗ ଖୋଜି କୌଣସି ପ୍ରକାରରେ ଫେରାର ହୋଇ ନିଜ ଗାଁ କେଶାଇବାହାଲ ପହଞ୍ଚିଥିଲେ । ମାତ୍ର ତାଙ୍କ ତଳି ପେଟର ଉଭୟ ପାର୍ଶ୍ୱରେ ଅସ୍ତ୍ରୋପଚାର ହୋଇଥିବା ଯୋଗୁ ତାଙ୍କ କିଡନୀ କେହି ଚୋରୀ କରି ନେଇଥିବା ଆଶଙ୍କା କରି ମହୁଲପାଲି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ମହୁଲପାଲି ପୋଲିସ ଘଟଣାକୁ ଗୁରୁତର ସହ ନେଇ ଦିନୁଙ୍କୁ ତୁରନ୍ତ ନିକଟସ୍ଥ କୁଚିଣ୍ଡା ଡାକ୍ତରଖାନାକୁ ଚିକିତ୍ସା ଓ ପରୀକ୍ଷା ପାଇଁ ନେଇଥିଲେ । କୁଚିଣ୍ଡାଠାରେ ପରୀକ୍ଷା ନିରୀକ୍ଷା ପାଇଁ ଆବଶ୍ୟକ ଯନ୍ତ୍ରପାତି ନ ଥିବା ଯୋଗୁ ଝାରସୁଗୁଡା ନେଇଥିଲେ। ସେଠାରେ ତାଙ୍କ ପରୀକ୍ଷା ନିରୀକ୍ଷା କରାଯାଇଥିଲା । ରିପୋର୍ଟ ଆସିବା ପରେ ଦିନୁର କିଡ୍‌ନୀ ଯଥାବତ୍ ସ୍ଥିତିରେ ଅଛି ଏବଂ ସେଭଳି କୌଣସି କିଡ୍‌ନୀ ଚୋରୀ ହୋଇନାହିଁ ବୋଲି ମହୁଲପାଲି ଥାନା ଅଧିକାରୀ ଜ୍ୟୋତ୍ସ୍ନାରାଣୀ ବେହେରା ପ୍ରକାଶ କରିଛନ୍ତି । ଏ ନେଇ କୁଚିଣ୍ଡା ଏସଡିପିଓ ରାଜକିଶୋର ମିଶ୍ରଙ୍କୁ ପଚାରିବାରୁ କିଡ୍‌ନୀ ଚୋରୀ ଭଳି ଘଟଣା ଘଟି ନାହିଁ ମାତ୍ର ଦିନୁ କୌଣସି ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଆଶଙ୍କା କରାଯାଉଛି ବୋଲି କହିଛନ୍ତି । ଏ ବିଷୟରେ ଦିନୁ ମଧ୍ୟ ଠିକ କିଛି କହି ପାରୁ ନ ଥିବା ବେଳେ ତାଙ୍କ ପେଟରେ ଥିବା ଅସ୍ତ୍ରୋପଚାର ଦାଗ କାହିଁକି ଓ କେଉଁ ପରିସ୍ଥିତି ହେଲା ଏଠାରେ ଏକ ବଡ ପ୍ରଶ୍ନ ସୃଷ୍ଟି କରିଛି ।

## ଖୋଲିଲା ସର୍ଲାକାନୀ ଓମ୍‌ଫେଡ୍ କାର୍ଯ୍ୟାଳୟ


ସମ୍ବଲପୁର ସାକ୍ଷୀପଡା ସର୍ଲାକାନୀଠାରେ ଥିବା ଓମ୍‌ଫେଡ କାର୍ଯ୍ୟାଳୟ ବହୁ ଦିନ ଧରି ବନ୍ଦ ପରେ ସୋମବାର ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଲା ଖୋଲିଛି।

ସମ୍ବଲପୁର,୨୧।୧୦(ବ୍ୟୁରୋ)
ସମ୍ବଲପୁର ସାକ୍ଷୀପଡା ସର୍ଲାକାନୀଠାରେ ଥିବା ଓମ୍‌ଫେଡ କାର୍ଯ୍ୟାଳୟ ସୋମବାର ପୁଣି ଥରେ ଖୋଲା ଯାଇଛି । ଆନ୍ଦୋଳନ କରି ବହୁଦିନରୁ ଏହାକୁ ଚାଷୀମାନେ ବନ୍ଦ କରି ଦେଇଥିଲେ। ସୋମବାର ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ତାଲା ଖୋଲା ଯାଇଛି। ଏଠାରେ ନୂତନ ଭାବେ ଜେନେରାଲ ମ୍ୟାନେଜର ନଗେନ୍ଦ୍ର ମିଶ୍ର ଯୋଗ ଦେଇଛନ୍ତି।

## ଜିଲା ପୋଲିସ ପକ୍ଷରୁ ଶହୀଦ ଦିବସ ପାଳିତ


ଶହୀଦ କାର୍ତ୍ତିକେଶ୍ୱର ମହାପାତ୍ରଙ୍କ ମାତା ସୌଦାମିନୀ ମହାପାତ୍ରଙ୍କୁ ଏସ୍‌ପିରାହୁଲ ଜୈନ ଉପଢୌକନ ପ୍ରଦାନ କରୁଛନ୍ତି ।

ଦେବଗଡ,୨୧।୧୦ (ଡି.ଏନ.ଏ.)
ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ଦେବଗଡ ଜିଲା ପୋଲିସ ପକ୍ଷରୁ ସୋମବାର ୬୦ତମ ଜିଲାସ୍ତରୀୟ ଓଡିଶା ପୋଲିସ ସହିଦ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସ୍ମୃତି ପରେଡରେ ମୁଖ୍ୟଅତିଥି ଭାବେ ଏସ୍‌ପି ରାହୁଲ ଜୈନ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ । ଏଥିସହ ବିଭିନ୍ନ ସମୟରେ ଶତ୍ରୁଙ୍କ ଆକ୍ରମଣରେ ସହୀଦ ହୋଇଥିବା ଦେଶର ୨୯୨ ଜଣ ଓ ରାଜ୍ୟର ୨ଜଣ ଯବାନ ହାବିଲଦାର ମେଜର ସୁଜିତ କୁମାର ମିଞ୍ଜ ଓ ଓଏସଏପ୍ ଯବାନ ଜୟରାମ କାୱାସୀଙ୍କ ସ୍ମୃତିଚାରଣ କରିବା ସହ ଶହୀଦ ସ୍ତମ୍ଭରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ଏହି ଅବସରରେ ରିଆମାଳ ବ୍ଲକ ପୁଡାଡିହି ଗ୍ରାମର ସହିଦ କାର୍ତ୍ତିକେଶ୍ୱର ମହାପାତ୍ରଙ୍କ ମାତା ସୌଦାମିନୀ ମହାପାତ୍ର ଓ ବାରକୋଟ ବ୍ଲକ ଭାଟସିଂ ଗ୍ରାମର ଶହୀଦ ଶାନ୍ତନୁ ଧଳଙ୍କ ପତ୍ନୀ ସବିତା ଧଳଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଦେବଗଡ ଜିଲା ଓ ଦୌରାଜଜ୍ ସମିତ କୁମାର ଆଚାର୍ଯ୍ୟ, ଦେବଗଡ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀ, ବନଖଣ୍ଡ ଅଧିକାରୀ(କେନ୍ଦୁପତ୍ର) ଫାଲଗୁନୀ ସାରଥି ମଲ୍ଲିକ ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମ କାନ୍ତ ଏକ୍କା, ଅତିରିକ୍ତ ଏସ.ପି. ରବି ନାରାୟଣ ସିଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ବହୁ ପଦାଧିକାରୀ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ରିଜର୍ଭ ଇନ୍ସପେକ୍ଟର କାଳୀଚରଣ ମାଝୀଙ୍କ ନେତୃତ୍ୱରେ ଆୟୋଜିତ ଏହି ସ୍ମୃତି ପରେଡରେ ଜିଲା ପୋଲିସର ୨ ପ୍ଲାଟୁନ ଯବାନଙ୍କ ସହ ୧ ପ୍ଲାଟୁନ ଆଇଆର୍‌ବି ଯବାନ ଶହୀଦଙ୍କୁ ସଲାମୀ ପ୍ରଦାନ କରିଥିଲେ ।

## ବିଶ୍ୱ ହିନ୍ଦୁ ପରିଷଦର ବୈଠକ

ଦେବଗଡ, ୨୧।୧୦(ଡି.ଏନ.ଏ.)
ଦେବଗଡ ଜିଲା ତିଲେଇବଣି ବ୍ଲକ କୈଳାସଠାରେ ବାବା ମହାଦେବ ସାହୁଙ୍କ ଅଧ୍ୟକ୍ଷତାରେ ବିଶ୍ୱ ହିନ୍ଦୁ ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ରୀୟ ମଜଦୁର ଅଧକ୍ଷ ଦୀପକ କୁମାର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ହିନ୍ଦୁ ଧର୍ମ କିପରି ରକ୍ଷା କରାଯାଇପାରିବ, ଗୋସେବା, ଧର୍ମାନ୍ତୀକରଣ ଓ ଅନୁପ୍ରବେଶ ଉପରେ ବିସ୍ତୃତ ଭାବେ ଉପସ୍ଥାପନା କରିଥିଲେ । ଏ ନେଇ ବିଶ୍ୱ ହିନ୍ଦୁ ପରିଷଦର ବିଭିନ୍ନ ବିଭାଗର କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ସଭାପତିଭାବେ ମହାଦେବ ସାହୁ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ଭୁକ୍ତା, ସମ୍ପାଦକ ସୁବାସ କୁମାର ମହାପାତ୍ର, ସହସମ୍ପାଦକ ଘନଶ୍ୟାମ ପ୍ରଧାନ ମନୋନୀତ ହୋଇଛନ୍ତି। ରାଷ୍ଟ୍ରୀୟ ବଜରଙ୍ଗ ଦଳ ସଭାପତି ଦିଲେଶ୍ୱର ମହାପାତ୍ର, ସମ୍ପାଦକ ସୁରେଶ ଶବର, ରାଷ୍ଟ୍ରୀୟ କୃଷକ ପରିଷଦ ସଭାପତି କିଶୋର ଚନ୍ଦ୍ର ବେହେରା, ଉପସଭାପତି ଭୀମସେନ୍ ଗଡ଼ନାୟକ, ସମ୍ପାଦକ ଗୋକୁଳ ଶବର, ସହସମ୍ପାଦକ ପଙ୍କଜ ରଣା, ରାଷ୍ଟ୍ରୀୟ ମଜଦୁର ପରିଷଦ ସଭାପତି ହରିହର ଗଡ଼ନାୟକ, ଉପସଭାପତି ଡ଼ିଲେଶ୍ୱର ପାତ୍ର, ସମ୍ପାଦକ ଟିକେଶ୍ୱର ସାହୁ, ସହ ସମ୍ପାଦକ ଗୌରୀ କାରୀଗର ଏବଂ ଓଜସ୍ୱିନୀ ବିଭାଗରେ ସଭାପତି ବୀଣା ବେହେରା ଓ ଉପସଭାପତି ପଦ୍ମାବତୀ ବାଘଙ୍କୁ ଦେବଗଡ଼ ଜିଲା ପାଇଁ ମନୋନୀତ କରାଯାଇଛି । ଶେଷରେ ସମ୍ବଲପୁର ବିଶ୍ୱ ହିନ୍ଦୁ ପରିଷଦର ସଂଗଠନ ସମ୍ପାଦକ ଲମ୍ବୋଦର ପୃଷ୍ଟେଠ୍ ଧନ୍ୟବାଦ ପ୍ରଦାନ କରିଥିଲେ ।

## ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ


ଏଡିଏମ ଧରମ ହାଁସଦାଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଦେବଗଡ,୨୧।୧୦(ଡି.ଏନ.ଏ.)
ଭାରତ ସରକାରଙ୍କୁ କ୍ଷେତ୍ରିୟ ବ୍ୟାପକ ଆର୍ଥିକ ବୁଝାମଣା (ଆର୍‌ସିଇପି)ରେ ହସ୍ତାକ୍ଷର ନ କରିବା ପାଇଁ ସ୍ୱଦେଶୀ ଜାଗରଣ ମଞ୍ଚ ଦେବଗଡ଼ ପକ୍ଷରୁ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତ ସରକାର ଅନ୍ୟ ଦେଶ ମାନଙ୍କ ସହ ମିଶି ଆର୍‌ସିଇପି ନାମକ ଏକ ମୁକ୍ତ ବ୍ୟାପାର ବୁଝାମଣା କରିବାପାଇଁ ଅଗ୍ରସର ହେଉଛନ୍ତି। ଯେଉଁଥିରେ ଆମଦାନୀ ହେଉଥିବା ୮୦ ରୁ ୯୦ ପ୍ରତିଶତ ବସ୍ତୁମାନଙ୍କ ଆମଦାନୀ ଶୁଳ୍କ ଶୂନ କରିବା ପାଇଁ ବ୍ୟବସ୍ଥା ରଖାଯାଇଛି । ଏ ପ୍ରକାର ବୁଝାମଣା ପତ୍ର ସ୍ୱାକ୍ଷରିତ ହେଲେ ଭାରତର ଶିଳ୍ପ, କୃଷି, ଗୋପାଳନ ଉପରେ ପ୍ରଭାବ ପଡ଼ିବ । ଚୀନ୍‌ରୁ ଆସୁଥିବା ଶସ୍ତା ଜିନିଷ କାରଣରୁ ଦେଶର ଅଧିକାଂଶ ଉଦ୍ୟୋଗ ଆର୍ଥିକ ମାନ୍ଦାବସ୍ଥା ଯୋଗଁ ବନ୍ଦ ହୋଇଯିବାର ଦେଖାଯାଉଛି । ଏହି ସମୟରେ ଆର୍‌ସିଇପି ଅନ୍ତର୍ଗତ ଚୀନ୍ ଦ୍ରବ୍ୟ ଉପରେ ୮୦ ପ୍ରତିଶତ ଉପରେ ଶୂନ ଆମଦାନୀ ଶୁଳ୍କର ପ୍ରଭାବରେ ଶିଳ୍ପୋଦ୍ୟୋଗ ବନ୍ଦ ହେବା ସହ ଶ୍ରମିକମାନଙ୍କ ରୋଜଗାର ଉପରେ ବିଶେଷ ଭାବରେ ପ୍ରଭାବ ପଡ଼ିବ। ଏ ନେଇ ସ୍ୱଦେଶୀ ଜାଗରଣ ମଞ୍ଚ ଦେବଗଡ଼ ଶାଖା ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କ ଅନୁସ୍ଥିତିରେ ଏଡିଏମ ଧରମ ହାଁସଦାଙ୍କୁ ଦିଆଯାଇଛି। ଦାବିପତ୍ର ଦେବା ସମୟରେ ଅନନ୍ତ ନାରାୟଣ ଦାସ, ଆଲୋକ ମିଶ୍ର, ପିଣ୍ଟୁ ଗୁରୁ, ଅରବିନ୍ଦ ପ୍ରଧାନଙ୍କ ପ୍ରମୁଖ ଉପସ୍ଥିତ ଥିଲେ ।

## ଧନକଉଡ଼ା ବ୍ଲକ୍‌ସ୍ତରୀୟ ସ୍କୁଲ କ୍ରିକେଟ ଖେଳାଳି ଚୟନ ଶିବିର


ସୋମବାର ସମ୍ବଲପୁର ହାୱା ମଇଦାନଠାରେ ଧନକଉଡା ବ୍ଲକସ୍ତରୀୟ ସ୍କୁଲ କ୍ରିକେଟ ଖେଳାଳି ଚୟନ ଶିବିରରେ ପ୍ରତିଯୋଗୀ ।

ସମ୍ବଲପୁର, ୨୧।୧୦ (ବ୍ୟୁରୋ)
ଧନକଉଡା ବ୍ଲକସ୍ତରୀୟ ସ୍କୁଲ କ୍ରିକେଟ ଖେଳାଳି ଚୟନ ଶିବିର ସୋମବାର ହାୱା ମଇଦାନଠାରେ ଅନୁଷ୍ଠିତ ହୋଇଯାଇଛି। ରମଣୀରଞ୍ଜନ ସାହୁଙ୍କ ପରିଚାଳନାରେ ଶିବିର ଅନୁଷ୍ଠିତ ହୋଇଥିଲା । ବୁର୍ଲା ସରକାରୀ ହାଇସ୍କୁଲ ଖେଳ ଶିକ୍ଷକ କାନ୍ତା ରଣବିଡା ଓ ଚାଉଁରପୁର ହାଇସ୍କୁଲ ଶିକ୍ଷକ ବେଣୁଧର ନାୟକ ଚୟନକର୍ତ୍ତା ଭାବେ ଯୋଗ ଦେଇଥିଲେ । ବିଭିନ୍ନ ସ୍କୁଲର ଛାତ୍ର ଶିବିରରେ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରେ ୧୫ଜଣଙ୍କୁ ଚୟନ କରାଯାଇଛି । ନଭେମ୍ବର ୪ ଓ ୫ ତାରିଖ ରେଢ଼ାଖୋଲଠାରେ ଜିଲାସ୍ତରୀୟ ୧୭ ବର୍ଷରୁ କମ୍ ଖେଳାଳି ଚୟନ କରାଯିବ। ସେଥିରେ ଧନକଉଡା ବ୍ଲକର ୧୫ଜଣ ଖେଳାଳି ଭାଗ ନେବେ ।

## ସୁସ୍ଥ ଶିଶୁ ଦିବସ ପାଳନ

ବାରକୋଟ, ୨୧।୧୦ (ଡି.ଏନ.ଏ)
ସୁସ୍ଥ ଶିଶୁ ଦିବସ ଅବସରରେ ଦେବଗଡ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ପୁରୁଣାପାଣି ଗ୍ରାମରେ ସାମାଜିକ ସେବା ସଂସ୍ଥା ଓ ଜୀବିକା ପ୍ରକଳ୍ପ ଆନୁକୂଲ୍ୟରେ ସୁସ୍ଥ ଶିଶୁ ଉତ୍ସବ ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କାଦୋପଡା ସରପଞ୍ଚ ଦମୟନ୍ତି ମାଝି ଯୋଗଦେଇଥିଲେ । ସଂସ୍ଥାର ନିର୍ଦ୍ଦେଶକ ଆଲଫନ୍ସ ଟପ୍ପୋ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ଉପରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ଏଏନଏମ ଶ୍ରୀଲେଖା ପ୍ରଧାନ, ଆଇସିଡିଏସ ସୁପରଭାଇଜର ଝରଣା ଧଳ ଉପସ୍ଥିତ ରହି ସୁସ୍ଥ ଶିଶୁ ଓ କୁପୋଷଣ ରୋକିବାରେ ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ପ୍ରଶ୍ନଉତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଆଶାଦିଦି, ଅଙ୍ଗନୱାଡି, ଗର୍ଭବତୀ, ପ୍ରସୂତୀ ମହିଳା, ସିଆରପି, ଏମବିକେ ମାନେ ଭାଗ ନେଇଥିଲେ । ସୁସ୍ଥ ଶିଶୁ ଚିହ୍ନଟ କରି ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ କାଦୋପଡା, ଝରାକଣ୍ଡେଲ ଗ୍ରାମ ପଞ୍ଚାୟତର ମହିଳାମାନେ ଭାଗ ନେଇଥିଲେ ।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ,୨୧।୧୦(ଡି.ଏନ.ଏ)
ଦେବଗଡ ଜିଲା ବାରକୋଟ ବ୍ଲକ ଅଧିନ କଣ୍ଡେଲ ପଞ୍ଚାୟତଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲାପାଳ ସୁଧାଂଶୁ ମୋହନ ସାମଲ ଉପସ୍ଥିତ ରହି ଜନସାଧାରଣଙ୍କ ୬୨ଟି ଅଭିଯୋଗର ଶୁଣାଣି କରି ଏହା ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେଥିରୁ ୫୬ଟି ବ୍ୟକ୍ତିଗତ ଓ ୬ଟି ସାମୂହିକ ସମସ୍ୟା ଉପରେ ଆଧାରିତ ଥିଲା। ୩୬ଟି ଦରଖାସ୍ତର ଶୁଣାଣି ତତ୍କାଳ କରାଯାଇ ସମାଧାନ କରାଯାଇଥିଲା । ଜିଲାପାଳ ସାମଲ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ବଳମ ଗ୍ରାମର ଜ୍ଞାନବ୍ରତ ସାହୁଙ୍କୁ ୬ହଜାର ଟଙ୍କା ସହାୟତା ଅନୁମୋଦନ କରିଥିଲେ । ଶିବିରରେ ଏସପି ରାହୁଲ ଜୈନ, ପ୍ରକଳ୍ପ ନିର୍ଦ୍ଦେଶକ ଡିଆରଡିଏ ଭିନସେଣ୍ଟ ପୁନମକାନ୍ତ ଏକ୍କା, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ବିଡିଓ ଟୁନୁ ମେହେରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ବିଜୁ ଯୁବବାହିନୀ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ

ରିଆମାଳ,୨୧।୧୦(ଡି.ଏନ୍.ଏ.)
ସଡ଼କ ସୁରକ୍ଷା ଓ ନୂତନ ମୋଟରଯାନ ଆଇନ ସହ ଟ୍ରାଫିକ ନିୟମ ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ରିଆମାଳ ବ୍ଲକ ବିଜୁ ଯୁବବାହିନୀ ପକ୍ଷରୁ ସୋମବାର ତେଲିମୁଣ୍ଡା ଛକଠାରେ ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଏକ ସଚେତନତା ରାଲି ସହ ଟ୍ରାଫିକ ଛକଗୁଡିକରେ ଗାଡିଚାଳକଙ୍କୁ ଲିଫଲେଟ ବଣ୍ଟନ କରାଯାଇଥିଲା। ବ୍ଲକ ବିଜୁ ଯୁବବାହିନୀ ସଂଯୋଜକ ପ୍ରତୀକ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଆଡସ, ବୁଡିଦୋ, ରିଆମାଳ, ମଳେହିପଡା, କୋହ୍ଲବସା, ଟୁହିଲାମାଳ, ଟିଙ୍କବୀର, ତାରଙ୍ଗଗ୍ରାମ ପଞ୍ଚାୟତର ବିଜୁ ଯୁବବାହିନୀ ସଦସ୍ୟ ଉପସ୍ଥିତ ଥିଲେ ।

## ବିଜୁ ଯୁବବାହିନୀର ରକ୍ଷକ କାର୍ଯ୍ୟକ୍ରମ

ନାକଟିଦେଉଳ,୨୧।୧୦(ଡି.ଏନ.ଏ.)
ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସଦରଠାରେ ସୋମବାର ରାଜ୍ୟ ସରକାରଙ୍କ ଆନୁକୂଲ୍ୟରେ ବିଜୁ ଯୁବବାହିନୀ ପକ୍ଷରୁ ସଡ଼କ ସୁରକ୍ଷା ସମ୍ପର୍କରେ ରକ୍ଷକ କାର୍ଯ୍ୟକ୍ରମ ସହ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟରୁ ବାହାରି ଥିବା ଶୋଭାଯାତ୍ରାକୁ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ସ୍ଥାନୀୟ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ଗାଡ଼ି ଚାଳନା ବେଳେ ଟ୍ରାଫିକ ନିୟମ ମାନିବା, ମୋବାଇଲରେ କଥା ନ ହେବା, ସର୍ବଦା ହେଲମେଟ ପିନ୍ଧିବା ଆଦି ସମ୍ପର୍କରେ ରାସ୍ତାରେ ଯାତାୟାତ କରୁଥିବା ବାଇକ ଆରୋହୀଙ୍କୁ ସଚେତନ କରାଯାଇଥିଲା। ରକ୍ଷକ କାର୍ଯ୍ୟକ୍ରମ ସଚେତନତା ଶୋଭାଯାତ୍ରାରେ ସ୍ଥାନୀୟ ରାଧାଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ ସାମିଲ ହୋଇ ସଡ଼କ ସୁରକ୍ଷା ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନାକଟିଦେଉଳ ବିଡିଓ ମେଥୋଡ଼ିୟୁସ ଲାକ୍ରା, ସାହେବୀର ପୂର୍ବତନ ସରପଞ୍ଚ ତଥା ବିଜେଡି ଯୁବନେତା ରାମପ୍ରସାଦ ସାହୁ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଯନ୍ତ୍ରୀ ଶ୍ୟାମ କୁମାର ହରିଜନ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ମନୋଜ କୁମାର ଭୋଇ, ବିଜୁ ଯୁବ ବାହିନୀ ନାକଟିଦେଉଳ ଗ୍ରାମପଞ୍ଚାୟତ ସଭାପତି ବିଶ୍ୱାମିତ୍ର ସାହୁ, ଜାମୁଯୋରୀ ପଞ୍ଚାୟତ ସଭାପତି ସୁନୀଲ ମାଝି, ବାଟଗାଁ ପଞ୍ଚାୟତ ସଭାପତି ଅରୁଣ କୁମାର ସାହୁ, ସାଲେଭଟା ପଞ୍ଚାୟତ ସଭାପତି ସବ୍ୟସାଚୀ ବିଶ୍ୱାଳ, ନାକଟିଦେଉଳ ଥାନା ଏଏସଆଇ ରତିକାନ୍ତ ବିଶ୍ୱାଳ ପ୍ରମୁଖ ସାମିଲ ଥିବା ବେଳେ ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ଜିତେନ୍ଦ୍ର କୁମାର ସାହୁ ଏହାକୁ ପରିଚାଳନା କରିଥିଲେ।

## ଶାଳ କାଠ ଜବତ, ଅଭିଯୁକ୍ତ ଜେଲଗଲେ



ଗିରଫ ଅଭିଯୁକ୍ତ (ବାମ), ଜବତହୋଇଥିବା କାଠ ।

ଦେବଗଡ,୨୧।୧୦(ଡ଼ି.ଏନ.ଏ.)
ଦେବଗଡ ଜିଲା ତିଲେଇବଣି ସେକ୍ସନ୍ ଅଧୀନ କଶରଲୋଇ ଗ୍ରାମରେ ବନବିଭାଗ ଫରେଷ୍ଟର ସୁଧାଂଶୁ ବେହେରାଙ୍କ ନେତୃତ୍ୱରେ ଦେବଗଡ଼ ରେଞ୍ଜ କର୍ମଚାରୀ ଓ ମୋବାଇଲ ସ୍କ୍ୱାଡ଼ ଶନିବାର ଚଢାଉ କରିଥିଲେ। ଶାଳକାଠ ଜବତ କରିବା ସହ ଉକ୍ ଗ୍ରାମର ସୁରେଶ ମୁଣ୍ଡାଙ୍କୁ ବନ ବିଭାଗ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ଘର ପରିସରରୁ ୬୪ ଖଣ୍ଡ ସାଇଜ୍ ଶାଳ ପଟା ଜବତ କରାଯାଇଥିଲା।

### ବିଇଡି କଲେଜ ଛାତ୍ର ପରିଷଦ ନୂତନ କର୍ମକର୍ତ୍ତା ଚୟନ

# ଗୀତା ଦାସ ସଭାପତି, କର୍ଣ୍ଣ ସେଠ ସମ୍ପାଦକ

ସମ୍ବଲପୁର, ୨୧।୧୦ (ବ୍ୟୁରୋ)
ଡ. ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ (ବିଇଡି) କଲେଜ ଛାତ୍ର ପରିଷଦ ନୂତନ କର୍ମକର୍ତ୍ତା ସୋମବାର ଚୟନ କରାଯାଇଛି । ଗୀତା ଦାସ ସଭାପତି ଓ କର୍ଣ୍ଣ ସେଠ ସମ୍ପାଦକ ଭାବେ ମନୋନିତ ହୋଇଛନ୍ତି। ଅଭିମନ୍ୟୁ ନାୟକ ଉପସଭାପତି, ବୁଲୁ ପ୍ରଧାନ ଯୁଗ୍ମ ସମ୍ପାଦକ, ସୁପ୍ରିୟା ମେହେର ନାଟ୍ୟ ସମ୍ପାଦିକା, ପ୍ରଜ୍ଞା ପଟେଲ ପ୍ଲାନିଂ ଫୋରମ ସେକ୍ରେଟାରୀ, ଗଙ୍ଗୋତ୍ରୀ ମିଶ୍ର ପ୍ରଚାର ପ୍ରସାର ସମ୍ପାଦିକା, ମିଲନ କୁମାର ପଣ୍ଡା ସାଂସ୍କୃତିକ ସମ୍ପାଦକ, ମହେନ୍ଦ୍ର ଭୋଇ କ୍ରୀଡା ସମ୍ପାଦକ, ସୁଜିତ କୁମାର ଜାଲ ପିକନକ୍ ସମ୍ପାଦକ, ରାଧାରାଣୀ ପଟ୍ଟନାୟକ ବଗିଚା ସମ୍ପାଦକ, ସୌରଭ ପଟେଲ ରେଡକ୍ରସ ସମ୍ପାଦକ ଓ ଅର୍ଚ୍ଚିତା ମହାପାତ୍ରଙ୍କୁ ସେମିନାର ସମ୍ପାଦିକା ଭାବେ ମନୋନୀତ କରାଯାଇଛି। ସେହିପରି ୧୦ଜଣ ସହସମ୍ପାଦକ ଓ ୫ ଜଣଙ୍କୁ ଶ୍ରେଣୀ ପ୍ରତିନିଧି ଭାବେ ଚୟନ କରାଯାଇଛି। ଚୟନ ପକ୍ରିୟାରେ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ବିଇଡି, ଏମଇଡି, ଏମଫିଲ୍ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ କଲେଜ ଅଧକ୍ଷ ଡ. କରୁଣାକର ପ୍ରଧାନ ଶପଥ ପାଠ କରାଇଥିଲେ ।


ସୋମବାର ସମ୍ବଲପୁର ବିଇଡି କଲେଜର ନୂତନ ଛାତ୍ର ସଂସଦ କର୍ମକର୍ତ୍ତାମାନେ ଅଧକ୍ଷ, ଅଧ୍ୟାପିକା, ଅଧ୍ୟାପକମାନଙ୍କ ସହ ।

ରୋଗ, ଶତ୍ରୁ ଓ ଋଣ ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା।
ପାପୀ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ତୁଳସୀ ଦାସ



## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଚନ୍ଦ୍ରମା



ବିନୟ



ଆଶିଷ



ନାକୁଲ୍



ଶେଷଦେବ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

## ୧ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ

କଟକ ଅଫିସ,୨୧।୧୦

ହାଇକୋର୍ଟ ସମେତ ରାଜ୍ୟର ବିଭିନ୍ନ ଅଦାଲତରେ ରହିଥିବା ସମସ୍ୟାର ସମାଧାନ ନେଇ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ କୋର୍ଟ ବର୍ଜନ ଆନ୍ଦୋଳନ ଜାରି ରହିଛି। ପୂର୍ବରୁ ଆସୋସିଏଶନ ପକ୍ଷରୁ କେବଳ ମୁଖ୍ୟ ବିଚାରପତିଙ୍କ କୋର୍ଟ ବର୍ଜନ କରାଯାଇଥିବାବେଳେ ଗତ ୧୪ରେ ସବୁ ଖଣ୍ଡପୀଠଙ୍କ ଅଦାଲତକୁ ବର୍ଜନ କରାଯାଇଥିଲା। ଏହାକୁ ନେଇ ହାଇକୋର୍ଟ ପକ୍ଷରୁ ଅଦାଲତ ଅବମାନନା ମାମଲା ଚାଲୁ ରହିଥିବାବେଳେ ସୋମବାର ବାର୍ ଆସୋସିଏଶନର ପୁନର୍ବାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ନଭେମ୍ବର ୧ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ତେବେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ କଟକ ଓ ଏହାର ଆଖପାଖ ଅଞ୍ଚଳରେ ରହିଥିବା ବିଭିନ୍ନ ବାର୍ ଆସୋସିଏଶନର ସଭାପତି, ସମ୍ପାଦକ ଏବଂ ଷ୍ଟିଅରିଂ କମିଟିର ସଦସ୍ୟମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ଭେଟିବା ଲାଗି ଆଲୋଚନା ହେବ ବୋଲି ସମ୍ପାଦକ ସଞ୍ଜୟ କୁମାର ଦାସ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭୁଜା ବୋଲ ପିଠା ବୋଲ**
**ଭାତ ପରି କିଏ ହେବ ?**
**ମାଉସୀ ବୋଲ ପିଉସୀ ବୋଲ**
**ମାଆ ପରି କିଏ ହେବ ?**

ଭୁଜା ବା ମୁଢ଼ି ହେଉ କି ପିଠା ତାହା କେବେ ଭାତ ସମକକ୍ଷ ହୋଇପାରି ନ ଥାଏ। ସେହିପରି ମାଉସୀ ହୁଅନ୍ତୁ କି ପିଉସୀ ଯେତେ ସମ୍ପର୍କୀୟ ହୋଇଥିଲେ ମଧ୍ୟ ସେମାନେ କେବେ ମା' ପରି ସ୍ନେହମୟୀ ହୋଇପାରି ନ ଥାନ୍ତି। ସ୍ନେହ, ମମତା, ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ହେଉଛି ମା'। ମା'ର ଭୂମିକା ଆଉ କେହି ନେଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଭାଗ୍ୟକୁ ଭୋଗ ବସୁନ୍ଧରୀ**
**ଏ ପୃଥ୍ୱୀ ନୁହଁଇ କାହାରି।**

ପ୍ରାରବ୍ଧ କର୍ମ ଅନୁସାରେ ବ୍ୟକ୍ତି ଫଳ ଭୋଗ କରିଥାଏ। ସଂସାରରେ କେହି କାହାର ହୋଇ ନ ଥାନ୍ତି କି କେହି କାହା ପାଇଁ କିଛି କରି ନ ଥାନ୍ତି। ସମସ୍ତେ କର୍ମର ଦାସ। କର୍ମ ନ କଲେ ଜୀବନ ବୃଥା। ଯିଏ ଯେପରି କର୍ମ କରେ ସିଏ ସେପରି ଫଳ ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ରାଜ୍ୟସ୍ତରୀୟ ପୋଲିସ ଶହୀଦ ସ୍ମୃତି ଦିବସ

# ଶହୀଦ ଯବାନଙ୍କୁ ତୋପ ସଲାମି

କଟକ ଅଫିସ, ୨୧।୧୦

କଟକ ବକ୍ସିବଜାରସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟ ପରିସରରେ ୬୦ତମ ରାଜ୍ୟସ୍ତରୀୟ ପୋଲିସ ଶହୀଦ ସ୍ମୃତି ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡିଜିପି ବିଜୟ କୁମାର ଶର୍ମା ଯୋଗଦେଇ ପୋଲିସ ବିଭାଗରେ ଶହୀଦ ହୋଇଥିବା ଯବାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଶହୀଦ୍ ସ୍ତମ୍ଭ ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଆରକ୍ଷୀ ବାହିନୀ ପକ୍ଷରୁ ତୋପ ସଲାମି ଦିଆଯାଇଥିଲା। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟର ବହୁ ବରିଷ୍ଠ ପୋଲିସ ଅଧିକାରୀ ଓ ଅବସରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଓଏସ୍‌ଏପି ୨ୟ ବାଟାଲିୟନ, ଝାରସୁଗୁଡାର ଉପ ଦୁର୍ଗପତି ଆଶିଷ କୁମାର ଦୁବେଙ୍କ ନେତୃତ୍ୱରେ ପରେଡ ପ୍ରଦର୍ଶିତ ହୋଇଥିଲା।



ଶହୀଦ ସ୍ତମ୍ଭରେ ଡିଜିପି ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ଡିଜିପି ଶର୍ମା ୧୦ ଜଣ ଶହୀଦଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଚଳିତବର୍ଷ ଦେଶରେ ପୋଲିସ ବିଭାଗରେ ୨୯୨ ଜଣ ଯବାନ କାର୍ଯ୍ୟରତ ସମୟରେ ପ୍ରାଣବଳି ଦେଇଛନ୍ତି। ସେଥିମଧ୍ୟରେ ଓଡ଼ିଶାର ୨ ଜଣ ଅଛନ୍ତି। ସେମାନେ ହେଲେ ହାବିଲଦାର ମେଜର ସୁଜିତ କୁମାର ମିଞ୍ଜ ଏବଂ ଓଏପିଏଫ/୧୩୭ ଜୟରାମ କବାଶି। ସୂଚନାଯୋଗ୍ୟ, ୧୯୫୯ ଆଜିର ଦିନରେ ଚାଇନାର ସୈନିକମାନଙ୍କ ଆକ୍ରମଣରେ ଲଦାଖ ଅଞ୍ଚଳରେ କର୍ତ୍ତବ୍ୟରତ ୧୦ ଜଣ ସିଆର୍‌ପିଏଫ ଯବାନ ପ୍ରାଣବଳି ଦେଇଥିଲେ। ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାରା ଦେଶରେ ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖକୁ ପୋଲିସ ଶହୀଦ ସ୍ମୃତି ଦିବସ ଭାବେ ପାଳନ କରାଯାଉଛି।

## ଅଦାଲତ ଅବମାନନା ମାମଲା ହାଜର ହେଲେ ପ୍ରତିପକ୍ଷ, ୪ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ, ୨୧।୧୦

ଆଇନଜୀବୀଙ୍କ କୋର୍ଟ ବର୍ଜନ ଆନ୍ଦୋଳନକୁ ନେଇ ଓଡ଼ିଶା ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ ରୁଜୁ ହୋଇଥିବା ଅଦାଲତ ଅବମାନନା ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୪ରେ ଅନୁଷ୍ଠିତ ହେବ। ତେବେ ସୋମବାର ହାଇକୋର୍ଟଙ୍କ ଫୁଲ୍ ବେଞ୍ଚ ଏହି ମାମଲାର ଶୁଣାଣି କରିଥିଲା। ଶୁଣାଣି ପରେ ସମସ୍ତ ପ୍ରତିପକ୍ଷ ହାଜର ହୋଇ ଜବାବ ରଖିବା ପାଇଁ ୪ ସପ୍ତାହ ମହଲତ ମାଗିଥିଲେ। ପ୍ରକାଶଥାଉ କି, ହାଇକୋର୍ଟରେ ୨ଜଣ ନୂଆ ବିଚାରପତିଙ୍କ ନିଯୁକ୍ତି ସୁପାରିସ ଓ ଅନ୍ୟ ଦାବିକୁ ନେଇ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ କୋର୍ଟ ବର୍ଜନ ଆନ୍ଦୋଳନ ଜାରି ରହିଛି। ଆଇନଜୀବୀଙ୍କ ନିୟମିତ ଆନ୍ଦୋଳନ ଯୋଗୁ ମାମଲାଗୁଡ଼ିକର ଶୁଣାଣି ହୋଇପାରୁ ନ ଥିବା ଦର୍ଶାଇ ହାଇକୋର୍ଟଙ୍କ ରେଜିଷ୍ଟ୍ରାର୍ ଜେନେରାଲ ନିଜ ଆଡୁ ଏକ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ଏହି ମାମଲାର ପ୍ରାରମ୍ଭିକ ଶୁଣାଣି ଗତ ୧୫ରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଥର ପାଇଁ ହାଇକୋର୍ଟଙ୍କ ଫୁଲ୍ ବେଞ୍ଚ ଏହି ମାମଲାର ଶୁଣାଣି କରିଥିଲେ। ଉକ୍ତ ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ଆଇନ ସଚିବଙ୍କ ସହ ହାଇକୋର୍ଟ ବାର୍ ଆସୋସିଏଶନ ଓ ରାଜ୍ୟର ୬୮ଟି ବାର୍ ଆସୋସିଏଶନକୁ ମିଶାଇ ମୋଟ୍ ୧୩୬ଜଣ ପ୍ରତିପକ୍ଷଙ୍କୁ ଜବାବ ଦାଖଲ ପାଇଁ ନୋଟିସ୍ ଜାରି କରାଯାଇଥିଲା।

## ମାଓବାଦୀ ଭୟରେ ପୁଣି ଗାଁ ଛାଡ଼ିଲେ ଗୋଟିଏ ପରିବାର

ମାଲକାନଗିରି/ଖଇରପୁଟ,୨୧।୧୦(ଡି.ଏନ.ଏ.):

ମାଲକାନଗିରି ଜିଲା ଓରକେଲ ଥାନା ଅନ୍ତର୍ଗତ ଡାବୁଗୁଡ଼ା ଗ୍ରାମର ଗୋଟିଏ ପରିବାର ପୁଣି ମାଓବାଦୀଙ୍କ ଭୟରେ ନିଜ ଭିଟାମାଟି ଛାଡ଼ିଛନ୍ତି। ଗ୍ରାମର ଗୋଟିଏ ପରିବାରର ୧୩ ଜଣ ସଦସ୍ୟ ଗ୍ରାମ ଛାଡ଼ି କୁଡୁମୁଲୁଗୁମ୍ମାରେ ଆଶ୍ରୟ ନେଇଛନ୍ତି। ମାଓବାଦୀଙ୍କ ଧମକ ପରେ ସେମାନେ ଭୟଭୀତ ହୋଇ ନିଜ ଜୀବନ ବଞ୍ଚାଇବା ପାଇଁ ଭିଟାମାଟି ଛାଡି ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ମାଓବାଦୀମାନେ ଏହି ପରିବାରକୁ ପୋଲିସ ସୂଚନାକାରୀ ଭାବେ ସନ୍ଦେହ କରି ଚେତାବନୀ ଦେଇଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି। ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha






ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ
2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି,
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ. 7689936101
7310644390
Vishal Mansion, Mahatma Gandhi Road, UP

ଦୀପାବଳି ଧମାକା
କୁପନ୍ ବାହାରିଲେ 5 ଲକ୍ଷ ପର୍ଯ୍ୟନ୍ତ ପାଆନ୍ତୁ କିମ୍ବା ଋଣ ପାଇଁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ ଋଣର ସୁବିଧା।
ସୁଧ 1% ବାର୍ଷିକ
ସବୁ ପ୍ରକାର ଋଣ ସୁବିଧା ପାଇଁ ଯୋଗାଯୋଗ କରନ୍ତୁ
ToofanFinance.in
7491845997
7079574972
New Ashok Nagar, East Delhi, Delhi

DIWALI DHAMAKA
NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟୀ ଋଣ ଘରେବସି ପାଆନ୍ତୁ
କମ୍ ସୁଧ ଅଧିକ ରିହାତୀ।
ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9896736154
7988366521

ଦୀପାବଳିର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
CAPITAL ONE FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9354297908
H.No. 12, Sohana Distt. Mohali

ଦୀପାବଳିର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି: REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9415512879
B-34/7 A Block Vijay Enclave, Bururi, New Delhi

FINANCE
ସରକାରୀ ଜନକଲ୍ୟାଣ ଯୋଜନା ଅନ୍ତର୍ଗତ ଦ୍ୱାରା ମାର୍କସିଟ, ସମ୍ପତି, ଆଧାରକାର୍ଡ, ବ୍ୟବସାୟ ଓ BPL, ବ୍ୟକ୍ତିଗତ ଋଣ (1ରୁ 90 Lakh) ପର୍ଯ୍ୟନ୍ତ ମାତ୍ର ୧୩୫୦/- ଟଙ୍କାରେ ୪୮ ଘଣ୍ଟାରେ ପାଆନ୍ତୁ। ବାର୍ଷିକ 1% ସୁଧ 40% ଛାଡ
Ashoka Finance
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7900883466
8743042068

ଦୀପାବଳି ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
ଆପଣଙ୍କ ସ୍ୱପ୍ନଗୁଡ଼ିକୁ ସାକାର କରନ୍ତୁ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
72899-99543
72899-48952
SCO-106, Second Floor, Vishal Tower, Cannaught Place, Delhi.

ଋଣ ଧମାକା!!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
MAHINDRA FINANCE
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
95181-86720, 93069-59483
ADDRESS: T-51, GAUTAMPURI, DELHI

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଳବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମହାରାଷ୍ଟ୍ରରେ ଭାଜପା-ଶିବସେନା ସରକାରଠାରୁ ମୁକ୍ତି ଲାଗି ଲୋକେ ଚାହୁଁଛନ୍ତି। ଏଥର ନିର୍ବାଚନରେ ପରିବର୍ତ୍ତନ ଦେଖାଦେବ।

- ଶରଦ ପାୱାର, ଏନ୍‌ସିପି ମୁଖ୍ୟ





ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାର ସାଇକେଲରେ ଭୋଟ ଦେବାକୁ ଯାଉଛନ୍ତି।



ମହାରାଷ୍ଟ୍ରର ଆକୋଲାରେ କେନ୍ଦ୍ରମନ୍ତ୍ରୀ ସଞ୍ଜୟ ଧୋତ୍ରେ ଓ ତାଙ୍କ ସ୍ତ୍ରୀ ଭୋଟ ଦେବା ପରେ ଅଙ୍ଗୁଳି ଦେଖାଉଛନ୍ତି।



ନାଗପୁରରେ ନବବିବାହିତ ଦମ୍ପତି ସ୍ନେହାଲ ପୋଫାରେ ଓ ରଶ୍ମି ନିତ୍‌ନାୱାରେ ବୁଥ୍‌କୁ ଯାଇ ଭୋଟ ଦେଉଛନ୍ତି।

**ଆତଙ୍କବାଦୀ ଶିବିର ଧ୍ୱଂସ ଘଟଣା**

## ଭାରତର ଦାବିକୁ ପାକ୍‌ର ଖଣ୍ଡନ

ଇସ୍‌ଲାମାବାଦ,୨୧।୧୦(ପି.ଟି.)- ପିଓକେରେ ପଶି ଭାରତ ୩ ଆତଙ୍କବାଦୀ ଶିବିର ଧ୍ୱଂସ କରିବା ସହ ଅନେକ ପାକ୍ ସୈନ୍ୟ ଓ ଆତଙ୍କବାଦୀଙ୍କୁ ମାରିଥିବା ଦାବି କରୁଥିବାବେଳେ ପାକିସ୍ତାନ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଭାରତ ଚାହିଁଲେ ବିଦେଶୀ ମିଡିଆ ଓ କୂଟନୈତିଜ୍ଞଙ୍କୁ ଡ଼ାକି ଉକ୍ତ ଅଞ୍ଚଳର ପ୍ରମାଣ ଦେଇପାରିବ ବୋଲି କୁହାଯାଇଛି। ରବିବାର ଭାରତୀୟ ସେନା ମୁଖ୍ୟ ବିପିନ ରାୱତ ପିଓକେରେ ୩ ଆତଙ୍କବାଦୀ ଶିବିର ଧ୍ୱଂସ କରାଯିବା ସହ ପ୍ରାୟ ୧୦ ପାକ୍‌ସୈନ୍ୟ ଓ ଆତଙ୍କବାଦୀଙ୍କୁ ନିପାତ କରିଥିବା କହିଥିଲେ। ଏହାକୁ ନେଇ ପାକ୍ ସେନା ମୁଖପାତ୍ର ମେଜର ଜେନେରାଲ ଆସିଫ୍ ଗଫୁର ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେଠାରେ କୌଣସି କ୍ୟାମ୍ପ ନ ଥିବା ସେ କହିଛନ୍ତି। ପୁଲଓ୍ୱାମା ଆକ୍ରମଣ ପରେ ଭାରତୀୟ ସେନାର ବରିଷ୍ଠ ଅଧିକାରୀମାନେ ମିଛ ଦାବିକରି ଅଞ୍ଚଳରେ ଶାନ୍ତିଭଙ୍ଗ କରୁଛନ୍ତି। ଭାରତୀୟ ସେନାର ଏଭଳି କଥା ଘରୋଇ ଫାଇଦା ଲାଗି ହୋଇପାରିଥାଏ, କିନ୍ତୁ ଏଥିରେ କୌଣସି ସତ୍ୟତା ନାହିଁ ବୋଲି ସେ ମତ ଦେଇଛନ୍ତି।

# ମହାରାଷ୍ଟ୍ରରେ ୬୩, ହରିୟାଣାରେ ୬୫% ମତଦାନ

ମୁମ୍ବାଇ/ଚଣ୍ଡିଗଡ଼,୨୧।୧୦(ପି.ଟି.)

ମହାରାଷ୍ଟ୍ର ଓ ହରିୟାଣା ବିଧାନସଭା ଲାଗି ମତଦାନ ସୋମବାର ସନ୍ଧ୍ୟାରେ ଶେଷ ହୋଇଛି। କାଁଭାଁ ଗଣ୍ଡଗୋଳକୁ ବାଦ୍ ଦେଲେ ଭୋଟଗ୍ରହଣ ମୋଟାମୋଟି ଶାନ୍ତିପୂର୍ଣ୍ଣ ଥିଲା। ମହାରାଷ୍ଟ୍ରରେ ୬୩ ପ୍ରତିଶତ ମତଦାନ ହୋଇଥିଲାବେଳେ ହରିୟାଣାରେ ମତଦାନ ହାର ୬୫ ପ୍ରତିଶତ ରହିଛି। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳ ଭୋଟରଙ୍କ ମଧ୍ୟରେ ଭୋଟଦାନ ଲାଗି ଅଧିକ ଆଗ୍ରହ ଦେଖାଯାଇଥିଲା। ବିଭିନ୍ନ ବୁଥ୍‌ରେ ଭୋଟରମାନଙ୍କ ଲମ୍ବା ଲାଇନ ଲାଗିଥିଲା।

ମହାରାଷ୍ଟ୍ରରେ ସକାଳ ୭ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ମତଦାନ ହୋଇଥିଲାବେଳେ ପ୍ରମୁଖ ନେତାଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ, କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ, ଆରଏସଏସ୍ ମୁଖ୍ୟ ମୋହନ ଭାଗବତ, ଏନ୍‌ସିପି ନେତା ଶରଦ ପାୱାର, ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ, ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲ, ଏମ୍‌ଏନ୍‌ଏସ୍ ମୁଖ୍ୟ ରାଜ୍ ଠାକ୍‌ରେ ପ୍ରମୁଖ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ। ବଲିଉଡ୍ ଅଭିନେତାଙ୍କ ମଧ୍ୟରେ ଶାହରୁଖ ଖାନ୍‌ଙ୍କଠାରୁ ଆରମ୍ଭ କରି ସଲମାନ ଖାନ, କରିନା କପୁର ଖାନ୍, ଦୀପିକା ପାଦୁକୋନ, ଆମିର୍ ଖାନ, ମାଧୁରୀ ଦୀକ୍ଷିତ ନେନେ,ଲାରା ଦତ୍ତ, ରିତେଶ ଦେଶମୁଖ ଓ ତାଙ୍କ ସ୍ତ୍ରୀ ଜେନେଲିଆ ଭୋଟ ଦେଇଥିଲେ। ମୁମ୍ବାଇର ଏକ ବୁଥ୍ ବାହାରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନିଙ୍କ ସହ ୯୩ ବର୍ଷୀୟ ଭୋଟର ଖାନ୍ନା ସାହେବ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଇରାନି କହିଥିଲେ। ସେହିପରି ପୁଣେର ଜଣେ ୧୦୨ ବର୍ଷୀୟ ଭୋଟର ହସ୍ପିଟାଲରୁ ଭୋଟ ଦେବା ପାଇଁ ଯାଇଥିଲେ।



ମହାରାଷ୍ଟ୍ର: ସୋଲାପୁରର ଏକ ବୁଥ୍ ବାହାରେ ଭୋଟରଙ୍କ ଲମ୍ବା ଲାଇନ।

ବିଭିନ୍ନ ସ୍ଥାନରେ ଇଭିଏମ୍ ଓ ଭିଭିପିଏଟି ମେଶିନ୍‌ରେ ତ୍ରୁଟି ନେଇ ବିରୋଧୀ କଂଗ୍ରେସ ପକ୍ଷରୁ ୨୫୦ରୁ ଊର୍ଦ୍ଧ୍ୱ ଅଭିଯୋଗ ନିର୍ବାଚନ ଅଧିକାରୀଙ୍କ ପାଖରେ କରାଯାଇଛି। ରାମଟେକ୍ ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ବଟନ ଦବାଇଲେ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଯାଉଥିବା ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ହୋଇଥିଲା। ଗଡଚିରୋଲି ଜିଲାରେ ନିର୍ବାଚନ ଡ୍ୟୁଟିରେ ଥିବା ଜଣେ ଶିକ୍ଷକ ମୂର୍ଚ୍ଛା ଯିବାରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ପୁଣେରେ ଭୋଟ ଦେବା ପାଇଁ ଧାଡ଼ିରେ ଛିଡ଼ାହୋଇଥିବା ଜଣେ ୬୨ ବର୍ଷୀୟ ଭୋଟର ପଡ଼ିଯିବାରୁ ବ୍ରେନ୍ ହାମ୍‌ରେଜ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା।

ହରିୟାଣାରେ ମୋଟ ୧୯,୫୭୮ ବୁଥ୍‌ରେ ଭୋଟଗ୍ରହଣ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାର ସାଇକେଲ୍‌ରେ ବୁଥ୍‌କୁ ଯାଇ ଭୋଟ ଦେଇଥିଲେ।

ଏହାବ୍ୟତୀତ ସୋମବାର ୧୮ ରାଜ୍ୟର ୫୧ ବିଧାନସଭା ଆସନ ଏବଂ ୨ ଲୋକ ସଭା ଆସନ ଲାଗି ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ହାରାହାରି ମତଦାନ ହାର ୫୭ ପ୍ରତିଶତ ରହିଛି। କେରଳରେ ପ୍ରବଳ ବର୍ଷା ଯୋଗୁ କେତେକ ବୁଥ୍‌ରେ ପାଣି ପଶିଯାଇଥିଲା। ଉତ୍ତରପ୍ରଦେଶର ୧୧ ଆସନରେ ସର୍ବନିମ୍ନ ୪୭.୦୫ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି।

## ୧୨ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡାଦେଶ

**ଆଇନଜୀବୀଙ୍କ ସହାୟକଙ୍କୁ ହତ୍ୟା ଘଟଣା**

ଢାକା, ୨୧।୧୦(ପି.ଟି.)

ବାଂଲାଦେଶର ବାଜିତ୍‌ପୁରରେ ଜମି ବିବାଦକୁ ନେଇ ୨୦୧୫ ଅକ୍ଟୋବର ୨୨ରେ ଜଣେ ଆଇନଜୀବୀଙ୍କ ସହାୟକ ମୁବାରକ ହୋସେନ୍‌ଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାର ଶୁଣାଣି କରି ବାଂଲାଦେଶର ଫାଷ୍ଟଟ୍ରାକ୍ କୋର୍ଟ ୧୨ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି। ଢାକା ସେସନ୍ସ ଜଜ୍ କୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ କରୁଥିବା ଆଇନଜୀବୀଙ୍କ ସହାୟକ ଭାବେ ହୋସେନ୍ କାମ କରୁଥିଲେ। କିଶୋରଗଞ୍ଜସ୍ଥିତ ବାଜିତ୍‌ପୁର ଉପଜିଲାରେ ଥିବା ଜମିକୁ ନେଇ ବିବାଦ ରହିଥିଲା। ଏହି ଘଟଣାରେ ଢାକା ସ୍ପିଡ୍ ଟ୍ରାଏଲ୍ ଟ୍ରିବ୍ୟୁନାଲ-୩ ବିଚାରପତି ମୋନିର କମଲ ସୋମବାର ଶୁଣାଣି କରି ୧୨ ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିବାବେଳେ ଅନ୍ୟ ୨ ଅଭିଯୁକ୍ତଙ୍କୁ ବର୍ଷେ ଲେଖାଏ ଜେଲ୍‌ଦଣ୍ଡ ଭୋଗିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଜଣେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ମୃତ୍ୟୁଦଣ୍ଡ ପାଇଥିବା ୧୨ ଅଭିଯୁକ୍ତଙ୍କ ମଧ୍ୟରୁ ୪ ଜଣ ନିଖୋଜ ଅଛନ୍ତି। ପ୍ରତ୍ୟେକଙ୍କୁ ୨୦ ହଜାର ଟାକା(ବାଂଲାଦେଶ ମୁଦ୍ରା)ର ଜରିମାନା କରାଯାଇଛି। ହତ୍ୟାକାଣ୍ଡ ପରେ ୧୫ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। ୨୦୧୭ ଜାନୁୟାରୀ ୨ରେ ତଦନ୍ତକାରୀ ଅଧିକାରୀ ଚାର୍ଜଶିଟ୍ ଦାଖଲ କରିଥିଲେ। ୩୧ ସାକ୍ଷୀ ଓ ବିଭିନ୍ନ ରେକର୍ଡପତ୍ରର ତର୍ଜମା କରାଯାଇ ବିଚାରପତି ଏହି ଶୁଣାଣି କରିଥିଲେ।



**[ଇତିହାସର ଆଇନାରେ]**

### ଅକ୍ଟୋବର ୨୨ର ପ୍ରମୁଖ ଘଟଣା

୧୯୪୭ ଅକ୍ଟୋବର ୨୨ରେ ଭାରତ ଓ ପାକିସ୍ତାନ ମଧ୍ୟରେ କଶ୍ମୀରକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। ସ୍ୱାଧୀନତା ପରେ ଉଭୟ ଦେଶ ଏହାକୁ ଦାବିକରି ଆସୁଥିବାବେଳେ ଏହାକୁ ନେଇ ଏକାଧିକ ଯୁଦ୍ଧ ହୋଇସାରିଛି। ଏବେ କଶ୍ମୀରକୁ ଭାରତ ୫୫%, ପାକିସ୍ତାନ ୩୦% ଓ ଚାଇନା ୧୫% କବ୍ଜାକରି ରଖିଛନ୍ତି। ଏବେ ସୁଦ୍ଧା ଏହାର ସମାଧାନ ହୋଇପାରି ନାହିଁ।

୨୦୦୮ ଅକ୍ଟୋବର ୨୨ରେ ଭାରତ ଏହାର ଚନ୍ଦ୍ରୟାନ-୧ ମିଶନ ଆରମ୍ଭ କରିଥିଲା। ଏହି ମାନବବିହୀନ ମିଶନ ଇସ୍ରୋ ଦ୍ୱାରା କରାଯାଇଥିଲା। ପିଏସ୍‌ଏଲ୍‌ଭି-ଏକ୍ସଏଲ ରକେଟ ଦ୍ୱାରା ଅର୍ବିଟର ଓ ଇମ୍ପାକ୍ଟର ପଠାଯାଇଥିଲା। ମହାକାଶ ବିଜ୍ଞାନରେ ଭାରତର ଏହା ପ୍ରଥମ ଉପଲବ୍ଧି ଥିଲା। ପ୍ରାୟ ବର୍ଷେ ଏହା ଚନ୍ଦ୍ର ପରୀକ୍ଷଣ କରିବା ସହ ଅନେକ ତଥ୍ୟ ଯୋଗାଇବାରେ ସହାୟକ ହୋଇଥିଲା।

**■ ଗଣମାଧ୍ୟମ କଟକଣାକୁ ବିରୋଧ**

## ପ୍ରଥମ ପୃଷ୍ଠା କଳା କଲେ ଅଷ୍ଟ୍ରେଲିଆ ଖବରକାଗଜ

ସିଡ୍‌ନୀ,୨୧।୧୦

ଗଣମାଧ୍ୟମ ସ୍ୱାଧୀନତା ଉପରେ ଅଷ୍ଟ୍ରେଲିଆ ସରକାର କଟକଣା ଲଗାଇଥିବାରୁ ଏହାକୁ ବିରୋଧକରି ସୋମବାର ଦେଶର ସମସ୍ତ ପ୍ରମୁଖ ଖବରକାଗଜ ସେମାନଙ୍କ ପ୍ରଥମ ପୃଷ୍ଠାର ଖବରକୁ କଳା କରିଥିଲେ। ଦି ଅଷ୍ଟ୍ରେଲିଆନ୍, ଦି ସିଡ୍‌ନୀ ମର୍ନିଂ ହେରାଲ୍ଡ ଏବଂ ଅଷ୍ଟ୍ରେଲିଆନ୍ ଫାଇନାନ୍ସିଆଲ ରିଭ୍ୟୁ ସମେତ ଜାତୀୟ ଓ ଆଞ୍ଚଳିକ ଖବରକାଗଜଗୁଡ଼ିକ ସେମାନଙ୍କ ପ୍ରଥମ ପୃଷ୍ଠାର ଖବରକୁ କଳା କରିଥିବା ଦେଖିବାକୁ ମିଳିଥିଲା। ସରକାର ପ୍ରକୃତ ସତ୍ୟକୁ ଲୁଚାଉଥିବାରୁ ଦେଶର ଟେଲିଭିଜନ ଚ୍ୟାନେଲଗୁଡ଼ିକରେ ବିଜ୍ଞାପନ ଦିଆଯାଇ ସରକାରଙ୍କ ନିଷ୍ପତ୍ତି ଉପରେ ବିଚାର କରିବାକୁ ଦର୍ଶକମାନଙ୍କୁ କୁହାଯାଇଥିଲା।





ଅଷ୍ଟ୍ରେଲିଆର ସଂଘୀୟ ସରକାରୀ ହ୍ୱିସିଲ୍‌ବ୍ଲୋୟରଙ୍କୁ ଦଣ୍ଡିତ କରିବା ଓ କେତେକ କ୍ଷେତ୍ରରେ ସାମ୍ବାଦିକତାକୁ ଅପରାଧୀକରଣ କରିବା ଲାଗି ଆଇନ ଆଣିଛନ୍ତି। ଏହି ଆଇନ ବିରୋଧରେ ଦେଶର ସବୁ ଗଣମାଧ୍ୟମ ପକ୍ଷରୁ ସମ୍ମିଳିତ ପ୍ରତିବାଦ ଆନ୍ଦୋଳନ ଆରମ୍ଭ ହୋଇଛି। ସରକାର ବିରୋଧୀ ଖବରକୁ ନେଇ ଗତ ଜୁନ୍‌ରେ ଜାତୀୟ ଖବର ପ୍ରସାରଣ ସଂସ୍ଥା ଏବିସି ଏବଂ ନ୍ୟୁଜ୍ କର୍ପର ଜଣେ ଖବରଦାତାଙ୍କ ଘର ଉପରେ ସଂଘୀୟ ପୋଲିସର ଚଢ଼ାଉ କରାଯାଇଥିଲା। ଏହାର ବୈଧତାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଚଢ଼ାଉକୁ ବିରୋଧ କରି ରାଇଟ୍ ଟୁ ନୋ କୋଆଲିଶନ୍ ପକ୍ଷରୁ ଏହି ଅଭିଯାନ ଆରମ୍ଭ ହୋଇଛି। କଠୋର ଗୋପନୀୟତା ଆଇନରୁ ଖବରଦାତାମାନଙ୍କୁ ବାଦ୍ ଦେବା ସମେତ ସେମାନେ ମୁଖ୍ୟତଃ ୬ଟି ଦାବି କରିଛନ୍ତି। ସମ୍ବେଦନଶୀଳ ଖବର ସଂଗ୍ରହ କରିବା ଉପରେ କଟକଣା ଲାଗିଛି। ଏହା ବିରୋଧରେ ସରକାରଙ୍କ ଉପରେ ଜନସାଧାରଣ ଚାପ ପକାଇବା ସୋମବାର ପ୍ରତିବାଦର ଉଦ୍ଦେଶ୍ୟ। ପବ୍ଲିକ୍ ସେକ୍ଟର ହ୍ୱିସିଲ୍‌ବ୍ଲୋୟରମାନେ ଗଣମାଧ୍ୟମକୁ ଗୁରୁତ୍ୱପୂର୍ଣ୍ଣ ଖବର ଦେଉଥିବାରୁ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ହୋଇଛି। ସେମାନଙ୍କ ସୁରକ୍ଷା ପାଇଁ ଗଣମାଧ୍ୟମ ସଂସ୍ଥାଗୁଡିକ ଆହ୍ୱାନ ଦେଇଛନ୍ତି।

୨୩ରେ କର୍‌ତାରପୁର କରିଡର ଚୁକ୍ତି

## ସେବା ଟିକସ ହଟାଇବାକୁ କହିଲା ଭାରତ

ନୂଆଦିଲ୍ଲୀ,୨୧।୧୦(ପି.ଟି.)

କର୍‌ତାରପୁର କରିଡର କାର୍ଯ୍ୟକାରିତା ଲାଗି ୨୩ ତାରିଖରେ ପାକିସ୍ତାନ ସହ ଚୁକ୍ତିନାମା ସ୍ୱାକ୍ଷର ପାଇଁ ଭାରତ ପ୍ରସ୍ତୁତ ଥିବା ସୋମବାର କହିଛି। ତେବେ ତୀର୍ଥଯାତ୍ରୀଙ୍କ ଉପରେ ୨୦ ଡଲାର ସେବା ଟିକସ ବସାଇବାକୁ ପାକିସ୍ତାନ ନେଇଥିବା ନିଷ୍ପତ୍ତିର ପୁନର୍ବିଚାର କରିବାକୁ ନୂଆଦିଲ୍ଲୀ କହିଛି। ଗୁରୁ ନାନକ ଦେବଙ୍କ ୫୫୦ତମ ଜନ୍ମବାର୍ଷିକୀ ଅବସରରେ କର୍‌ତାରପୁର ସାହିବ୍ କରିଡର ଉଦ୍‌ଘାଟନ ହେଉଥିବାରୁ ଭାରତ ଓ ଅନ୍ୟ ଦେଶରୁ ତୀର୍ଥଯାତ୍ରୀମାନେ ସେଠାକୁ ଯିବାର ସୁଯୋଗ ପାଇବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୨୦ ଡଲାର ସେବା ଟିକସ ଧାର୍ଯ୍ୟ କରିବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏଭଳି ଟିକସ ନ ଲଗାଇବା ପାଇଁ ସରକାର ପାକିସ୍ତାନକୁ ଅନୁରୋଧ କରିଛନ୍ତି।

**■ ଆରେ ଗଛକଟା ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ**

## ମେଟ୍ରୋ ଶେଡ୍ ପ୍ରକଳ୍ପ ବନ୍ଦ ହେବନି

ନୂଆଦିଲ୍ଲୀ,୨୧।୧୦(ପି.ଟି.)

ମୁମ୍ବାଇର ଆରେ କଲୋନିରେ ମେଟ୍ରୋ ଶେଡ୍ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯିବ ନାହିଁ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ଉକ୍ତ କଲୋନିରେ ଗଛକଟାକୁ ବିରୋଧକରି ସର୍ବୋଚ୍ଚ ଅଦାଲତରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଗଛକଟା ବନ୍ଦ ରଖିବାକୁ ଅଦାଲତ କହିବା ସହ ଆରେ କଲୋନିରେ କରାଯାଇଥିବା ଚାରା ରୋପଣ, ପ୍ରତିରୋପଣ ଓ ଗଛକଟାର ଫଟୋ ସହ ସ୍ଥିତାବସ୍ଥା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୃହନ୍‌ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସୁପ୍ରିମକୋର୍ଟରେ ହାଜର ହୋଇ ଆରେ କଲୋନିରେ ଆଉ ଗଛ କଟାଯାଉନାହିଁ ଓ କୋର୍ଟଙ୍କ ନିର୍ଦ୍ଦେଶ ପରେ ସ୍ଥିତାବସ୍ଥା ଜାରି ରହିଛି ବୋଲି କହିଥିଲେ। ଜଷ୍ଟିସ୍ ଅରୁଣ ମିଶ୍ର ଓ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବରକୁ ଧାର୍ଯ୍ୟ କରିଛନ୍ତି।

ମେଟ୍ରୋ କାର୍ ଶେଡ୍ ନିର୍ମାଣ ଲାଗି ଆରେ କଲୋନିରୁ ୨୭୦୦ରୁ ଊର୍ଦ୍ଧ୍ୱ ଗଛ କାଟିବା ଲାଗି ବିଏମ୍‌ସି ନିଷ୍ପତ୍ତି ନେଇଥିଲା। ଏହା ଜଙ୍ଗଲ ନୁହେଁ ବୋଲି ବମ୍ବେ ହାଇକୋର୍ଟ କହିବା ସହ ବିଏମ୍‌ସି ନିଷ୍ପତ୍ତିକୁ ରଦ୍ଦ କରିବା ପାଇଁ ମନା କରିଦେଇଥିଲେ। ଏହା ବିରୋଧରେ ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ହସ୍ତକ୍ଷେପ କରିବା ଲାଗି ଜଣେ ଛାତ୍ର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କୁ ପତ୍ର ଲେଖିବା ପରେ ସୁପ୍ରିମକୋର୍ଟ ଏହାକୁ ନିଜ ଆଡୁ ଜନସ୍ୱାର୍ଥ ମାମଲା ଭାବେ ଗ୍ରହଣ କରି ଆରେ କଲୋନିରେ ସ୍ଥିତାବସ୍ଥା ଜାରି ରଖିବା ଲାଗି ନିର୍ଦ୍ଦେଶ ଦେଇଥିଲେ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ସହ ଥଣ୍ଡା ଅନୁଭବ ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘୁଆ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୨.୩ |
| ଚାନ୍ଦବାଲି | ୩୨.୨ | ୨୪.୬ |
| କଟକ | ୩୨.୪ | ୨୫.୬ |
| ପାରାଦ୍ୱୀପ | ୩୨.୨ | ୨୫.୭ |
| ଭୁବନେଶ୍ୱର | ୩୪.୦ | ୨୩.୪ |
| ଗୋପାଳପୁର | ୩୫.୪ | ୨୪.୯ |
| ପୁରୀ | ୩୩.୦ | ୨୪.୮ |
| ଅନୁଗୋଳ | ୩୪.୭ | ୨୦.୦ |
| ବାରିପଦା | ୩୧.୦ | ୨୩.୨ |
| ଝାରସୁଗୁଡ଼ା | ୩୧.୪ | ୨୨.୬ |
| କେନ୍ଦୁଝର | ୩୦.୫ | ୨୧.୫ |
| ସମ୍ବଲପୁର | ୩୩.୩ | ୨୩.୨ |
| ସୁନ୍ଦରଗଡ଼ | ୨୭.୦ | ୧୫.୦ |
| ହୀରାକୁଦ | ୩୧.୯ | ୨୩.୫ |
| ତାଳଚେର | ୩୫.୧ | ୨୩.୩ |
| ଭବାନୀପାଟଣା | ୩୧.୫ | ୨୨.୫ |
| ବଲାଙ୍ଗୀର | ୩୧.୬ | ୨୪.୦ |
| କୋରାପୁଟ | ୨୮.୬ | ୧୯.୨ |
| ଫୁଲବାଣୀ | ୩୩.୪ | ୨୦.୫ |
| ଟିଟିଲାଗଡ଼ | ୩୩.୪ | ୨୦.୬ |
| ମାଲକାନଗିରି | ୩୨.୨ | -- |
| ସୋନପୁର | ୩୪.୪ | ୧୯.୮ |
| ଦାରିଙ୍ଗିବାଡ଼ି | -- | -- |

ଡିଗ୍ରୀ ସେଲ୍‌ସିୟସ୍

**■ ଲଦାଖରେ ବ୍ରିଜ୍ ଉଦ୍‌ଘାଟନ କଲେ ରାଜନାଥ**

## ପାକ୍ ଅନୁପ୍ରବେଶ ନ ରୋକିଲେ ଠିକଣା ଜବାବ ଦିଆଯିବ

ଲେହ,୨୧।୧୦(ପି.ଟି.)

ଭାରତ ବିରୋଧୀ କାର୍ଯ୍ୟକଳାପ ବନ୍ଦ କରିବା ଲାଗି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପାକିସ୍ତାନକୁ ଚେତାବନୀ ଦେଇଛନ୍ତି। ଇସ୍‌ଲାମାବାଦ ଯଦି ଅନୁପ୍ରବେଶ ବନ୍ଦ ନ କରେ ତେବେ ଭାରତୀୟ ସେନା ଏହାର ଠିକଣା ଜବାବ ଦେବ। ସୋମବାର ରାଜନାଥ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟବର୍ତ୍ତୀ ପୂର୍ବ ଲଦାଖର ଶ୍ୟୋକ୍ ନଦୀ ଉପରେ କଲୋନେଲ୍ ଚେୱାଙ୍ଗ ରିନ୍‌ଚେନ୍ ବ୍ରିଜ୍ ଉଦ୍‌ଘାଟନ ଅବସରରେ ଏହା କହିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ, ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଉଚ୍ଛେଦ ହୋଇଥିବାରୁ ଲଦାଖ ଅଞ୍ଚଳରେ ଶତ୍ରୁଙ୍କର କୌଣସି ସ୍ଥାନ ନାହିଁ, ଏହା କେବଳ ବନ୍ଧୁଙ୍କୁ ଆକର୍ଷିତ କରିବ। ପଡୋଶୀ ଦେଶ ଆତଙ୍କବାଦୀ କାର୍ଯ୍ୟକୁ ସମର୍ଥନ ଦେଇ ଭାରତରେ ଅସ୍ଥିରତା ସୃଷ୍ଟି କରିବାକୁ ଉଦ୍ୟମ କରୁଛି। ଭାରତୀୟ ସେନା ଏହାର ଠିକଣା ଜବାବ ଦେଇଛନ୍ତି। ରବିବାର ଭାରତୀୟ ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ୩ଟି ଆତଙ୍କବାଦୀ ଶିବିର ଧ୍ୱଂସହେବା ସହ ଅନେକ ଆତଙ୍କବାଦୀ ଓ ୧୦ ଜଣ ପାକ୍ ସୈନ୍ୟ ନିହତ ହୋଇଥିଲେ। କଶ୍ମୀର ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ ବୋଲି ଚାଇନା ସ୍ୱୀକାର କରିଛି। ଡର୍‌ବୁକ ଓ ଦୌଲତ ବେଗ୍ ଓଲ୍‌ଡିକୁ ସଂଯୋଗ କରୁଥିବା ଚେୱାଙ୍ଗ ରିନ୍‌ଚେନ୍ ବ୍ରିଜ୍ ସୀମା ସଡ଼କ ସଂଗଠନ (ବିଆର୍‌ଓ) ପକ୍ଷରୁ ନିର୍ମାଣ କରାଯାଇଛି। ଉଦ୍‌ଘାଟନ ଉତ୍ସବରେ ସେନା ମୁଖ୍ୟ ଜେନେରାଲ ବିପିନ ରାୱତ, ଉତ୍ତରାଞ୍ଚଳ କମାଣ୍ଡ ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ରଣବୀର ସିଂ, ଲଦାଖ ଏମ୍‌ପି ଜମ୍ୟାଙ୍ଗ ସେରିଙ୍ଗ୍ ନମଗ୍ୟାଲ୍ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।







# ଘରକୁ ଦିଅନ୍ତୁ କଲରଫୁଲ୍ ଲୁକ୍



**କଲରଫୁଲ୍ ଡେକୋରେଟିଭ୍ ଆଇଟମ୍ ଘରକୁ ଆକର୍ଷଣୀୟ ଓ ଫ୍ରେସ୍ ଲୁକ୍ ଦେଇଥାଏ। ଯଦି ଦୀପାବଳିରେ ଆପଣ ନିଜ ଘରକୁ ଏପରି ସଜାଇବାକୁ ଚାହୁଁଛନ୍ତି ତେବେ ଆପଣାନ୍ତୁ କିଛି ଟିପ୍ସ...**

❖ଘରସଜା ସାମଗ୍ରୀ କିଣିଲାବେଳେ ବ୍ରାଇଟ୍ କଲରକୁ ନଜରରେ ରଖନ୍ତୁ। ବୋଲ୍ଡ ଏବଂ ବ୍ରାଇଟ୍ କଲରର ଫଟୋ ଫ୍ରେମ୍, ଫୁଲଦାନି, ଶୋ' ପିସ୍ ଭଳି ଜିନିଷ ଘରକୁ ନୂଆ ଲୁକ୍ ଦେଇଥାଏ।

❖ଘରକୁ ସତେଜତାଭରା କରିବା ପାଇଁ ଫୁଲ ବେଷ୍ଟ ଅପ୍ସନ। ଆପଣ ଚାହିଁଲେ ଉଭୟ ଆର୍ଟିଫିସିଆଲ ଏବଂ ସତେଜ ଫୁଲ ବ୍ୟବହାର କରିପାରିବେ। କଲରଫୁଲ୍ ଫ୍ଲାୱାର ପଟ୍ ଘରର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ନିଅନ୍ କଲର ଫ୍ଲାୱାର ପଟ୍ ବି ଘରକୁ ବେଶ୍ ମାନିବ।

❖ଟିପିକାଲ୍ ଫର୍ନିଚର ବଦଳରେ ଭିନ୍ନ ଭିନ୍ନ ଡିଜାଇନ୍, ଶେପ୍ ଏବଂ କଲରର ଫର୍ନିଚରରେ ଘର ସଜାନ୍ତୁ। ଏହା ଆପଣଙ୍କ ଘରକୁ ଆକର୍ଷଣୀୟ କରିବ।

❖ଭିନ୍ନ ଭିନ୍ନ କଲରର ଟ୍ରେଣ୍ଡି ପିଲୋ କଭରରେ ମଧ୍ୟ ଆପଣ କମ୍ ଖର୍ଚ୍ଚରେ ଓ ସହଜରେ ଘର ସଜାଇପାରିବେ।

❖କୌଣସି ଦିନକୁ ଖାସ୍ କରିବା ପାଇଁ କଲରଫୁଲ୍ ଏବଂ ସେଣ୍ଟେଡ୍ କ୍ୟାଣ୍ଡେଲରେ ଘର ସଜାଇପାରିବେ।

❖ଘରର କଲର ଲାଇଟ୍ ହୋଇଥିଲେ ବ୍ରାଇଟ୍ କଲରର ପରଦା ଚୟନ କରନ୍ତୁ।

❖ନୂଆ ଫର୍ନିଚର କିଣିବା ଯଦି ସମ୍ଭବ ହେଉନି ତେବେ ପୂର୍ବରୁ ଘରେ ଥିବା ସୋଫା ଏବଂ ଅନ୍ୟ ଚେୟାରଗୁଡିକର କଭର ବଦଳାଇ ଘରକୁ ନୂଆ ଲୁକ୍ ଦିଅନ୍ତୁ।

❖ଯଦି ଘର ସଜାଇବାକୁ ସମୟ ନାହିଁ ତେବେ ଘରର କୌଣସି ଏକ କୋଣ ଯାହାକି ସେଣ୍ଟର ଅଫ୍ ଆଟ୍ରାକ୍ସନ ରହିଥାଏ, ସେଠାରେ ଶୋ' ପିସ୍, ଫ୍ଲାୱାର ପଟ୍ କିମ୍ବା ରଙ୍ଗିନ କ୍ୟାଣ୍ଡେଲ ଭଳି ଜିନିଷ ରଖି ଘରର ଶୋଭା ବଢ଼ାଇପାରିବେ।

❖ ଛୋଟ ପିଲାମାନେ ରଙ୍ଗକୁ ଖୁବ୍ ଭଲ ପାଆନ୍ତି। ସେମାନଙ୍କ ରୁମ୍ ସଜାଇବାବେଳେ ତାଙ୍କ ପସନ୍ଦର କାର୍ଟୁନ୍, କଲର ଆଦିକୁ ଗୁରୁତ୍ୱ ଦିଅନ୍ତୁ।



**ଦୀପାବଳିକୁ ଧୁମ୍‌ଧାମ୍‌ରେ ପାଳିବାକୁ ସମସ୍ତଙ୍କର ଇଚ୍ଛା । ହେଲେ ବାଣ ଫୁଟାଇବାବେଳେ ସାମାନ୍ୟ ସତର୍କତାର ଅବହେଳା ବିପଦକୁ ଡାକିଆଣେ। ତେବେ ଜାଣନ୍ତୁ ସେ ନେଇ କିଛି ଟିପ୍ସ...**

## କିପରି ପାଳିବେ
# ସୁରକ୍ଷିତ ଦୀପାବଳି

– ସବୁବେଳେ ଖୋଲାସ୍ଥାନ ଦେଖି ବାଣ ଫୁଟାନ୍ତୁ। ଲୋକମାନେ କାରବାର କରୁଥିବା ସ୍ଥାନ ବା ଘରଠାରୁ ଦୂରରେ ରହି ବାଣ ଫୁଟାନ୍ତୁ। ବାଣ ଫୁଟାଉଥିବା ସ୍ଥାନରେ ଯେପରି ପେଟ୍ରୋଲ, ଡିଜେଲ୍, ଗ୍ୟାସ୍ ସିଲିଣ୍ଡର, କିରୋସିନ ଆଦି ନ ରହିବ ସେଥିପ୍ରତି ସତର୍କ ରୁହନ୍ତୁ।

– ବାଣ ଫୁଟାଇବା ବେଳେ ସର୍ବଦା ସୂତା ବା କଟନ କପଡ଼ା ପରିଧାନ କରନ୍ତୁ। ଏହି ସମୟରେ ଜୋତା ପିନ୍ଧିବାକୁ ଭୁଲନ୍ତୁ ନାହିଁ।

– ମାର୍କେଟରେ ମିଳୁଥିବା ନକଲି ବାଣଠାରୁ ଦୂରରେ ରୁହନ୍ତୁ। ଭଲ ବ୍ରାଣ୍ଡ ଦେଖି କିଣନ୍ତୁ।

– ବାଣରେ ଥିବା ବାରୁଦ ତ୍ୱଚା ପ୍ରତି କ୍ଷତିକାରକ ହୋଇଥାଏ। ତେଣୁ ବାଣ ଫୁଟାଇବା ପରେ ହାତକୁ ଭଲଭାବେ ଧୁଅନ୍ତୁ।

– ଶରୀରଠାରୁ ଉଚିତ ବ୍ୟବଧାନ ରଖି ବାଣ ଫୁଟାନ୍ତୁ। କେଉଁ ବାଣ କିପରି ଫୁଟାଯିବ ସେ ବିଷୟରେ ଜାଣିରଖନ୍ତୁ।

– କୌଣସି ବାଣ ଥରେ ଜଳାଇବା ପରେ ଯଦି ନ ଫୁଟେ ତେବେ ତାକୁ ଦ୍ୱିତୀୟ ଥର ଲଗାନ୍ତୁ ନାହିଁ।

– ଆଖପାଖରେ ଥିବା ବିଜୁଳି ତାରଠାରୁ ଦୂରରେ ରହି ବାଣ ଫୁଟାନ୍ତୁ।

– ଏହି ସମୟରେ ହେଉଥିବା ପ୍ରଦୂଷଣ ଶ୍ୱାସରୋଗୀଙ୍କ ପାଇଁ ବିପଦ। ତେଣୁ ପ୍ରଦୂଷଣଠାରୁ ଦୂରରେ ରୁହନ୍ତୁ। ପାଖରେ ମେଡିସିନ୍ ଷ୍ଟକ୍ ରଖନ୍ତୁ।

– ଏହିଦିନ ମାର୍କେଟରେ ପ୍ରାୟ ବାସି ମିଠା ମିଳିଥାଏ, ଯାହାକି ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ। ଏଥିପ୍ରତି ଧ୍ୟାନ ଦିଅନ୍ତୁ।



# ସ୍ୱପ୍ନକୁ କରନ୍ତୁ ସାକାର

**ବେଳେବେଳେ ଘର,ପରିବାର ଏବଂ ପିଲାଙ୍କ ଯତ୍ନ ନେଉ ନେଉ ମହିଳାମାନେ ସେମାନଙ୍କ କ୍ୟାରିୟର ଏବଂ ସ୍ୱପ୍ନକୁ ଭୁଲିଯାଇଥାନ୍ତି । କିନ୍ତୁ ଏବେ ଆଉ ଏପରି କରିବା ଦରକାର ନାହିଁ। ଆପଣ ଚାକିରି କରନ୍ତୁ ବା ଘରେ ବସି ରୋଜଗାର କରନ୍ତୁ, କାମରେ ନିଷ୍ଠା ହିଁ ଆପଣଙ୍କ ସ୍ୱପ୍ନକୁ ସାକାର କରିପାରିବ...**









**ବେବି ସିଟିଂ:** ଆଜିକାଲି ଅଧିକାଂଶ ପରିବାରରେ ସ୍ୱାମୀ ସ୍ତ୍ରୀ ଉଭୟ କର୍ମଜୀବୀ ହେବା ଦ୍ୱାରା ପିଲା ସମ୍ଭାଳିବାକୁ ନେଇ ଟେନ୍ସନ୍‌ରେ ରହୁଛନ୍ତି। ଏଥିପାଇଁ ଏବେ ବେବି ସିଟିଂ ବା କ୍ରେଚ୍‌ର ଚାହିଦା ବଢ଼ିବାରେ ଲାଗିଛି। ଯଦି ଆପଣଙ୍କ ଘରେ ପର୍ଯ୍ୟାପ୍ତ ସ୍ଥାନ ରହିଛି ତେବେ ଆପଣ ବେବି ସିଟିଂ ବା କ୍ରେଚ୍‌ର କାମ ଆରମ୍ଭ କରିପାରିବେ। ଉତ୍ତମ ବ୍ୟବହାର ଏବଂ ପିଲାଙ୍କର ଉପଯୁକ୍ତ ଯତ୍ନ ନେବା ଦ୍ୱାରା କ୍ରେଚ୍‌ର ଡିମାଣ୍ଡ ବି ବଢ଼ିବ। ତା' ସହ ଆପଣ କିଛି ରୋଜଗାର କରିପାରିବେ।

**ହୋମ୍ ଟ୍ୟୁଶନ୍:** ଯଦି ଆପଣ ଗୃହିଣୀ ଏବଂ ଶିକ୍ଷା କ୍ଷେତ୍ରରେ ଆପଣଙ୍କୁ ଆଗକୁ ଯିବାର ଅଛି ତେବେ ହୋମ୍ ଟ୍ୟୁଶନ୍ ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ୍। ଏହାଦ୍ୱାରା ଆପଣ ଆପଣଙ୍କ ସ୍ୱପ୍ନକୁ ସାକାର କରିପାରିବେ। ନିଜ ପିଲାକୁ ବି ଟ୍ୟୁଶନ୍ ନ ପଠାଇ ଘରେ ପାଠ ପଢ଼ାଇପାରିବେ। ଆଜିକାଲି ଅନ୍‌ଲାଇନ୍ ଟ୍ୟୁଟରର ଡିମାଣ୍ଡ ଅଧିକ। କେବଳ ସେତିକି ନୁହେଁ ଯଦି ଆପଣଙ୍କର ବିଦେଶୀ ଭାଷା ସମ୍ବନ୍ଧିତ ଜ୍ଞାନ ରହିଛି ତେବେ ପିଲାମାନଙ୍କୁ ଖୁବ୍ ସହଜରେ ଅନ୍‌ଲାଇନ୍‌ରେ ପାଠ ପଢ଼ାଇପାରିବେ।

**ଫିଟ୍‌ନେସ୍ କୋଚ୍:** ଫିଟ୍‌ନେସ୍ ବା ଯୋଗ ପ୍ରତି ଦୁର୍ବଳତା ଥିବା ମହିଳା ଏହାକୁ ସେମାନଙ୍କ ପାର୍ଟଟାଇମ୍ କ୍ୟାରିୟର କରିପାରିବେ। ଏହାଦ୍ୱାରା ଆପଣ ସୁସ୍ଥ ରହିବା ସହ ଘରେ ବସି ରୋଜଗାର ମଧ୍ୟ କରିପାରିବେ।

**କ୍ୟାଟରିଂ ଏବଂ ଟିଫିନ୍ ସର୍ଭିସ୍:** ଯଦି ଆପଣ ରୋଷେଇରେ ନିପୁଣ ଏବଂ ଖାଦ୍ୟ ପ୍ରସ୍ତୁତି କରିବା ଖୁବ୍ ପସନ୍ଦ ତେବେ କ୍ୟାଟରିଂ ଏବଂ ଟିଫିନ୍ ସର୍ଭିସ୍ ଆପଣଙ୍କ ପାଇଁ ଉତ୍ତମ ବିକଳ୍ପ। ଅଫିସ୍‌ମାନଙ୍କରେ ବିଜି ସିଡ୍ୟୁଲ୍ ପାଇଁ ଲୋକେ ଘରୁ ଖାଦ୍ୟ ପ୍ରସ୍ତୁତ କରି ନେବା ସମ୍ଭବ ହୁଏ ନାହିଁ। ହୋଟେଲ୍ ବ୍ୟତୀତ ଟିଫିନ ସର୍ଭିସ୍ ପ୍ରତି ଲୋକଙ୍କର ଅଧିକ ବିଶ୍ୱାସ ଥାଏ। ଅଳ୍ପ ତେଲ ମସଲା ବ୍ୟବହାର କରି ଯଦି ଖାଦ୍ୟ ପ୍ରସ୍ତୁତ କରିପାରିବେ ତେବେ ଆପଣଙ୍କ କ୍ୟାଟରିଂର ଡିମାଣ୍ଡ ବି ବଢ଼ିବ।

**ଡାଟା ଏଣ୍ଟ୍ରି:** ଯଦି ଆପଣ କମ୍ପ୍ୟୁଟର କୋର୍ସ କରିଛନ୍ତି ତେବେ ଘରେ ବସି ଡାଟା ଏଣ୍ଟ୍ରି କରି ବି ରୋଜଗାର କରିପାରିବେ। ପରିବାର ସଦସ୍ୟଙ୍କ କାମ ସାରି ଫ୍ରି ଟାଇମ୍‌ରେ ବି ଏହି କାମ କରି ରୋଜଗାର କରିପାରିବେ।

**କଣ୍ଟେଣ୍ଟ ରାଇଟିଂ**
ଯଦି ଲେଖିବାରେ ଆପଣଙ୍କର ରୁଚି ରହିଛି ତେବେ ଆପଣ କଣ୍ଟେଣ୍ଟ ରାଇଟିଂ କାମ ଆରମ୍ଭ କରିପାରିବେ। ଅନେକ ୱେବ୍‌ସାଇଟ୍ ଏହି କାମ ପାଇଁ ଭଲ ପାରିଶ୍ରମିକ ବି ଦେଉଛନ୍ତି। କେବଳ ସେତିକି ନୁହେଁ, ନ୍ୟୁଜ୍‌ପେପର ଏବଂ ମାଗାଜିନ୍‌ରେ ବି ଆପଣଙ୍କ ଲେଖା ପ୍ରକାଶ କରିପାରିବେ।

**ଟ୍ରାଭେଲ୍ ଏଜେଣ୍ଟ:** ଏହି କାମ ଆପଣ ଏକ ଛୋଟ ଘରୁ ଆରମ୍ଭ କରିପାରିବେ। ଏଥିରେ ଅଧିକ ପାଠପଢ଼ାର ଆବଶ୍ୟକତା ନାହିଁ। ଟ୍ରାଭେଲ୍ ଏଜେନ୍ସି ପାଇଁ ଆପଣଙ୍କର କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍ ଜ୍ଞାନ ଥିବା ଆବଶ୍ୟକ।

**କିପରି କରିବେ ବାଲାନ୍ସ**
ଯଦି ଆପଣ ରୁଟିନ୍ ଲାଇଫ୍ ଛାଡି କିଛି ଅଲଗା କରିବାକୁ ଚାହୁଁଛନ୍ତି ତେବେ ସଂଘର୍ଷ ତ କରିବାକୁ ପଡିବ। କିନ୍ତୁ ଆପଣ ଚାହିଁଲେ ଉଭୟକୁ ଖୁବ୍ ସହଜରେ ଏଥିରେ ତାଳମେଳ ରଖିପାରିବେ।

– ଘରର ସବୁ କାମ ଶେଷ କରିବା ପରେ ହିଁ ଆପଣ ଏହି କାମ ପାଇଁ ସମୟ ଦିଅନ୍ତୁ।

– ଦ୍ୱିପ୍ରହରେ ଘରର ସଦସ୍ୟମାନେ ସେମାନଙ୍କ କାମରେ ଯିବା ପରେ ଆପଣ ଆପଣଙ୍କ କାମରେ ସମୟ ଦିଅନ୍ତୁ।

– ରାତିରେ ପରିବାର ସଦସ୍ୟମାନେ ଶୋଇବା ପରେ ହିଁ ଆପଣ କାମ ଆରମ୍ଭ କରିପାରିବେ।

– ପ୍ରତିଦିନ ଖାଦ୍ୟରେ ସ୍ପେସାଲ ନ ବନାଇ ସପ୍ତାହରେ ଗୋଟିଏ ଦିନ କିଛି ସ୍ପେସାଲ ପ୍ରସ୍ତୁତ କରନ୍ତୁ।

– ଆପଣ ଯେଉଁ ବି କାମରେ ମନୋନିବେଶ କରିବାକୁ ଯାଉଛନ୍ତି ସେ ନେଇ ଆପଣଙ୍କ ସ୍ୱାମୀଙ୍କୁ କୁହନ୍ତୁ। ଏହାସହ ତାଙ୍କର ସହଯୋଗ ବି ମାଗନ୍ତୁ।

– ପ୍ରତିଦିନ କାମର ଲିଷ୍ଟ ପ୍ରସ୍ତୁତ କରି ପ୍ଲାନିଂ କରନ୍ତୁ।

### କ'ଣ କରନ୍ତି ଏମାନେ...



ରୋଜଗାର କରିବାର ଅନେକ ପନ୍ଥା ରହିଛି। ମୁଁ କିନ୍ତୁ ଘରେ ବସି ରୋଜଗାର କରିବାକୁ ପସନ୍ଦ କରେ। ଏହାଦ୍ୱାରା ପରିବାର ଲୋକଙ୍କୁ ସମୟ ବି ଦେଇପାରୁଛି। ମୁଁ ଘରେ ଟେଲରିଂ କାମ କରେ। ଏହାଦ୍ୱାରା ଘରକାମ କରିବାରେ ମୋତେ କୌଣସି ଅସୁବିଧା ହୁଏ ନାହିଁ।
– **ବ୍ରଜେଶ୍ୱରୀ ପ୍ରଧାନ**, ବାଲେଶ୍ୱର



**ଘ**ରେ ଖାଲିରେ ବସିବା ଅପେକ୍ଷା କିଛି କାମ କରି ରୋଜଗାର କରିବାଟା ମୋର ପସନ୍ଦ। ମୁଁ ଏରୋବିକ୍ ଟ୍ରେନିଂ ଦିଏ। ଏହି ଫିଟ୍‌ନେସ୍ ଟ୍ରେନିଂ ଦେବା ଦ୍ୱାରା ମୁଁ ନିଜେ ବି ଫିଟ୍ ରହି ପାରୁଛି।
– **ସୁଲୋଚନା ଦାସ**, ଭୁବନେଶ୍ୱର

ଫ୍ୟାଶନ୍



# ଡ୍ରେସ୍ ସହ ମେକ୍‌ଅପ୍

**ଦୀପାବଳିରେ ପରଫେକ୍ଟ ଲୁକ୍ ପାଇବାକୁ ହେଲେ କେବଳ ଜିନ୍ସ, ଡ୍ରେସ୍ କି ଶାଢ଼ି ଯଥେଷ୍ଟ ନୁହେଁ, ଏହାକୁ ମ୍ୟାଚିଂ କରି ମେକ୍‌ଅପ୍ ନେବାକୁ ପଡ଼ିଥାଏ। ଜାଣନ୍ତୁ ସେ ସମ୍ପର୍କରେ କେତୋଟି ଟିପ୍ସ....**

❖ମେଟାଲିକ୍ ଏବଂ ଜୁଏଲେରି ଟୋନ୍ ଫ୍ୟାବ୍ରିକ୍ ଆଉଟ୍‌ଫିଟ୍ ସହ ପାଉଡର ଫାଉଣ୍ଡେଶନ୍ ଏବଂ କମ୍ପାକ୍ଟ ବ୍ୟବହାର କରନ୍ତୁ। ଆଖିରେ ହାଲ୍‌କା ମେକ୍‌ଅପ୍ ନିଅନ୍ତୁ। ମସ୍କରା ସହିତ ଓଠରେ ଲାଲ୍ ରଙ୍ଗର ଲିପ୍‌ଷ୍ଟିକ୍ ଲଗାନ୍ତୁ।

❖ଅରେଞ୍ଜ କଲର ଲିପ୍‌ଷ୍ଟିକ୍‌କୁ ଆପଣ ଯେକୌଣସି ଆଉଟ୍ ଫିଟ୍‌ରେ ମ୍ୟାଚ୍ କରିପାରିବେ ନାହିଁ। ଗୋଲ୍‌ଡେନ୍ କଲର ଆଉଟ୍‌ଫିଟ୍ ସହ ଏହା ମ୍ୟାଚ୍ କରିଥାଏ। ଏଭଳି ଆଉଟ୍‌ଫିଟ୍‌ରେ ଆଖିର ମେକ୍ ଅପ୍ ଲାଗି ଲାଇଟ୍ କ୍ରିମ୍ ଆଇ ସ୍ୟାଡୋ ସହ ପିଙ୍କ୍ କଲର ବ୍ଲସ୍ ବ୍ୟବହାର କରନ୍ତୁ।

❖ଯଦି ଆଉଟ୍‌ଫିଟ୍ ପାଇଁ ବ୍ରାଇଟ୍ କଲର ବାଛୁଛନ୍ତି ତେବେ ହାଲ୍‌କା ମେକ୍ ଅପ୍ ନିଅନ୍ତୁ। ଆଖିକୁ ସ୍ମୋକି ଲୁକ୍ ଦେଲେ ତାହା ଆହୁରି ଆକର୍ଷଣୀୟ ଲାଗିଥାଏ।

❖ଆପଣ ବ୍ଲୁ କଲର ଆଉଟ୍‌ଫିଟ୍ ପସନ୍ଦ କରୁଥିଲେ ମେଟାଲିକ୍ ବ୍ଲୁ ସ୍ୟାଡୋ ଆଇ ମେକ୍‌ଅପ୍ ବାଛନ୍ତୁ। ଓଠରେ ପିଙ୍କ୍ କଲର ଲିପ୍‌ଷ୍ଟିକ୍ ଲଗାଇବା ସହ କେଶକୁ ସିମ୍ପଲ୍ ଷ୍ଟାଇଲ୍ ଦିଅନ୍ତୁ।

❖ଯଦି ହ୍ୱାଇଟ୍ କଲର ଗେଟ୍‌ଅପ୍‌ରେ ରହିବାକୁ ଚାହୁଁଛନ୍ତି ତେବେ ମେଟାଲିକ୍ ଆଇ ମେକ୍‌ଅପ୍ ସହ ବ୍ରାଇଟ୍ କଲର ଲିପ୍‌ଷ୍ଟିକ୍ ଲଗାନ୍ତୁ। ଏହା ଆପଣଙ୍କୁ ଷ୍ଟାଇଲିସ୍ ଲୁକ୍ ଦେବ।





ଦୀପାବଳି ପୂର୍ବରୁ କମ୍ପାନୀର କର୍ମଚାରୀଙ୍କୁ ବେତନ ପ୍ରଦାନ କରାଯିବ। ଗୋଟିଏ ମାସ ସୁଦ୍ଧା କମ୍ପାନୀର ପୁନରୁଦ୍ଧାର ଯୋଜନା ଆସିବା ନେଇ ଆଶାବାଦୀ ରହିଛୁ।
– ପି.କେ. ପୁରୱାର, ବିଏସ୍ଏନ୍ଏଲ୍ ଅଧ୍ୟକ୍ଷ



ଭାରତରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ ହେଉଥିବା ବେଳେ ଡାଟା ଆନାଲିଟିକ୍ସ, ଏଆଇର ଲାଭ ନେବା ଆବଶ୍ୟକତା ରହିଛି।
– ଅରବିନ୍ଦ ପାନଗାରିଆ, ପୂର୍ବତନ ଉପାଧ୍ୟକ୍ଷ, ନୀତି ଆୟୋଗ

## ସଂକ୍ଷେପରେ

### ଇନ୍ଫୋସିସ୍‌ରେ ଅନୈତିକ କାର୍ଯ୍ୟ ନେଇ ଅଭିଯୋଗ

**ନୂଆଦିଲ୍ଲୀ,୨୧-୧୦:** ସ୍ୱଳ୍ପ ମିଆଦି ଭିତ୍ତିରେ ରାଜସ୍ୱ ଏବଂ ଲାଭ ବଢାଇବା ଲାଗି ଇନଫୋସିସରେ ଅନୈତିକ କାର୍ଯ୍ୟକଳାପ ହେଉଥିବା ହ୍ୱିସିଲବ୍ଲୋୟର ଅଭିଯୋଗ ଆଣିଛନ୍ତି। ଦେଶର ସର୍ବବୃହତ୍ ଏହି ଆଇଟି କମ୍ପାନୀରେ ପୂର୍ବତନ ସିଇଓ ବିଶାଲ ସିକ୍କା ଏବଂ ନାରାୟଣ ମୂର୍ତ୍ତିଙ୍କ ମଧ୍ୟରେ ବିବାଦ ପରେ ଏଭଳି ନୂଆ ଅଡୁଆ କମ୍ପାନୀ ସାମ୍ନାରେ ଆସିଛି। ଏହି ଅଭିଯୋଗକୁ ଅଡିଟ କମିଟି ସାମ୍ନାରେ ରଖାଯାଇଥିବା କମ୍ପାନୀ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। କମ୍ପାନୀର ହ୍ୱିସିଲବ୍ଲୋୟର ନୀତି ଅନୁସାରେ ଏହି ପ୍ରସଙ୍ଗ ଉପରେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଇନଫୋସିସ ପକ୍ଷରୁ ସୂଚନା ଦିଆଯାଇଛି। ଗଭର୍ନାସରେ ବିଭିନ୍ନ ଅସୁବିଧା ନେଇ କମ୍ପାନୀ ପୂର୍ବରୁ ଏଭଳି ଅଭିଯୋଗ ଲାଭ କରିଛି। ପୂର୍ବରୁ ଟେକ୍ନୋଲୋଜି ଫାର୍ମ ପନାୟାର କ୍ରୟ ନେଇ ବିବାଦ ଉପୁଜିଥିଲା। ଅନ୍ତରୀଣ ଅଡିଟ୍ କମିଟି ଏହାର ତଦନ୍ତ କରିବା ପରେ କୌଣସି ଠୋସ ସୁରାକ ପାଇ ନ ଥିଲା। ପୂର୍ବରୁ ହୋଇଥିବା କମ୍ପାନୀର ବିବାଦରେ ପୂର୍ବତନ ସିଇଓ ବିଶାଲ ସିକ୍କା ଇସ୍ତଫା ଦେଇଥିଲେ। କମ୍ପାନୀକୁ ନୂଆ ଦିଶା ପ୍ରଦାନ କରିବା ଲାଗି ନନ୍ଦନ ନିଲେକାନିଙ୍କୁ ଅଧ୍ୟକ୍ଷ ପଦରେ ଅବସ୍ଥାପିତ କରାଯାଇଥିଲା। ସେହିଭଳି ଗତବର୍ଷ ଜାନୁୟାରୀରେ ସଲିଲ ପାରେଖ କମ୍ପାନୀର ସିଇଓ ପଦବୀରେ ନିଯୁକ୍ତି ପାଇଛନ୍ତି। ପୂର୍ବତନ ସିଏଫ୍ଓ ରାଜୀବ ବଂଶଲଙ୍କ ପେମେଣ୍ଟ ନେଇ ଉପୁଜିଥିବା ବିବାଦକୁ କମ୍ପାନୀ ଚଳିତ ବର୍ଷ ସମାଧାନ କରିଛି। ବିବାଦ ସମାଧାନ ନେଇ ଏହା ବଜାର ନିୟନ୍ତ୍ରକ ସେବିକୁ ୩୪.୩୪ ଲକ୍ଷ ପ୍ରଦାନ କରିଛି।

### ବିଶ୍ୱ ଜିଡିପିକୁ ଯୋଗଦାନରେ ୟୁଏସ୍‌କୁ ଟପିବ ଭାରତ

**ନୂଆଦିଲ୍ଲୀ,୨୧-୧୦:** ଚଳିତ ଆର୍ଥିକ ବର୍ଷ ଭାରତର ଜିଡିପି ଅଭିବୃଦ୍ଧି ହାର କମିଥିଲେ ମଧ ଆସନ୍ତା ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧିରେ ସୁଧାର ଆସିବା ନେଇ ସମ୍ଭାବନା ରହିଛି। ବଜାର ବିଶେଷଜ୍ଞମାନେ ମଧ ଏନେଇ ବେଶ୍ ଆଶାବାଦୀ ରହିଛନ୍ତି। ଅପରପକ୍ଷରେ ବ୍ଲୁମବର୍ଗ ଦେଇଥିବା ଏକ ରିପୋର୍ଟ ମୁତାବକ ଆସନ୍ତା ୫ ବର୍ଷରେ ବିଶ୍ୱ ଜିଡିପିକୁ ଯୋଗଦାନ କ୍ଷେତ୍ରରେ ଭାରତ ଆମେରିକାକୁ ଟପିଯିବ। ବିଶ୍ୱ ଜିଡିପିକୁ ଚାଇନାରେ ଯୋଗଦାନ କମିବ ବୋଲି ରିପୋର୍ଟରେ ପୂର୍ବାନୁମାନ କରାଯାଇଛି। ୨୦୧୮ରେ ବିଶ୍ୱ ଜିଡିପିକୁ ଚାଇନାର ଯୋଗଦାନ ୩୨.୭୦% ରହିଛି। ଏହା ୨୦୨୪ରେ ୨୮.୩୦%କୁ ଖସିବା ନେଇ ସମ୍ଭାବନା ରହିଛି। ଉକ୍ତ ସମୟରେ ବିଶ୍ୱ ଜିଡିପି ଅଭିବୃଦ୍ଧି ୩% ରହିବା ନେଇ ଅନୁମାନ କରାଯାଇଛି। ଆସନ୍ତା ୫ ବର୍ଷରେ ବିଶ୍ୱ ଜିଡିପିକୁ ଭାରତର ଯୋଗଦାନ ବୃଦ୍ଧି ଘଟି ୧୫.୫% ରହିବ। ୨୦୧୮-୧୯ରେ ଆମେରିକାର ଯୋଗଦାନ ବିଶ୍ୱ ଜିଡିପିକୁ ୧୩.୮% ରହିଛି। ୨୦୨୪ ବେଳକୁ ଏହା ୯.୨%କୁ ଖସିବା ନେଇ ଆକଳନ କରାଯାଇଛି।

### 'କେବଳ ଧନୀଙ୍କ ଉପରେ ନିର୍ଭରଶୀଳ ନୁହେଁ ଅର୍ଥନୀତି'

**ନୂଆଦିଲ୍ଲୀ,୨୧-୧୦:** କୌଣସି ଅର୍ଥ ବ୍ୟବସ୍ଥା କେବଳ ଧନୀ ଲୋକଙ୍କ ଉପରେ ନିର୍ଭରଶୀଳ ନୁହେଁ। ଏହି ପ୍ରସଙ୍ଗକୁ ମୁଣ୍ଡରୁ ହଟାଇ ହେବ ବୋଲି ନୋବେଲ ବିଜେତା ଅର୍ଥନୀତିଜ୍ଞ ଅଭିଜିତ ବାନାର୍ଜୀ ସୋମବାର କହିଛନ୍ତି। ଏବେବି ଏମିତି ଅନେକ ଦେଶ ରହିଛନ୍ତି ଯେଉଁଠାରେ ସେହି ଦେଶର ମୋଟ ଜିଡିପିକୁ ରାଷ୍ଟ୍ରାୟତ୍ତ କ୍ଷେତ୍ରର ଯୋଗଦାନ ୪୫% ରହିଛି। ୟୁରୋପରେ ଅଧିକାଂଶ ଦେଶଗୁଡିକରେ କର୍ପୋରେଟ ଟିକସ ୪୦% ରହିଛି। ଏହା ଆମେରିକାରେ ୨୯%। ଏହି ଦୁଇ ଦେଶର ଅଭିବୃଦ୍ଧି ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି। ଭାରତରେ କର୍ପୋରେଟ ଟିକସ ହ୍ରାସ ଉପରେ ମତ ରଖି ସେ କହିଛନ୍ତି। ଏଉପରେ ସରକାର ପୁଣି ଚିନ୍ତା କରିବାର ଆବଶ୍ୟକତା ରହିଛି। ବାଣିଜ୍ୟ କ୍ଷେତ୍ରକୁ ଉଚ୍ଚ ଟିକସ ଦ୍ୱାରା ଦେଶର ଜନମଙ୍ଗଳ ଯୋଜନାଗୁଡିକୁ ପାଣି ବ୍ୟବସ୍ଥା କରାଯାଇ ପାରିବ। ମାତ୍ର କର୍ପୋରେଟ ଟିକସ ହ୍ରାସ ଦ୍ୱାରା ଏଭଳି ଯୋଜନାରେ ଖର୍ଚ୍ଚ ସରକାରଙ୍କ ବିତ୍ତୀୟ ନିୟନ୍ତ୍ରଣ ଉପରେ ଗଭୀର ପ୍ରଭାବ ଆଣିବ ନେଇ ସେ ଗୁରୁତ୍ୱାରୋପ କରିଛନ୍ତି।

# ଆଜି ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ

**ନୂଆଦିଲ୍ଲୀ/ଭୁବନେଶ୍ୱର (ବ୍ୟୁରୋ),୨୧-୧୦**




- ବ୍ୟାଙ୍କ ସେବା ପ୍ରଭାବିତ ହେବା ଆଶଙ୍କା
- ଏଆଇବିଇଏ, ବିଇଏଫ୍ଆଇ ପକ୍ଷରୁ ଡାକରା

ମଙ୍ଗଳବାର ବିଭିନ୍ନ ବ୍ୟାଙ୍କ ସଙ୍ଗଠନ ପକ୍ଷରୁ ୨୪ ଘଣ୍ଟିଆ ଧର୍ମଘଟ ଡାକରା ଦିଆଯାଇଥିବାରୁ ସାରା ଦେଶରେ ବ୍ୟାଙ୍କିଙ୍ଗ ସେବା ପ୍ରଭାବିତ ହେବାର ଆଶଙ୍କା ରହିଛି। ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏଶନ(ଏଆଇବିଇଏ) ଏବଂ ବ୍ୟାଙ୍କ ଏମ୍ପ୍ଲଇ ଫେଡେରେଶନ ଅଫ୍ ଇଣ୍ଡିଆ(ବିଇଏଫ୍ଆଇ) ପକ୍ଷରୁ ଏହି ଧର୍ମଘଟ ଡାକରା ଦିଆଯାଇଛି। ସରକାରଙ୍କ ବ୍ୟାଙ୍କ ମିଶ୍ରଣ ନିଷ୍ପତ୍ତି, ଜମା ହାରରେ ହ୍ରାସ ଏବଂ ନିଯୁକ୍ତି ସୁରକ୍ଷା ଭଳି ପ୍ରସଙ୍ଗ ଆଧାରରେ ସଂଘଗୁଡିକ ଦିନିକିଆ ହରତାଳ କରିବେ। ରିଜର୍ଭ ବ୍ୟାଙ୍କ ଏବଂ ଷ୍ଟେଟ ବ୍ୟାଙ୍କ ଏହି ଧର୍ମଘଟରେ ସାମିଲ ହେଉ ନ ଥିବା ସୂଚନା ରହିଛି।

ସେହିଭଳି ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ଏବଂ ସମବାୟ ବ୍ୟାଙ୍କଗୁଡିକ ହରତାଳରେ ଯୋଗ ଦେଉ ନ ଥିବା ଜଣାପଡ଼ିଛି। ଏହି ଦିନ ଏଟିଏମ୍ ମଧ ବନ୍ଦ କରାଯିବ ବୋଲି ସଂଘଗୁଡିକ ପକ୍ଷରୁ କୁହାଯାଇଛି। ଧର୍ମଘଟକୁ ରାଷ୍ଟ୍ରାୟତ୍ତ ଏବଂ ଘରୋଇ ବ୍ୟାଙ୍କଗୁଡିକ ପକ୍ଷରୁ ଭଲ ରେସପନ୍ସ ମିଳିବ ବୋଲି ବ୍ୟାଙ୍କ ଏମ୍ପ୍ଲଇଜ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି। ଏସ୍‌ବିଆଇ କର୍ମଚାରୀମାନେ ଏଥିରେ ସାମିଲ ହେଉ ନ ଥିବାରୁ ସେବାରେ କୌଣସି ବ୍ୟାଘାତ ହେବ ନାହିଁ ବୋଲି ଏସ୍‌ବିଆଇ ସଂଘ ପକ୍ଷରୁ କୁହାଯାଇଛି। ଧର୍ମଘଟକୁ ଏସ୍‌ବିଆଇ ସଂଘ ନୈତିକ ସମର୍ଥନ ଦେଉଥିବା ଏଆଇବିଇଏ ପକ୍ଷରୁ ସୂଚନା ରହିଛି।

ଏଆଇବିଇଏ ଏବଂ ବିଇଏଫ୍ଆଇ ବ୍ୟାଙ୍କିଙ୍ଗ ଶିଳ୍ପର ଘରୋଇକରଣକୁ ବିରୋଧ କରୁଛନ୍ତି। କ୍ଲରିକାଲ ଏବଂ ସବଷ୍ଟାଫ ନିଯୁକ୍ତି, ଏନ୍‌ପିଏ ଆଦାୟ ଭଳି ବିଭିନ୍ନ ଦାବି ସଂଘଗୁଡିକ ପକ୍ଷରୁ ରଖାଯାଇଛି। ଦେଶରେ ଅଧିକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ନୂତନ ଶାଖା, ଖିଲାପକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ଜନବିରୋଧୀ ବ୍ୟାଙ୍କ ମିଶ୍ରଣ ନିଷ୍ପତ୍ତିର ପ୍ରତ୍ୟାହାର ବ୍ୟାଙ୍କ ସେବା ଦେୟରେ ସମତା, ଜରିମାନା ଆଦାୟ ବନ୍ଦ, ଉତ୍ତମ ଏବଂ ତ୍ୱରାନ୍ୱିତ ଗ୍ରାହକ ସେବା ଉପରେ ସଂଘଗୁଡିକ ପକ୍ଷରୁ ଦାବି କରାଯାଇଥିବା ନିଖିଳ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ଆସୋସିଏଶନ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ତ୍ରିପାଠୀ ଏବଂ ଅଲଓଡିଶା ବ୍ୟାଙ୍କ ଏମ୍ପ୍ଲଇ ଫେଡେରେଶନ ସାଧାରଣ ସମ୍ପାଦକ ପ୍ରକାଶ ରାଏ ଏକ ପ୍ରେସ ଇସ୍ତାହାରରେ କହିଛନ୍ତି।

### ଆଇଆର୍‌ସିଟିସି ଯାତ୍ରୀଙ୍କୁ ଦେବ ୧.୬୨ ଲକ୍ଷ କ୍ଷତିପୂରଣ

**ନୂଆଦିଲ୍ଲୀ,୨୧-୧୦**

ଅକ୍ଟୋବର ୧୯ର ଦିଲ୍ଲୀ-ଲକ୍ଷ୍ନୌ ତେଜସ ଏକ୍ସପ୍ରେସର ୩ ଘଣ୍ଟା ବିଳମ୍ବ ଲାଗି ଯାତ୍ରୀଙ୍କୁ ୧.୬୨ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବ। ଏହା ଭାରତୀୟ ରେଲୱେ ଇତିହାସରେ ପ୍ରଥମ ବୋଲି ଜଣାପଡିଛି। ରେଲୱେର ସହାୟକ କମ୍ପାନୀ ଆଇଆରସିଟିସି ଏହା ସହ ଚୁକ୍ତି କରିଥିବା ବୀମା କମ୍ପାନୀଙ୍କ ଦ୍ୱାରା ୯୫୦ ଗ୍ରାହକଙ୍କୁ ଏହି କ୍ଷତିପୂରଣ ଦେବା ନେଇ ସୂଚନା ରହିଛି। ଲକ୍ଷ୍ନୌଠାରୁ ଦିଲ୍ଲୀ ମଧ୍ୟରେ ୪୫୦ ପାସେଞ୍ଜର ଥିବା ବେଳେ ପ୍ରତ୍ୟେକଙ୍କୁ ୨୫୦ ଟଙ୍କା ଲେଖାଏ ପ୍ରଦାନ କରାଯିବ। ସେହିଭଳି ଦିଲ୍ଲୀଠାରୁ ଲକ୍ଷ୍ନୌ ମଧ୍ୟରେ ୫୦୦ ଯାତ୍ରୀଙ୍କୁ ୧୦୦ ଟଙ୍କା ଲେଖାଏ ମିଳିବ। ଏହି ପ୍ରସଙ୍ଗକୁ ନେଇ ରେଲୱେର ଜଣେ ଅଧିକାରୀ କହିଛନ୍ତି ଯେ, ତେଜସ ଏକ୍ସପ୍ରେସର ପ୍ରତି ପାସେଞ୍ଜର କ୍ଷତିପୂରଣ ବ୍ୟବସ୍ଥାକୁ ଗ୍ରହଣ କରିପାରିବେ। ଟିକେଟରେ ଦିଆଯାଇଥିବା ଇନସ୍ୟୁରର ଲିଙ୍କକୁ ଯାଇ ଏହାକୁ ଚୟନ କରିବାକୁ ହେବ।

### ବ୍ୟାଙ୍କଗୁଡ଼ିକର ଗ୍ରାହକ ସମ୍ପର୍କ ଋଣମେଳା

**ଆଲ୍ଲାହାବାଦ ବ୍ୟାଙ୍କ:** ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ପକ୍ଷରୁ ମଙ୍ଗଳବାରଠାରୁ ଦ୍ୱିତୀୟ ପର୍ଯ୍ୟାୟ ଗ୍ରାହକ ସମ୍ପର୍କ ଋଣ ମେଳା ସାରା ଦେଶରେ ଆୟୋଜନ କରାଯାଉଛି। ଏହା ଅନ୍ତର୍ଗତ ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ ଯାଜପୁର ଜିଲାରେ ଚଳିତ ମାସ ୨୩ ଏବଂ ୨୪ରେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗର ନିର୍ଦ୍ଦେଶ ଅନୁସାରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ସନ୍ଦିପ କୁମାର ଘୋଷାଲ ଏଠାରେ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲାରେ କାର୍ଯ୍ୟ କରୁଥିବା ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଘରୋଇ ବ୍ୟାଙ୍କ, ଅର୍ଥ ଲଗାଣକାରୀ ସଂସ୍ଥା, ନାବାର୍ଡ, ୟୁଆଇଡିଆଇ, ଆରଏସ୍‌ଇଟିଆଇ, ଟ୍ରାକ୍ଟର ଡିଲର୍ସ ଏବଂ କାର ଡିଲର୍ସମାନେ ଯୋଗ ଦେବେ। ଗ୍ରାହକଙ୍କ ଲାଗି ଉପଲବ୍ଧ ହେଉଥିବା ବିଭିନ୍ନ ସୁବିଧା ଏବଂ ସ୍କିମ ସମ୍ପର୍କରେ ଏଠାରେ ସଚେତନ କରାଯିବା ସହ ଲୋକଙ୍କୁ ବିଭିନ୍ନ ସେବା ଯୋଗାଇ ଦିଆଯିବ। ଆଲ୍ଲାହାବାଦ ବ୍ୟାଙ୍କ ହାଇଦ୍ରାବାଦର ମୁଖ୍ୟ ମହାପ୍ରବନ୍ଧକ ସତୀଶ କୁମାର, ଯାଜପୁର ଜିଲାପାଳ ରଞ୍ଜନ ଦାସ ଏହି ମେଳାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଏମ୍‌ଏସ୍‌ଏମ୍‌ଇ, କୃଷି ଏବଂ ରିଟେଲ ଋଣ ପ୍ରଦାନକୁ ଗୁରୁତ୍ୱ ଦିଆଯିବ। କାର୍ଯ୍ୟକ୍ରମ ଅବସରରେ ୟୁକୋ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ତଥା ଏସ୍‌ଏଲ୍‌ବିସି ଆବାହକ ଦେବାଶିଷ ପଟ୍ଟନାୟକ ଉପସ୍ଥିତ ଥିଲେ।

**ବ୍ୟାଙ୍କ ଅଫ୍ ଇଣ୍ଡିଆ:** ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) କେନ୍ଦୁଝର ଅଞ୍ଚଳ ପକ୍ଷରୁ ଚଳିତ ମାସ ୨୩ ଏବଂ ୨୪ରେ କେନ୍ଦୁଝରସ୍ଥିତ ହ୍ୟାଣ୍ଡବଲ ଷ୍ଟାଡିୟମରେ ଗ୍ରାହକ ସମ୍ପର୍କ ଋଣ ମେଳା ବା କଷ୍ଟମର ଆଉଟରିଚ୍ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିରେ କୃଷି ଋଣ, ଗୃହ ଋଣ, ବାହନ ଋଣ, ମୁଦ୍ରା ଋଣ, ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଋଣ ପ୍ରଦାନ କରାଯିବ। ଏଥିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନ ଏବଂ ମାଇକ୍ରୋ ଫାଇନାନ୍ସ ସଂସ୍ଥାଗୁଡିକ ମଧ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବ୍ୟାଙ୍କଗୁଡିକର ବିଭିନ୍ନ ସେବା ସହ ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଡିଜିଟାଲ ନେଣଦେଣକୁ ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରାଥମିକତା ଦିଆଯାଉଛି। ଦ୍ୱିତୀୟ ଚରଣରେ ଏହି କାର୍ଯ୍ୟକ୍ରମକୁ ବ୍ୟାଙ୍କ ୭ ଜିଲାରେ ଆୟୋଜନ କରୁଛି। ସାରା ଦେଶରେ ୧୪୧ ଟି ଶିବିର ଦ୍ୱାରା ଏହା ଋଣ ମେଳାରେ ଯୋଗ ଦେଇଥିବା କହିଛି।

---

**ତହସିଲ କାର୍ଯ୍ୟାଳୟ, କୁଜଙ୍ଗ** ସରକାରୀ ଗାଡ଼ି ନିଲାମ ବିଜ୍ଞପ୍ତି

ନୋଟିସ ନଂ.:
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ତହସିଲ କାର୍ଯ୍ୟାଳୟର ମହେନ୍ଦ୍ରା ଜିପ୍ ନଂ.- OR-05-J-7865 (୨୦୦୦ ମସିହା) ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତି ଆଗ୍ରହୀ ଥିଲେ ସବିଶେଷ ବିବରଣୀ ପାଇଁ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। ଆବେଦନର ଶେଷ ତାରିଖ- ତା୦୬।୧୧।୨୦୧୯ ଦିବା ୨ଘଟିକା ମଧ୍ୟରେ। ନିର୍ଦ୍ଧାରିତ ସରକାରୀ ମୂଲ୍ୟ- ଟ.୪୫,୦୦୦.୦୦। ପ୍ରକାଶଥାଉକି, ଅବଧି ଗତେ କୌଣସି ଆବେଦନ ଗ୍ରହଣଯୋଗ୍ୟ ନୁହେଁ।
ସ୍ୱା./- ତହସିଲଦାର, କୁଜଙ୍ଗ

**ODISHA STATE CIVIL SUPPLIES CORPORATION LTD., PURI**

AUCTION SALE NOTICE FOR MOBILE VAN

**File No.Estt. MV- X/69/CSC.,**
**No.6886** **Date: 19.10.19**

Sealed tenders are invited for auction sale of one old Mobile Van bearing No.OR-02F-8943 of this organization. The up-set price of said vehicle is fixed to Rs.55,000.00 only. The last date of receipt of tender is dt.28.10.2019 up to 5.00 P.M. The detail tender documents with terms & conditions of the tender shall be available in the website of O.S.C.S.C. Ltd., i.e. www.oscsc.in or can be obtained from www.puri.nic.in.

**Sd./- C.S.O-cum-District Manager, O.S.C.S.C. Ltd., Puri**

**OFFICE OF THE CHIEF DISTRICT MEDICAL OFFICER, KALAHANDI**
**Letter No. 4925** **Date: 19.10.19**

QUOTATION CALL NOTICE

**No.424-E:-** Sealed Quotations are invited from indenting firms / suppliers/ Wholesalers to Supply of Electrical & Plumbing Goods and Laboratory Chemicals and Consumables for CDMO, Kalahandi for the Year 2019-20 for The CDM&PHO, Kalahandi. The last date of submission of Tender is Dt. 01.11.2019 by Speed Post or Registered Post only. For details information please visit the website **http://www.kalahandi.nic.in/**

**Sd./-**
**Chief District Medical & PHO Kalahandi**
**10076/11/0010/1920**

**SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI**
**No. Exam. 2935 / 2019, S.J.S.V., Puri Date: 21.10.2019**

**NOTIFICATION**

ଏତଦ୍ୱାରା ଓଡ଼ିଶାର ସମସ୍ତ ସଂସ୍କୃତ ଅନୁଷ୍ଠାନର ଅଧକ୍ଷମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଯେଉଁ ସଂସ୍କୃତ ଅନୁଷ୍ଠାନଗୁଡ଼ିକ ୨୦୧୯-୨୦ ଶିକ୍ଷାବର୍ଷରେ e-admission ମାଧ୍ୟମରେ ଉପଶାସ୍ତ୍ରୀ ଓ ଶାସ୍ତ୍ରୀ ପ୍ରଥମ ବର୍ଷରେ ଛାତ୍ରଛାତ୍ରୀମାନଙ୍କ ନାମ ଲେଖାଇଛନ୍ତି, ସେମାନେ ଆବଶ୍ୟକ Registration fee @ Rs. 40/- ଏବଂ Examination Infrastructure Development Fund ବାବଦକୁ @ Rs. 100/- (per candidate) ହିସାବରେ ପୃଥକ୍ ପୃଥକ୍ ଭାବେ ବ୍ୟାଙ୍କ ଚାଲାଣ (SBI, SJSVV Branch, Shri Vihar, Puri) ସହିତ ତା. ୧୬।୧୧।୨୦୧୯ ରିଖ ସୁଦ୍ଧା ପ୍ରସ୍ତୁତ କରି ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ତାରିଖରେ ଦାଖଲ କରିବେ। ଏହା ସହିତ SAMS ର ନିର୍ଦ୍ଧାରିତ portal (ROM/ROI) ରେ ଆବଶ୍ୟକୀୟ ତଥ୍ୟ upload କରିବେ। ଉପଶାସ୍ତ୍ରୀ ଛାତ୍ରଛାତ୍ରୀମାନଙ୍କ ପାଇଁ Return of Matriculates (ROM) ର ଦୁଇଗୋଟି କପି ଓ ଶାସ୍ତ୍ରୀ ଛାତ୍ରଛାତ୍ରୀମାନଙ୍କ ପାଇଁ Return of Intermediates (ROI) ର ଦୁଇଗୋଟି କପି ସହିତ ବ୍ୟାଙ୍କ ଚାଲାଣ ଦାଖଲ କରିବା ଅନିବାର୍ଯ୍ୟ ଅଟେ। ଦାଖଲ କରିଥିବା Registration fees ଫେରିପାଇବା ପାଇଁ ଦାବି କରିପାରିବେ ନାହିଁ। ଏହା ଦାଖଲ ନ କଲେ ୨୦୨୧ ମସିହାରେ ଅନୁଷ୍ଠିତ ହେବାକୁ ଥିବା ଉପଶାସ୍ତ୍ରୀ ପରୀକ୍ଷା/ ୨୦୨୦ ମସିହାରେ ଅନୁଷ୍ଠିତ ହେବାକୁ ଥିବା ଶାସ୍ତ୍ରୀ ପ୍ରଥମ ବର୍ଷ ପରୀକ୍ଷାରେ ଛାତ୍ରଛାତ୍ରୀ ଉପସ୍ଥାପନ କରିପାରିବେ ନାହିଁ ଓ ଏଥିପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଜିଲ୍ଲାୱାରୀ ROM/ROI ଦାଖଲ କରିବାର ନିର୍ଦ୍ଧାରିତ ତାରିଖ ଓ ଏହି ବିଷୟକ ସବିଶେଷ ବିବରଣୀ ବିଶ୍ୱବିଦ୍ୟାଳୟ website- **www.sjsv.nic.in**ରେ ଉପଲବ୍ଧ।

**ଧରଣୀଧର ରଣା**
**ପରୀକ୍ଷା ନିୟନ୍ତ୍ରକ**

Your classified advertisement published in Dharitri will be listed free in Dharitri online edition :
**www.dharitri.com**

**Odisha Livelihoods Mission**
Panchayati Raj & Drinking Water Department,
Government of Odisha, Bhubaneswar - 751 012

No.: 2249 **NOTICE** Date: .10. 2019

**No. i-39:-** In response to the Advt. No. 129 dt.11.01.2019 the information regarding list of shortlisted candidates to appear the written examination for the positions of District Project Co-ordinator (DPC) & Block Project Co-ordinator (BPC) for Azim Premji Philanthropic Initiative (APPI), 3Yrs.The detail regarding Date, Time & Venue of the examination of the shortlisted candidates are available in www.jpn.org.in.

*Sd./- State Mission Director- cum-CEO*
19018/11/0002/1920

**ନିଯୁକ୍ତି ମେଳା, ଭଦ୍ରକ**
**ତାରିଖ-ତା୨୫।୧୦।୨୦୧୯ରିଖ/ସମୟ ସକାଳ ୧୦.୩୦ଘ.ରୁ ଅପରାହ୍ନ ୪ଘଟିକା,ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି**

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଭଦ୍ରକ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଆସନ୍ତା ତା୨୫।୧୦।୨୦୧୯ରିଖ ଚାନ୍ଦବାଲି ବିଜୁ ସ୍ମୃତି ଭବନରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ଚାକିରି ସନ୍ଧାନରେ ଥିବା ଭଦ୍ରକ ଜିଲ୍ଲାର ୫ମ ପାସରୁ ସ୍ନାତକ, ଆଇ.ଟି.ଆଇ., ଡିପ୍ଲୋମା ପାସ ୧୮-୩୫ବର୍ଷର ବେକାର ଯୁବକ ଯୁବତୀମାନେ ଏହି ମେଳାରେ ସୁଯୋଗ ନେଇ ପାରିବେ। ଶିକ୍ଷାଗତ ଯୋଗ୍ୟତା, ବାସିନ୍ଦା ପ୍ରମାଣ ପତ୍ର, ଜାତିଗତ ପ୍ରମାଣ ପତ୍ର, ଆଧାର କାର୍ଡ, ପାସପୋର୍ଟ ସାଇଜ୍ ଦୁଇଟି ଫଟୋ ସହିତ ମେଳାରେ ଉପସ୍ଥିତ ରହିବେ।

**ସ୍ୱା./- ଜିଲ୍ଲା ନିୟୋଜନ ଅଧିକାରୀ, ଭଦ୍ରକ** **ସ୍ୱା./-ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଚାନ୍ଦବାଲି, ଭଦ୍ରକ**
**ସ୍ୱା./-ଜିଲ୍ଲାପାଳ, ଭଦ୍ରକ**

**Government of Odisha**
**"e" Procurement Notice**
**NO.O-456:-** **Bid Identification No. RWSS 14/2019-20**
**e-mail: eerwss22keonjhar@gmail.com**

| | | | |
|---|---|---|---|
| 1 | No. of the work | :- | Construction of pump house, compound wall, RCC UGR an laying of pipe line etc. for Rural piped water supply to village Bhadrasahi of Joda block under Keonjhar dist. under OMBADC |
| 2 | No. of Works for which tender invited | :- | 01 (One) |
| 3 | Estimated cost | :- | Rs. 116.37 lakhs |
| 4 | Cost of Tender Paper | :- | Rs. 10000.00 |
| 5 | Period of completion | :- | As mentioned in DTCN |
| 6 | Date and Time of availability of Bid document in the portal | :- | From 10.00 Hrs. 25.10.2019 to 17.00 Hrs. of 06.11.2019. |
| 7 | Last date/ Time for receipt of bids in the portal | :- | 17.00 Hrs. of 06.11.2019 |
| 8 | Date of opening of Bid from Portal | :- | 11.00 Hrs. of 11.11.2019 |
| 9 | Name and address of the officer inviting Bid | :- | Executive Engineer, RWS&S Division, Keonjhar |

Further details can be seen from the e-procurement portal "http://tendersorissa.gov.in".

**25023/11/0005/1920** **Sd./- Executive Engineer RWS&S Division, Keonjhar**

**Government of Odisha**
**Department of Steel & Mines**
G-18

No.________/SM Date________
VSL-6/2016

**Applications are invited for the engagement of Consultant, Steel (one post) on contractual basis in the Directorate of Steel under the Steel & Mines Department at Bhubaneswar with following qualifications.**

Degree in Metallurgical Engineering with at least two years of working experience and understanding of process in steel Industry.

The applicant must not be above the age of 62 years as on 01.10.2019. This is a contractual engagement with consolidated remuneration of Rs.50,000/- per month. The selected person would be stationed at Bhubaneswar and work under the Directorate of Steel as per terms and conditions of the appointment order to be issued.

Application may be sent to Sri B.N.Barik, Under Secretary to Government, Steel and Mines Department, Odisha Secretariat, Bhubaneswar-751001 by Registrated post/ Speed post along with copies of documents in support of Educational Qualification, experience, age and ID Proof (Aadhaar Card/ PAN Card/ Voter ID/ Driving License or any other such proof ) and duly superscribed on the envelop that the application is for post of Consultant, Steel. The undersigned reserves the right for rejection of any or all applications without assigning any reason thereof.

The last date of receipt of application is 19.11.2019 (5.00 PM).

**30001/11/0002/1920** Special Secretary to Government

**Office of the Divisional Forest Officer, Sundargarh Forest Division**
**(Phone & Fax No, 06622-272243, email - dfosngdvn@yahoo.co.in**
**Memo No. 7139, 6F** **TENDER CALL NOTICE** **Date.21.10.2019**

Sealed tenders are invited from registered firms/manufacturers/suppliers having GST number to quote their rates for supply of the items i.e. Bee-Box-250 Nos., Colonies-250 Nos., Box stand-250 Nos., Bee Veil- -50 Nos., Smoker - 50 Nos., Queen Gate - 250 Nos., Extractor - 50 Nos. An amount of Rs.2000/- only in form of Demand Draft in favour of Divisional Forest Officer, Sundargarh, payable at SBI, Bazar Branch Sundargarh which is not refundable shall be submitted along with Tender Paper. The last date of receipt of Tender Paper is 05.11.2019, by 3.00 PM which is to be deposited in the tender box of the undersigned. The same will be opened on dated 05.11.2019 at 04.00 PM in presence of the Bidders or their authorized representatives before the appropriate authority. The Tender Paper received beyond the scheduled date & time shall not be taken into consideration. The authority reserve the right to reject any or all tenders without assigning any reasons thereof. The decision of the undersigned is final. The Tender Form and details of Terms and Condition may be collected from office of the undersigned during office hours of any of the Government working days from 25.10.19 onwards.

**Sd./- Divisional Forest Officer, Sundargarh, Forest Division**

**PARADIP PORT TRUST**
**E-TENDER CALL NOTICE**

Name of the work : **"Scrapping, Cleaning & Painting to Net Barrier from Gate No.3 to Gate No.4 & Net Barrier around Dock Canteen"**, Estimated Cost : **₹.55,86,745.46**. Last date & time of submission of bid **Dt.07.11.2019 upto 17:15 Hrs.** For details please refer the website **https://eprocure.gov.in/eprocure/app**

**Executive Engineer**
**Harbour Works Division No.II**
**PPT/PR/397/19-20** **Dt.21.10.2019**

**BERHAMPUR MUNICIPAL CORPORATION**
**NOTICE INVITING BIDS (NIB)**
NIB No. 14255 X-E-3-31/18 /Dt.19.10.2019
**No. C-260:**

| | | |
|---|---|---|
| 1. | Procurement Officer- Publisher/ Officer Inviting the Tender / Bids (OIT) | Commissioner, Berhampur Municipal Corporation |
| 2. | Name of the Works | Civil Work |
| 3. | Nos. of Works | Nos. |
| 4. | Estimated Cost (Approx.) of the Works | Varies from Rs. 0.51 lakhs to Rs. 1.97 lakhs |
| 5. | Period of Availability of the Bid Documents / Tenders | From 15.00 hrs of Dt. 22.10.19 to 17.00 hrs of 28.10.19 |
| 6. | Last date & time for submission of the sealed envelopes through Regd. Post / Speed Post / by hand to receipt clerk of BeMC office within office hours only containing the EMD, Cost of the Bid documents, Documents as asked for to fulfill the eligibility criteria of the bidders for each work | 17.00 hrs of Dt.29.10.19 |
| 7. | Date & time of opening of the bids | 11.30 hrs onwards on Dt.30.10.19 |

Further details can be seen in the office notice board.

13035/11/0056/1920 *Sd./- Commissioner, Berhampur Municipal Corporation*

**ଫର୍ମ ନଂ.-ଜ**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଳାହାଣ୍ଡି**
**ପ୍ରାରମ୍ଭିକ ଅଧିସୂଚନା**

**ସଂଖ୍ୟା.354/କଳାହାଣ୍ଡି** **ତା.11.08.2019**
**ଭୂ.ଅ.ମା.ସଂ.୭/୨୦୧୭**

No.IX-2 :- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଉପର ଇନ୍ଦ୍ରାବତୀ ଉଠା ଜଳସେଚନ ପ୍ରକଳ୍ପର ବାମ ଲିଫ୍ଟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା-ଚାଟିଗୁଡ଼ା, ଥାନା-ଜୟପାଟଣା, ନଂ-୩୦ ତହସିଲ-ଜୟପାଟଣା, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧.୨୪କର ପରିମିତ ଭୂମି ଉପରୋକ୍ତ ଜୟପାଟଣା ଗ୍ରାମରେ ଆବଶ୍ୟକ ହେଉଛି। ନ୍ୟାୟୋଚିତ କ୍ଷତି ପୂରଣ ପାଇଁ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ଧାରା ୧୧ (୧) ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।
୧-ସାର୍ବଜନୀନ ଉଦ୍ଦେଶ୍ୟ ସ୍ୱରୂପ - ଇନ୍ଦ୍ରାବତୀ ଉଠା ଜଳସେଚନ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ
୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ଲିଫ୍ଟ କେନାଲ ଡିଭିଜନ କୁସୁମଖୁଣ୍ଟି
୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - କୌଣସି ବିସ୍ଥାପନ ହେଉନାହିଁ
୪-ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ
୫-ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତି ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ଧର୍ମଗଡ

ଜମିର ବିଶଦ ବିବରଣୀ

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ଅର୍ଜିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|
| ଏଥି ସହ ସଂଲଗ୍ନ କରାଗଲା | | | | | | | |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ। ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କଳାହାଣ୍ଡି ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ। ସମ୍ପୃକ୍ତ ଜମିର କୌଣସି ସ୍ୱତ୍ତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ କଳାହାଣ୍ଡି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, କଳାହାଣ୍ଡି
ଭୂ.ଅ.ମା.ସଂ.୭/୨୦୧୭

**ଭୂମି ଅନୁସୂଚୀ**

**ମୌଜା: ଚାଟିଗୁଡ଼ା, ତହସିଲ:ଜୟପାଟଣା, ଥାନା:ଜୟପାଟଣା, ନଂ.-୩୦, ଜିଲ୍ଲା:କଳାହାଣ୍ଡି**
**ଉପର ଇନ୍ଦ୍ରାବତୀ ପ୍ରକଳ୍ପର ଉଠା ଜଳସେଚନ କେନାଲ ନିର୍ମାଣ ନିମନ୍ତେ**

| ଜିଲ୍ଲାର ନାମ | ତହସିଲର ନାମ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ଜମିର ମୋଟ ରକବା | ଅର୍ଜିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| କଳାହାଣ୍ଡି | ଜୟପାଟଣା | ଚାଟିଗୁଡ଼ା | ଗ୍ରାମାଞ୍ଚଳ | ୧୯ | ୮୩ | ଆଟ ମାମୁଲି | ୧.୯୬ | ୦.୧୮ | ଚକ୍ର ଭତରା, ଦିଆନ ଭତରା, ପି:ରଘୁ ଭତରା, ଜା:ଭତରା, ବା:ନିଜଗାଁ |
| | | | | | ୮୭ | ବାହାଲ ମାମୁଲି | ୧.୧୭ | ୦.୧୯ | |
| କଳାହାଣ୍ଡି | ଜୟପାଟଣା | ଚାଟିଗୁଡ଼ା | ଗ୍ରାମାଞ୍ଚଳ | ୨୦ | ୨୧ | ବାହାଲ ମାମୁଲି | ୨.୦୨ | ୦.୭୫ | ଛିନୁ ଭତରା, ପି:ରୁଷି ଭତରା, ହରି ଭତରା, ପି:ବଖରିଆ ଭତରା, ଜା:ଭତରା, ବା:ନିଜଗାଁ |
| କଳାହାଣ୍ଡି | ଜୟପାଟଣା | ଚାଟିଗୁଡ଼ା | ଗ୍ରାମାଞ୍ଚଳ | ୩୯ | ୮୯ | ମାଳ ମାମୁଲି | ୪.୬୬ | ୦.୧୨ | ରଥ ଭତରା, ପି:ଜଗନ୍ନାଥ ଭତରା, ଚାକ ଭତରା, ପି:କୋଂଟା ଭତରା, କୈକେୟୀ ଦେୱା, ସ୍ୱା:କୋଂଟା ଭତରା, ଜା:ଭତରା, ବା:ନିଜଗାଁ |
| | | | | | | | ଏ.୯.୮୧ | ଏ.୧.୨୪ | |
| ମୌଜାର ମୋଟ ରୟତି ଜମି ୪ପ୍ଲଟ୍‌କୁ ମୋଟ ରକବା ଏ.୯.୮୧ ରୁ ଅଧିସୂଚୀତ ରକବା ଏ.୧.୨୪ | | | | | | | | | |

24180/14/0003/1920



"ଭାରତ ଟୁର୍ ପାଇଁ ଆମକୁ ମାନସିକ ସ୍ତରରେ ଆହୁରି ଭଲ ରୂପେ ପ୍ରସ୍ତୁତ ହୋଇ ଆସିବା ଉଚିତ୍ ଥିଲା ।
–ଜୁବେର ହାମ୍‌ଜା
ଦକ୍ଷିଣ ଆଫ୍ରିକା ବ୍ୟାଟ୍ସମ୍ୟାନ



"ଭାରତୀୟ ମହିଳା ହକି ଦଳ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବା ନେଇ ଆମେ ଦୃଢ ନିଶ୍ଚିତ ଅଛୁ ।
– ସୁଶୀଳା ଚାନୁ, ଭାରତୀୟ ହକି ଖେଳାଳି

## ସଂକ୍ଷେପରେ

### ମ୍ୟାକ୍‌ଡୋନାଲ୍ଡ ରାଜସ୍ଥାନ ରୟାଲ୍ସ କୋଚ୍



**ରାଞ୍ଚି,୨୧।୧୦:** ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ଆଣ୍ଡ୍ରୁ ମ୍ୟାକ୍‌ଡୋନାଲ୍ଡଙ୍କୁ ଆଇପିଏଲ ଫ୍ରାଞ୍ଚାଇଜ ରାଜସ୍ଥାନ ରୟାଲ୍ସ ଦଳର ମୁଖ୍ୟ କୋଚ୍ ପଦରେ ନିଯୁକ୍ତ କରାଯାଇଛି। ସେ ପୂର୍ବରୁ ଦିଲ୍ଲୀ ଡେୟାରଡେଭିଲ୍ସ (୨୦୦୯ ଓ ୨୦୧୧) ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (୨୦୧୨ ଓ ୨୦୧୩) ଦଳର କୋଚ୍ ଭାବେ କାର୍ଯ୍ୟ କରିସାରିଛନ୍ତି। ତାଙ୍କ ସହ ରୟାଲ୍ସ ଫ୍ରାଞ୍ଚାଇଜ ୩ ବର୍ଷ ପାଇଁ ଚୁକ୍ତି କରିଛି। ସେ ପ୍ୟାଡି ଅପଟନଙ୍କ ସ୍ଥାନ ନେବେ। ରୟାଲ୍ସ ପରିବାରରେ ଯୋଗଦେଇ ଥିବାରୁ ମୁଁ ବହୁତ ଖୁସି। ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିବା ମୋ ଲାଗି ଗର୍ବର ବିଷୟ। ବିଶ୍ୱସ୍ତରୀୟ ଖେଳାଳି ଓ କୋଚ୍‌ଙ୍କ ସହ ସବୁଠୁ ବଡ଼ କ୍ରିକେଟ ଲିଗ୍‌ରେ କାମ କରିବା ଲାଗି ମୁଁ ଅପେକ୍ଷା କରିପାରୁ ନାହିଁ ବୋଲି ମ୍ୟାକଡୋନାଲ୍ଡ କହିଛନ୍ତି। ୩୮ ବର୍ଷୀୟ ମ୍ୟାକ୍‌ଡୋନାଲ୍ଡ କୋଚ୍ ଥିବାବେଳେ ଭିକ୍ଟୋରିଆ ଦଳ ଶେଫିଲ୍ଡ ସିଲ୍ଡ ଟୁର୍ନାମେଣ୍ଟ ଜିତିଥିଲା। ଏହାବାଦ୍ ୨୦୧୭-୧୮ ବିବିଏଲ୍‌ରେ ୭ମ ସ୍ଥାନରେ ଥିବା ମେଲବୋର୍ନ ରେନେଗାଡେସ ଦଳକୁ ୨୦୧୮ରେ ଚାମ୍ପିୟନ କରାଇଥିଲେ। ରାଜସ୍ଥାନ ଆଇପିଏଲର ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଥିଲା। କିନ୍ତୁ ଗତ ୧୧ ସିଜନ ଦଳ ସଂଘର୍ଷ କରୁଛି।

### ଗେଲ, ମାଲିଙ୍ଗା ଅଲୋଡ଼ା

**ଲଣ୍ଡନ,୨୧।୧୦:** ଭିନ୍ନ କ୍ରିକେଟ ଲିଗ୍ 'ଦ ହଣ୍ଡ୍ରେଡ୍' ପାଇଁ ରବିବାର ଖେଳାଳି ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଫଗାନିସ୍ତାନ ଅଧିନାୟକ ରସିଦ ଖାଁଙ୍କୁ ପ୍ରଥମ ଓ ଇଂଲଣ୍ଡ ଅଲରାଉଣ୍ଡର ଲୁକ ରାଇଟ୍ ଅନ୍ତିମ ଖେଳାଳି ଭାବେ ବିକ୍ରି ହୋଇଥିଲେ। କିନ୍ତୁ ବିସ୍ଫୋରକ ଓପନର କ୍ରିସ ଗେଲ ଓ ୟର୍କର କିଙ୍ଗ୍ ଲସିଥ ମାଲିଙ୍ଗା କୌଣସି ଦଳକୁ ଆକୃଷ୍ଟ କରିପାରି ନାହାନ୍ତି। ଏମାନଙ୍କ ବ୍ୟତୀତ କାଗିସୋ ରାବାଡା ମଧ ଅନ୍‌ସୋଲ୍ଡ ରହିଛନ୍ତି। ଏହି ଲିଗ୍‌ର ନିୟମ ଅନୁଯାୟୀ, ପ୍ରତ୍ୟେକ ଦଳରେ ୩ ବିଦେଶୀ ଖେଳାଳି ରହିପାରିବେ। ଦୁଇ ଘରୋଇ ଖେଳାଳି ଓ ଇଂଲଣ୍ଡର କେନ୍ଦ୍ରୀୟ ଚୁକ୍ତିରେ ସାମିଲ ଥିବା ଜଣେ ଖେଳାଳିଙ୍କୁ ପ୍ରତ୍ୟେକ ଦଳ ପୂର୍ବରୁ କିଣିଥିଲେ। ଗ୍ରେଟ ବ୍ରିଟେନ ପାଉଣ୍ଡରେ ୧୨୫ ହଜାର (ଭାରତୀୟ ମୁଦ୍ରାରେ ୧.୧୪ କୋଟି), ୧ ଲକ୍ଷ, ୭୫ ହଜାର, ୬୦ ହଜାର, ୫୦ ହଜାର ଓ ୩୦ ହଜାର ଆଦି ସାଲାରି ପ୍ୟାକେଜ ଅନୁଯାୟୀ ନିଲାମ ପ୍ରକ୍ରିୟା ୭ ରାଉଣ୍ଡରେ ଅନୁଷ୍ଠିତ ହୋଇଥିଲା। ଗ୍ଲେନ ମ୍ୟାକ୍ସୱେଲ, ସୁନୀଲ ନାରିନ, ଡେଭିଡ ୱାର୍ନର, ଷ୍ଟିଭ ସ୍ମିଥ, ପ୍ରଥମ ରାଉଣ୍ଡରେ ବିଭିନ୍ନ ଦଳ କିଣିଥିଲେ।

### ରିଦ୍ଧିମାନ ଆହତ: କିପିଂ କଲେ ପନ୍ତ

**ରାଞ୍ଚି,୨୧।୧୦(ପି.ଟି.):** ଚଳିତ ତୃତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ଇନିଂସ ଅବସରରେ ଭାରତୀୟ ଉଇକେଟକିପର ରିଦ୍ଧିମାନ ଶାହା ବାମହାତ ବୁଢ଼ା ଆଙ୍ଗୁଠିରେ ଆଘାତ ପାଇଛନ୍ତି। ତୃତୀୟ ଦିନରେ ସେ ଆହତ ହେବା ପରେ ଅନ୍ତିମ ସେସନରେ ରିଷଭ ପନ୍ତ ତାଙ୍କ ବଦଳରେ ଉଇକେଟ କିପିଂ କରିଥିଲେ। ଇନିଂସର ୨୭ତମ ଓଭରରେ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ବଲ୍‌କୁ କିପିଂ କରିବା ଅବସରରେ ସେ ଆଘାତ ପାଇଥିଲେ। ଜର୍ଜ ଲିଣ୍ଡେ ବଲ୍ କଟ୍ କରିବାକୁ ପ୍ରୟାସ କରିଥିଲେ। ତେବେ ସେ ବଲ୍ ମିସ୍ କରିବାରୁ ରିଦ୍ଧିମାନଙ୍କ ବାମ ବୁଢ଼ା ଆଙ୍ଗୁଠିରେ ବାଜିଥିଲା। ଫିଜିଓ ନିତିନ ପଟେଲ ତାଙ୍କୁ ଡ୍ରେସିଂ ରୁମ୍‌କୁ ନେଇଯାଇଥିଲେ। ୨୦୧୭ରେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ନିୟମ ଲାଗୁ ହେବା ପରେ ପନ୍ତ ଭାରତର ଦ୍ୱିତୀୟ ବଦଳ ଉଇକେଟକିପର ସାବ୍ୟସ୍ତ ହୋଇଛନ୍ତି। ପୂର୍ବରୁ ୨୦୧୮ ଜାନୁୟାରୀରେ ଖେଳାଯାଇଥିବା ଜୋହାନ୍ସବର୍ଗ ଟେଷ୍ଟରେ ପାର୍ଥିବ ପଟେଲ ବଦଳରେ ଦୀନେଶ କାର୍ତ୍ତିକ କିପିଂ କରିଥିଲେ ଓ କାର୍ତ୍ତିକ ଭାରତର ପ୍ରଥମ ବଦଳ ଉଇକେଟକିପର ସାବ୍ୟସ୍ତ ହୋଇଥିଲେ। ପୂର୍ବରୁ ମଧ ସେ ଆଘାତ ସମସ୍ୟା କାରଣରୁ କାନ୍ଧରେ ଅସ୍ତ୍ରୋପଚାର କରାଇଥିଲେ ଓ ୨୦ମାସ କ୍ରିକେଟରୁ ଦୂରେଇ ରହିଥିଲେ।

# ଆଜି ଅଭିଯାନ ଆରମ୍ଭ କରିବ ଓଡ଼ିଶା ଏଫ୍‌ସି

**ଇଣ୍ଡିଆନ ସୁପର ଲିଗ୍**

**ଜାମ୍‌ସେଦ୍‌ପୁର, ୨୧।୧୦ (ପି.ଟି.)**

ହିରୋ-ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ମଙ୍ଗଳବାର ଜାମ୍‌ସେଦ୍‌ପୁର ଏଫ୍‌ସି ଏବଂ ଓଡ଼ିଶା ଏଫ୍‌ସି ମଧ୍ୟରେ ମ୍ୟାଚ ଖେଳାଯିବ। ଟୁର୍ନାମେଣ୍ଟରେ ତୃତୀୟ ବର୍ଷ ପଦାର୍ପଣ କରିଥିବା ଜାମସେଦପୁର ବିଜୟ ସହ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟ ରଖିଛି। ଏହି ଦଳ ଗତ ଦୁଇ ସିଜନରେ ଦୁଇଜଣ ପୃଥକ୍ କୋଚ୍‌ଙ୍କ ଅଧୀନରେ ରହି ଭିନ୍ନ ଭିନ୍ନ ଷ୍ଟାଇଲରେ ଖେଳିଛି। ଏଥର ସ୍ପେନର ଆଣ୍ଟୋନିଓ ଇରିଓଣ୍ଡୋଙ୍କ ଅଧୀନରେ ଖେଳିବ। ଇରିଓଣ୍ଡୋ ଆକ୍ରମଣାତ୍ମକ ଖେଳକୁ ପସନ୍ଦ କରିଥାନ୍ତି। ସେ କହିଛନ୍ତି ଆମେ ଏଭଳି ଖେଳିବାକୁ ଚାହୁଁଛୁ, ଯେଉଁ ଷ୍ଟାଇଲକୁ ଆମ ଦଳର ସମର୍ଥକମାନେ ପସନ୍ଦ କରିବେ ଏବଂ ଆମୋଦିତ ହେବେ। ଜାମସେଦପୁରର ଦୁଇ ଜଣ ଖେଳାଳି ମାରିଓ ଆର୍କ୍ୱେଜ ଏବଂ ସର୍ଗିଓ ସିଡୋଞ୍ଚା କେରଳ ବ୍ଲାଷ୍ଟର୍ସ ଏଫ୍‌ସିରେ ଯୋଗ ଦେଇଛନ୍ତି। ତେବେ ସି.କେ. ଭିନିଥଙ୍କ ଉପସ୍ଥିତି ଦଳର ଆକ୍ରମଣକୁ ଅଧିକ ଶକ୍ତିଶାଳୀ କରିଛି। ଆଇଏସ୍‌ଏଲ୍‌ରେ ଭିନିଥ୍ ହେଉଛନ୍ତି ତୃତୀୟ ସର୍ବାଧିକ ଗୋଲ ସ୍କୋରର। ବିଦାୟୀ ବିଦେଶୀ ଖେଳାଳିଙ୍କ ସ୍ଥାନରେ ଦଳ ଫ୍ରାନ୍‌ସିସ୍କୋ 'ପିଟି' ଲୁନା ଏବଂ ନୋଏ ଆକୋଷ୍ଟାଙ୍କ ସହିତ ଚୁକ୍ତି କରିଛି। ତେବେ ଦଳ ଷ୍ଟାର ଖେଳାଳି ମେମୋ ଏବଂ ଟିରିଙ୍କୁ ଦଳରେ ରଖିବାରେ ସମର୍ଥ ହୋଇଛି।

ଅନ୍ୟପକ୍ଷରେ ଗତ ସିଜନରେ ଯୋସେପ ଗୋମ୍ବାଉଙ୍କ ଦିଲ୍ଲୀ ଡାଇନାମୋସ ଗତ ସିଜନରେ ୮ମ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲା। ଦଳ ଏଥର ନୂଆ ନାମରେ ଖେଳିବ। ଦିଲ୍ଲୀ ଡାଇନାମୋସ ଭୁବନେଶ୍ୱରକୁ ଏହାର ଆସ୍ଥାନ କରିଛି। ଦଳର ନୂଆ ନାମ ଓଡ଼ିଶା ଏଫ୍‌ସି ରଖାଯାଇଛି। ଗୋମ୍ବାଉ ତାଙ୍କ ଯୁବ ଦଳ ଉପରେ ଭରସା ରଖିଛନ୍ତି। ଦଳର ଷ୍ଟାର ଖେଳାଳି ଲାଲ୍ ଲିଆନଜୁଆଲା ଚେନ୍ନାଇନ୍ ଏଫସିରେ ଯୋଗ ଦେଇଛନ୍ତି। କିନ୍ତୁ ଫରୱାର୍ଡରେ ଡାନିଏଲ ଲାଲଲିମ୍‌ପୁଇଆ, ଜେରି ମାମାହମିଙ୍ଗଥାଙ୍ଗା ଏବଂ ନନ୍ଦା କୁମାର ଶେକରଙ୍କ ଉପସ୍ଥିତି ଦଳର ଫରୱାର୍ଡ ଲାଇନ୍‌କୁ ଶକ୍ତିଶାଳୀ କରିଛି। ମଙ୍ଗଳବାର ତାଙ୍କ ଦଳର ଭଲ ପ୍ରଦର୍ଶନ ନେଇ ଗୋମ୍ବାଉ ଆଶାବାଦୀ ଅଛନ୍ତି।



ଅଭ୍ୟାସ ସେସନ ଅବସରରେ ଓଡ଼ିଶା ଏଫ୍‌ସିର ଖେଳାଳିମାନେ।

## କାର୍ନି ଶୁଟିଂ ରେଞ୍ଜରେ ଶୁଟରଙ୍କ ମାରପିଟ୍

**ନୂଆଦିଲ୍ଲୀ,୨୧।୧୦:** ସ୍ଥାନୀୟ କାର୍ନି ସିଂ ଶୁଟିଂ ରେଞ୍ଜଠାରେ ସଭିଙ୍କୁ ଚକିତ କଲାଭଳି ବିପଜ୍ଜନକ ଘଟଣା ଦେଖିବାକୁ ମିଳିଛି। ରବିବାର ଦୁଇ ଶୁଟର ଫାୟରିଂ ପଏଣ୍ଟ ନିକଟରେ ସ୍ପଷ୍ଟ ଦିବାଲୋକରେ ମରାମରି ହୋଇଥିଲେ। ସେମାନେ ହେଲେ ବାବର ଖାଁ ଓ ଯୋଗିନ୍ଦରପାଲ ସିଂ। ଖାଁ ଛୋଟ ପୁଅ ସହ ଟ୍ରେନିଂ କରୁଥିଲେ। ଯୋଗିନ୍ଦର ଜଣେ ସମ୍ପୂର୍ଣ୍ଣ ପ୍ରାଇଭେଟ କୋଚ୍। ଅନ୍ୟ ଶୁଟରମାନେ ଟ୍ରେନିଂ କରୁଥିବାବେଳେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଏକା ସମୟରେ ଅନ୍ୟ ରେଞ୍ଜରେ ଜାତୀୟ କ୍ୟାମ୍ପ ଚାଲୁଥିବାରୁ କେବଳ ଗୋଟିଏ ଶୁଟିଂ ରେଞ୍ଜ ଅନ୍ୟ ଶୁଟରଙ୍କ ଅଭ୍ୟାସ ପାଇଁ ଉପଲବ୍ଧ ରହିଥାଏ। ୧୫ ଶୁଟର ଅପେକ୍ଷା କରିଥିବାବେଳେ ଜଣେ କେତେ ରାଉଣ୍ଡ ଫାୟର କରିବ ଏ ନେଇ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ପରେ ପରସ୍ପରକୁ ବିଧା ଗୋଇଠା ମରାମରି କରିଥିଲେ। ଏହାକୁ ଜଣେ ଅପେକ୍ଷାରତ ଶୁଟର ମୋବାଇଲରେ ଶୁଟିଂ କରିଥିଲେ। ଦୁହିଁଙ୍କୁ ଦୂରେଇ ରଖିବା ପାଇଁ ତୃତୀୟ ଲୋକ ଉଦ୍ୟମ କରିଥିଲେ।

## ୟୁରୋପିଆନ୍ ଓପନ୍ ଚାମ୍ପିୟନ ମୁରେଙ୍କ ମାନ୍ୟତା ବୃଦ୍ଧି

**ପ୍ୟାରିସ, ୨୧।୧୦ (ଏଏଫ୍‌ପି)**

ବିଶ୍ୱର ପୂର୍ବତନ ଏକ ନମ୍ବର ଖେଳାଳି ଆଣ୍ଡି ମୁରେ ୟୁରୋପିଆନ୍ ଓପନ୍ ଟାଇଟଲ୍ ଜିତିଛନ୍ତି। ଫାଇନାଲରେ ମୁରେ ୩-୬, ୬-୪, ୬-୪ ସେଟ୍‌ରେ ସୁଇଜରଲାଣ୍ଡର ଷ୍ଟାନ ୱାରିଙ୍କାଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଆଘାତଜନିତ ସମସ୍ୟାରୁ ମୁକୁଳି ଥିବା ମୁରେ ୨ ବର୍ଷର ବ୍ୟବଧାନ ପରେ ପ୍ରଥମଥର ଟାଇଟଲ୍ ହାସଲ କରିଛନ୍ତି। ଏହି ବିଜୟ ସହ ୩୨ ବର୍ଷୀୟ ମୁରେ ଏଟିପି ମାନ୍ୟତାରେ ମଧ୍ୟ ପ୍ରଭାବ ପକାଇଛନ୍ତି। ସେ ଏକାଥରକେ ୧୧୬ଟି ପାହାଚ ଉପରକୁ ଉଠି ର୍‍ୟାଙ୍କିଙ୍ଗ୍‌ର ୧୨୭ତମ ସ୍ଥାନ ଲାଭ କରିଛନ୍ତି। ବ୍ରିଟେନର ଏହି ପ୍ରଫେଶନାଲ ଟେନିସ ଖେଳାଳି କ୍ୟାରିୟରରେ ୩ଟି ଗ୍ରାଣ୍ଡସ୍ଲାମ ଟାଇଟଲ୍ ଜିତିଥିବାବେଳେ ୪୧ ସପ୍ତାହ ଧରି ବିଶ୍ୱ ମାନ୍ୟତାର ଶୀର୍ଷ ସ୍ଥାନରେ ରହିଥିଲେ। ତେବେ ୨୦୧୮ ଜୁଲାଇରେ ସେ ବିଶ୍ୱ ମାନ୍ୟତାର ୮୩୯ତମ ସ୍ଥାନକୁ ଖସି ଯାଇଥିଲେ। ଅଣ୍ଟା ଅସ୍ତ୍ରୋପଚାରରୁ ସୁସ୍ଥ ହୋଇ ଫେରିବା ପରେ ମୁରେ ଗତ ସେପ୍ଟେମ୍ବରରେ ୫୦୩ତମ ସ୍ଥାନରେ ରହିଥିଲେ। ଏହାପରେ ଗତ ୩ ସପ୍ତାହ ମଧ୍ୟରେ ସେ ସଂଘର୍ଷ କରି ୩୭୬ଟି ସ୍ଥାନ ଉପରକୁ ଉଠିବାରେ ସଫଳ ହୋଇଛନ୍ତି।

ସଦ୍ୟ ପ୍ରକାଶିତ ଏଟିପି ମାନ୍ୟତାରେ ନୋଭାକ ଜୋକୋଭିଚ୍ ୯,୫୪୫ ପଏଣ୍ଟ ସହ ଏକ ନମ୍ବର ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। କ୍ୟାରିୟରରେ ୨୭୩ ସପ୍ତାହ ଧରି ସେ ଶୀର୍ଷ ସ୍ଥାନରେ ରହିବାର ସୌଭାଗ୍ୟ ଲାଭ କରିଛନ୍ତି। ରାଫାଲ ନାଡାଲ (୯,୨୨୫), ରୋଜର ଫେଡରର (୬,୯୫୦), ଡାନିଲ ମେଡଭେଡେଭ (୫,୯୨୦), ଡୋମିନିକ ଥିଏମ୍ (୫,୦୮୫) ଯଥାକ୍ରମେ ୨ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି।



# ବାଂଲାଦେଶ ଖେଳାଳିଙ୍କ ଧର୍ମଘଟ

**ଢାକା, ୨୧।୧୦ (ପି.ଟି.)**

ଆଗାମୀ ଭାରତ ଟୁର୍ ପୂର୍ବରୁ ବାଂଲାଦେଶ ଖେଳାଳିମାନେ ଧର୍ମଘଟ କରିବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହା ଉପରେ ନଜର ରଖିଛି। ଖେଳାଳିମାନେ ଉନ୍ନତ ହାରରେ ବେତନ ସମେତ ଅନ୍ୟ କେତେକ ଦାବି ପୂରଣ ପାଇଁ ଅଡ଼ି ବସିଛନ୍ତି। ଫଳରେ ବାଂଲାଦେଶ କ୍ରିକେଟ ଦଳର ଭାରତ ଟୁର୍ ନେଇ ଅନିଶ୍ଚିତତା ଦେଖା ଦେଇଛି। ଦାବି ପୂରଣ ନ ହେଲେ ସେମାନେ କ୍ରିକେଟ କାର୍ଯ୍ୟକଳାପକୁ ବର୍ଜନ କରାଯିବ ବୋଲି ଟେଷ୍ଟ ଓ ଟି୨୦ ଅଧିନାୟକ ଶକିବ ଅଲ୍ ହସନ, ମହମୁଦୁଲ୍ଲା ଏବଂ ମୁସ୍‌ଫିକର ରହିମଙ୍କ ଭଳି ଆଗଧାଡ଼ି ଖେଳାଳି ଏଠାରେ ଏକ ଖବରଦାତା ସମ୍ମିଳନୀରେ ଆହ୍ୱାନ ଦେଇ କହିଛନ୍ତି। ଦାବି ପୂରଣ ଲାଗି ଅଭିପ୍ରାୟ ନେଇ ୫୦ରୁ ଅଧିକ ଖେଳାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କୌଣସି କ୍ରିକେଟ କାର୍ଯ୍ୟକଳାପକୁ ବର୍ଜନ କରିବା ଅର୍ଥ ବର୍ତ୍ତମାନ ନ୍ୟାଶନାଲ କ୍ରିକେଟ ଲିଗ୍ ଅଗ୍ରଗତି ବାଧା ସୃଷ୍ଟି ହେବ। ଆସନ୍ତା ମାସରେ ହେବାକୁଥିବା ଭାରତ ଟୁର୍ ଲାଗି ଟ୍ରେନିଂ କ୍ୟାମ୍ପରେ ବିଭ୍ରାଟ ଦେଖା ଦେବ। ବାଂଲାଦେଶର ଭାରତ ଟୁର୍ ନଭେମ୍ବର ୩ରୁ ଆରମ୍ଭ ହେବ। ଦଳ ୩ଟି ଅନ୍ତର୍ଜାତୀୟ ଟି୨୦ ବ୍ୟତୀତ ବିଶ୍ୱ ଚାମ୍ପିୟନଶିପ୍‌ର ଅଂଶବିଶେଷ ଦୁଇଟି ଟେଷ୍ଟ ମ୍ୟାଚ ଖେଳିବ। ସ୍ଥାନୀୟ କୋଚ୍, ଫିଜିଓ, ଟ୍ରେନର ଏବଂ ଗ୍ରାଉଣ୍ଡମ୍ୟାନଙ୍କୁ ଉଚିତ୍ ପ୍ରାପ୍ୟ ମିଳିବା ଉଚିତ। ସେମାନେ ପ୍ରକୃତରେ ସ୍ୱଳ୍ପ ବେତନ ପାଉଛନ୍ତି ବୋଲି ସିନିୟର ଓପନର ତାମିମ ଇକ୍‌ବାଲ କହିଛନ୍ତି। ବାଂଲାଦେଶର ଆଭ୍ୟନ୍ତରୀଣ ବ୍ୟାପାରର ଭାରତ ହସ୍ତକ୍ଷେପ କରିବାକୁ ଚାହୁଁନାହିଁ। ବିସିସିଆଇର ଭାବି ସଭାପତି ସୌରଭ ଗାଙ୍ଗୁଲିଙ୍କର ଉଭୟ ବାଂଲାଦେଶ ଖେଳାଳି ଏବଂ ଅଫିସିଆଲଙ୍କ ସହିତ ସୁସମ୍ପର୍କ ରହିଛି। ସେ ଉଦ୍ୟମ କଲେ କିଛି ସମାଧାନର ସୂତ୍ର ମିଳିପାରେ ବୋଲି ଅନେକେ ମନେକରନ୍ତି। ଗୋଟିଏ ଟେଷ୍ଟ ମ୍ୟାଚ କୋଲକାତାରେ ଖେଳାଯିବାକୁ ଥିବାରୁ ବାଂଲାଦେଶ ସମର୍ଥକମାନଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ, ପ୍ରଥମ ଶ୍ରେଣୀ କ୍ରିକେଟ ପାଇଁ ମ୍ୟାଚ ଫି' ୩୫ ହଜାରରୁ ୧ ଲକ୍ଷ (ବାଂଲାଦେଶ ଟାକା) ବୃଦ୍ଧି ପାଇଁ ଖେଳାଳିମାନେ ଦାବି କରିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରଙ୍କ ବେତନ ୫୦ ପ୍ରତିଶତ ବୃଦ୍ଧି କରାଯିବା ଉଚିତ୍ ବୋଲି ଷ୍ଟାର ଖେଳାଳି ଶକିବ କହିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରମାନେ ବର୍ତ୍ତମାନ ଦୈନିକ ଭତ୍ତା ବାବଦରେ ୧୫୦୦ ଟାକା ପାଉଛନ୍ତି। ଜଣେ କ୍ରିକେଟରଙ୍କ ପକ୍ଷେ ସୁସ୍ଥ ଜୀବନ ଶୈଳୀପାଇଁ ଏହା ଯଥେଷ୍ଟ ନୁହେଁ ବୋଲି ସେ କହିଛନ୍ତି। ଦେଶରେ ପ୍ରଥମ ଶ୍ରେଣୀ କ୍ରିକେଟରଙ୍କ ଲାଗି ବିମାନ ସେବା ବ୍ୟବସ୍ଥା କରିବା ଉଚିତ୍ ବୋଲି ଶକିବ କହିଛନ୍ତି।



ଖବରଦାତା ସମ୍ମିଳନୀରେ ସାକିବ ଅଲ୍ ହାସନ ଓ ମୁସ୍‌ଫିକର ରହିମ।

## ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ସେମିରୁ ବାଦ୍

**ବିଜୟ ହଜାରେ ଟ୍ରଫି**

**ବେଙ୍ଗାଲୁରୁ, ୨୧।୧୦:** ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଏକଦିବସୀୟ କ୍ରିକେଟ୍ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫିର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ବୁଧବାର ଘରୋଇ କର୍ଣ୍ଣାଟକ ଓ ଛତିଶଗଡ଼ ମଧ୍ୟରେ ପ୍ରଥମ ସେମିଫାଇନାଲ ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ। ସେହିଭଳି ସେହି ସମାନ ଦିନ ୨ୟ ସେମିଫାଇନାଲରେ ଗୁଜରାଟ ଓ ତାମିଲନାଡୁ ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍ ଜଷ୍ଟ କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ସୋମବାର ପଞ୍ଜାବ ଓ ତାମିଲନାଡୁ ଏବଂ ମୁମ୍ବାଇ ଓ ଛତିଶଗଡ଼ ମଧ୍ୟରେ ଖେଳାଯାଇଥିବା ୩ୟ ଓ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ବର୍ଷା ଯୋଗୁ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ଫଳରେ ଫଳାଫଳ ପାଇଁ ଲିଗ୍ ପର୍ଯ୍ୟାୟରେ ଯେଉଁ ଦଳ ଅଧିକ ବିଜୟ ଲାଭ କରିଥିଲା ସେହି ଦଳ ସେମିଫାଇନାଲ ଟିକେଟ୍ ହାସଲ କରିଥିଲା। ଏହିକ୍ରମରେ ୩ୟ କ୍ୱାର୍ଟର ଫାଇନାଲରୁ ତାମିଲନାଡୁ ଓ ୪ର୍ଥ କ୍ୱାର୍ଟରରୁ ଛତିଶଗଡ଼ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ତେବେ ଏହି ନିୟମ ଆଧାରରେ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ କ୍ୱାର୍ଟର ଫାଇନାଲରୁ ଏହାର ଅଭିଯାନ ଶେଷ କରିଛି। ୫ ବିଜୟ ସହ ଛତିଶଗଡ଼ ବାଜିମାତ୍ କରି ନେଇଥିଲା। ଲିଗ୍ ପର୍ଯ୍ୟାୟରେ ୪ ବିଜୟ ସହ ମୁମ୍ବାଇ ପ୍ରତିଯୋଗିତାରୁ ବାଦ୍ ପଡ଼ିଥିଲା।

# ଅବସର ନେଲେ ନଟରାଜ

**କଟକ ଅଫିସ,୨୧।୧୦**

- ଦୁଇ ଦିନରେ ଦୁଇ ଖେଳାଳିଙ୍କ ଅବସର
- ଖେଳାଳି ସଂଘ ପାଇଁ ଚାଲିଛି ଅଙ୍କକଷା

ଲଗାତର ଦୁଇଦିନରେ ରାଜ୍ୟର ଦୁଇ ଅଭିଜ୍ଞ କ୍ରିକେଟ ଖେଳାଳି କ୍ରିକେଟଠାରୁ ଦୂରେଇ ଯାଇଛନ୍ତି। ରବିବାର ପୂର୍ବତନ ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ହଳଧର ଦାସ ଅବସର ଘୋଷଣା କରିଥିଲେ। ଏହାର ଗୋଟିଏ ଦିନ ପରେ ଅର୍ଥାତ ସୋମବାର ପୂର୍ବତନ ରଣ୍‌ଜୀ ଅଧିନାୟକ ନଟରାଜ ବେହେରା କ୍ରିକେଟକୁ ବାଏ କହିଛନ୍ତି। ଏହି ଦୁଇ କ୍ରିକେଟରଙ୍କ ଅବସର ଆଗାମୀ ଦିନରେ ହେବାକୁ ଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ଖେଳାଳି ସଂଘ ନିର୍ବାଚନକୁ ଇଙ୍ଗିତ କରୁଛି। ଉଭୟ ନଟରାଜ ଓ ହଳଧର ଓସିଏ ଖେଳାଳି ସଂଘର ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଆଗକୁ ଆଉ କେଉଁ ପୁରୁଖା କ୍ରିକେଟ ଖେଳାଳି ଅବସର ନେଉଛନ୍ତି, ଏବେ ସେନେଇ ଅପେକ୍ଷା ରହିଲା।

୧୯୮୮ ମେ' ୨୮ ତାରିଖରେ ରାଉରକେଲାରେ ଜନ୍ମିତ ନଟରାଜଙ୍କ କ୍ରିକେଟ କ୍ୟାରିୟର ବେଶ୍ ସଫଳପୂର୍ଣ୍ଣ ରହିଛି। ଜୁନିୟର ବୟସ ବର୍ଗର ବିଜୟ ମର୍ଚ୍ଚାଣ୍ଟ ଟ୍ରଫି, ଭିନୁ ମଙ୍କଡ ଟ୍ରଫି, କୁଚ୍ ବିହାର ଟ୍ରଫି, ସି.କେ. ନାଇଡୁ ଟ୍ରଫିରେ ସେ ରାଜ୍ୟ ଦଳରୁ ଖେଳିଥିଲେ। ୨୩ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫିରୁ ଖେଳି ଭଲ ପ୍ରଦର୍ଶନ କରୁଥିବାବେଳେ ତାଙ୍କୁ ୨୦୦୭ ମସିହାରେ ପ୍ରଥମେ ସିନିୟର ଦଳରେ ସୁଯୋଗ ମିଳିଥିଲା। ପଞ୍ଜାବ ବିପକ୍ଷ ଟି୨୦ ମ୍ୟାଚ୍‌ରେ ସେ ବ୍ୟାଟିଂ କ୍ରମ ୭ନଂରେ ଆସିଥିବାବେଳେ ମାତ୍ର ୭ ରନ୍ କରିଥିଲେ। ପରେ ୨୦୦୮ରେ ଗୁଜରାଟ ବିପକ୍ଷରେ ସେ ପ୍ରଥମଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ। ଭୁବନେଶ୍ୱରର ରେଲ୍‌ୱେ ଗ୍ରାଉଣ୍ଡରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଓପନର ପରେଶ ପଟେଲଙ୍କ ସହିତ କ୍ରିଜ୍‌କୁ ଓହ୍ଲାଇଥିଲେ ନଟରାଜ। ପ୍ରଥମରୁ ହିଁ ଦଳର ଓପନିଂ ଭାର ତାଙ୍କୁ ମିଳିଥିଲା। ୨୦୧୦ରେ ଲକ୍ଷ୍ନୌଠାରେ ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ନଟରାଜ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ୨୦୦୯ରେ ତ୍ରିପୁରା ବିପକ୍ଷ ମ୍ୟାଚ୍‌ରୁ ନଟରାଜ ଲିଷ୍ଟ-ଏ କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୫-୧୬ ସିଜନରେ ନଟରାଜ ହରିୟାଣା ବିପକ୍ଷ ମ୍ୟାଚ୍‌ରେ ୨୫୫ ରନ୍ କରିଥିଲେ, ଯାହା ଉକ୍ତ ସିଜନରେ ଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟରେ ସର୍ବୋଚ୍ଚ ସ୍ଥାନରେ ରହିଥିଲା। ଏହି ସିଜନରେ ସେ ୩୫.୫୭ ଆଭରେଜ୍‌ରେ ମୋଟ୍ ୪୯୮ ରନ୍ କରିଥିଲେ। ମାତ୍ର ଏହାର ପରବର୍ତ୍ତୀ ସିଜନ ଅର୍ଥାତ୍ ୨୦୧୬-୧୭ରେ ତାଙ୍କୁ ଦଳରେ ଦେଖିବାକୁ ମିଳି ନ ଥିଲା। ପରେ ୨୦୧୭-୧୮ ସିଜନରେ ପୁନର୍ବାର ସେ ରାଜ୍ୟ ଦଳକୁ ଫେରିବା ସହ ୬ଟି ମ୍ୟାଚ୍‌ରୁ ୧୭୬ ରନ୍ କରିଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ତାମିଲନାଡୁ ବିପକ୍ଷ ମ୍ୟାଚ୍‌ରେ ତାଙ୍କର ସର୍ବାଧିକ ସ୍କୋର ୯୧ ରନ୍ ରହିଥିଲା। ନଟରାଜ ସମୁଦାୟ ୫୪ଟି ପ୍ରଥମଶ୍ରେଣୀ ମ୍ୟାଚ୍‌ରୁ ୩୪.୪୪ ଆଭରେଜ୍‌ରେ ମୋଟ୍ ୩୦୩୧ ରନ୍ କରିଛନ୍ତି। ଏହା ମଧ୍ୟରେ ୮ ଶତକ ଓ ୧୧ ଅର୍ଦ୍ଧଶତକ ସାମିଲ ରହିଛି। ୨୫୫ ରନ୍ ହେଉଛି ନଟରାଜଙ୍କ ପ୍ରଥମଶ୍ରେଣୀ କ୍ରିକେଟରେ ସର୍ବାଧିକ ସ୍କୋର। ସେହିଭଳି ୩୭ ଲିଷ୍ଟ-ଏ ମ୍ୟାଚ୍‌ରୁ ସେ ମୋଟ୍ ୯୬୭ ରନ୍ କରିଥିବାବେଳେ ୮୧ ସର୍ବାଧିକ ସ୍କୋର ରହିଛି। ୧୬ ଟି୨୦ ମ୍ୟାଚ୍ ଖେଳି ସେ ମୋଟ୍ ୨୬୧ ରନ୍ କରିଛନ୍ତି।



### ଦୁଲୀପ ଟ୍ରଫିର ହକ୍‌ଦାର

୨୦୧୧-୧୨ ଓ ୨୦୧୨-୧୩ ସିଜନରେ ପୂର୍ବାଞ୍ଚଳ ଦଳକୁ ଦୁଲୀପ ଟ୍ରଫି ଚାମ୍ପିୟନ କରାଇବାରେ ନଟରାଜଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। କେନ୍ଦ୍ରାଞ୍ଚଳକୁ ଇନିଂସ୍ ପରାଜୟ କରାଇଥିବା ପୂର୍ବାଞ୍ଚଳ ଦଳର ଅଧିନାୟକ ଥିଲେ ନଟରାଜ। ପରେ ୨୦୧୨-୧୩ ସିଜନ ଦୁଲୀପ ଟ୍ରଫି ଫାଇନାଲରେ ମଧ ସମାନ ପ୍ରତିଦ୍ୱନ୍ଦୀ କେନ୍ଦ୍ରାଞ୍ଚଳ ବିପକ୍ଷ ଫାଇନାଲରେ ଇନିଂସ୍ ଅଗ୍ରଣୀ କରିବା ଯୋଗୁ ପୂର୍ବାଞ୍ଚଳ ଚାମ୍ପିୟନ ହୋଇଥିଲା। ଏହି ସିଜନରେ ମଧ ପୂର୍ବାଞ୍ଚଳର ଅଧିନାୟକ ଭାର ନଟରାଜଙ୍କ କାନ୍ଧରେ ଥିଲା। ୨୦୧୨ରେ ବି ନଟରାଜ ରାଜ୍ୟ ଦଳର ଅଧିନାୟକ ଥିଲେ। ନଟରାଜ ଆଇପିଏଲରେ କୋଲ୍‌କାତା ନାଇଟ ରାଇଡର୍ସ ଦଳରୁ ପ୍ରତିନିଧିତ୍ୱ କରିଥିଲେ ମଧ୍ୟ ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ।

ଧରିତ୍ରୀ
DHARITRI
ମଙ୍ଗଳବାର, ୨୨ ଅକ୍ଟୋବର, ୨୦୧୯



“ଇଞ୍ଜୁରି ଯୋଗୁ ଶ୍ରୀଲଙ୍କା ବିପକ୍ଷ ଓପନିଂ ଟି୨୦ ଖେଳିବା ଲାଗି ମୁଁ ଫିଟ୍ କି ନୁହେଁ, ତାହା ମେଡିକାଲ ଟିମ୍ ସ୍ଥିର କରିବ ।

–ଆରୋନ ଫିଞ୍ଚ, ଅଷ୍ଟ୍ରେଲିଆ ସୀମିତ ଓଭର ଅଧିନାୟକ



“ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ପଦାର୍ପଣ ମ୍ୟାଚରେ ପ୍ରଥମ ତିନୋଟି ବଲ୍ ପକାଇବାବେଳେ ମୁଁ ନର୍ଭସ ହୋଇପଡ଼ିଥିଲି ।

–ଶାହବାଜ ନଦିମ, ବାମହାତୀ ଭାରତୀୟ ସ୍ପିନର



## ସଂକ୍ଷେପରେ

### ଏଲ୍‌ଗାରଙ୍କ ବଦଳରେ ବ୍ରୁଇନ

ରାଞ୍ଚି,୨୧।୧୦: ଏଠାରେ ଭାରତ ବିପକ୍ଷରେ ଚାଲିଥିବା ତୃତୀୟ ଟେଷ୍ଟର ୩ୟ ଦିନରେ ଦକ୍ଷିଣ ଆଫ୍ରିକାର ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଡିନ ଏଲ୍‌ଗାର ଆହତ ହୋଇ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସବ୍‌ଷ୍ଟିଚ୍ୟୁଟ ଖେଳାଳି ଭାବେ ଥିଉନିସ ଡି’ ବ୍ରୁଇନଙ୍କ ନାମ ଘୋଷଣା କରାଯାଇଛି। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ଉମେଶ ଯାଦବଙ୍କ ଏକ ଶଟ ପିଚ୍ ବଲ ଏଲଗାର(୩୦)ଙ୍କ ହେଲମେଟରେ ବାଜିଥିଲା। ଏଲଗାର ଦୀର୍ଘ ସମୟ ଧରି ଗ୍ରାଉଣ୍ଡରେ ବସି ରହିଥିଲେ। ଏହି ଘଟଣା ଟୀ’ ପାନ ବିରତି ୩ ଓଭର ପୂର୍ବରୁ ଘଟିଥିଲା। ସେ ୩ୟ ସେସନରେ ବ୍ୟାଟିଂ କରିବାକୁ ଫେରି ନ ଥିଲେ ଏବଂ ଆଇସିସି ନିୟମ ଅନୁଯାୟୀ ତାଙ୍କ ସମସ୍ୟାର ଆକଳନ କରାଯାଇଥିଲା। ଭ୍ରମଣକାରୀ ଦଳ ତାଙ୍କ ବଦଳ ଖେଳାଳି ଭାବେ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଡେ ବ୍ରୁଇନଙ୍କୁ ଚୟନ କରିଥିଲା। ବ୍ରୁଇନ ୬ଷ୍ଠ ଉଇକେଟର ପତନ ପରେ କ୍ରିଜକୁ ଆସି ୨୪ ରନ୍ କରି ଅପରାଜିତ ଅଛନ୍ତି।

### ବ୍ରାଡ୍‌ମ୍ୟାନଙ୍କ ୭୧ ବର୍ଷର ରେକର୍ଡକୁ ଟପିଲେ ରୋହିତ୍

ରାଞ୍ଚି, ୨୧।୧୦: ଭାରତୀୟ ଷ୍ଟାର୍ ବ୍ୟାଟ୍ସମ୍ୟାନ ରୋହିତ୍ ଶର୍ମା (୨୧୨ ରନ) କ୍ୟାରିୟରର ପ୍ରଥମ ଟେଷ୍ଟ ଦ୍ୱିଶତକ ହାସଲ କରିବା ଅବସରରେ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଘରୋଇ ମାଟିରେ ସର୍ବାଧିକ ଟେଷ୍ଟ ଆଭରେଜ ହାସଲ କରିବାରେ ସେ ଅଷ୍ଟ୍ରେଲିଆର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସାର୍ ଡନ୍ ବ୍ରାଡ୍‌ମ୍ୟାନଙ୍କ ନାମରେ ରହିଥିବା ୭୧ ବର୍ଷର ରେକର୍ଡକୁ ପଛରେ ପକାଇ ଦେଇଛନ୍ତି। ଘରୋଇ ମାଟିରେ ଅତିକମ୍‌ରେ ୧୦ଟି ଟେଷ୍ଟ ଇନିଂସ ଖେଳି ସର୍ବାଧିକ ଆଭରେଜ ହାସଲ କରିବାରେ ଏବେ ରୋହିତ୍ ତାଲିକାର ଶୀର୍ଷରେ ରହିଛନ୍ତି। ଘରୋଇ ମାଟିରେ ରୋହିତ୍ ବର୍ତ୍ତମାନ ସୁଦ୍ଧା ୧୮ ଟେଷ୍ଟ ଇନିଂସରୁ ୧୨୯୮ ରନ୍ ସଂଗ୍ରହ କରିଛନ୍ତି। ତାଙ୍କ ଆଭରେଜ ୯୯.୮୪ ରହିଛି। ଏହି ତାଲିକାର ୨ୟ ସ୍ଥାନରେ ବ୍ରାଡ୍‌ମ୍ୟାନ (୯୮.୨୨) ରହିଛନ୍ତି। ବ୍ରାଡ୍‌ମ୍ୟାନ ୫୦ ଟେଷ୍ଟ ଇନିଂସରୁ ୪୩୨୨ ରନ କରିଛନ୍ତି। ଯଦି ପରବର୍ତ୍ତୀ ଘରୋଇ ଟେଷ୍ଟ ମ୍ୟାଚ୍‌ରେ ରୋହିତ୍ ବଡ଼ ସ୍କୋର କରିବାରେ ବିଫଳ ହୁଅନ୍ତି ତେବେ ଶୀର୍ଷ ସ୍ଥାନ ହରାଇବାର ସମ୍ଭାବନା ରହିଛି।

# ସିରିଜ୍ ସୁଇପ୍‌ରୁ ୨ ଉଇକେଟ ଦୂରରେ ଭାରତ

ରାଞ୍ଚି,୨୧।୧୦ (ପି.ଟି.)

ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳ ଉପରେ ଭାରତ ଚଳିତ ସିରିଜରେ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରିବାରେ ସଫଳ ହୋଇଛି। କ୍ରମାଗତ ଦ୍ୱିତୀୟଥର ଇନିଂସ ବିଜୟର ଦ୍ୱାରରେ ଭାରତ ପହଞ୍ଚିଛି। ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭାରତ ଇନିଂସ ବିଜୟଠାରୁ ଆଉ ମାତ୍ର ୨ ଉଇକେଟ ଦୂରରେ ରହିଛି। ସଫଳ ହେଲେ ଭାରତ ୩ ମ୍ୟାଚ୍ ବିଶିଷ୍ଟ ଏହି ଟେଷ୍ଟ ସିରିଜରେ କ୍ଲିନ୍ ସୁଇପ୍ କରିବ। ତାରକା ଓପନର ରୋହିତ ଶର୍ମାଙ୍କ ଦ୍ୱିଶତକ ଓ ଅଜିଙ୍କ୍ୟ ରାହାନେଙ୍କ ଶତକ ସହାୟତାରେ ଭାରତ ଟସ୍ ଜିତି ପ୍ରଥମ ଇନିଂସରେ ୧୧୬.୩ ଓଭରରେ ୯

## ତୃତୀୟ ଦିନରେ ଦକ୍ଷିଣ ଆଫ୍ରିକାର ୧୬ ଉଇକେଟ ପତନ





ଉଇକେଟ ହାସଲ କରିବା ପରେ ଉମେଶ ଯାଦବ ଓ ମହମ୍ମଦ ସାମି।

ଉଇକେଟ ହରାଇ ୪୯୭ ରନ କରି ଇନିଂସ ଘୋଷଣା କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୫୬.୨ ଓଭରରେ ୧୬୨ ରନ କରି ଅଲଆଉଟ ହୋଇ ୩୩୫ ରନ ପଛରେ ପଡିଥିଲା। ଫଳରେ ଭାରତ ଦକ୍ଷିଣ ଆଫ୍ରିକାକୁ ଫଲୋଅନ ଦେଇଥିଲା। ଫଲୋଅନ ହେବା ପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ଅନୁରୂପ ଭାବେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୪୬ ଓଭରରେ ୮ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରିଛି। ଫଳରେ ଦକ୍ଷିଣ ଆଫ୍ରିକା ୨ ଉଇକେଟ ହାତରେ ରଖି ଇନିଂସ ପରାଜୟ ଏଡାଇବାକୁ ଆହୁରି ୨୦୩ ରନ ଆବଶ୍ୟକ କରୁଛି। ସୋମବାର ଷ୍ଟମ୍ପ ଅପସାରଣ ବେଳକୁ ଥେଉନିସ ଡି ବ୍ରୁଇନ ୩୦ ଓ ଅନରିଚ ନୋର୍ଜେ ୫ ରନକରି ଅପରାଜିତ ରହିଛନ୍ତି। ଗୋଟିଏ ଦିନରେ ୧୬ଟି ଉଇକେଟ ହରାଇ ଦକ୍ଷିଣ ଆଫ୍ରିକା ଏକ ପ୍ରକାର ଆତ୍ମ ସମର୍ପଣ କରିଛି। ଚତୁର୍ଥ ଦିବସରେ କେବଳ ଭାରତ ଇନିଂସ ବିଜୟର ଔପଚାରିକତା ସମ୍ପନ୍ନ କରିବ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୯/୨ରୁ ଦକ୍ଷିଣ ଆଫ୍ରିକା ଖେଳି ଆରମ୍ଭ କରି ସୋମବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ୨୪ ବର୍ଷୀୟ ଜୁବେର ହମ୍‌ଜା ବିନା ସ୍କୋରରୁ ଇନିଂସ ଆରମ୍ଭ କରି ୬୨ ରନର ଲଢୁଆ ଅର୍ଦ୍ଧଶତକୀୟ ପାଳି ଖେଳି ରବୀନ୍ଦ୍ର ଜାଡେଜାଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ସେହିପରି ଅଧିନାୟକ ଫାଫ୍ ଡୁପ୍ଲେସି ୧ ରନରୁ ଖେଳ ଆରମ୍ଭ କରିଥିଲେ ମଧ୍ୟ ଆଉ ଅଧିକ କୌଣସି ରନ୍ ସଂଗ୍ରହ କରି ନ ପାରି ଉମେଶ ଯାଦବଙ୍କ ଦ୍ୱାରା ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟେମ୍ବା ବଭୁମା ୩୨, ଜର୍ଜ ଲିଣ୍ଡ ୩୭ ରନ କରି ଆଉଟ ହୋଇଥିଲେ। ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଏହି କ୍ରମରେ ଓପନର ଡିନ୍ ଏଲଗାର ଓ କାଗିସୋ ରାବଡ଼ା ଖାତା ଖୋଲିପାରି ନ ଥିବା ବେଳେ କ୍ୱିଣ୍ଟନ ଡିକକ୍ ୪, ଉଇକେଟକିପର ବ୍ୟାଟ୍ସମ୍ୟାନ ହେନେରିଚ କ୍ଲସେନ ୬, ଡେନ୍ ପିଟ୍ ୪, ଅନରିଚ ନୋର୍ଜେ ୪ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ଉମେଶ ଯାଦବ ୩, ପଦାର୍ପଣ କରିଥିବା ସ୍ଥାନୀୟ ସ୍ପିନର ମହମ୍ମଦ ସାମି, ସାହାବାଜ ନଦିମ ଓ ଜାଡେଜା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଏହାପରେ ଫଲୋଅନ ହେବା ପରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା ଓ ୩୬ ରନରେ ୫ ଉଇକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ଶିକାର ହୋଇଥିଲା। ଟପ୍ ଓ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନମାନେ ପୁଣି ଥରେ ବିଫଳ ହେବା ସହ ହାତ ଟେକି ଦେଇଥିଲେ। ଡିକକ୍ ୫ ରନକରିଥିବା ବେଳେ ଉମେଶଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହାପରେ ଖାତା ଖୋଲିବା ପୂର୍ବରୁ ହମ୍‌ଜା ସାମିଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଅନ୍ୟତମ ଓପନ ଡିନ୍ ଏଲଗାର ୧୬ ରନ କରିଥିବା ବେଳେ ଉମେଶଙ୍କ ବାଉନ୍ସରରେ ରିଟାୟାର୍ଡ ହର୍ଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଡୁପ୍ଲେସି ପୁଣିଥରେ ବିଫଳ ହୋଇ ମାତ୍ର ୪ ରନ କରି ସାମିଙ୍କ ଦ୍ୱାର ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ବଭୁମା ବିନା ସ୍କୋରରେ ସାମିଙ୍କ ବଲ୍‌ରେ ଉଇକେଟକିପର ରିଦ୍ଧିମାନ ଶାହାଙ୍କୁ କ୍ୟାଚ ଦେଇ ପ୍ୟାଭଲିୟନ ଫେରିଥିଲେ। ୫ ରନ କରିଥିବା ବେଳେ କ୍ଲସେନ ଉମେଶଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ।

### ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ- ୧୧୬.୩ ଓଭରରେ ୪୯୭/୯ (ଇନିଂସ ଘୋଷଣା)
- ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ- ୫୬.୨ ଓଭରରେ ୧୬୨ ଅଲଆଉଟ, (ହମ୍‌ଜା- ୬୨, ବଭୁମା- ୩୨, ଲିଣ୍ଡ- ୩୭, ଉମେଶ- ୩/୪୦, ସାମି- ୨/୨୨, ନଦିମ- ୨/୨୨, ଜାଡେଜା- ୨/୧୯)।
- ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ (ଫଲୋଅନ୍)- ୪୬ ଓଭରରେ ୧୩୨/୮, (ବ୍ରୁଇନ୍- ୩୦*, ଲିଣ୍ଡ- ୨୭, ପିଟି- ୨୩, ଏଲଗାର- ୧୬, ରାବାଡ଼ା- ୧୨, ସାମି- ୩/୧୦, ଉମେଶ- ୨/୩୫, ଜାଡେଜା- ୧/୩୬, ଅଶ୍ୱିନ- ୧/୩୮)।

ଏହାପରେ ସପ୍ତମ ଉଇକେଟରେ ପିଟ୍ ଓ ଲିଣ୍ଡ ୩୧, ଅଷ୍ଟମ ଉଇକେଟରେ ପିଟି ଓ ବ୍ରୁଇନ୍ ୩୧, ନବମ ଉଇକେଟରେ ରାବାଡ଼ା ଓ ବ୍ରୁଇନ ୨୩ ରନ କରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ ମଧ୍ୟ ବିଳମ୍ବ ହୋଇଯାଇଥିଲା। ଲିଣ୍ଡ ୨୭ ରନ କରି ରନ୍ ଆଉଟ ହୋଇଥିବା ବେଳେ ପିଟ୍ ୨୩ ରନ କରି ଜାଡେଜାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ୧୨ ରନ କରିଥିବା ବେଳେ ରାବାଡ଼ା ଅଶ୍ୱିନଙ୍କ ବଲ୍‌ରେ ଜାଡେଜାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଭାରତ ପକ୍ଷରୁ ସାମି ୩, ଉମେଶ ୨, ଜାଡେଜା ଓ ଅଶ୍ୱିନ୍ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ପୂର୍ବରୁ ପ୍ରଥମ ୨ଟି ଟେଷ୍ଟ ଜିତି ଭାରତ ସିରିଜରେ ୨–୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇସାରିଛି।

### ରାହାନେଙ୍କ ବିରଳ ବିଶ୍ୱ ରେକର୍ଡ



ରାଞ୍ଚି, ୨୧।୧୦: ଭାରତୀୟ ଉପ-ଅଧିନାୟକ ଅଜିଙ୍କ୍ୟ ରାହାନେ ଏକ ନିଆର ଟେଷ୍ଟ ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି। ଏପର୍ଯ୍ୟନ୍ତ କ୍ୟାରିୟରରେ ୬୧ଟିଟେଷ୍ଟ ଖେଳିଥିଲେ ମଧ୍ୟ ସେ କେବେ ହେଲେ ରନ୍ ଆଉଟ ହୋଇନାହାନ୍ତି। ଟେଷ୍ଟ ଇତିହାସରେ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ସେ ୨୦୦ଟି ପାର୍ଟନରଶିପ୍‌ର ଅଂଶବିଶେଷ ହୋଇଥିଲେ ମଧ୍ୟ ରନ୍ ଆଉଟ ହୋଇନାହାନ୍ତି। ଖାଲି ସେତିକି ନୁହେଁ ଏହି ପାର୍ଟନରଶିପ୍‌ରେ ତାଙ୍କ ସାଥୀ ବ୍ୟାଟ୍ସମ୍ୟାନମାନେ ରନ୍ ଆଉଟ ହୋଇନାହାନ୍ତି। ଏହା ଏକ ବିରଳ ବିଶ୍ୱ ରେକର୍ଡ ସାବ୍ୟସ୍ତ ହୋଇଛି। ଚଳିତ ତୃତୀୟ ଟେଷ୍ଟରେ ରାହାନେ ଓପନର ରୋହିତ ଶର୍ମାଙ୍କ ସହ କ୍ୟାରିୟରର ୨୦୦ ପାର୍ଟନରଶିପ୍ କରିଥିଲେ। ସେ ୧୯୨ଟି ବଲ୍‌ର ସମ୍ମୁଖୀନ ହୋଇ ୧୭ ଚୌକା ଓ ୧ ଛକା ସହ ୧୧୫ ରନର ଶତକୀୟ ପାଳି ଖେଳିବା ସହ କ୍ୟାରିୟରର ୧୧ତମ ଟେଷ୍ଟ ଶତକ ହାସଲ କରିଛନ୍ତି। ପୂର୍ବରୁ କେବଳ ୫ଜଣ ଭାରତୀୟ ବ୍ୟାଟ୍ସମ୍ୟାନ ୧୦୦ଟି ଇନିଂସ ଖେଳିଥିଲେ ମଧ୍ୟ ରନ୍ ଆଉଟ୍ ହୋଇନାହାନ୍ତି। ସେମାନେ ହେଲେ କପିଳଦେବ, ମୁଦାସର ନଜର, ପିଟର ମେ, ଗ୍ରେମ୍ ହିକ ଓ ରାହାନେ। ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ସୟଦ କିରମାନୀ, ମହମ୍ମଦ ଆଝାରୁଦ୍ଦିନ ଓ ଅନିଲ କୁମ୍ବଲେ ପ୍ରତ୍ୟେକ ୭ଥର ରନ୍ ଆଉଟ ହୋଇଛନ୍ତି। ରାହୁଲ ଦ୍ରାବିଡ୍ ୧୨ଥର ରନ୍ ଆଉଟ ହୋଇଥିବାବେଳେ ନିଜ ସାଥୀ ବ୍ୟାଟ୍ସମ୍ୟାନଙ୍କୁ ସର୍ବାଧିକଥର ରନ୍ ଆଉଟ କରିଛନ୍ତି।

### ଡିକକ୍‌ଙ୍କ ଭିଡିଓ ଭାଇରାଲ

ରାଞ୍ଚି,୨୧।୧୦: କ୍ରିକେଟ ମ୍ୟାଚ୍‌ବେଳେ ପ୍ରଶଂସକମାନେ ସୁରକ୍ଷା କର୍ଡନ ଅତିକ୍ରମ କରି ପସନ୍ଦୀୟ ଖେଳାଳିଙ୍କ ପାଦ ଛୁଇଁବା ସହ ସେଲ୍‌ଫି ନେବା ଘଟଣା ଦେଶରେ ନୂଆ ନୁହେଁ। ଏଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ତୃତୀୟ ଟେଷ୍ଟରେ ଜଣେ ପ୍ରଶଂସକ ସୁରକ୍ଷା କର୍ଡନ ଡେଇଁ ଭ୍ରମଣକାରୀ ଉଇକେଟକିପର କ୍ୱିଣ୍ଟନ ଡିକକ୍‌ଙ୍କ ପାଦ ଛୁଇଁଥିଲେ। ଏହାର ତୁରନ୍ତ ପରେ ସୁରକ୍ଷା କର୍ମୀମାନେ ତାଙ୍କୁ ଗ୍ରାଉଣ୍ଡ ବାହାରକୁ ଟାଣି ନେଇଥିଲେ। ଏଠାରେ ପ୍ରଶଂସକ କୌତୂହଳପୂର୍ଣ୍ଣ ତ୍ରୁଟି କରିଦେଇଥିଲେ। ଉକ୍ତ ପ୍ରଶଂସକ ନିଜ ଚପଲ ଗ୍ରାଉଣ୍ଡରେ ଛାଡ଼ି ଦେଇଥିଲେ। କିନ୍ତୁ ଡିକକ୍ ତାଙ୍କ ପ୍ରଶଂସକଙ୍କ ଚପଲ ଫେରାଇ ଦେଇଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଛି।

## ମ୍ୟାଚ ବେଳେ ଶୋଇପଡ଼ିଲେ ଶାସ୍ତ୍ରୀ



ରାଞ୍ଚି, ୨୧।୧୦: ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ସିରିଜ କ୍ଲିନ୍ ସୁଇପ୍ କରିବା ଏକ ପ୍ରକାର ନିଶ୍ଚିତ ହୋଇଛି। ତେବେ ମ୍ୟାଚ୍ ଚାଲିଥିବା ଅବସରରେ ହେଡ୍ କୋଚ ରବି ଶସ୍ତ୍ରୀ ପ୍ୟାଭିଲିୟନରେ ଶୋଇ ପଡିଥିବାର ଦେଖାଯାଇଥିଲା। ତୃତୀୟ ଦିବସରେ ଏଭଳି ଅଭାବନୀୟ ଘଟଣା ଘଟିଥିଲା ଓ ଏହା ଟିଭିରେ ଦେଖିବାକୁ ମିଳିଥିଲା। ଟୁଇଟର ଓ ଅନ୍ୟ ସୋସିଆଲ ମିଡିଆରେ ଏ ନେଇ ସେ ଜବରଦସ୍ତ ଟ୍ରୋଲର ଶିକାର ହୋଇଛନ୍ତି। ମୁଖ୍ୟ କୋଚ୍ ହିସାବରେ ସେ ବର୍ଷକୁ ୧୦ କୋଟିଟଙ୍କା ଆୟ କରୁଛନ୍ତି। ଏହା ସତ୍ତ୍ୱେ ମ୍ୟାଚ୍ ବେଳେ ସେ ଶୋଇବା ଅନେକଙ୍କ ହଜମ ହୋଇନାହିଁ। ଟୁଇଟରରେ ଏ ନେଇ ପ୍ରଶଂସକ ମାନେ ବିଭିନ୍ନ ମତ ପୋଷଣ କରିଛନ୍ତି।

## କୋହଲିଙ୍କ କୀର୍ତ୍ତିମାନ

ରାଞ୍ଚି, ୨୧।୧୦: ଟେଷ୍ଟ ଫର୍ମାଟରେ ସମସ୍ତ ପୂର୍ବତନ ଭାରତୀୟ ଅଧିନାୟକଙ୍କୁ ପଛରେ ପକାଇସାରିଥିବା ବିରାଟ କୋହଲି ଆଉ ଏକ କୀର୍ତ୍ତିମାନ କରିଛନ୍ତି। ଟେଷ୍ଟ ଇତିହାସରେ ପ୍ରତିପକ୍ଷ ଦଳକୁ ଫଲୋଅନ୍ ଦେବାରେ ସୋମବାର ସେ ସବୁଠୁ ସଫଳତମ ଭାରତୀୟ ଅଧିନାୟକ ହୋଇଯାଇଛନ୍ତି। ଏଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାଲିଥିବା ୩ୟ ଟେଷ୍ଟରେ ଫଲୋଅନ୍ ଡାକିବା ଅଧିନାୟକ ଭାବେ କୋହଲିଙ୍କ ୮ମ ମ୍ୟାଚ୍। ଏହି ଧାରାରେ ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ୭ ଥର ପ୍ରତିପକ୍ଷ ଦଳକୁ ଫଲୋଅନ୍ ଦେଇଥିଲେ। ତାଙ୍କ ପଛକୁ ମହେନ୍ଦ୍ର ସିଂ ଧୋନୀ (୫) ଓ ସୌରଭ ଗାଙ୍ଗୁଲି (୪) ରହିଛନ୍ତି।

## ପାକିସ୍ତାନ ଦଳରେ କାଦିରଙ୍କ ପୁଅ ଉସ୍‌ମାନ

କରାଚୀ, ୨୧।୧୦ (ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ଆଗାମୀ ଅନ୍ତର୍ଜାତୀୟ ଟି୨୦ ଏବଂ ଟେଷ୍ଟ ସିରିଜ ପାଇଁ ସୋମବାର ପାକିସ୍ତାନ କ୍ରିକେଟ ଦଳ ଘୋଷଣା କରାଯାଇଛି। ଟି୨୦ ଦଳରେ କିମ୍ବଦନ୍ତୀ ସ୍ୱର୍ଗତ ସ୍ପିନର ଅବ୍‌ଦୁଲ କାଦିରଙ୍କ ପୁଅ ଉସ୍‌ମାନଙ୍କୁ ସାମିଲ କରାଯାଇଛି। ଅନ୍ୟପକ୍ଷରେ ନିକଟରେ ଅଧିନାୟକ ପଦବୀରୁ ବହିଷ୍କୃତ ହୋଇଥିବା ସର୍ଫରାଜ ଅହମ୍ମଦଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍‌ରୁ ଉପେକ୍ଷା କରାଯାଇଛି। ୨୬ବର୍ଷୀୟ ଉସ୍‌ମାନ ହେଉଛନ୍ତି ଜଣେ ଲେଗ୍ ସ୍ପିନ ଅଲରାଉଣ୍ଡର। ଆସନ୍ତା ମାସରେ ଖେଳାଯିବାକୁ ଥିବା ୩ଟି ଅନ୍ତର୍ଜାତୀୟ ଟି୨୦ ପାଇଁ ପାକିସ୍ତାନ ଦଳରେ ସ୍ଥାନ ପାଇଛନ୍ତି। ଉସ୍‌ମାନ ଗତ ସିଜନରେ ଅଷ୍ଟ୍ରେଲିଆରେ ବିଗ୍ ବାଶ୍ ଲିଗ୍ ଖେଳିଥିଲେ। ତାଙ୍କୁ ଯଦି ପାକିସ୍ତାନ ଜାତୀୟ ଦଳରେ ସ୍ଥାନ ନ ମିଳେ ତେବେ ସେ ଅଷ୍ଟ୍ରେଲିଆରେ ସ୍ଥାୟୀ ବାସ କରି ସେଠାରେ ଖେଳିବାକୁ ସ୍ଥିର କରିଥିବା ଶୁଣିବାକୁ ମିଳିଥିଲା। ଶୋଏବ ମଲିକ, ମହମ୍ମଦ ହାଫିଜ୍ ଏବଂ



ଉସ୍‌ମାନ କାଦିର

ଅହମ୍ମଦ ଶେହଜାଦଙ୍କ ଭଳି ସିନିୟର ଖେଳାଳିଙ୍କୁ ମଧ୍ୟ ଟି୨୦ ଦଳରେ ସ୍ଥାନ ମିଳିନାହିଁ। ତିନୋଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ନଭେମ୍ବର ୩ (ସିଡ୍‌ନୀ), ୫ (କାନବେରା) ଏବଂ ୮ ତାରିଖରେ (ପର୍ଥ) ଖେଳାଯିବାକୁ କାର୍ଯ୍ୟକ୍ରମ ରହିଛି। ପରେ ଦୁଇଟି ଟେଷ୍ଟ ମ୍ୟାଚ ବ୍ରିସ୍‌ବେନ (ନଭେମ୍ବର ୨୧ରୁ ୨୫) ଏବଂ ଆଡିଲେଡ୍ (ନଭେମ୍ବର ୨୯ରୁ ଡିସେମ୍ବର ୩)ଠାରେ ଖେଳାଯିବ। ଖରାପ ଫର୍ମ ଏବଂ ଦୁର୍ବଳ ନେତୃତ୍ୱ ପାଇଁ ଗତ ଶୁକ୍ରବାର ସମସ୍ତ ୩ଟି ଫର୍ମାଟର ଅଧିନାୟକ ପଦବୀରୁ ବହିଷ୍କୃତ ହୋଇଥିବା ଉଇକେଟକିପର ବ୍ୟାଟ୍ସମ୍ୟାନ ସର୍ଫରାଜଙ୍କୁ ଅଷ୍ଟ୍ରେଲିଆ ଟୁର୍ ପାଇଁ ମନୋନୀତ କରାଯାଇ ନାହିଁ। ତେବେ ସର୍ଫରାଜଙ୍କ କ୍ୟାରିୟର ଶେଷ ହୋଇ ନାହିଁ। ଘରୋଇ କ୍ରିକେଟରେ ଉନ୍ନତ ପ୍ରଦର୍ଶନ କଲେ ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିପାରିବେ ବୋଲି ମୁଖ୍ୟ କୋଚ୍ ତଥା

### ଅଷ୍ଟ୍ରେଲିଆ ଟୁର୍

ମୁଖ୍ୟ ଚୟନକର୍ତ୍ତା ମିସ୍‌ବା–ଉଲ ହକ୍ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ପାକିସ୍ତାନ ଚୟନକର୍ତ୍ତାମାନେ ଉଭୟ ଫର୍ମାଟ ପାଇଁ ସର୍ଫରାଜଙ୍କ ସ୍ଥାନରେ ଉଇକେଟକିପର ବ୍ୟାଟ୍ସମ୍ୟାନ ମହମ୍ମଦ ରିଜ୍‌ୱାନଙ୍କୁ ଦଳରେ ସ୍ଥାନ ଦେଇଛନ୍ତି। ବାମହାତୀ ସ୍ପିନର କସିଫ ଭଟ୍ଟିଙ୍କ ସମେତ ଯୁବ ଫାଷ୍ଟ ବୋଲର ମୂଷା ଖାଁ, ନସିମ ଶାହ ଦୁଇଟି ଟେଷ୍ଟ ମ୍ୟାଚ ପାଇଁ ମନୋନୀତ ହୋଇଛନ୍ତି। ଏମାନେ ସମସ୍ତେ ପାକିସ୍ତାନ ତରଫରୁ କୌଣସି ଫର୍ମାଟରେ ଖେଳି ନାହାନ୍ତି।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ନୃସିଂହ ବେହେରା
ଗ୍ରାମ– କୂଳଶ୍ରୀ କର୍ସରଦା, ଡଗରା ମେଳକ, ତ୍ରିନାଥ ମନ୍ଦିର ସାମ୍ନା
ଆବିର୍ଭାବ: ୦୧।୦୧।୧୯୫୩
ତିରୋଧାନ: ୦୧।୧୧।୨୦୧୮
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ
ପତ୍ନୀ– ବୀଣା ବେହେରା, ପୁଅ– ମାନସ, ସୁବାସ, ବୋହୂ– ସଞ୍ଜୁ, ଟିଙ୍କିନା, ଝିଅ– କଲ୍ୟାଣୀ, ମିନତୀ, ଜ୍ୱାଇଁ– ବାବନ, ଲାଖଲ, ନାତିନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ–୬୮୩୦୧

ସ୍ମୃତିସ୍ତମ୍ଭ
ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥



୰ଜି.ବି.ଆର୍ ଦୋରା
ଆବିର୍ଭାବ : ୦୧.୦୧.୧୯୪୦
ତିରୋଧାନ : ୧୨.୧୦.୨୦୧୯
ତୁମର ଅବର୍ତ୍ତମାନରେ ଆମେ ସର୍ବଦା ତୁମକୁ ଝୁରିହେବୁ। ତଥାପି ତୁମର ନୀତି, ଆଦର୍ଶରେ ନିଜକୁ ଅନୁପ୍ରାଣିତ କରି ସମାଜରେ ବାଟ ଚାଲିବୁ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ଓ ନାତି, ନାତୁଣୀ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ
ଧ–୧୪୮୪୨

## ଭୋଟ୍ ଦେଲେ ସଚିନ, ଅଞ୍ଜଳି, ଅର୍ଜୁନ



ମୁମ୍ବାଇ,୨୧।୧୦: କ୍ରିକେଟ ଲିଜେଣ୍ଡ ସଚିନ୍ ତେନ୍ଦୁଲକର ବାନ୍ଦ୍ରାରେ ଭୋଟ୍ ଦେଇଛନ୍ତି। ମହାରାଷ୍ଟ୍ର ଓ ହରିୟାଣାରେ ସୋମବାର ନିର୍ବାଚନ ହୋଇଥିବା ବେଳେ ସେ ସ୍ତ୍ରୀ ଅଞ୍ଜଳି ଓ ପୁଅ ଅର୍ଜୁନଙ୍କ ସହ ଭୋଟ ଦେଇଥିଲେ। ବୟସ୍କ ବ୍ୟକ୍ତିମାନେ ଭୋଟ ଦେବାକୁ ଲାଇନ୍‌ରେ ଠିଆ ହୋଇଥିବା ବେଳେ ସେ ଏମାନଙ୍କୁ ପ୍ରଶଂସା କରିଛନ୍ତି। ଯୁବପିଢ଼ିକୁ ମଧ୍ୟ ଭୋଟ ଦେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଭୋଟ ଦେବାକୁ ଯୋଗ୍ୟ ହୋଇଥିଲେ ଭୋଟ ନିଶ୍ଚିତ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ମତଦାନର ଗୁରୁତ୍ୱକୁ ଉପଲବ୍ଧି କରି ସେ ଅଞ୍ଜଳି, ଅର୍ଜୁନଙ୍କ ସହ ନିଜର ଫଟୋ ଟୁଇଟରରେ ଅପଲୋଡ କରିଛନ୍ତି।




ସୋମବାର ଭୁବନେଶ୍ୱର ରେଲୱେ ଷ୍ଟେସନରେ ପହଞ୍ଚିବା ପରେ ଓଡ଼ିଶା ଜୁଡୋ ଦଳ। ଇମ୍ଫାଲରେ ସବ୍– ଜୁନିୟର ଓ କ୍ୟାଡେଟ ଜାତୀୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରି ଫେରୁଥିବା ବେଳେ ଏହି ଦଳ ଦୁର୍ଘଟଣାର ଶିକାର ହୋଇଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଅକ୍ଟୋବର ୨୨/୨୦୧୯ Sambalpur, Tuesday, October 22 / 2019

# ହଳଦୀ ମିଲ୍‌ରେ ପୋଲିସ ଚଢ଼ାଉ

**ବଲାଙ୍ଗୀର ଅଫିସ,୨୧।୧୦**

ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀରେ ଏକ ବଡ଼ଧରଣର ଅପମିଶ୍ରଣ ଘଟଣା ସୋମବାର ଲୋକଲୋଚନକୁ ଆସିଛି। ହଳଦୀ ଭଳି ବହୁ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀରେ ଖୋଲାଖୋଲି ଅପମିଶ୍ରଣ କରୁଥିବା ଶର୍ମା ଫୁଡ ଫ୍ୟାକ୍ଟ୍ରି ନାମକ ଏକ ଗ୍ରାଇଣ୍ଡିଂ ଓ ପ୍ୟାକିଂ ମିଲ୍ ଉପରେ ବଲାଙ୍ଗୀର ଟାଉନ୍ ପୋଲିସ ଚଢ଼ାଉ କରିଛି। ସେଠାରୁ ବହୁ ପରିମାଣର ଅପମିଶ୍ରଣ ସାମଗ୍ରୀ ଓ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ନାଁ ଲେଖାଥିବା ପଲିଥିନ୍ ପ୍ୟାକ୍ ଜବତ୍ କରିଛି । ଏହି ଘଟଣା ଜଣାପଡିବା ପରେ ଉକ୍ତ ମିଲ ମାଲିକ ରାଜେଶ ଶର୍ମାଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି।

ବଲାଙ୍ଗୀର କ୍ଲବ ପଡାସ୍ଥିତ ଲିଟେରାରୀ ଆଣ୍ଡ ସୋସିଆଲ କ୍ଲବ ନିକଟରେ ଥିବା ଶର୍ମା ଫୁଡ୍ ଫ୍ୟାକ୍ଟ୍ରିରେ ହଳଦୀ ତିଆରି ଓ ପ୍ୟାକିଂ ନାଁରେ ବ୍ୟାପକ ପରିମାଣର ଅପମିଶ୍ରଣ ଚାଲି ଥିବାନେଇ ପୋଲିସକୁ ବିଶ୍ୱସ୍ତସୂତ୍ରରୁ ଖବର ମିଳିଥିଲା । ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଓ ଟାଉନ୍ ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ ପୋଲିସ ଟିମ୍ ସହ ସୋମବାର ପୂର୍ବାହ୍ନରେ ଉକ୍ତ ଫ୍ୟାକ୍ଟ୍ରି ଉପରେ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ





ବଲାଙ୍ଗୀର କ୍ଲବପଡାସ୍ଥିତ ଶର୍ମା ଫୁଡ ଫ୍ୟାକ୍ଟ୍ରିରେ ପୋଲିସ ଚଢ଼ାଉ କରାଯାଇଛି (ବାମ)। ପୋଲିସ ପକ୍ଷରୁ ଜବତ ଏଟିଏମ୍ କମ୍ପାନୀ ପ୍ୟାକ୍।

- ଚାଲିଥିଲା ଅପମିଶ୍ରଣ, ମିଲ ମାଲିକ ଅଟକ
- ଛତିଶଗଡ଼ କମ୍ପାନୀ ଠିକଣାରେ ଚାଲିଥିଲା ବେପାର
- ପୋଲିସ ଓ ମେଡିକାଲ ଟିମ୍ କଲେ ତଦାରଖ
- ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଗଲା

ସେଠାରେ ହଦଳୀ ଓ ସେଥିରେ ମିଶିବା ପାଇଁ ରଖାଯାଇଥିବା ଚାଉଳ ଗୁଣ୍ଡ, ଚଷ୍ଟୁ, କୁଣ୍ଡା, ଧଳାଗୁଣ୍ଡ, ଫିଙ୍ଗି ଦିଆଯାଉଥିବା ଡାଳପତ୍ର ଥିବା ଦେଖାଯାଇଥିଲା । ଉପରୋକ୍ତ ସାମଗ୍ରୀକୁ କିଛି ହଳଦୀ ସହ ମିଶ୍ରଣ କରି ଶର୍ମା ଫୁଡ୍ ପକ୍ଷରୁ ବଜାରକୁ ଛଡ଼ାଯାଉଥିଲା । ଛତିଶଗଡ଼ ଠିକଣା ଲେଖାଥିବା ଏଟିଏମ୍ ନାମକ ଏକ କମ୍ପାନୀ ନାଁ ଲେଖାଥିବା ରଙ୍ଗିନ୍ ଓ ଆକର୍ଷଣୀୟ ପଲିଥିନ୍ ପ୍ୟାକ୍‌ରେ ଏହି ଅପମିଶ୍ରିତ ହଳଦୀ ପ୍ୟାକିଂ କରାଯାଉଥିବା ଜଣାପଡିଥିଲା । ମିଲରେ ଚଢ଼ାଉ ପରେ ମାଲିକ ଶର୍ମାଙ୍କୁ ଅଟକ ରଖାଯାଇଛି । କିଛି ହଳଦୀ ପ୍ୟାକେଟରେ ପ୍ୟାକିଂ ତାରିଖ ଏକ୍ସପାୟରି ହୋଇଯାଇଥିବା ଦେଖାଯାଇଥିଲା । ଏଟିଏମ କମ୍ପାନୀ ଲେଖା ଥିବା ପଲିଥିନ୍ ପ୍ୟାକ୍‌ରେ ଅପମିଶ୍ରିତ ହଳଦୀ ପ୍ୟାକିଂ କରି ବଜାରକୁ ବିକ୍ରି ଉଦ୍ଦେଶ୍ୟରେ ଛଡାଯାଉଥିଲା । ତେବେ କେତେ ବର୍ଷ ହେଲା ଏହି ଅପମିଶ୍ରିତ ହଳଦୀ ବିକ୍ରି କରାଯାଉଥିଲା ତାହା ସ୍ପଷ୍ଟ ହୋଇନାହିଁ । ମିଲ ମାଲିକ ମିଲ ନିକଟରେ ଏକ ମସଲା ଦୋକାନ କରିଥିବାରୁ ଏଥିରେ ଅପମିଶ୍ରଣ ହେଉଥିବା ସନ୍ଦେହ ଘନୀଭୂତ ହୋଇଛି । ପୋଲିସ ଟିମ୍ ଓ ମେଡିକାଲ ଟିମ୍ କାରଖାନାରେ ଅପମିଶ୍ରଣ ସାମଗ୍ରୀ ତଦାରଖ କରିଥିଲେ । ସେଠାରୁ ଉଚ୍ଚତର ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଥିଲା । ପୋଲିସ ତରଫରୁ ଖାଦ୍ୟ ନିରୀକ୍ଷକଙ୍କୁ ମଧ୍ୟ ସୂଚନା ଦିଆଯାଇଥିଲା । ଅନ୍ୟପଟେ ଫ୍ୟାକ୍ଟ୍ରି ମାଲିକ ଶର୍ମା ଏହା ଖାଇବା ପାଇଁ ନୁହେଁ ମୁରୁଜ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ସଫେଇ ଦେଇଛନ୍ତି । ତେବେ ଏନେଇ ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ସୁମନ୍ତ ବାରିକ ସୂଚନା ଦେଇଛନ୍ତି।




# ଦେଓଦର୍ହାରେ କଲରାପତରିଆ ବାଘ ଆତଙ୍କ

**ନୂଆପଡ଼ା ଅଫିସ /କୋମନା, ୨୧।୧୦ (ଡି.ଏନ.ଏ.)**

ନୂଆପଡା ଜିଲା ପାହାଡତଳି ଗାଁଗୁଡ଼ିକରେ କଲରାପତରିଆ ବାଘ ଲୋକଙ୍କ ପିଛା ଛାଡୁନାହିଁ। କେତେବେଳେ ମଣିଷ ଛୁଆକୁ ତ କେତେବେଳେ ଗୃହପାଳିତ ପ୍ରାଣୀଙ୍କୁ ଘରୁ ଟେକି ନେଇ ଖାଇଯାଉଛି ବାଘ । ଏବେ କୋମନା ବ୍ଲକ ଦେଓଦର୍ହା ଗାଁରେ କଲରାପତରିଆ ବାଘ ଆତଙ୍କରେ ଗ୍ରାମବାସୀ ଭୟଭୀତ ହୋଇ ପଡିଛନ୍ତି । ଏଠାରେ ୪ଟି ଛେଳି ଏବଂ ୩ ବାଛୁରିଙ୍କୁ ଗୁହାଳରୁ ଟେକି ନେଇ ବାଘ ଖାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।



ବାଘ ମାରି ଘାଇଲା କରିଥିବା ଛେଳିଙ୍କୁ ଗ୍ରାମବାସୀ ଦେଖୁଛନ୍ତି ।

- ୪ ଛେଳି, ୩ ବାଛୁରିଙ୍କୁ ଖାଇଲା
- ୪ ବାଛୁରି ଗୁରୁତର ଆହତ

ସୂଚନା ଅନୁସାରେ ରବିବାର ବିଳମ୍ବିତ ରାତିରେ ସ୍ଥାନୀୟ ସୁନାବେଡା ଅଭୟାରଣ୍ୟରୁ ଦୁଇ ଭୋକିଲା କଲରାପତରିଆ ବାଘ ଆସି ଦେଓଦର୍ହା ଗାଁରେ ପଶିଥିଲା। ଗାଁର ତ୍ରିନାଥ ଦୀପଙ୍କ ଛେଳି ଗୁହାଳରେ ପଶି ଅତର୍କିତ ଭାବେ ଛେଳିକୁ ଆକ୍ରମଣ କରିଥିଲା। ଗୁହାଳରେ ବାଘକୁ ଦେଖି ଛେଳିମାନେ ଜୋରରେ ଚିତ୍କାର କରି ଏପଟ ସେପଟ ଦୌଡିଥିଲେ। ଏହି ସମୟରେ ବାଘ ୨ଟି ଛେଳିଙ୍କୁ ମାରି ଖାଇଥିବାବେଳେ ୨ଟିକୁ ଟେକିନେଇଥିଲା। ଏହା ପରେ ଗାଁ ଲୋକ ଘରୁ ବାହାରିବାବେଳକୁ ବାଘ ଦୁଇଟି ଚମ୍ପଟ ମାରିଥିଲେ।

ସୂଚନାଯୋଗ୍ୟ ଯେ, ଏହି ବାଘ ଦୁଇଟି ଆସି ଚାଷୀମାନଙ୍କ ଛେଳି ଏବଂ ବାଛୁରିଙ୍କୁ ଆକ୍ରମଣ କରିଥିବା ଗ୍ରାମବାସୀ କହିଛନ୍ତି। ଏଥିରେ କଳନ୍ଦର ଦୀପଙ୍କ ୨ ବାଛୁରିଙ୍କୁ ଆକ୍ରମଣ କରିଥିବାବେଳେ ଗୋଟିଏକୁ ଖାଇଦେଇଛି। ରାଜୁ ଆଡବଙ୍ଗଙ୍କର ଗୋଟିଏ, ଜୟସିଂଙ୍କ ଗୋଟିଏ ବାଛୁରିଙ୍କୁ ଗୁହାଳରେ ପଶି ମାରି ଖାଇଛି ବାଘ। ବାରମ୍ବାର ଗାଁକୁ ବାଘର ଆକ୍ରମଣ ପରେ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ଏହି ଖବର ପାଇବା ପରେ ଜୟ ପ୍ରକାଶ ଶୁକ୍ଲାଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ ଗାଁ ପରିଦର୍ଶନ କରିଛନ୍ତି। ବାଘର ପାଦ ଚିହ୍ନ ସଂଗ୍ରହ କରିଛନ୍ତି। ସମସ୍ତ ବିବରଣୀ ନେବା ପରେ ଗ୍ରାମବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ପୂର୍ବରୁ ଏହି ଜିଲା ହଳଦୀ ଗାଁରେ ମାଆ କୋଳରୁ ଶିଶୁଙ୍କୁ ଟେକି ନେଇ ବାଘ ଖାଇଯିବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଶେଷରେ ବିଭାଗୀୟ କର୍ମଚାରୀମାନେ ୨ଟି ବାଘକୁ କାବୁ କରି ନନ୍ଦନକାନନ ପଠାଇଲେ।

# ବିଦ୍ୟୁତ୍ ଖୁଣ୍ଟକୁ ଚଢ଼ି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ



ସମ୍ବଲପୁର କ୍ଷେତରାଜପୁର ଷ୍ଟେଶନ ନିକଟରେ ଆତ୍ମହତ୍ୟା ଉଦ୍ୟମ କରୁଥିବା ଯୁବକଙ୍କୁ ବିଦ୍ୟୁତ୍ ଖମ୍ବରୁ ଓହ୍ଲାଇବାକୁ ଚେଷ୍ଟା କରାଯାଉଛି ।

**ସମ୍ବଲପୁର, ୨୧।୧୦(ବ୍ୟୁରୋ)**

ସମ୍ବଲପୁର କ୍ଷେତରାଜପୁର ରେଳଷ୍ଟେଶନରେ ନିର୍ମାଣାଧୀନ ବିଦ୍ୟୁତ୍ ଖୁଣ୍ଟ ଉପରକୁ ଚଢ଼ି ଜଣେ ଯୁବକ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକମାନେ ଦେଖି ଆରପିଏଫ୍‌କୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ଅଧଘଣ୍ଟା ପରିଶ୍ରମ କଲାପରେ ସଂପୃକ୍ତ ଯୁବକଙ୍କୁ ତଳକୁ ଓହ୍ଲାଇବାରେ ସକ୍ଷମ ହୋଇଥିଲା। ହେଲେ ସେ ଜଣେ ମାନସିକ ରୋଗୀ ବୋଲି ଜଣାପଡିଛି । ତାଙ୍କ ପାଖରୁ ମିଳିଥିବା ପରିଚୟ ପତ୍ରକୁ ନେଇ ତାଙ୍କ ପରିବାର ସହିତ ଯୋଗାଯୋଗ କରିବାକୁ ପୋଲିସ ଉଦ୍ୟମ ଆରମ୍ଭ କରିଛି। ସଂପୃକ୍ତ ଯୁବକଙ୍କ ପାଖରୁ ଏକ ରେଳ ବିଭାଗର ପୁରୁଣା ପାସ ମିଳିଛି। ସେଥିରେ ସାଉଥ ସେଣ୍ଟ୍ରାଲ ଜୋନର ଜଣେ କର୍ମଚାରୀ ଓ ତାଙ୍କ ନାମ ରଜେୟା ବୋଲି ଉଲ୍ଲେଖ ରହିଛି। ଏଥିପାଇଁ ସିକନ୍ଦାରବାଦ ଓ ଅନ୍ୟାନ ଆରପିଏଫ୍ ଥାନା ସହିତ ଯୋଗାଯୋଗ କରାଯାଉଛି ବୋଲି ଆରପିଏଫ୍ ବରିଷ୍ଠ ଅଧିକାରୀ ଏସ୍. କେ. ପାଠକ କହିଛନ୍ତି ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ସମସ୍ତଙ୍କ ଭିତରେ ତୁମେ ନିଜକୁ ଚିହ୍ନ। ଭଗବାନଙ୍କୁ ଭଲ ପାଅ। ଭଗବାନଙ୍କ ଗୁଣ କୀର୍ତ୍ତନ କର। ଯାହାର ବୋଝ ବୋହିପାରିବାର ସାମର୍ଥ୍ୟ ଅଛି, ସେ ହିଁ କେବଳ ବୋଝ ବୋହିପାରିବ।
- -ଗୁରୁ ନାନକ



## ସଂକ୍ଷେପରେ



### ଭସାଣି ସହ ବିଦାୟ ନେଲେ ମା'ଗଜଲକ୍ଷ୍ମୀ

**ଅମରପାଲି, ୨୧।୧୦ (ଡି.ଏନ.ଏ):** ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁଣ୍ଡୁଣ୍ଠାରେ ଚାଲିଥିବା ୩୭ତମ ଗଜଲକ୍ଷ୍ମୀ ପୂଜା ଭସାଣି ସହ ସମାପନ ହୋଇଛି। ନଅଦିନ ଧରି ଏହି ଗଜଲକ୍ଷ୍ମୀ ପୂଜା ହୋଇଥିଲା। ସୋମବାର ମଧାହ୍ନରେ ଆରମ୍ଭ ହୋଇଥିବା ଭସାଣି ପୂର୍ବରୁ ଗଜଲକ୍ଷ୍ମୀଙ୍କଠାରେ ହୋମ, ଘୃତଯଜ୍ଞ ହୋଇ ପୂର୍ଣ୍ଣାହୁତି ପଡିଥିଲା। ପୂଜା ପାଇଁ ବ୍ରତ ରଖିଥିବା ପ୍ରାୟ ୧୦୦ଜଣ ସଦସ୍ୟ ପୂର୍ଣ୍ଣାହୁତି ବେଳେ ଉପସ୍ଥିତ ଥିଲେ। ଏହାପରେ ଆରମ୍ଭ ହୋଇଥିଲା ଭସାଣି ଶୋଭାଯାତ୍ରା। ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ସହିତ ରାମ, ଲକ୍ଷ୍ମଣ, ସୀତା, ହନୁମାନ, ଗଣେଷ, ସରସ୍ୱତୀ ଆଦି ପାର୍ଶ୍ୱ ଦେବାଦେବୀଙ୍କୁ ମଧ ଭସାଣି ଶୋଭାଯାତ୍ରାରେ ନିଆଯାଇଥିଲା। ଶୋଭାଯାତ୍ରାରେ ଘଣ୍ଟବାଦ୍ୟ, ଦୁଲଦୁଲି, ଡିଜେ, ରୋଡଡ୍ୟାନ୍ସ ଓ ବିଭିନ୍ନ ପାରମ୍ପରିକ ଓ ଆଧୁନିକ ନୃତ୍ୟ ସାମିଲ ଥିଲା। ଶୋଭାଯାତ୍ରାରେ ବସ୍ତି ପରିକ୍ରମା ପରେ ନିକଟସ୍ଥ ହରିହରଯୋରରେ ବିସର୍ଜନ କରାଯାଇଥିଲା। ଚଳିତ ବର୍ଷ ପୂଜା ପାଇଁ ସୁନ୍ଦର ସାଜସଜ୍ଜା ହୋଇଥିଲା।

### କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

# ଅନ୍ତର୍ନିହିତ ପ୍ରତିଭା ପ୍ରସ୍ଫୁଟିତ କରିବା ଧ୍ୟେୟ ହେଉ

**ଅମରପାଲି, ୨୧।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ୮ଟି କ୍ଲଷ୍ଟରରେ ଶିଶୁମହୋତ୍ସବ ସୁରଭି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଧିନ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ବରିଷ୍ଠ ଓ କନିଷ୍ଠ ବର୍ଗରେ ବିଭକ୍ତ କରାଯାଇଥିଲା। ସେମାନଙ୍କୁ ନେଇ କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ଚିତ୍ରାଙ୍କନ, ହସ୍ତାକ୍ଷର, ସଂଗୀତ ଆଦି ପ୍ରତିଯୋଗିତା ହୋଇଥିଲା। ପ୍ରତ୍ୟେକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ବ୍ଲକସ୍ତରୀୟ ସୁରଭିରେ ଅଂଶଗ୍ରହଣ ପାଇଁ ମନୋନୀତ କରାଯାଇଥିଲା। କେଞ୍ଜିରିଆପାଲି କ୍ଲଷ୍ଟର ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଇଓ ଶାନ୍ତନୁ କୁମ୍ଭକାର ଓ ସିଆରସିସି ଅକ୍ଷୟ ରାୟ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ଆୟୋଜିତ ସଭାରେ ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ବ୍ରଜମୋହନ ବାରିକ, ଅବଜରଭର ତଥା ସୁବଳୟା କ୍ଲଷ୍ଟରର ସିଆରସିସି ସୁନୀଲ ମହାପାତ୍ର ମଞ୍ଚାସୀନ ଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ପ୍ରାଣବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଉଫୁଲା କ୍ଲଷ୍ଟରର କାନପୁର ସରକାରୀ ୟୁଜି ସ୍କୁଲରେ ମଧ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଠାରେ ୧୧ଟି ସ୍କୁଲର ୧୮୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବିଇଓ ଶାନ୍ତନୁ କୁମ୍ଭକାର ମୁଖ୍ୟଅତିଥି, ସ୍ଥାନୀୟ ସିଆରସିସି ପଦ୍ମନାଭ ବାରିକ, ଭାବଗ୍ରାହୀ ମେହେର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ଘନଶ୍ୟାମ ବିଶ୍ୱାଳ ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ମେଘନାଦ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ସେହିପରି ବହଳପଦର କ୍ଲଷ୍ଟର ଅମରପାଲି ସରକାରୀ ୟୁପି ସ୍କୁଲରେ ମଧ ଉକ୍ତ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଠାରେ କ୍ଲଷ୍ଟରର ସମସ୍ତ ସ୍କୁଲରୁ ପ୍ରାୟ ୧୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ସ୍ଥାନୀୟ ସ୍କୁଲର ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ଭୋଇ ଅଧକ୍ଷତା କରିଥିଲେ। ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା, ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ, ଖଣ୍ଡହତା କ୍ଲଷ୍ଟରର ସିଆରସିସି ନାରାୟଣ ଜଗଦଲା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କ୍ଲଷ୍ଟରର ସିଆରସିସି ପ୍ରଦୀପ ଜଗଦଲାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷକ ତପକିରଣ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।



ଅମରପାଲିରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ର ଓ ଅତିଥି।

## କ୍ଲଷ୍ଟରସ୍ତରୀୟ ସୁରଭି

**ଉଲୁଣ୍ଡା, ୨୧।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମହଦା ପଞ୍ଚାୟତ ଅନ୍ତର୍ଗତ କୁମରକେଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନଶିକ୍ଷକ ପବିତ୍ର ରଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ମନୋରୁଚି ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବକ୍ତାଭାବେ ବଗଛେରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଘ୍ନରାଜ କମ୍ପ, ସମ୍ମାନୀତ ଅତିଥି ଭାବେ ଶିକ୍ଷକ ଦାମୋଦର ପଣ୍ଡା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ୮ଟିବିଦ୍ୟାଳୟରୁ ୮୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସିଆରସିସି ବାବୁଲୁ ସେଠୀଙ୍କ ତତ୍ତ୍ୱାବଧାନକ୍ରମେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଚ୍ୟୁତ ରଣାଙ୍କ ସଂଯୋଜନାରେ ହୋଇଥିବା ଏହି କର୍ଯ୍ୟକ୍ରମରେ ଶିକ୍ଷକ ବାଂଛାନିଧି ପଣ୍ଡା, ଭରତ ହରିପାଲ, ଶିବରାମ ଚାନ୍ଦ, ରାଜୁରାମ ପଧାନ, ମଳୟ ଅମାତ, ବାମ ପଧାନ, ସୁରେନ୍ଦ୍ର ନାଏକ, ବାଚସ୍ପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଝୁନୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବୌଦ୍ଧ ପୋଲିସ ପକ୍ଷରୁ ଶହୀଦ ଦିବସ

**ବୌଦ୍ଧ,୨୧।୧୦(ସ୍ୱ.ପ୍ର)**

ବୌଦ୍ଧ ଜିଲା ପୋଲିସ ପକ୍ଷରୁ ସୋମବାର ଶହୀଦ ଦିବସ ପାଳିତ ହୋଇଛି। ବଲାସିଙ୍ଗା ରିଜର୍ଭ ପଡିଆରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ ଯୋଗଦେଇ ପୋଲିସ ପତାକା ଉତ୍ତୋଳନ କରିବା ସହିତ ପାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଜିଲା ପୋଲିସର କର୍ମଚାରୀମାନେ ଲୋକଙ୍କ ଆସ୍ଥା ଭାଜନ ହୋଇ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ସେ କହିଥିଲେ। ଏହି ଅବସରରେ ଦେଶ ପାଇଁ ଶହୀଦ ହୋଇଥିବା ଆରକ୍ଷୀ ବାହିନୀଙ୍କୁ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶହୀଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜିଲା ଓକିଲ ସଂଘ ସଭାପତି ତାରେଣୀ ମହାପାତ୍ର, ଏସଡିପିଓ ସାଲେଷ୍ଟିନ ଟିଗା, ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କ ସମେତ ସମସ୍ତ ପୋଲିସ ପଦାଧିକାରୀ ଉପସ୍ଥିତ ଥିଲେ।

## ଖାଦ୍ୟରେ ଆୟୋଡିନ୍‌ଯୁକ୍ତ ଲୁଣ ବ୍ୟବହାରକୁ ଗୁରୁତ୍ୱ

**ସୋନପୁର,୨୧।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାସ୍ତରୀୟ ବିଶ୍ୱ ଆୟୋଡିନ ଅଭାବ ଜନିତ ରୋଗ ନିରାକରଣ ଦିବସ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରଶିକ୍ଷଣ କେନ୍ଦ୍ରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଖାଦ୍ୟରେ ଆୟୋଡିନ୍‌ଯୁକ୍ତ ଲୁଣ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡାକ୍ତର ଦୈତ୍ୟ ନାରାୟଣ ପାଢୀ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଟିବି) ଡାକ୍ତର ପଦ୍ମହଂସା ଦୋରା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡାକ୍ତର ପ୍ରମୋଦ ଚନ୍ଦ୍ର ବିଶ୍ୱାଳ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ) ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଓ ଭେଷଜ ବିଶେଷଜ୍ଞ ଡାକ୍ତର ଜିତାରାମ ବିଦ୍ ବକ୍ତାଭାବେ ଯୋଗ ଦେଇଥିଲେ। କିଭଳି ଆୟୋଡିନ ଜନିତ ରୋଗର ନିରାକରଣ ହୋଇପାରିବ ସେ ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ। ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ, ଶାରୀରିକ ଶିକ୍ଷା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ମଞ୍ଚାସୀନ ଥିଲେ। ଅଙ୍ଗନୱାଡି କର୍ମୀ ଓ ଏଏନଏମ ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ ସାହୁ, ତାରିଣୀ ପାତ୍ର, ଦେବେନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ର ଦୀପ ସହଯାଗ କରିଥିଲେ।




ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

# ସୁବର୍ଣ୍ଣପୁରରେ ପୋଲିସ ଶହୀଦ ଦିବସ

**ସୋନପୁର,୨୧।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଆର୍ମଡ ରିଜର୍ଭ ପୋଲିସ ପଡିଆରେ ସୋମବାର ୬୦ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଏସ୍‌ପି ଦେବୀପ୍ରସାଦ ଦାଶ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୋଲିସ ପତାକା ଉତ୍ତୋଳନ ସହିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଦାଶ କହିଥିଲେ ଯେ, ସୀମାରେ ସୁରକ୍ଷା, ଆତଙ୍କବାଦର ସାମନା ବା ମାଓବାଦୀଙ୍କ ମୁକାବିଲା ହେଉ ସବୁବେଳେ ପୋଲିସ, ଯବାନମାନେ ନିଜର ଭୂମିକା ନିର୍ବାହ କରିଥାନ୍ତି। ତେଣୁ ଶହୀଦ ଦିବସରେ ଦେଶର ସେବା ପାଇଁ ନୂତନ ପ୍ରେରଣା ମିଳେ। ଏହି ଅବସରରେ ଦେଶମାତୃକାର ସେବା କରି ଚଳିତ ବର୍ଷ ଦେଶରେ ଶହୀଦ ହୋଇଥିବା ପୋଲିସଙ୍କ ପ୍ରତି ଦାଶ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ନାମ ପଠନ କରିଥିଲେ। ରାଜ୍ୟପାଳ ପ୍ରଫେସର ଗଣେଷି ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତାକୁ ଏସ୍‌ପି ପାଠ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରମେଶ ପାଣିଗ୍ରାହୀ, ଆନ୍ତୋନି ତିର୍କୀ, ଡିଏସପି ସୟଦ ମୁଜିବୁର ରେହମାନ, ସୋନପୁର ଏସଡିପିଓ ମିହିର କୁମାର ପଣ୍ଡା, ବୀରମହାରାଜପୁର ଏସଡିପିଓ ଧୀରଜ ଚୋପଦାର, ସୋନପୁର ଆଇଆଇସି ଲୋକେଶ କୁମାର ସାହୁ ପ୍ରମୁଖ ଯୋଗଦାନ କରି ଶହୀଦ ସ୍ତୁପରେ ସମ୍ମାନ ପ୍ରଦାନ କରିଥିଲେ। ଆରକ୍ଷୀ ନିରୀକ୍ଷକ ଅମରେନ୍ଦ୍ର ପାଣିଗ୍ରାହୀ ଓ ସର୍ଜେଣ୍ଟ ବିଶ୍ୱନାଥ ଜେନା ପରେଡକୁ ପରିଚାଳନା କରିଥିଲେ।



ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ଦେବୀପ୍ରସାଦ ଦାଶ ଶହୀଦ ସ୍ତମ୍ଭକୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି।

## ଅନ୍ତଃରାଷ୍ଟ୍ରୀୟ ବ୍ରାହ୍ମଣ ମହାସଂସ୍ଥାର ପ୍ରସ୍ତୁତି ବୈଠକ

**ବିନିକା,୨୧।୧୦(ଡି.ଏନ୍.ଏ)**

ଅନ୍ତଃରାଷ୍ଟ୍ରୀୟ ବ୍ରାହ୍ମଣ ମହାସଂସ୍ଥାର ବିନିକା ମିଡିଆ ସେଲ୍ ପ୍ରଭାରୀ, ଅଧକ୍ଷ ଓ ପ୍ରଭାରୀ ଚୟନ ପ୍ରକ୍ରିୟା ଶେଷ ହୋଇଛି। ଚୟନ ହୋଇଥିବା କର୍ମକର୍ତ୍ତାଙ୍କୁ ଆସନ୍ତା ୨୪ତାରିଖ ବିନିକା ପବିତ୍ର ପାପକ୍ଷୟ ପୀଠରେ ଅନୁଷ୍ଠିତ ହେବାକୁଥିବା ବୈଠକରେ ନିଯୁକ୍ତିପତ୍ର ଦିଆଯିବ। ଏନେଇ ରବିବାର ଜାମପାଲି ଘଣ୍ଟେଶ୍ୱରୀ ପୀଠରେ ଏକ ପ୍ରସ୍ତୁତି ବୈଠକ ପଶ୍ଚିମ ଓଡିଶା ଅନ୍ତରାଷ୍ଟ୍ରୀୟ ବ୍ରାହ୍ମଣ ମହାସଂସ୍ଥା ଅଧକ୍ଷ ପଣ୍ଡିତ ସଦାନନ୍ଦ ପାଣ୍ଡିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର କାର୍ଯ୍ୟକ୍ରମ ପାଇଁ ବୈଠକରେ ଆଲୋଚନା ହୋଇଥିଲା।

## ଜିଲା ଶିକ୍ଷା, ପ୍ରଶିକ୍ଷଣ ପ୍ରତିଷ୍ଠାନ ଛାତ୍ର ସଂସଦର ନୂତନ କର୍ମକର୍ତ୍ତା

**ସୋନପୁର,୨୧।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ଓ ପ୍ରଶିକ୍ଷିକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ର ସଂସଦର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ସୋମବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂସଦ ସଭାପତିଭାବେ ଗଣେଶ୍ୱର ବାଗ, ଉପସଭାପତି ଅମରଜିତ ପଣ୍ଡା, ସାଧାରଣ ସମ୍ପାଦକ ଚିନ୍ମୟ ଦାସ, କ୍ରୀଡା ସମ୍ପାଦକ ବିବେକାନନ୍ଦ ବାଘ, କଳା ଓ ସଂସ୍କୃତି ସମ୍ପାଦକ ସାଗରିକା ବିଶି, ଗୋଷ୍ଠୀ ସମ୍ପାଦକ ସଦାନନ୍ଦ ପାଣ୍ଡେ, ରଞ୍ଜିତ ପୁରୋହିତ ଓ ବିଜ୍ଞାନ ବିଭାଗର ସମ୍ପାଦକ ଭାବେ ସଢମନ ସାହୁ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପଦେଷ୍ଟା ଭାବେ ଅନୁଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ସୁଶାନ୍ତ ଭୋଇଙ୍କୁ ମନୋନୀତ କରାଯାଇଛି। ନିର୍ବାଚନ ପରେ ଛାତ୍ର ସଂସଦର କର୍ମକର୍ତ୍ତା ଅଧକ୍ଷାଙ୍କ ପ୍ରକୋଷ୍ଠରେ ଶପଥ ନେଇଥିଲେ।



ନିର୍ବାଚନ ପରେ ଛାତ୍ରୀଛାତ୍ର ଓ ଶିକ୍ଷକ ପ୍ରଶିକ୍ଷକଙ୍କ ଗହଣରେ ଛାତ୍ର ସଂସଦର କର୍ମକର୍ତ୍ତା।

### ସ୍କୁଟି ଦୁର୍ଘଟଣାଗ୍ରସ୍ତ, ଆରୋହୀ ମୃତ

**ତରଭା, ୨୧।୧୦(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ତରଭା ଏଇଏସ କଲେଜ ନିକଟରେ ସୋମବାର ଏକ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ସ୍କୁଟି ଆରୋହୀ ତଥା ଅନ୍ତର୍ଡାର ଜଗନ୍ନାଥ ଦଳବେହେରା(୩୮)ଙ୍କ ମୃତ୍ୟୁ ହୋଇଛି। ରାସ୍ତା ପାର୍ଶ୍ୱ ଖାଲରେ ପଡି ତାଙ୍କର ମୃତ୍ୟୁ ହୋଇଛି। ସେହିପରି ସ୍କୁଟିରେ ବସିଥିବା ସୁରେନ୍ଦ୍ର ନାଏକ(୪୦) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଉଭୟେ ସ୍କୁଟି ନମ୍ବର ଓଡି୩୧-୧୩୫୮ରେ ତରଭାରୁ ନିଜ ଗ୍ରାମ ଅନ୍ତର୍ଡା ଅଭିମୁଖେ ଯିବା ବେଳେ ଏହି ଦୁର୍ଘଟଣା ଘଟିଛି। ତରଭା ପୋଲିସ ଏକ ମାମଲା ରୁଜୁ କରିବା ସହ ସୁବର୍ଣ୍ଣପୁରରେ ମୃତଦେହ ବ୍ୟବଚ୍ଛେଦ କରାଇଛି। ବ୍ୟବଚ୍ଛେଦ ପରେ ଅପରାହ୍ନରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ତରଭାରେ ବ୍ୟବଚ୍ଛେଦ ଗୃହ ଥିଲେ ହେଁ ଗତ ବନ୍ୟାରେ ଗୃହର କ୍ଷତି ହୋଇଥିବା ଦର୍ଶାଇ ଜିଲା ସଦର ମହକୁମାକୁ ମୃତଦେହ ପଠାଯାଉଛି। ଫଳରେ ଲୋକେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

## ବିଜୁ ଯୁବ ବାହିନୀର ରକ୍ଷକ କାର୍ଯ୍ୟକ୍ରମ

**ବିନିକା,୨୧।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଉଁଶୁଣୀ କେନାଲ ଛକ୍‌ଠାରେ ସୋମବାର ବାଉଁଶୁଣୀ ବିଜୁ ଯୁବ ବାହିନୀର ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ବାହିନୀ ସଦସ୍ୟମାନେ ଯାନବାହାନ ଅଟକାଇ ଗାଡି ଚାଳକଙ୍କୁ ସିଟ୍ ବେଲ୍ଟ ଓ ହେଲମେଟ୍ ଲଗାଇ ନିରାପଦ ଯାତ୍ରା କରିବାକୁ ବୁଝାଇଥିଲେ। ବାଉଁଶୁଣୀ ଗ୍ରାମ ପଞ୍ଚାୟତ ବିଜୁ ଯୁବ ବାହିନୀ ସଭାପତି ସରୋଜ ବରିହାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ତୀର୍ଥବାସୀ ପାଣ୍ଡେ, କୋଷାଧ୍ୟକ୍ଷ ପ୍ରକାଶ ଷାଣ୍ଡ, ବୀରେନ୍ଦ୍ର ମୁଦୁଲି, ରଞ୍ଜନ ବଗର୍ତ୍ତୀ, ବିକି ନାଏକ, ଦୁର୍ବାସା ଷାଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବାଉଁଶୁଣୀ ଜଗନ୍ନାଥ ଯୁକ୍ତ ଦୁଇ କନିଷ୍ଠ କଲେଜ ଅଧକ୍ଷ ବନ ବିହାରୀ ମିଶ୍ର, ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।



ସଡ଼କ ସୁରକ୍ଷା ସମ୍ପର୍କରେ ଜଣେ ବାଇକ୍ ଆରୋହୀଙ୍କୁ ବୁଝାଯାଉଛି।





ବିସର୍ଜନ ଶୋଭାଯାତ୍ରାରେ ମହିଳାମାନେ ନୃତ୍ୟ କରୁଛନ୍ତି (ବାମ)। ଭସାଣି ଶୋଭାଯାତ୍ରାରେ ପାରମ୍ପରିକ ଯୋଡି ଶଙ୍ଖ ସହ ନୃତ୍ୟ କଳା ପ୍ରଦର୍ଶନ।

# ଭସାଣି ସହ ସରିଲା ହରଗୌରୀ ଯାତ୍ରା

## ନୃତ୍ୟ, ବାଦ୍ୟରେ ଦୁଲୁକିଲା ସହରର ରାସ୍ତାଘାଟ

**ସୋନପୁର,୨୧।୧୦(ନି.ପ୍ର.)**

ସହରର ଢେରାପଡାଠାରେ ଥିବା ବୁଢୀମାଙ୍କ ମନ୍ଦିର ପ୍ରାଙ୍ଗଣରେ ଗତ ୧୨ରୁ ୨୦ତାରିଖ ପର୍ଯ୍ୟନ୍ତ ଚାଲିଥିବା କୃଷିଭିତ୍ତିକ ହରଗୌରୀ ଯାତ୍ରା ଉଦ୍‌ଯାପିତ ହୋଇଛି। ହରଗୌରୀଙ୍କ ନଗର ପରିକ୍ରମା ପରେ ସୋମବାର ଭୋର ୪ଟାରେ ବାହାରିଥିଲା ବିସର୍ଜନ ଶୋଭାଯାତ୍ରା। ବରହମପୁରର ଯୋଡିଶଙ୍ଖ, ଗଞ୍ଜାମର ବାଘ ନାଚ, ଭବାନୀପାଟଣାର ଆଦିବାସୀ ନୃତ୍ୟ, ଦୁଲଦୁଲି ନୃତ୍ୟ, ସମ୍ପ୍ରଦା, ରନିଂ ମେଲୋଡି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସେହିପରି ଘଣ୍ଟ, ଶଙ୍ଖ, ଭେରୀ ତୁରୀ ସହ ବିଭିନ୍ନ ପାରମ୍ପରିକ ବାଦ୍ୟ ବାଦନ, କିର୍ତ୍ତନ, ରେକର୍ଡ ଡ୍ୟାନ୍ସ ଓ ନୃତ୍ୟାଙ୍ଗନାମାନଙ୍କର ନୃତ୍ୟ ସହ ସ୍ଥାନୀୟ ଯୁବକ, ମହିଳାମାନେ ଦେବଦେବ ମହାଦେବ ଓ ମାତା ଗୌରୀଙ୍କୁ ଶୋଭାଯାତ୍ରାରେ ନେଇଥିଲେ। ପାରମ୍ପରିକ ବାଦ୍ୟ ଓ ନୃତ୍ୟ ଗୀତରେ ସହରର ରାସ୍ତାଘାଟ ଦୁଲୁକି ପଡିଥିଲା। ଅପରାହ୍ନ ୨ଟାରେ ମହାନଦୀର ଟିକିରିପଡା ଘାଟରେ ଦେବଦମ୍ପତିଙ୍କୁ ବିସର୍ଜନ ଦିଆଯାଇଥିଲା। ସହରବାସୀ ଏଭଳି ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ବେଶ୍ ମଜା ଉଠାଇଥିଲେ।



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



## ସଂକ୍ଷେପରେ

### ଗଞ୍ଜେଇ ବୋଝେଇ ଗାଡି ଜବତ, ୨ ଗିରଫ

ମନମୁଣ୍ଡା, ୨୧।୧୦ (ଡି.ଏନ.ଏ)
ମନମୁଣ୍ଡା ପୋଲିସ ସୋମବାର ଏକ ଚାରିଚକିଆ ଗାଡି ସହ ୨ଟି ଜରି ବସ୍ତାରେ ଭର୍ତ୍ତି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା କରମାପଦରର ବିଭିଷଣ କୁମ୍ଭାର (୨୪) ଏବଂ ଜଗନ୍ନାଥ ନାଗ (୨୨)। ଏ ନେଇ ମନମୁଣ୍ଡା ଥାନାରେ ଏକ ମାମଲା (ନଂ.୧୬୧/୧୯) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି । ସୂଚନା ଅନୁସାରେ, କରମାପଦର ଅଞ୍ଚଳରୁ ଗଞ୍ଜେଇ ଚୋରା ଚାଲାଣ ହେବାକୁ ଥିବା କୌଣସି ସୂତ୍ରରୁ ପୋଲିସକୁ ସୂଚନା ମିଳିଥିଲା। ଆଇଆଇସି ଗୋପୀନାଥ ପ୍ରଧାନଙ୍କ ନିର୍ଦ୍ଦେଶମତେ ଏସଆଇ ଅରୁଣ କୁମାର ସିଂଙ୍କ ନେତୃତ୍ୱରେ ଏକ ଟିମ ରବିବାର ରାତ୍ରିରେ ସେହି ଅଞ୍ଚଳରେ ପେଟ୍ରୋଲିଂ କରିଥିଲେ । ସୋମବାର ଭୋର ୪ଟା ବେଳେ ସାଲେପଡା-ଲୁମ୍ବୁରଯୁନା ରାସ୍ତାରେ ଏକ କାର୍(ନଂ. ଓଆର୍ ୨୮ ସି/୯୬୫୫)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିବା ବେଳେ ସେଥିରୁ ଗଞ୍ଜେଇ ଜବତ ହୋଇଥିଲା । ଜବତ ଗଞ୍ଜେଇର ଓଜନ ୩୧ କେଜି ୮୦୦ ଗ୍ରାମ ଥିଲା ।

### ଦୁର୍ଘଟଣାରେ ୨ ଗୁରୁତର

ଅତାବିରା, ୨୧।୧୦ (ଡି.ଏନ.ଏ)
ଗୋଡଭଗା-ଡୁରୁମ ୫୪ ନମ୍ବର ରାଜ୍ୟ ରାଜପଥର ଉଦେପୁର ବାଘନଳିଆ ବ୍ରିଜ ଓ ଦେଶପର୍ଥଲା ଗୋଲେଇଠାରେ ସୋମବାର ସକାଳ ୧୦ଟା ସମୟରେ ଦୁଇଟି ପୃଥକ ଦୁର୍ଘଟଣା ଘଟିଛି । ଏଥିରେ ଜଣେ ମହିଳାଙ୍କ ସମେତ ୨ଜଣ ଗୁରୁତର ଆହତ ହୋଇଛନ୍ତି। ବାଘନଳିଆ ନିକଟରେ ଚାଲି ଚାଲି ଯାଉଥିବା ମହିଳା ତାରା ଝାଙ୍କର (୬୫)ଙ୍କୁ ଏକ ଅଜଣା ଗାଡି ଧକ୍କା ଦେବାରୁ ତାଙ୍କର ଗୋଟିଏ ହାତ ଭାଙ୍ଗି ଯାଇଥିଲା। ଦେଶପର୍ଥଲା ଗୋଲେଇ ନିକଟରେ ଏକ ବାଇକ (ନଂ.ଓଆର୧୭ଏମ/୪୯୭୬) ଗୋଡଭଗା ପଟକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଗଛରେ ପିଟି ହୋଇଯାଇଥିଲା। ଫଳରେ ବାଇକ୍ ଚାଳକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ତାଙ୍କୁ ଉଦ୍ଧାର କରି ବୁର୍ଲା ପଠାଯାଇଥିବା ବେଳେ ତାଙ୍କ ପରିଚୟ ମିଳିପାରିନାହିଁ । ଗୁଞ୍ଜୁଡା ଫାଣ୍ଡି ଅଧିକାରୀ ଗଣେଷ କଲେତ ଘଟଣାସ୍ଥଳକୁ ପହଞ୍ଚି ବାଇକ୍ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛନ୍ତି।

### ଗୋଷ୍ଠୀ ବିବାଦ, ୫ କୋର୍ଟଚାଲାଣ

ପଦ୍ମପୁର, ୨୧।୧୦ (ଡି.ଏନ.ଏ)
ପଦ୍ମପୁର ଉପଖଣ୍ଡ ଗଜଦଲପୁର ଥାନା ଅଧୀନ ପୁଟୁକା ଗୋରୁ ବଜାରରେ ଦୁଇ ଗୋଷ୍ଠୀ ମଧ୍ୟରେ ବନ୍ଧୁକ ଦେଖାଇ ନେଇ ବିବାଦ ସୃଷ୍ଟି ହୋଇଛି । ଏହି ଘଟଣାରେ ପୋଲିସ ଉଭୟ ପକ୍ଷର ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅକ୍ଷୟ ବାଗ (୩୮), ରାଜକୁମାର ଦୀପ (୪୦), ମୋତିଲାଲ ସାହୁ (୪୮), ବୀରେନ୍ଦ୍ର ସେଠ (୩୨), ପଞ୍ଚାନନ ବଗର୍ତ୍ତି (୩୬) । ଏ ନେଇ ଦୁଇଟି ପୃଥକ ମାମଲା (ନଂ.୧୨୭/୧୯ ଓ ନଂ.୧୨୮/୧୯) ରୁଜୁ ହୋଇଛି । ସମସ୍ତ ଅଭିଯୁକ୍ତଙ୍କୁ ସୋମବାର ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଛି ।

### ଦୀପାବଳି ପାଇଁ ଦୀପର ପସରା

ଜାମଟିକ୍ରା, ୨୧।୧୦ (ଡି.ଏନ.ଏ)
ଆଗକୁ ଦୀପାବଳି ଥିବାରୁ ବରଗଡ ଜିଲା ଅତାବିରା ସାପ୍ତାହିକ ହାଟରେ ମାଟି ସାମଗ୍ରୀର ପସରା ଦେଖିବାକୁ ମିଳିଛି । ଆଉ ୬ ଦିନ ପରେ ଅତାବିରା ଅଞ୍ଚଳବାସୀ ଦୀପାବଳି ପର୍ବ ପାଳିବେ। ବିଶେଷ କରି ହିନ୍ଦୁ ଧର୍ମର ପ୍ରତ୍ୟେକ ପର୍ବ ଅପେକ୍ଷା ଦୀପାବଳି ପର୍ବରେ ଅଧିକ ମାଟି ସାମଗ୍ରୀ ଦରକାର ପଡିଥାଏ । ଏହି ପର୍ବକୁ ନେଇ କୁମ୍ଭାରମାନେ ମଧ ଦୁଇ ପଇସା ଲାଭ ପାଇଥାନ୍ତି । ଅତାବିରା ବ୍ଲକ ଚକୁଳି ଗ୍ରାମର କୁମ୍ଭାର ପରିବାର ଏବେ ମାଟି ସାମଗ୍ରୀ ନିର୍ମାଣ କରିବାରେ ଲାଗି ପଡିଛନ୍ତି । ଏହି ଦିନରେ ଯାହା ରୋଜଗାର ହୁଏ ସେଥିରେ ବର୍ଷତମାମ ପରିବାର ଚଳିଥାନ୍ତି। ସୋମବାର ସାପ୍ତାହିକ ହାଟ ଥିବାରୁ କୁମ୍ଭାରମାନେ ହାଟରେ ମାଟି ସାମଗ୍ରୀର ପସରା ମେଲି ବସିଥିବା ବେଳେ ଲୋକଙ୍କ ବେଶ୍ ଭିଡ ପରିଲକ୍ଷିତ ହୋଇଛି । ଭଳିକି ଭଳି ଦୀପ, ଝୁଣା, ସରା, କଳସ ହାଣ୍ଡି, ନିଆଁସରା ଭଳି ଅନେକ ଜିନିଷ କିଣିବାରେ ଲୋକେ ବ୍ୟସ୍ତ ଥିବା ଦେଖିବାକୁ ମିଳିଛି ।

■ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ

# ଭୂମି ଅଧିଗ୍ରହଣ ପାଇଁ ତତ୍ପରତା

ବୌଦ୍ଧ ୨୧।୧୦(ସ୍ୱ.ପ୍ର)

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପ୍ରକଳ୍ପ ପାଇଁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ସୋମବାର ଅପରାହ୍ନରେ ଖୋର୍ଦ୍ଧା-ବଲାଙ୍ଗୀର ରେଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆବାହକ ଦେବାଶିଷ ପୁରୋହିତ ଓ ଉପଦେଷ୍ଟା ବିପ୍ର ଚରଣ ମହାନ୍ତି ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ। ଜମି ଅଧିଗ୍ରହଣ କାର୍ଯ୍ୟରେ ତହସିଲଦାରମାନଙ୍କୁ ଦାୟିତ୍ୱ ଦେବା ପରେ ଏକ ଉଚ୍ଚସ୍ତରୀୟ ବୈଠକ ଡାକି ମନମୁଣ୍ଡା ନିକଟ ଦେଉଳି ଗ୍ରାମରୁ କାର୍ଯ୍ୟ ଆରମ୍ଭ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ମିଶ୍ର ପ୍ରକାଶ କରିଥିଲେ। ବୌଦ୍ଧ ଜିଲାରେ ରହିଥିବା ତିନି ତହସିଲଦାରଙ୍କୁ ଦାୟିତ୍ୱ ପ୍ରଦାନ କରି ନଭେମ୍ବର ମାସରେ ୪୦ଟି ଗ୍ରାମରେ ହିତାଧିକାରୀଙ୍କୁ ଅର୍ଥ ପ୍ରଦାନ କରିବା ପାଇଁ ଉଦ୍ୟମ କରାଯିବ । ଏହାସହିତ ରାଜ୍ୟ ସରକାରଙ୍କ ପାଖରେ ମଞ୍ଜୁରୀ ପାଇଁ ପଡି ରହିଥିବା ୪୦ଟି ଗ୍ରାମକୁ ଅନୁମୋଦନ ପାଇଁ ପଦକ୍ଷେପ ନିଆଯାଇଥିବା ସେ ସୂଚନା ପ୍ରଦାନ କରିଥିଲେ । ହରଭଙ୍ଗା ତହସିଲରେ ୫୬ଟି ଗ୍ରାମ ଥିବାବେଳେ ବୌଦ୍ଧ ତହସିଲରେ ୩୩ ଏବଂ କଣ୍ଟାମାଳ ତହସିଲରେ ମାତ୍ର ୯ଟି ଗ୍ରାମ ରହିଥିବା ଜଣାପଡିଛି। ବୌଦ୍ଧ ଜିଲା ଅନ୍ତର୍ଗତ ତେଲନଦୀ ଉପରେ ସେତୁ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଥିବାରୁ ଆସନ୍ତା ନଭେମ୍ବର ମାସରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି ।

ସୂଚନାଯୋଗ୍ୟ, ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପ୍ରକଳ୍ପର ବୌଦ୍ଧ ଜିଲାରେ ସର୍ବାଧିକ ୧୧୦ କି.ମି. ଦୈର୍ଘ୍ୟ ରେଳପଥ କାର୍ଯ୍ୟ ହେବ । ଏଥିପାଇଁ ବୌଦ୍ଧ ଜିଲାରେ ସର୍ବାଧିକ ଜମି ଅଧିଗ୍ରହଣ ହେବ । ସରକାରୀ ନିୟମାନୁଯାୟୀ ଏହା ବିଳମ୍ବ ହେଉଛି । ଭୂ ଅର୍ଜନ ଅଧିକାରୀ ଭାବେ ଅବସରପ୍ରାପ୍ତ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ସେମାନଙ୍କୁ ସରକାରୀ ନିୟମାନୁଯାୟୀ ଅର୍ଥ କାରବାର ଦାୟିତ୍ୱ ଦେବାରେ ବାଧା ସୃଷ୍ଟି ହୋଇଥିଲା। ବର୍ତ୍ତମାନ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଗତ ତା୧୧।୧୦।୨୦୧୯ରିଖ ଚିଠି ନଂ.ଆର୍.ଡି.ଏମ୍.-ଏଲ୍.ଏଲ୍.ଏ.-ସି.ଏଲ୍.ଆର୍.ଏଫ୍.ଆଇ.ସି.-୦୦୦୪-୨୦୧୭୧-୩୦୮୭୦ ଅନୁସାରେ ରାଜ୍ୟରେ ଓଏଏସ ଓ ଓଆର୍ଏସ ପଦବୀ ଅଭାବରୁ ଭୂ ଅର୍ଜନ ଅଧିକାରୀ ଓ ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇ ପାରୁନାହିଁ। ଏଣୁ ଜିଲାରେ ଥିବା ତହସିଲଦାର ଓ ଅତିରିକ୍ତ ତହସିଲଦାରମାନଙ୍କୁ ଭୂ ଅର୍ଜନ ଅଧିକାରୀ ଦାୟିତ୍ୱ ପ୍ରଦାନ କରି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ବିଜ୍ଞପ୍ତି ଜାରି କରିଛନ୍ତି ।



ଜାଣ୍ଡୋଲ କାଳିପୂଜା ପାଇଁ ମହିଷାସୁର ବରଣ କରାଯାଉଛି ।

## କାଳୀପୂଜା ପାଇଁ କଳାକାର ବରଣ

ଭେଡ଼େନ, ୨୧।୧୦(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ଜାଣ୍ଡୋଲଠାରେ ହେବାକୁ ଥିବା ୪୩ ତମ କାଳିପୂଜା ମହୋତ୍ସବରେ ମୁକ୍ତମଞ୍ଚ ମହିଷାସୁର ଦରବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ମହିଷାସୁର ଭୂମିକାରେ ଅଭିନୟ କରିବା ପାଇଁ ଅନ୍ତର୍ଡ଼ା ଗ୍ରାମର ପ୍ରସିଦ୍ଧ ଅଭିନେତା ଗୋପାଳ ପଣ୍ଡାଙ୍କୁ ବରଣ କରାଯାଇଛି। ସୋମବାର ଜାଣ୍ଡୋଲ ଯାତ୍ରା କମିଟିର ସଦସ୍ୟ ନଳାଞ୍ଚଳ ମେହେର, ତରଣୀସେନ ମେହେର, ଥବିର ପାତ୍ର, ସାନନ୍ଦ ମେହେର, ଗତିକୃଷ୍ଣ ରଣା, ପରେଶ ମେହେର, ଶମ୍ଭୁ ପଧାନ, ବାଦଲ ସେଠ ପ୍ରମୁଖ ଅଭିନେତା ପଣ୍ଡାଙ୍କ ଅନ୍ତର୍ଡ଼ା ସ୍ଥିତ ବାସଭବନକୁ ଯାଇ ତାଙ୍କୁ ନାରିକେଳ, ପୁଷ୍ପମାଲ୍ୟ, ଉପଢ଼ୌକନ ଦେଇ ବରଣ କରିଥିଲେ । ଆସନ୍ତା ୨୭ ତାରିଖରୁ ଏହି କାଳିପୂଜା ଆରମ୍ଭ ହୋଇ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

■ ଆନ୍ତଃ କଲେଜ ଫୁଟବଲ ଟୁର୍ନାମେଣ୍ଟ

## ଫାଇନାଲରେ ଭୈରବୀ, ସିଣ୍ଡୋଲ କଲେଜ



ଅତିଥିଙ୍କ ଗହଣରେ ଫୁଟବଲ ମ୍ୟାଚ୍‌ର ଦୁଇ ବିଜୟୀ ଦଳର ଖେଳାଳି ।

ଅତାବିରା, ୨୧।୧୦ (ଡି.ଏନ.ଏ)

ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ବା କଲେଜ ଖେଳ ପଡିଆରେ ଚାଲିଥିବା ଆନ୍ତଃ କଲେଜ ଫୁଟବଲ ଟୁର୍ନାମେଣ୍ଟର ସୋମବାର ମ୍ୟାଚ ସିଣ୍ଡୋଲ କଲେଜ ବନାମ ଏଲଏନ କଲେଜ ଝାରସୁଗୁଡା ଏବଂ ଭୈରବୀ କଲେଜ ପୁରୁଣାକଟକ ବନାମ ବରାପାଲି କଲେଜ ମଧ୍ୟରେ ସେମିଫାଇନାଲ ଖେଳ ହୋଇଥିଲା। ଭୈରବୀ କଲେଜ ଓ ସିଣ୍ଡୋଲ କଲେଜ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛନ୍ତି। ଏହି ଅବସରରେ ଲରମ୍ବା କଲେଜ ଅଧ୍ୟକ୍ଷ ଡ. ନରେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଗୋରାଚାନ୍ଦ ମହାପାତ୍ର, ପୂର୍ବତନ କ୍ରୀଡା ଶିକ୍ଷକ ରମଣୀ ରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷକ ଚିତ୍ତରଞ୍ଜନ ଛନ୍ଦ, ନିରଞ୍ଜନ ମାହାର, ଅଶ୍ୱିନୀ ମେହେର, ଶୁଭମ ପାତ୍ର, ସୁରେଶ ଦାଶ, ପଞ୍ଚାନନ ପାତ୍ର, ଅମିତ ମାହାଣ, ଅନୀଲ ବାଗଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । ଡ. ଅଜିତ ନାଥ, ରତନ କୁମାର ଶର୍ମା, ପ୍ରାଧ୍ୟାପକ ଡ. ପୁଷ୍ପ କୁମାର ମେହେର, ଅଶୋକ ମାହାନ୍ତି, ଅମୃତା ସାମନ୍ତ ପ୍ରମୁଖ ସହଯୋଗ କରିଥିଲେ । କ୍ରୀଡା ଶିକ୍ଷକ ହରିଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ମନମୁଣ୍ଡା ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

ମନମୁଣ୍ଡା, ୨୧।୧୦ (ଡି.ଏନ.ଏ)
ମନମୁଣ୍ଡା ଶିଶୁ ମନ୍ଦିରରେ ପ୍ରଧାନଆଚାର୍ଯ୍ୟ ଅଶୋକ କୁମାର ବଡମାଳିଙ୍କ ସଭାପତିତ୍ୱରେ ସୋମବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ସତ୍ୟନାରାୟଣ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସିଆରସିସି ପ୍ରତୀଣା ପାଢ଼ୀ, ଲକ୍ଷ୍ମୀନାରାୟଣ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଜୀଣା ପାଢ଼ୀ ମାତୃ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଶିଶୁମାନଙ୍କୁ ଉନ୍ନତ ଭାବେ ଗଢ଼ି ତୋଳିବାରେ ମା'ମାନଙ୍କ ଭୂମିକା ସମ୍ପର୍କରେ ପ୍ରଧାନଆଚାର୍ଯ୍ୟ ଆଲୋକପାତ କରିଥିଲେ । ଶକୁନ୍ତଳା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବାଳିକା ପ୍ରମୁଖ ଅଞ୍ଜଳି ପାତ୍ର ଓ ସିନ୍ଧୁସୂତା ମହାନ୍ତି ଚର୍ଚ୍ଚା କାଳାଂଶ ନେଇଥିଲେ। ଏଥିରେ ୩୦ରୁ ଉର୍ଦ୍ଧ୍ୱ ମା' ଯୋଗଦେଇ ନିଜ ନିଜ ମତାମତ ରଖିଥିଲେ। ଶିଶୁ ମନ୍ଦିରର ସମ୍ପାଦକ ଗଣେଶ୍ୱର ପାତ୍ର ମା'ମାନଙ୍କୁ ଉତ୍ସାହିତ କରିଥିଲା ବେଳେ ଆଚାର୍ଯ୍ୟ ପ୍ରମୋଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## ଯାଦବ ସମାଜର ରାସପୂର୍ଣ୍ଣିମା ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଯାଦବ ସମାଜର ସଭ୍ୟମାନେ ।

ଜାମଟିକ୍ରା/ଭେଡେନ, ୨୧।୧୦ (ଡି.ଏନ.ଏ)

ଭେଡେନ ବ୍ଲକ ଅନ୍ତର୍ଗତ ଆଖିଫୁଟା ଛକରେ ସୋମବାର କୃଷ୍ଣଚନ୍ଦ୍ର ମଟାରୀଙ୍କ ସଭାପତିତ୍ୱରେ ଯାଦବ ସମାଜର ରାସପୂର୍ଣ୍ଣିମା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହଲାକଁଟାର ସ୍ୱର୍ଗତ ଅନ୍ଧାରୁ ଦୀପ ଓ ଗଣ୍ଡିଆପାଲିର ସ୍ୱର୍ଗତ ବିହାରୀ ବାଗଙ୍କ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅଞ୍ଚଳରେ ଅନୁଷ୍ଠିତ ହେବାକୁ ଥିବା ରାସପୂର୍ଣ୍ଣିମାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ଏଥିରେ ରାମ ଭୁଏ, ବସୁ ବାଗ, ସାହେବ ମଟାରୀ, ରମେଶ ନାଗ ପ୍ରମୁଖ ଯୋଗ ଦେଇଥିଲେ। ରାସପୂର୍ଣ୍ଣିମାର ପ୍ରଚାର ପ୍ରସାର କିପରି ହେବ ସେ ଦିଗରେ ଉପସ୍ଥିତ ଯାଦବ ଭାଇମାନେ ମତାମତ ଦେଇଥିଲେ ।

## ଛାତ୍ରୀଛାତ୍ରଙ୍କ କଳାର ବିକାଶ କରିବ ସୁରଭି

ବୌଦ୍ଧ/ତଳଗାଁ,୨୧।୧୦(ସ୍ୱ.ପ୍ର/ଡି.ଏନ.ଏ)

ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତର ଗୋରଡାମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସ୍ତରୀୟ ସୁରଭି ଉତ୍ସବ ଅନୁଷ୍ଠିତ ହୋଇଛି । ଗଣ୍ଡାପାଳୁ ଏମଇ ସ୍କୁଲର ସହକାରୀ ଶିକ୍ଷକ ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ସଭା ପରିଚାଳନା ହୋଇଥିଲା । ତଳଗାଁ ସିଆରସିସି ସନ୍ତୋଷ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଚାରକ ମଣ୍ଡଳି ଭାବେ ବାରମୁଣ୍ଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରୁଣାକର ବେହେରା, ଶିବରାମ ସାହୁ, ମାଧବ ବେହେରା, ସୁଦର୍ଶନ କହଁର, ଗିରିଶ ନାଏକ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ଏହି ଉତ୍ସବ ଦ୍ୱାରା ଗ୍ରାମାଞ୍ଚଳରେ ରହୁଥିବା ଛାତ୍ରୀଛାତ୍ରଙ୍କ କଳାର ବିକାଶ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ଡିବେଟ, ରଚନା, ଚିତ୍ରାଙ୍କନ, ହସ୍ତଲିଖନ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ସେହିପରି ସରସରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ହୋଇଛି। ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଉଦଯାପନୀ ସନ୍ଧ୍ୟାରେ ଜିଲା ପ୍ରକଳ୍ପ ସଂଯୋଜକ ଗେନ୍ଦ୍ରା କୁଜୁର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିଶୁଙ୍କ ଅନ୍ତର୍ନିହିତ ଗୁଣାବଳିର ବିକାଶ ପାଇଁ ସୁରଭି କାର୍ଯ୍ୟକ୍ରମ ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି ମତ ବ୍ୟକ୍ତ କରିଥିଲେ । ସରସରା ସରପଞ୍ଚ ଗୀତାଞ୍ଜଳି ପ୍ରଧାନ, ସମିତିସଭ୍ୟା କଲ୍ୟାଣୀ ଦେହୁରୀ ଉପସ୍ଥିତ ଥିଲେ। ପଧାନ ଶିକ୍ଷକ ବସନ୍ତ କୁମାର ସାହୁ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଧରଣୀଧର ମେହେର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶିକ୍ଷକ ବିଜୟ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ୧୬ଟି ବିଦ୍ୟାଳୟର ୧୫୭ ଜଣ ଛାତ୍ରୀଛାତ୍ର ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ । ସେହିପରି ହରଭଙ୍ଗା ଶଙ୍କୁଲୋଇଠାରେ ଆୟୋଜିତ ଶିଶୁ ମହୋତ୍ସବ ସୁରଭି ସିଆରସିସି ନଗେନ୍ଦ୍ର କୁମାର ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ସଙ୍କୁଲୋଇ ସରପଞ୍ଚ ରଶ୍ମିତା ମହାକୁଡ ଓ ଅନ୍ୟତମ ଅତିଥି ଭାବେ ଶିକ୍ଷକ ପ୍ରଶନ୍ନ କୁମାର ପ୍ରଧାନ ଓ ସତ୍ୟନାରାୟଣ ସାହୁ ଯୋଗ ଦେଇଥିଲେ। ଶିକ୍ଷକ ବୃନ୍ଦାବନ୍ଦ ଭୋକ୍ତା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ବେଦବର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ୧୪ଟି ବିଦ୍ୟାଳୟର ୧୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିକ୍ଷକ ରାଜକିଶୋର ପୃଷ୍ଟି, ମନୋଜ ହୋତା, ସରୋଜ ସାହୁ, ସୁଶାନ୍ତ ହୋତା, ଦୟା ହଂସ, ସଞ୍ଜୀବ ସାହୁ ଓ ବାବୁଲା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ପଞ୍ଚାୟତସ୍ତରୀୟ ଶ୍ରମଦାନ ଦିବସ

ବାଉଁଶୁଣୀ, ୨୧।୧୦ (ଡି.ଏନ.ଏ)
ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ ସମୂହ ପକ୍ଷରୁ ଶ୍ରମଦାନ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଶୋଭାଯାତ୍ରାରେ ଅଙ୍ଗନୱାଡି କର୍ମୀ, ଆଶା, ୱାର୍ଡମେମ୍ବର, ଅଙ୍ଗନୱାଡି ହେଲପର, ଏସଏଚଜି ମହିଳା ଉପସ୍ଥିତ ଥିଲେ । ଶୋଭାଯାତ୍ରା ପ୍ରଥମେ ବାଉଁଶୁଣୀ ପଞ୍ଚାୟତରୁ ବାହାରି ମାଉଳିମୁଣ୍ଡା ଫାୟାର ଷ୍ଟେସନ ଛକ ଦେଇ ପଞ୍ଚାୟତରେ ପହଞ୍ଚିଥିଲେ । ବାଉଁଶୁଣୀ ପଞ୍ଚାୟତର ୧୧ଟି ଅଙ୍ଗନୱାଡି କେନ୍ଦ୍ରକୁ ନେଇ ଏହି ପଞ୍ଚାୟତ ସ୍ତରୀୟ ଶ୍ରମଦାନ ଦିବସ ପାଳିତ ହୋଇଥିଲା । ସୌଦାମିନୀ ମେହେର, ବିଦ୍ୟୁଲତା ଦାସ, ସସ୍ମିତା ମଣ୍ଡଳ, ରଞ୍ଜୁବନ ମାଳି, ପ୍ରତିମା ଷଡଙ୍ଗୀ, ରୀନା ଭୋଇ, ମିନି ମହାକୁର, ରୀତାରାଣୀ ଘଣ୍ଟୁଆଳ, ଲିଲି ବେହେରା ପ୍ରମୁଖ ଅଙ୍ଗନୱାଡି କର୍ମୀ ସହଯୋଗ କରିଥିଲେ ।

## ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

ଗଣ୍ଡତୁରୁମ, ୨୧।୧୦ (ଡି.ଏନ.ଏ)

ଭେଡେନ ବ୍ଲକ ଅନ୍ତର୍ଗତ ମହୁଲପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ଏକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଧନ୍ୱନ୍ତରୀ ନାରାୟଣ ବିଶି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁର ବିକାଶରେ ମା'ର ଭୂମିକା ବିଷୟରେ ବର୍ଣ୍ଣନା କରିଥିଲେ । ସେହିପରି ପରିଚାଳନା କମିଟି ସମ୍ପାଦକ ମନବୋଧ ସାହୁ, କୋଷାଧ୍ୟକ୍ଷ ପ୍ରଦୀପ କର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମା'ମାନଙ୍କ ଭୂମିକାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଗୁରୁଜୀ ଗୋପାଳକୃଷ୍ଣ ମହାର୍ଣ୍ଣା ଧନ୍ୟବାଦ ଅର୍ପଣ କରିଥିଲେ ।



ମାତୃ ସମ୍ମିଳନୀରେ ଉପସ୍ଥିତ ମା'ମାନେ ।

## ଗିରିଗୋବର୍ଦ୍ଧନ ପୂଜା ପାଇଁ କଳସ ଶୋଭାଯାତ୍ରା



ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି ।

ଗଣ୍ଡତୁରୁମ, ୨୧।୧୦ (ଡି.ଏନ.ଏ)

ଭେଡେନ ବ୍ଲକ ଚିଚିକିପାଲିରେ ହେବାକୁ ଗିରିଗୋବର୍ଦ୍ଧନ ପୂଜା ଓ ଭାଗବତ ପାରାୟଣ ଯଜ୍ଞ ପାଇଁ ସୋମବାର ୧୦୮ ମହିଳାଙ୍କ ଦ୍ୱାରା କଳସଯାତ୍ରା ଅନୁଷ୍ଠିତ ହୋଇଛି । ସୁନାମୁହିଁ ପାହାଡ ମାଡା ମଠର ମହନ୍ତ ଗୋପୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହିଳାମାନେ ନିର୍ଜଳା ଉପବାସ କରି ବ୍ରାହ୍ମଣତୁରୁମ ମହାନଦୀ ଘାଟରୁ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ଏଥିରେ ସୁଶୀଳ କୁମାର ନାଏକ ପୌରୋହିତ୍ୟ କରିଥିଲେ । ବିଦେଶ ଦାଶ ଓ ତାଙ୍କ ସ୍ତ୍ରୀ ଜୟନ୍ତୀ ଦାଶ ଯଜ୍ଞରେ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି । ୭ ଦିନ ଧରି ପାଳିତ ହେବାକୁ ଥିବା ଯଜ୍ଞରେ ପ୍ରତ୍ୟହ ବ୍ୟାସ ରୋଶନ ପୁରୋହିତଙ୍କ ଦ୍ୱାରା ଭାଗବତ ପାରାୟଣ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ଗୋବର୍ଦ୍ଧନ ପୂଜା କମିଟି ପକ୍ଷରୁ କୁହାଯାଇଛି। ରାଧେଶ୍ୟାମ ପଧାନ, ନବୀନ ବାରିକ, ଶୁକ୍ରୁ ପଧାନ, ଶ୍ରୀମତ ଡାଙ୍ଗ, ହନୁମନ୍ତ ଡାଙ୍ଗଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

■ ଅଦରକାରୀ ସାମାନରୁ ଇନ୍‌ଭଟର ତିଆରୁଛନ୍ ପିଣ୍ଟୁ

# ପାଠ୍‌ପଢ଼ା ଲାଗି ଟଁକା ଅଭାବ୍

ଅତାବିରା, ୨୧।୧୦ (ଡି.ଏନ୍.ଏ.)

ଶିକ୍ଷା ସବୁବେଲେ ମୁନୁଷ୍‌କେ ଆଗ୍‌କେ ବଢ଼ବାର ବାଟ୍ କଢ଼ାସି। ହେଲେ ଶିକ୍ଷା ଯେ ସବୁ ଜାଗାରେ ନିହାତି ଦରକାର ଏନ୍ତା ବି କିଛି ନାଁଇଁ। ମୁନୁଷ୍‌ର ଇଛାଶକ୍ତି, ଧରୟ୍, ମନ୍‌ବଲ ଥିଲେ ଅନେକ୍ କାମ୍‌ରେ ସଫଳତା ପାଇ ପାରସି। ଏନ୍ତା ବରଗଡ଼ ଜିଲାର ଝନେ ଅଲପ୍ ପାଠ୍‌ପଢ଼ା ଯୁବକ ନିଜର କାମ୍ ଲାଗି ଉଦାହରନ୍ ପାଲଟିଛନ୍।

ସୂଚନା ଅନ୍‌ସାରେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟିଲି ଗାଁର ସ୍ୱର୍ଗତ ବିରବଲ ନାୟକଙ୍କର ପୁଓ ପିଣ୍ଟୁ ନାୟକ(୧୬)। ପରିବାର କହେଲେ ବିଧବା ମା' ତପସ୍ୱିନୀ ଆର ବଡ଼ ଭାଇ ଜିଷ୍ଣୁ। ପରିବାରଟା ନିହାତି ଗରିବ୍। ଆଏଜ୍‌କେ ୪ ବଛର ତଲେ ବାପ୍ ଆରପାରକେ ଚାଲିଗଲାରୁ ପରିବାରଟା ଭାଂଗି ପଡ଼ିଥିଲେ। ଏହେଦେ ବିଧବା ମା' କୁଲି ମଜୁରି କରି କୁଟୁମ ପୁଷୁଥିଲାବେଲେ ବଡ଼ ଭାଇ ସମ୍ବଲପୁର ଅଂଚଲରେ ଇଲେକ୍ଟ୍ରି ମରାମତି କାମ୍ କରୁଛନ୍। ଅଭାବ ଅନାଟନ ଲାଗି ପିଣ୍ଟୁ ମାଟ୍ରିକ ଡେଗି ନାଇଁପାରଲେ। ହେଲେ ସେ ତାକର ବୁଧିବିବେକ ଖଟେଇ ଅଦରକାରୀ ଇଲେକ୍ଟ୍ରି ସାମାନ ଠୁଳାବାର ସଂଗେ ନାନା ଜିନିଷ ତିଆରିବାରେ ସମିଆ ଦେଲେ। ଯେନ୍ ଇଲେକ୍ଟ୍ରି ସାମାନ ଲୋକ୍ ଅଦରକାରୀ ଭାବି ବାରିଆଡେ ଫିଙ୍ଗିଦେଉଛନ୍, କବାଡିକେ ଦେଇ ଦେଉଛନ୍ ସେ ସବୁକେ ପିଣ୍ଟୁ ଯୁଗାଡ଼ କରୁଛନ୍। ସେ ସବୁ ସାମାନରୁ ସେ ଇନ୍‌ଭଟର ତିଆର କରିଛନ୍। ଯେନ୍ ଇନ୍‌ଭଟର କି ବିଦ୍ୟୁତ୍ କାଟ୍‌ବେଲେ କାମେ ଲାଗୁଛେ। ତାକର ତିଆରି ଇନ୍‌ଭଟରରୁ ଆରାମରେ ୨ ଘଣ୍ଟା ତକ୍ ବଲ୍ ଜଲୁଛେ। ସାଜୋସାମାନ ହେଲେ ଭଲ ଇନ୍‌ଭଟର ତିଆରିହେବା। ସେଥିରେ ପଂଖା, ଟିଭି ଚାଲିପାରବା ବଲି ପିଣ୍ଟୁ କହିଛନ୍। ଇ ବାବ୍‌ଦେ ତାହାକୁ ପଚରାଲାରୁ ଆଗିଆଁ ଫିଙ୍କାପକା ଜିନିଷ୍‌ରୁ ବୁଧି ଖଟେଇ ଇନ୍‌ଭଟର ତିଆର କରିଛେଁ। ମୋତେ ସରକାରୀ ସାହାଯ୍ ଦେଇ ଇଲେକ୍ଟ୍ରି ଭିଭାଗଥି ଆଇଟିଆଇ ପଢ଼ବାର ସୁଯୋଗ ଦେଲେ ବହୁତ୍ କିଛି କରିପାରତି ବଲି ସେ କହିଛନ୍। ଜିଲା ପରଶାସନ ଇ ଗରିବ୍ ଯୁବକ ଉପରେ ଦୁରୁଷ୍ଟି ଦେଇ ସରକାରୀ ସାହାଯ୍ ସଂଗେ ପାଠ୍‌ପଢ଼ବାର ବେବସ୍ତା କରବାକେ ବୁଧିଜୀବୀ ମହଲରେ ଦାବି ହେଉଛେ।



ନିଜର ତିଆରିଲା ଇନ୍‌ଭଟରରୁ ପିଣ୍ଟୁ ବଲ୍ ଜଲେଇ ଦେଖଉଛନ୍ ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୨ ଅକ୍ଟୋବର, ୨୦୧୯



ସମସ୍ତଙ୍କ ଭିତରେ ତୁମେ ନିଜକୁ ଚିହ୍ନ। ଭଗବାନଙ୍କୁ ଭଲ ପାଅ। ଭଗବାନଙ୍କ ଗୁଣ କୀର୍ତ୍ତନ କର। ଯାହାର ବୋଝ ବୋହିପାରିବାର ସାମର୍ଥ୍ୟ ଅଛି, ସେ ହିଁ କେବଳ ବୋଝ ବୋହିପାରିବ।
- -ଗୁରୁ ନାନକ



## ସଂକ୍ଷେପରେ



### ଭସାଣି ସହ ବିଦାୟ ନେଲେ ମା'ଗଜଲକ୍ଷ୍ମୀ

**ଅମରପାଲି, ୨୧।୧୦ (ଡି.ଏନ୍.ଏ):** ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁଣ୍ଡୁଣ୍ଡାଠାରେ ଚାଲିଥିବା ୩୭ତମ ଗଜଲକ୍ଷ୍ମୀ ପୂଜା ଭସାଣି ସହ ସମାପନ ହୋଇଛି। ନଅଦିନ ଧରି ଏହି ଗଜଲକ୍ଷ୍ମୀ ପୂଜା ହୋଇଥିଲା। ସୋମବାର ମଧ୍ୟାହ୍ନରେ ଆରମ୍ଭ ହୋଇଥିବା ଭସାଣି ପୂର୍ବରୁ ଗଜଲକ୍ଷ୍ମୀଙ୍କଠାରେ ହୋମ, ଘୃତଯଜ୍ଞ ହୋଇ ପୂର୍ଣ୍ଣାହୁତି ପଡିଥିଲା। ପୂଜା ପାଇଁ ବ୍ରତ ରଖିଥିବା ପ୍ରାୟ ୧୦୦ଜଣ ସଦସ୍ୟ ପୂର୍ଣ୍ଣାହୁତି ବେଳେ ଉପସ୍ଥିତ ଥିଲେ। ଏହାପରେ ଆରମ୍ଭ ହୋଇଥିଲା ଭସାଣି ଶୋଭାଯାତ୍ରା। ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ସହିତ ରାମ, ଲକ୍ଷ୍ମଣ, ସୀତା, ହନୁମାନ, ଗଣେଷ, ସରସ୍ୱତୀ ଆଦି ପାର୍ଶ୍ୱ ଦେବାଦେବୀଙ୍କୁ ମଧ ଭସାଣି ଶୋଭାଯାତ୍ରାରେ ନିଆଯାଇଥିଲା। ଶୋଭାଯାତ୍ରାରେ ଘଣ୍ଟବାଦ୍ୟ, ଦୁଲଦୁଲି, ଡିଜେ, ରୋଡଡ୍ୟାନ୍ସ ଓ ବିଭିନ୍ନ ପାରମ୍ପରିକ ଓ ଆଧୁନିକ ନୃତ୍ୟ ସାମିଲ ଥିଲା। ଶୋଭାଯାତ୍ରାରେ ବସ୍ତି ପରିକ୍ରମା ପରେ ନିକଟସ୍ଥ ହରିହରଯୋରରେ ବିସର୍ଜନ କରାଯାଇଥିଲା।

### ସ୍କୁଟି ଦୁର୍ଘଟଣାଗ୍ରସ୍ତ, ଆରୋହୀ ମୃତ

**ତରଭା, ୨୧।୧୦(ଡି.ଏନ.ଏ): ** ସୁବର୍ଣ୍ଣପୁର ଜିଲା ତରଭା ଏଇଏସ କଲେଜ ନିକଟରେ ସୋମବାର ଏକ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ସ୍କୁଟି ଆରୋହୀ ତଥା ଅନ୍ତର୍ଡାର ଜଗନ୍ନାଥ ଦଳବେହେରା(୩୮)ଙ୍କ ମୃତ୍ୟୁ ହୋଇଛି। ରାସ୍ତା ପାର୍ଶ୍ୱ ଖାଲରେ ପଡି ତାଙ୍କର ମୃତ୍ୟୁ ହୋଇଛି। ସେହିପରି ସ୍କୁଟିରେ ବସିଥିବା ସୁରେନ୍ଦ୍ର ନାଏକ(୪୦) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଉଭୟେ ସ୍କୁଟି ନମ୍ବର ଓଡି୩୧-୧୩୫୮ ରେ ତରଭାରୁ ନିଜ ଗ୍ରାମ ଅନ୍ତର୍ଡା ଅଭିମୁଖେ ଯିବା ବେଳେ ଏହି ଦୁର୍ଘଟଣା ଘଟିଛି। ତରଭା ପୋଲିସ ଏକ ମାମଲା ରୁଜୁ କରିବା ସହ ସୁବର୍ଣ୍ଣପୁରରେ ମୃତଦେହ ବ୍ୟବଚ୍ଛେଦ କରାଇଛି । ବ୍ୟବଚ୍ଛେଦ ପରେ ଅପରାହ୍ନରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ତରଭାରେ ବ୍ୟବଚ୍ଛେଦ ଗୃହ ଥିଲେ ହେଁ ଗତ ବନ୍ୟାରେ ଗୃହର କ୍ଷତି ହୋଇଥିବା ଦର୍ଶାଇ ଜିଲା ସଦର ମହକୁମାକୁ ମୃତଦେହ ପଠାଯାଉଛି। ଫଳରେ ଲୋକେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।



### ହତ୍ୟା ଅଭିଯୋଗର ଫେରାର ଅଭିଯୁକ୍ତ ଗିରଫ

**ବଲାଙ୍ଗୀର ଅଫିସ,୨୧।୧୦:** ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ କର୍ଲାପିଟା ଗାଁର ମଦନ ବେହେରା ଗତ ଅଗଷ୍ଟ ମାସ ୧୩ ତାରିଖ ଦିନ ତାଙ୍କ ଘର ମରାମତି କରି ପଲିଥିନ୍ ପକାଉଥିଲେ । ଏହି ସମୟରେ ପଡୋଶୀ ଚୈତନ୍ୟ ବେହେରା ଏଥିଯୋଗୁ ତାଙ୍କ ଗୁହାଳରେ ବର୍ଷା ପାଣି ପଡିବ ବୋଲି କହିଥିଲେ । ଏତିକିରେ କ୍ରୋଧିତ ହୋଇ ମଦନ ଚୈତନ୍ୟ ଓ ତାଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ କରିବା ସହ କୁଆଡେ ହତ୍ୟା ଧମକ ଦେଇଥିଲେ । ପରେ ମଦନ ଏକ ଟୁକୁରା ଇଟାକୁ ଫିଙ୍ଗି ଦେବାରୁ ତାହା ଚୈତନ୍ୟଙ୍କ ମା' କ୍ଷୀର ବେହେରାଙ୍କ ଦେହରେ ବାଜିଥିଲା ଓ ସେ ଚେତାଶୂନ୍ୟ ହୋଇଯାଇଥିଲେ । ଗୁରୁତର ଅବସ୍ଥାରେ କ୍ଷୀରଙ୍କୁ ଆମ୍ବୁଲାନ୍ସ ଯୋଗେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ଚୈତନ୍ୟ ସଦର ଥାନାରେ ଘଟଣା ଦିନ ଲିଖିତ ଅଭିଯୋଗ କରିଥିଲେ । ତେବେ ସେହିଦିନରୁ ଅଭିଯୁକ୍ତ ମଦନ ଫେରାର ହୋଇଯାଇଥିଲେ। ରବିବାର ବିଳମ୍ବିତ ରାତିରେ ଅଭିଯୁକ୍ତ ମଦନଙ୍କୁ ପୋଲିସ ତାଙ୍କ ଗାଁରୁ ଗିରଫ କରିଥିଲା । ସୋମବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସଡିପିଓ ଶ୍ରୀମନ୍ତ ବାରିକ ସୂଚନା ଦେଇଛନ୍ତି ।

# କ୍ଷେତ୍ର ପରିଦର୍ଶନ କଲେ ଏକ୍ସପର୍ଟ କମିଟି

**ବଲାଙ୍ଗୀର ଅଫିସ,୨୧।୧୦**

- ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଁ ତୃଣମୂଳ ସ୍ତରରୁ ରିପୋର୍ଟ ସଂଗ୍ରହ
- କମିଟି ସଦସ୍ୟମାନେ ହିତାଧିକାରୀଙ୍କ ସହ ଆଲୋଚନା କଲେ
- ଘର ଭିତ୍ତିଭୂମି ସଂରଚନାରେ ଜାତୀୟ ସ୍ତରରେ ବଲାଙ୍ଗୀର ପାଇଁ ସଫଳତା

ଓଡିଶା ସରକାରଙ୍କ ଏକ ଏକ୍ସପର୍ଟ ଟିମ୍ ସୋମବାର ବଲାଙ୍ଗୀର ଜିଲା ଗସ୍ତ କରି ଜିଲାର ବିଭିନ୍ନ ଗାଁ ବୁଲି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟ ତଦାରଖ କରିଛନ୍ତି । ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡିକର ଉତ୍କୃଷ୍ଟ କାର୍ଯ୍ୟାନ୍ୱୟନ ଏବଂ ସାର୍ବଜନିକ ସେବା ଯୋଗାଣରେ ବଲାଙ୍ଗୀର ଜିଲା ପ୍ରଶାସନ ଉନ୍ନତ ପ୍ରଦର୍ଶନ କରିଥିବାରୁ ଏହି ଟିମ୍ ଜିଲା ଗସ୍ତ କରିଛି । ଏହି କମିଟି ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ୍ ସକାଶେ କେତୋଟି ନିର୍ଦ୍ଦିଷ୍ଟ ଜିଲା ଗସ୍ତ କରି ରିପୋର୍ଟ ସଂଗ୍ରହ କରୁଥିବା ଜଣାପଡିଛି। ଏକ୍ସପର୍ଟ କମିଟି ଅଧ୍ୟକ୍ଷ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଡ ଆର. ଏନ୍, ବହିଦାର, ସଦସ୍ୟ ପ୍ରଫେସର ଓ. ଏସ୍. ପେପିନ୍, ସଦସ୍ୟ ଆବାହକ ଓଏସ୍ଡି ଏନ୍ .କେ. ସେଠୀ ଏବଂ ଏସକର୍ଟ ଅଫିସର ବି .ମଲ୍ଲିକ ବଲାଙ୍ଗୀର ଗସ୍ତ କରିଥିଲେ । ଏହି ଟିମ୍ ଦେଓଗାଁ ବ୍ଲକର ସାଗରପାଲି, ସଇଁତଲା ବ୍ଲକର କନ୍ଧକେଲଗାଁ ଗ୍ରାମ ପଞ୍ଚାୟତର ବିଭିନ୍ନ ଗାଁ ବୁଲି ଦେଖିଥିଲେ । ବିଶେଷକରି ଆବାସ୍ ଯୋଜନାର ଉପଲବ୍ଧିକୁ ନେଇ ବଲାଙ୍ଗୀର ଜିଲା ପ୍ରଶାସନ ରାଷ୍ଟ୍ରୀୟ ସ୍ତରରେ ସୁନାମ ଅର୍ଜନ କରିଥିବାରୁ ଏହି ବିଷୟକୁ ଅଧିକ ଗୁରୁତ୍ୱ ଦେଇଥିଲେ । କିଭଳି ଭାବେ ବଲାଙ୍ଗୀର ଜିଲାରେ ଭିତ୍ତିଭୂମି ସଂରଚନାରେ ଜିଲା ଅଗ୍ରଣୀ ଭୂମିକା ନିର୍ବାହ କରିଛି ଓ ହିତାଧିକାରୀମାନେ କମ୍ ସମୟ ମଧ୍ୟରେ ସୁଫଳ ପାଇଲେ ସେ ନେଇ ହିତାଧିକାରୀ ଓ ଗ୍ରାମବାସୀଙ୍କ ସହ ଟିମ୍ ସଦସ୍ୟମାନେ ଆଲୋଚନା କରିଥିଲେ। ଏହା ସହିତ ଅନ୍ୟାନ୍ୟ ଯୋଜନାର ସଫଳତାକୁ ନେଇ ଲୋକଙ୍କୁ ପ୍ରଶ୍ନ କରିଥିଲେ । ବିଭିନ୍ନ ହିତାଧିକାରୀମାନେ ଆବାସ ଯୋଜନାରେ କିଭଳି ସରକାରଙ୍କ ନିର୍ଦ୍ଧାରିତ ସମୟ ମଧ୍ୟରେ ଘର ତିଆରି ପୁରସ୍କାର ଲାଭ କରିଛନ୍ତି କହିଥିଲେ । ନୀତି ଆୟୋଗ ରେଟିଂରେ ବଲାଙ୍ଗୀର ଜିଲା ଭିତ୍ତିଭୂମି ସଂରଚନା କ୍ଷେତ୍ରରେ ଅଗ୍ରଣୀ ହୋଇଥିବାରୁ ଏହା ଏବେ ଜାତୀୟସ୍ତରରେ ପ୍ରଶଂସାଭାଜନ ହୋଇପାରିଛି । ଏହି ଏକ୍ସପର୍ଟ କମିଟି ସଦସ୍ୟଙ୍କ ସହ ବଲାଙ୍ଗୀର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡ.ମହେଶ୍ୱର ସ୍ୱାଇଁ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଯୋଜନା କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ସଫଳତା ଲାଭ କରିଥିବା ଜିଲାକୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯିବା ନେଇ ଏହି ଏକ୍ସପର୍ଟ ଟିମ୍ ତୃଣମୂଳ ସ୍ତରରୁ ରିପୋର୍ଟ ସଂଗ୍ରହ କରୁଥିବା ଜଣାପଡିଛି । ବଲାଙ୍ଗୀର ଜିଲା ଗସ୍ତ ପରେ ଏହି ଟିମ୍ ନବରଙ୍ଗପୁର ଜିଲା ଗସ୍ତରେ ଯାଇଥିବା ଜଣାପଡିଛି ।



ବଲାଙ୍ଗୀର ଜିଲା ଗସ୍ତରେ ଆସିଥିବା ଏକ୍ସପର୍ଟ କମିଟି ସଦସ୍ୟ କନ୍ଧକେଲ ଗାଁରେ ହିତାଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

# ଫେରାର ୪ ଗଞ୍ଜେଇ ଚାଲାଣକାରୀ ଗିରଫ

**ବଲାଙ୍ଗୀର ଅଫିସ,୨୧।୧୦**

ବଲାଙ୍ଗୀର ଜିଲା ଦେଓଗାଁ-ଭୁଡିଆରବାହାଲ ରାସ୍ତାରେ ଗତ ଅଗଷ୍ଟ ମାସ ୨୨ତାରିଖ ଦିନ ଦେଓଗାଁ ପୋଲିସ ଷ୍ଟାଫ ଗଞ୍ଜେଇ ଚାଲାଣ ହେଉଥିବା ଏକ ମାରୁତି ସୁଇଫ୍ଟ ଡିଜାର (ଓଡି୧୭-ଏମ୍-୯୮୯୯)କୁ ଧରିଥିଲେ । ସେହି ଗାଡିରୁ ୮୧ କେଜି ଗଞ୍ଜେଇ ଜବତ୍ କରାଯାଇଥିଲା । ପୋଲିସକୁ ଦେଖିବା ପରେ ଗଞ୍ଜେଇ ନେଇଯାଉଥିବା ମାରୁତି ଗାଡିର ଡ୍ରାଇଭର ଫେରାର ହୋଇଯାଇଥିଲେ। ଏହି ମାମଲାର ଅନୁସନ୍ଧାନ ପରେ ବାସ୍ତବରେ ଜବତ୍ ହୋଇଥିବା ମାରୁତି ସୁଇଫ୍ଟ ଗାଡିର ନମ୍ବର ସିଜି୦୭-ଏମ୍ଏ-୧୨୭୭ ବୋଲି ଜଣାପଡିଥିଲା । ଏହି ଗାଡିଟି କନ୍ଧମାଳ ଜିଲାର ବାଲିଗୁଡାରୁ ଗଞ୍ଜେଇ ନେଇ ଛତିଶଗଡ ଯାଉଥିବା ଜଣାପଡିଥିଲା । ଏହି ଆନ୍ତଃ ରାଜ୍ୟ ଗଞ୍ଜେଇ ଚୋରାଚାଲାଣ ପଛରେ ଏକ ବଡଧରଣର ର୍ୟାକେଟ୍ ଥିବା ଜଣାପଡିଥିଲା । ପୋଲିସ ଅନୁସନ୍ଧାନ କରି ଏହି ଗଞ୍ଜେଇ ଚୋରାଚାଲାଣ ଘଟଣାରେ ବରଗଡ ଜିଲା ମାଣ୍ଡେସିଲ ଗାଁର ପିଙ୍କୁ କୁମାର ସାହୁ (୨୮), କନ୍‌ସଡା ଗାଁର ବଳଭଦ୍ର ବିଶ୍ୱାଳ (୨୮), କାଶୀପାଣି ଗାଁର ଜଗଦୀଶ ପଧାନ (୪୫) ଓ ନିଲାଖରା ଗାଁର କ୍ଷୀରସାଗର ସାହୁ (୩୪) ସାମିଲ ଥିବା ଓ ଘଟଣା ଦିନରୁ ଫେରାର ଥିବା ଜଣାପଡିଥିଲା। ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ରବିବାର ଗିରଫ କରି ସୋମବାର କୋର୍ଟଚାଲାଣ କରିଛି । ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଏନେଇ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।



ଗିରଫ ୪ ଗଞ୍ଜେଇ ଚୋରାଚାଲାଣକାରୀ ।



ବଲାଙ୍ଗୀର ମନୋହରପୁର ରିଜର୍ଭ ପୋଲିସ ପଡିଆଠାରେ ୬୦ତମ ପୋଲିସ ଶହୀଦ ଦିବସ ଉପଲକ୍ଷେ ଜିଲା ଏସ୍‌ପି ସନ୍ଦିପ ମାଡକର ଓ ପୋଲିସ ଅଧିକାରୀମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି । (ଫଟୋ: ସୁନୀଲ )

# ଛାର୍‌ରି ଝିଁ'ର ଚିନ୍‌ତାରେ ବୁରୁଧ୍ ମା'ବାପ୍

**ଲାଠୋର, ୨୧।୧୦(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଁଚେତ୍ ସଦର କର୍ଡିଆପଡ଼ାର ବାସିନ୍ଦା ବୁରୁଧ୍ ଦମ୍ପତି ବଂଶୀଧର ସାହୁ(୬୮) ଆର ସପୁର ସାହୁ(୬୨)। ଇ ଦମ୍ପତିକର ୪ ଝିଁ'। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଦମ୍ପତି କୁଲିମଜୁରି କରି କୁଟୁମ ପୁଷୁଥିଲେ। ସମିଆ ହେଲାରୁ ଦୁଖ୍‌ସୁଖ କରି ଝିଁ'ମାନକୁ ବିହାବୁରା କରିଥିଲେ। ହେଲେ ପୁଓ ନାଇଁ ବଲି ବୁରୁଧ୍ ଦମ୍ପତି ଦୁତୀଅ ଝିଁ' ବୁଇ(୪୦)କୁଁ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେନଗାଁ ଥାନା ଅଧୀନ ଡୁଙ୍ଗୁରିଆ ଗାଁର ଫାଲଗୁନି ସାହୁକୁଁ ବିହା କରେଇ ଘରଜୁଏଁ କରିଥିଲେ। ବୁରୁଧ୍ ଦମ୍ପତି ଭାବିଥିଲେ ପୁଓ ତ ନାଇଁ ବୁଢ଼ାବୁଢ଼ି କାଲେ ଝିଁଜୁଏଁ ହେଲେ ଥିରପାଏନ୍ ଟିକେ ଦେବେ। ଝିଁଜୁଏଁ ବି ୬ ବଛର ତକ୍ ହସ୍‌ଖୁସିରେ ଚଲ୍‌ଲେ। ଝିଁ' ୭ମାସର ଗରଭ୍‌ବତୀ ହେଲା ଉତାରୁ ଜୁଏଁ ଦାଦନ୍ ଖଟିଯିବାର ବାହାନାରେ ଘରୁ ପଲେଇଗଲେ। ଅନେକ ଦିନ୍ ଉତାରୁ ବି ସେ ଘରକେ ନାଇଁ ଫିରଲେ। ଘରର ଲୋକ୍ ଖୁଜାଖୁଜି କରି ନିରାଶ ହେଲାରୁ ବାପ୍ ଝିଁ' ଲାଠୋର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ କିଛି ଲାଭ ନାଇଁ ହେଲା। ବଛର କେତେଟା ଉତାରୁ ଘରର ଲୋକ୍ ଜାନବାକେ ପାଏଲେ ଯେ, ଜୁଏଁ ଉନିଆ କେନ୍ ମାଏକିନାର ସଂଗେ ଲଟରପଟର ହେଇ ରହୁଛନ୍। ଏନ୍‌ତାଥି ଉପେ ଶୁଇନ୍ ବୁଇ ନିଜର ୧୨ ବଛରିଆ ପୁଓକେ ଧରି ବୁରୁଧ୍ ମା'ବାପ୍ ଆଶ୍‌ରେରେ ରହୁଛନ୍। ଇଆଡ଼େ ବୁରୁଧ୍ ଦମ୍ପତି ବଏସ୍ ଅଧିକା ହେବାର ଲାଗି କାମ୍‌ବୁତା କରି ନାଇଁପାରବାର। ହରମେଶା ସେମାନେ ଛାର୍‌ରି ଝିଁ' ଆର ନାତିର ଭବିଷତ୍ ଚିନ୍‌ତାରେ ଆଏଁଖିଥୁ ଲହ ଗଡ଼ଉଛନ୍। ବୁରୁଧ୍ ଦମ୍ପତି ମାସିକ ୫ଶହ ଟଁକା ଲେଖେଁ ଭତା ଆର ୩୫ କେ.ଜି. ଚାଉଲ ପାଉଛନ୍। ସେନ୍‌ତା ବୁଇ ଥାନୀଅ ସ୍କୁଲରେ ରାଁଧେନ୍ ହେଇ ୧୪ଶହ ଟଁକା ଆର ପଁଚେତ୍‌ରୁ ୧୦ କେ.ଜି. ଚାଉଲ ପାଉଛନ୍। ହେଲେ ୧୪ଶହ ଟଁକା ଆର ୧୦ କେ.ଜି. ଚାଉଲରେ ବୁଇ ଘର ଚଲାବାର ସଂଗେ ଛୁଆକେ ପାଠ୍ ପଢ଼ାବାର ସମ୍ଭବ ନୁହେଁ। ଏନ୍‌ତାଥି ଘରଖଁଡ଼େ ତିଆରିବାରଟା ତାକର ଲାଗି ସାତ୍‌ସପନ ହେଇଛେ। ବୁଇ ବଛରେ ପାଖାପାଖି ହେଲା ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ଆବେଦନ କରିଛନ୍। ହେଲେ ଏଭ୍‌ତକ ସେ ଘର ପାଏବାରୁ ବଁଚିତ୍ ହେଇ ରହିଛନ୍। ଥାନୀଅ ପରଶାସନ ଇ ଦୁଖିନୀ ମହିଲାକଁର ଉପରେ ଦୁରୁଷ୍‌ଟି ଦେଇ ଆବାସ ଯୋଜନାରେ ଘରଖଁଡ଼େ ଆର ମାସିକ ୩୫ କେ.ଜି. ଚାଉଲ ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ।



ବୁରୁଧ୍ ମା'ବାପ୍ ଘରେ ନିସାହା ବୁଇ ଆର ତାକର ପୁଓ ।

# ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବାସଂଘର ବାର୍ଷିକ ସମ୍ମିଳନୀ

**ବଲାଙ୍ଗୀର ଅଫିସ,୨୧।୧୦**

ବଲାଙ୍ଗୀର ହାତୀଶାଳପଡାସ୍ଥିତ ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ବାର୍ଷିକ ସମ୍ମିଳନୀ ଓ ନିର୍ବାଚନ ଇଂ.ସୁଦର୍ଶନ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଏଥିରେ କେନ୍ଦ୍ରୀୟ ସଭାପତି ପ୍ରଦୀପ କୁମାର ପାତ୍ର ଯୋଗଦାନ କରି ସଂଘର ବିଭିନ୍ନ ଦାବି ଓ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରିବା ସହ ସରକାରଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନ ପ୍ରସ୍ତାବ ରଖିଥିଲେ । ଆସନ୍ତା ବର୍ଷ ପାଇଁ ଅତିରିକ୍ତ ମଣ୍ଡଳ ସମ୍ପାଦକ ଭୂବନ ସିଂ ସାହୁଙ୍କ ତତ୍ତ୍ୱାବଧାନରେ ନୂତନ କର୍ମକର୍ତ୍ତା ନିମନ୍ତେ ନିର୍ବାଚନ ଅନୁଷ୍ଠିତ କରାଯାଇଥିଲା । ଆସନ୍ତା ବର୍ଷ ପାଇଁ ପୁଣିଥରେ ଇଂ ସୁଦର୍ଶନ ନାଏକ ସଭାପତି ଭାବେ ମନୋନୀତ ହୋଇଛନ୍ତି। ଇଂ କୃଷ୍ଣଚନ୍ଦ୍ର ହୋତା ଉପଦେଷ୍ଟା, ପ୍ରଦୀପ କୁମାର ଲାଲ ସମ୍ପାଦକ, ବଲରାମ ପାତ୍ର ଉପସଭାପତି, ରାଜୀବ କିଶାନ ଅର୍ଥ ସମ୍ପାଦକ, ପ୍ରଦୀପ କୁମାର ବେହେରା ସଙ୍ଗଠନ ସମ୍ପାଦକ, ଏ ସମାଦ୍ରୀ ଦୋରା ସମୀକ୍ଷକ, ଏବଂ କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ରଜନୀକାନ୍ତ ବେହେରା, ଖକେନ ସିଂ, ପବିତ୍ର କୁମାର ସାହୁ, ସୁଶାନ୍ତ ବାରିକ, ପ୍ରକାଶ ଚନ୍ଦ୍ର ବେହେରା ଏବଂ ମୃତ୍ୟୁଞ୍ଜୟ ରାଉତ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି । ସମ୍ପାଦକ ଲାଲ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।





ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ବାର୍ଷିକ ସମ୍ମିଳନୀରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ।

## ଜିଲା ଶିକ୍ଷା, ପ୍ରଶିକ୍ଷଣ ପ୍ରତିଷ୍ଠାନ ଛାତ୍ର ସଂସଦର ନୂତନ କର୍ମକର୍ତ୍ତା

**ସୋନପୁର,୨୧।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ଓ ପ୍ରଶିକ୍ଷିକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ର ସଂସଦର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ସୋମବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂସଦ ସଭାପତିଭାବେ ଗଣେଶ୍ୱର ବାଗ, ଉପସଭାପତି ଅମରଜିତ ପଣ୍ଡା, ସାଧାରଣ ସମ୍ପାଦକ ଚିନ୍ମୟ ଦାସ, କ୍ରୀଡା ସମ୍ପାଦକ ବିବେକାନନ୍ଦ ବାଘ, କଳା ଓ ସଂସ୍କୃତି ସମ୍ପାଦକ ସାଗରିକା ବିଶି, ଗୋଷ୍ଠୀ ସମ୍ପାଦକ ସଦାନନ୍ଦ ପାଣ୍ଡେ, ରଞ୍ଜିତ ପୁରୋହିତ ଓ ବିଜ୍ଞାନ ବିଭାଗର ସମ୍ପାଦକ ଭାବେ ସଦମନ ସାହୁ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପଦେଷ୍ଟା ଭାବେ ଅନୁଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ସୁଶାନ୍ତ ଭୋଇଙ୍କୁ ମନୋନୀତ କରାଯାଇଛି।

# ଖାଦ୍ୟରେ ଆୟୋଡିନଯୁକ୍ତ ଲୁଣ ବ୍ୟବହାରକୁ ଗୁରୁତ୍ୱ

**ସୋନପୁର,୨୧।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାସ୍ତରୀୟ ବିଶ୍ୱ ଆୟୋଡିନ ଅଭାବ ଜନିତ ରୋଗ ନିରାକରଣ ଦିବସ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରଶିକ୍ଷଣ କେନ୍ଦ୍ରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଖାଦ୍ୟରେ ଆୟୋଡିନଯୁକ୍ତ ଲୁଣ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡାକ୍ତର ଦୈତ୍ୟ ନାରାୟଣ ପାଢୀ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଟିବି) ଡାକ୍ତର ପଦ୍ମହଂସା ଦୋରା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡାକ୍ତର ପ୍ରମୋଦ ଚନ୍ଦ୍ର ବିଶ୍ୱାଳ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ) ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଓ ଭେଷଜ ବିଶେଷଜ୍ଞ ଡାକ୍ତର ଜିତାରାମ ବିଦ୍ ବକ୍ତାଭାବେ ଯୋଗ ଦେଇଥିଲେ। କିଭଳି ଆୟୋଡିନ ଜନିତ ରୋଗର ନିରାକରଣ ହୋଇପାରିବ ସେ ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ।

# ବିଜୁ ଯୁବବାହିନୀର ରକ୍ଷକ କାର୍ଯ୍ୟକ୍ରମ

**ବିନିକା,୨୧।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଉଁଶୁଣୀ କେନାଲ ଛକ୍‌ଠାରେ ସୋମବାର ବାଉଁଶୁଣୀ ବିଜୁ ଯୁବ ବାହିନୀର ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ବାହିନୀ ସଦସ୍ୟମାନେ ଯାନବାହାନ ଅଟକାଇ ଗାଡି ଚାଳକଙ୍କୁ ସିଟ୍ ବେଲ୍ଟ ଓ ହେଲମେଟ୍ ଲଗାଇ ନିରାପଦ ଯାତ୍ରା କରିବାକୁ ବୁଝାଇଥିଲେ। ବାଉଁଶୁଣୀ ଗ୍ରାମ ପଞ୍ଚାୟତ ବିଜୁ ଯୁବ ବାହିନୀ ସଭାପତି ସରୋଜ ବରିହାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ତୀର୍ଥବାସୀ ପାଣ୍ଡେ, କୋଷାଧ୍ୟକ୍ଷ ପ୍ରକାଶ ଷାଣ୍ଡ, ବୀରେନ୍ଦ୍ର ମୁଦୁଲି, ରଞ୍ଜନ ବଗର୍ତ୍ତୀ, ବିକି ନାଏକ, ଦୁର୍ବାସା ଷାଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବାଉଁଶୁଣୀ ଜଗନ୍ନାଥ ଯୁକ୍ତ ଦୁଇ କନିଷ୍ଠ କଲେଜ ଅଧ୍ୟକ୍ଷ ବନ ବିହାରୀ ମିଶ୍ର, ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ସାମିଲ ହୋଇଥିଲେ ।

## ରାଜ୍ୟ ଉସୁ ମାର୍ଶଲ ଆର୍ଟ ପ୍ରତିଯୋଗିତା ଉଦ୍‌ଯାପିତ

# ବଲାଙ୍ଗୀରକୁ ମିଳିଲା ୮ ପଦକ

**ବଲାଙ୍ଗୀର ଅଫିସ, ୨୧।୧୦**

୨୭ ତମ ରାଜ୍ୟ ସବ୍ ଜୁନିୟର ଓ ସିନିୟର ବାଳକ/ବାଳିକା ଉସୁ ମାର୍ଶଲ ଆର୍ଟ ପ୍ରତିଯୋଗିତା ଗତ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଗୋଳଠାରେ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଦଳଗତଭାବେ କେନ୍ଦୁଝର ପ୍ରଥମ, ସୁନ୍ଦରଗଡ ଦ୍ୱିତୀୟ ଓ ଅନୁଗୋଳ ତୃତୀୟ ସ୍ଥାନ ଅଧିକାର କରିଥିଲା । ଏହି ପ୍ରତିଯୋଗିତାରେ ବଲାଙ୍ଗୀରର ୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ବଲାଙ୍ଗୀରର ରାମେଶ୍ୱର ଡୁମନିଆ, ମୁରଲୀ ମହାକୁର, ଅମିତ ପ୍ରଧାନ ବ୍ରୋଞ୍ଜ ପଦକ ପାଇଥିଲେ। କିରନ ବେହେରା, ହିମାଂଶୁ ରାୟ, କଲ୍ୟାଣୀ ଦାସ ରୌପ୍ୟ ପଦକ ପାଇଥିଲେ। ରାକେଶ ସିଂଦେଓ ସ୍ୱର୍ଣ୍ଣ ପଦକ ପାଇଥିବା ବଲାଙ୍ଗୀର ଉସୁ ମାର୍ଶଲ ଆର୍ଟ କୋଚ୍ ଯୁଧିଷ୍ଠିର ସୂଚନା ଦେଇଛନ୍ତି । ଜିଲା ଉସୁ ସଭାପତି ପ୍ରୀତମ ପାଣିଗ୍ରାହୀ ସମସ୍ତ କୃତୀ କ୍ରୀଡାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।





କୃତୀ କ୍ରୀଡାବିତ୍‌ଙ୍କ ସହ କୋଚ୍ ।



ଉପଦେଶ ଦେବା ସରଳ କିନ୍ତୁ ଉପାୟ
ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ

### ଛାତ୍ରୀଙ୍କୁ ଅସଦାଚରଣ, ପ୍ରଧାନ ଶିକ୍ଷକ କୋର୍ଟ ଚାଲାଣ

**କେସିଙ୍ଗା,୨୧।୧୦(ଡି.ଏନ.ଏ.)-** କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ସୋମବାର ପୋଲିସ ଉକ୍ତ ସ୍କୁଲ ପ୍ରଧାନଶିକ୍ଷକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଶିକ୍ଷକ ହେଲେ ସର୍ବେଶ୍ୱର ମିଶ୍ର । ସ୍କୁଲ ପ୍ରଧାନଶିକ୍ଷକ ୬ଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଙ୍କୁ ଗତ ୧୯ ତାରିଖରେ ଅସଦାଚରଣ କରିଥିଲେ। ଏହି ଘଟଣା ନେଇ ଛାତ୍ରୀ ଜଣଙ୍କ ମା'ଙ୍କୁ କହିଥିଲେ। ଏହା ଶୁଣି ଛାତ୍ରୀଙ୍କ ମା' ଉତ୍ତ୍ୟକ୍ତ ହୋଇ ସ୍କୁଲକୁ ଯାଇ ପ୍ରଧାନଶିକ୍ଷକଙ୍କୁ ପଚାରିଥିଲେ। ଗତ ୧୯ ତାରିଖ ଶନିବାର ଥିବାରୁ ମଝିରେ ରବିବାର ଛୁଟି ଦିନ ପଡିଥିଲା । ସୋମବାର ସ୍କୁଲ ଖୋଲିବା ପରେ ଛାତ୍ରୀଙ୍କ ମା' କେସିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଖବର ପାଇ ଉକ୍ତ ସ୍କୁଲକୁ ଅପରାହ୍ନ ସାଢ଼େ ୩ଟାରେ ପହଞ୍ଚି ସ୍କୁଲରୁ ପ୍ରଧାନଶିକ୍ଷକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### କିରୋସିନ ଭର୍ତ୍ତି ଗାଡ଼ି ଅଟକ, ଡ୍ରାଇଭର ଫେରାର

**ଜୁନାଗଡ,୨୧।୧୦ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ଜୁନାଗଡ ସହର ଗୋଡିପଡାରେ ରବିବାର ବିଳମ୍ବିତ ରାତିରେ ସ୍ଥାନୀୟ ଲୋକଙ୍କ ସୂଚନା ପରେ ଏକ କିରୋସିନ ଭର୍ତ୍ତି ୪୦୭ ଗାଡିକୁ ଜୁନାଗଡ ପୋଲିସ ଜବତ କରି ଥାନାରେ ଅଟକ ରଖିଛି। ଗାଡ଼ି (ନଂ.ଓଆର୦୮ବି ୨୨୫୪)ରେ କିରୋସିନ ଭର୍ତ୍ତି ଡ୍ରମଗୁଡିକ ରହିଛି। ଏହା ପିଡିଏସ କିରୋସିନ ନା ଅନ୍ୟ କାହାର ତାହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏପରିକି ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ପୂର୍ବରୁ ଡ୍ରାଇଭର ଫେରାର ହୋଇଯାଇଥିଲେ। ଏହି ଗାଡି ଜୁନାଗଡ ସହରର ନାରାୟଣ ଅଗ୍ରୱାଲଙ୍କ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। କିରୋସିନର କୌଣସି କାଗଜ ପତ୍ର ନ ଥିବାରୁ ଗାଡିଟିକୁ ଥାନାରେ ଅଟକ ରଖାଯାଇଥିବା ତଦନ୍ତକାରୀ ଅଧିକାରୀ ପୀତବାସ ଶବର ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ପୋଲିସ ପକ୍ଷରୁ ଉପଖଣ୍ଡ ଯୋଗାଣ ଅଧିକାରୀଙ୍କୁ ଜଣାଯାଇଛି। ଯୋଗାଣ ଅଧିକାରୀ ଆସି ତଦନ୍ତ କରିବା ପରେ ଏହି ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଜଣାପଡିଛି। ରବିବାର ବିଳମ୍ବିତ ରାତିରେ ଉକ୍ତ କିରୋସିନ ଭର୍ତ୍ତି ଗାଡି ଗୋଡିପଡା ଦେଇ ଯାଉଥିଲା। ସ୍ଥାନୀୟ ଲୋକେ ଏତେ ରାତିରେ କିରୋସିନ ଭର୍ତ୍ତି ଗାଡି ଯାଉଥିବା ଦେଖି ସନ୍ଦେହ କରି ଜୁନାଗଡ ପୋଲିସକୁ ସୂଚନା ଦେଇଥିଲେ।

### ୬୦ତମ ଶହୀଦ ଦିବସ

# ଶହୀଦଙ୍କ ସ୍ମୃତିରେ ମିନି ମାରାଥନ

**ନୂଆପଡା ଅଫିସ/ବୋଡେନ, ୨୧।୧୦ (ଡି.ଏନ.ଏ.)**

ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ୬୦ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ପୋଲିସର ଅଧିକାରୀମାନେ ଅମର ଶହୀଦଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି । ସୋମବାର ସକାଳ ୬ଟାରେ ସ୍ଥାନୀୟ ଜିଲା ପୋଲିସ କାର୍ଯ୍ୟାଳୟ ନିକଟରେ ଶହୀଦଙ୍କ ସ୍ମୃତିରେ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। ଏହାକୁ ଏସ୍‌ପି ବିନିତ ଅଗ୍ରୱାଲ ଶୁଭାରମ୍ଭ କରିଥିଲେ। ଏଥିରେ ପୋଲିସ ବିଭାଗ ସମସ୍ତ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ନ୍ୟାଶନାଲ କଲେଜ ଶାରିରୀକ ବିଭାଗର ପ୍ରକାଶ କୁମାର ସାହୁ, ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡ, ଦେବାଶିଷ ରାଉତ ପ୍ରମୁଖ ପରିଚାଳନା କରିଥିଲେ। ସେହିଭଳି ସକାଳ ୮ଟାରେ ରିଜର୍ଭ ପୋଲିସ ପଡିଆରେ ଶହୀଦ ଦିବସ ପାଳିତ ହୋଇଥିଲା। ଏଥିରେ ଏସ୍‌ପି ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡରେ ଅଭିବାଦନ



ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଅବସରରେ ଅଧିକାରୀମାନେ।

- ଶ୍ରଦ୍ଧାଞ୍ଜଳି ଦେଲେ ଜିଲା ପୋଲିସ ଅଧିକାରୀ
- ବୋଡେନ ପୋଲିସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

ଗ୍ରହଣ କରିଥିଲେ। ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏ.ଭି. ସ୍ୱାମୀ, ଏଏସପି ସୁନୀଲ କୁମାର ଆଚାର୍ଯ୍ୟ, ଏସଡିପିଓ ଅଜୟ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଜିଲା ପୋଲିସର ଶହୀଦ ହୋଇଥିବା ଅମର ଆତ୍ମାରେ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ । ଏହି ଉପଲକ୍ଷେ ଆୟୋଜିତ ହୋଇଥିବା ଗଣ ଦୌଡର ବିଜୟୀ ପ୍ରତିଯୋଗୀ ଦିନେଶ କୁମାର ରାଉତ, ନିରଞ୍ଜନ ମୁନ୍ଦୁ ଏବଂ ଗେନ୍ଦରାମ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଏକ ରକ୍ତଦାନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଯବାନମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସେହିପରି ବୋଡେନ ପୋଲିସ ପକ୍ଷରୁ ସୋମବାର ସନ୍ଧ୍ୟାରେ ଥାନାଠାରୁ ବୋଡେନ ନଗର ପରିକ୍ରମା ସହ ବସଷ୍ଟାଣ୍ଡ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିଲା। ଉକ୍ତ ଶୋଭାଯାତ୍ରାରେ ଥାନା ଆଇଆଇସି ସରୋଜ ମଲ୍ଲିକ, ବିଇଓ ଇନ୍ଦ୍ରମଣି ପାଣିଗ୍ରାହୀ, ସରପଞ୍ଚ ନୃପରାଜ ତାଣ୍ଡି, ଅତିରିକ୍ତ ତହସିଲଦାର ନବକିଶୋର ସାହୁ, ସୌଦାଗର ସାହୁ, ଓଙ୍କାର ମାଝି, ପର୍ଶୁରାମ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶହୀଦ ପୋଲିସ କର୍ମଚାରୀଙ୍କ ବଳିଦାନ ସ୍ମୃତିରେ ନିରବ ଶୋଭାଯାତ୍ରା କରାଯାଇଥିଲା। ଉକ୍ତ ଶୋଭାଯାତ୍ରାରେ ବୋଡେନ ଅଞ୍ଚଳ ବହୁମାତ୍ରାରେ ଲୋକ ଉପସ୍ଥିତ ଥିଲେ। ବୋଡେନ ଥାନା ଏସଆଇ, ଏଏସଆଇ, କନଷ୍ଟେବଳ ତଥା ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅଞ୍ଚଳ ଶହୀଦ ଦେବେନ୍ଦ୍ର ଧରୁଆଙ୍କ ପରିବାର ସଦସ୍ୟମାନେ ମଧ୍ୟ ଅଂଶ ଗ୍ରହଣ କରିଥିଲେ।

# ବ୍ଲକସ୍ତରୀୟ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ବୋଡେନ,୨୧।୧୦ (ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବ୍ଲକ ସଭାଗୃହଠାରେ ଜିଲାପାଳ ମଧୁସ୍ମିତା ସାହୁଙ୍କ ଅଧକ୍ଷତାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋ କୁଡିଆ, ଇନ୍ଦିରା ଆବାସ, ବିଜୁପକ୍କା ଘର, ଏମ୍‌ଜିଏନ୍‌ଆରଇଜିଏସ୍, ଭତ୍ତା, ତଥା ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଅଭିଯୋଗପତ୍ର ଦାଖଲ କରାଯାଇଥିଲା। ଏହି ଶିବିରରେ ମୋଟ ୭୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲାପାଳ ଅଭିଯୋଗପତ୍ର ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଏସ୍‌ପି ବିନିତ ଅଗ୍ରୱାଲ, ପିଡି ଭୂଷବ ନାଏକ, ବ୍ଲକ ଅଧକ୍ଷା ପ୍ରେମଶିଳା ନାଗ, ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ବିଇଓ ଇନ୍ଦ୍ରମଣି ପାଣିଗ୍ରାହୀ ତଥା ଜିଲା ଏବଂ ବ୍ଲକର ବିଭିନ୍ନ ପଦାଧିକାରୀ ଯୋଗଦେଇଥିଲେ। ବୋଇରଗାଁ ପଞ୍ଚାୟତ ଏସଏଚଜି ମହିଳାମାନେ ମଦ ବନ୍ଦ ପାଇଁ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଅବକାରୀ ବିଭାଗକୁ ମଧ୍ୟ ଲିଖିତ ମାଧ୍ୟମରେ ଦିଆଯାଇଥିଲା ।



ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଚାଲିଛି।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଗୀତା ଆବୃତ୍ତି ପ୍ରତିଯୋଗିତା

**ସିନାପାଲି,୨୧।୧୦ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ହାତୀବନ୍ଧା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଜ୍ଞାନ ମିଶନ ପୁରୀ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସିନାପାଲି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୫୮ ଜଣ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡା ଅଧକ୍ଷତା କରିଥିବା ବେଳେ ପ୍ରଜ୍ଞାନ ମିଶନର ପ୍ରତିନିଧି ଜୟକୃଷ୍ଣ ପଣ୍ଡା ଓ ଚନ୍ଦ୍ରଶେଖର ଚନ୍ଦ୍ରକାର ଯୋଗଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ଠାକୁର ଓ ଚନ୍ଦ୍ରଶେଖର ଚନ୍ଦ୍ରକାର ବିଚାରକ ଭାବରେ ଯୋଗଦାନ କରିଥିଲେ। ଏହି ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

### ବିଂଶାଶହେ କୁଲତା ସମାଜର ଜରୁରୀ ବୈଠକ

**କୋମନା,୨୧।୧୦(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ବରକୋଟ ସ୍କୁଲ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ବିଂଶାଶହେ କୁଲତା ସମାଜର ଏକ ଜୁରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ବଇଶମ୍ପାନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା କମିଟି ଓ ପରିଚାଳାନା କମିଟି ପ୍ରତେକ ସଦସ୍ୟ ଉପସ୍ଥିତଥିଲେ। ଏହା ସହିତ କୋମନା ବ୍ଲକର ବିଭିନ୍ନ ଗ୍ରାମର ଶତାଧିକ ଜାତିଭାଇ ଯୋଗଦାନ କରି ଜାତିର ପ୍ରମୁଖ ସମସ୍ୟା ଉପରେ ଆଲୋଚନା କରିଥିଲେ। ସୁନାବେଡା, ବରକୋଟ, ବିଂଶିବାହାଲ, କୁମଟିମୁଣ୍ଡା, ଶିଆଳଟି ଆଦି ଗ୍ରାମରୁ ଆସିଥିବା ଅଭିଯୋଗ ସମ୍ପର୍କରେ ସବିଶେଷ ଆଲୋଚନା ହେବା ପରେ କିଛି ସମସ୍ୟା ସମାଧାନ ହୋଇଥିଲା। ଠାକୁର ଚରଣ ନାଏକ, ଧନୁ ପ୍ରଧାନ, ସୁବାସ ପ୍ରଧାନ, ଛବିଲ ସାହୁ, ବିକ୍ରମ ବିଶ୍ୱାଳ, ସନ୍ତୋଷ ବିଶ୍ୱାଳ, ପୁରନ୍ଦର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସମ୍ପାଦକ ହେମସାଗର ବେହେରା ଧନ୍ୟବାଦ ଦେଇଥିଲେ।

# ଲଖନା ଷ୍ଟେଶନରୁ ୧୫ ଦାଦନ ଶ୍ରମିକ ଉଦ୍ଧାର

**କୋମନା,୨୧।୧୦ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଲଖନା ରେଳ ଷ୍ଟେଶନରୁ ଲଖନା ପେଲିସ ୧୫ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ସୂଚନା ଅନୁସାରେ ବଲାଙ୍ଗୀର ଜିଲା ଲରମ୍ବା ଥାନା ଅନ୍ତର୍ଗତ ଦମେଇପାଲି ଗାଁର ୯ଜଣ ପୁରୁଷ ଓ ୬ ଜଣ ମହିଳା ଶ୍ରମିକଙ୍କୁ ହାଇଦ୍ରାବାଦ ସହରର ଏକ ଇଟାଭାଟିରେ କାମ କରାଇବା ପାଇଁ କଣ୍ଟାବାଞ୍ଜିର ଶ୍ରମିକ ସର୍ଦ୍ଦାର ରଘୁନାଥ ଛତ୍ରିଆ ସକାଳେ ଲଖନା ରେଳ ଷ୍ଟେଶନକୁ ଆଣିଥିଲେ। କୌଣସି ସୂତ୍ରରୁ ଖବର ପାଇ ଲଖନା ପୋଲିସ ରେଳ ଷ୍ଟେଶନରେ ଚଡାଉ କରି ୧୫ ଶ୍ରମିକଙ୍କୁ ଉଦ୍ଧାର କରିବା ସହ ସର୍ଦ୍ଦାରଙ୍କୁ ଗିରଫ କରିଛି। ଲଖନା ପୋଲିସର ସହାୟତାରେ ସମସ୍ତ ଉଦ୍ଧାର ଶ୍ରମିକଙ୍କୁ ଦମେଇପାଲି ଗାଁରେ ଛାଡି ଦେଇଥିବା ଜଣାପଡିଛି। ଏ ନେଇ ଲଖନା ପୋଲିସ ଏକ ମାମଲା (ନଂ. ୫୮/୧୯) ରୁଜୁ କରି ସର୍ଦ୍ଦାର ରଘୁନାଥଙ୍କୁ କୋର୍ଟ ଚାଲାଣ କରିଛି ।



ଉଦ୍ଧାର ଦାଦନ ଶ୍ରମିକ।

# ଜୁନାଗଡ଼ ପୋଲିସ ପକ୍ଷରୁ ଶହୀଦ ଦିବସ ପାଳିତ

**ଜୁନାଗଡ,୨୧।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ପୋଲିସ ପକ୍ଷରୁ ସୋମବାର ୬୦ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଜୁନାଗଡ ପୋଲିସ ପକ୍ଷରୁ ବ୍ଲକ ମଥୁରା ରାଧାକୃଷ୍ଣ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଶହୀଦ ଟିକଚନ ମଙ୍ଗରାଜଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା। ଶହୀଦଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠି ଯୋଗଦେଇ ଶହୀଦ ଟିକଚନଙ୍କ ଜୀବନଶୈଳି ଉପରେ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସ୍କୁଲ ପ୍ରଧାନଶିକ୍ଷକ ଲକ୍ଷ୍ମୀକାନ୍ତ ମେହେର, ସମ୍ମାନିତ ଅତିଥି ପୂର୍ବତନ ସରପଞ୍ଚ ସନାତନ ପଣ୍ଡା, ଅବସରପ୍ରାପ୍ତ ସୁବେଦାର ବିଦ୍ୟାଧର ପଣ୍ଡା, ଏଏସ୍‌ଆଇ ପୀତବାସ ଶବର, ହାବିଲଦାର ବଳରାମ ଛତ୍ରିଆ, କନଷ୍ଟେବଳ ଭୁପେନ୍ଦ୍ର ପଟେଲ, ଦେବାର୍ଚ୍ଚନ ମାଝି, ସୁନିତା ସୁନା, ରାଜିନ୍ଦ୍ର ବାଗ, ନବୀନ ଚୌଧୁରୀ, ଲକ୍ଷ୍ମଣ ମାଝି, ଗୃହରକ୍ଷୀ ରାମଚନ୍ଦ୍ର ମିଶ୍ର, ଶିକ୍ଷକ ଲକ୍ଷ୍ମଣ ପୂଝାରୀ, ସୁନୀଲ କୁମାର ପଣ୍ଡା, ଶାନ୍ତିଲତା ନାଏକ, ପ୍ରତିଭା ପାତ୍ର, ଦୁର୍ମିଳା ପାତ୍ର ପ୍ରମୁଖ ସହ ସ୍କୁଲ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଶିବ ଶଙ୍କର କର ମଞ୍ଚ ପରିଚାଳନା କରିଥିଲେ।



ଜୁନାଗଡ ପୋଲିସ ଶହୀଦ ଟିକଚନଙ୍କୁ ଶ୍ରଦ୍ଧାଞ୍ଜଳୀ ଦିଆଯାଉଛି ।

# ଜିଲାପାଳଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**କେସିଙ୍ଗା,୨୧।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭାଗୃହରେ ଜିଲାପାଳ ଡ. ହର୍ଷଦ ପରାଗ ଗାଭିଲଙ୍କ ନେତୃତ୍ୱରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ କେସିଙ୍ଗା ବ୍ଲକର ୨୬ଟି ଗ୍ରାମପଞ୍ଚାୟତର ୨୧୩ ଜଣ ଅଭିଯୋଗକାରୀ ଯୋଗଦେଇ ବାର୍ଦ୍ଧକ୍ୟ ଭତ୍ତା, ରାସ୍ତାଘାଟ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାଶନ କାର୍ଡ ଆଦି ବିଷୟରେ ଅଭିଯୋଗ କରିଥିଲେ । ଏହି ଶିବିରରେ ଜିଲାର ଉପଜିଲାପାଳ ସୁଶାନ୍ତ ସିଂହ, ଜିଲା ଚିକିତ୍ସା ଅଧିକାରିଣୀ ବନଲତା ଦେବୀ, ଜିଲା ପରିଷଦ ଅଧକ୍ଷା ନମିତା ରାଣୀ ସାହୁ, ଅତିରିକ୍ତ ଜିଲା ସୁପରିଣ୍ଟେଣ୍ଡେଣ୍ଟ ପୋଲିସ ବିକେ ମହନ୍ତ, ପ୍ରକଳ୍ପ ଅଧିକାରୀ, କେସିଙ୍ଗା ବିଡିଓ ଭୀମସେନ ଶବର, ବ୍ଲକ ଅଧକ୍ଷା ସୁକାନ୍ତି ବେହେରାଙ୍କ ସମେତ ଜିଲାର ସମସ୍ତ ବିଭାଗର ଉଚ୍ଚ ଅଧିକାରୀ ଏହି ଶିବିରରେ ଯୋଗଦେଇଥିଲେ



ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇଥିବା ଅଧିକାରୀଗଣ ।

### ଦାଦନ ଗୋଡ଼ ହରାଇଥିବା ଘଟଣା

# ସୌମ୍ୟରଞ୍ଜନ ଜିଲା ଶ୍ରମ କମିଶନରଙ୍କ ଦ୍ୱାରସ୍ଥ

**କର୍ଲାମୁଣ୍ଡା,୨୧।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ବସ୍ତିର ତ୍ରିନାଥ ବାଗଙ୍କ ପୁଅ ସୌମ୍ୟରଞ୍ଜନ ବାଗ (୧୯) ହାଇଦ୍ରାବାଦ ସହରକୁ ଦାଦନ ଖଟିବାକୁ ଗତବର୍ଷ ୨୦ ଅଗଷ୍ଟ ୨୦୧୮ରେ ଯାଇଥିଲେ। ସେଠାରେ ମାଇହୋମ କନଷ୍ଟ୍ରକସନ ପ୍ରାଲିଃରେ ଶ୍ରମିକ ଭାବେ କାମ କରୁଥିବା ବେଳେ ଦୁର୍ଘଟଣା ଶିକାର ହୋଇ ଡାହାଣ ଗୋଡ ହରାଇଥିବା ବେଳେ ବାମ ହାତରେ ରଡ ଲଗାଇ ଅସ୍ତ୍ରୋପଚାର କରାଯାଇଥିଲା। ଏତେସବୁ ଘଟଣା ଘଟିବା ପରେ ମଧ କୌଣସି ସରକାରୀ ସହାୟତା ନ ପାଇବାରୁ ସୋମବାର ଚୈତନ୍ୟ ସାହୁ ନାମ ଜଣେ ସାମାଜିକ କର୍ମୀଙ୍କ ସହଯୋଗରେ କଳାହାଣ୍ଡି ଜିଲା ଶ୍ରମ କମିଶନଙ୍କ ଦ୍ୱାରସ୍ଥ ହୋଇ ସେ ତାଙ୍କ ଦୁଃଖର ବିଷୟ କହିବା ସହ ସରକାରୀ ସହାୟତା ପାଇଁ ଆବେଦନ କରିଥିଲେ। ଏ ନେଇ ଭବାନୀପାଟଣା ଗ୍ରାମୀଣ ଶ୍ରମ ନିରୀକ୍ଷକ ଜୟନ୍ତ କୁମାର ପଣ୍ଡାଙ୍କୁ ପଚାରିବାରୁ ସୌମ୍ୟରଞ୍ଜନଙ୍କ ସମସ୍ୟାକୁ ଆମେ ଆଲୋଚନା କରିବା ସହ ଏକ (ନଂ.୩୨/୨୦୧୯)ରେ ଏକ ୮ ଲକ୍ଷ ୬୯ ହଜାର ୩୧୦ ଟଙ୍କାର କ୍ଷତି ପୂରଣ ଯୋଗାଇବାକୁ ନିର୍ଦ୍ଦିଷ୍ଟ କମ୍ପାନୀ ନାମରେ ମାମଲା ରୁଜୁ କରିଛୁ ବୋଲି କହିଛନ୍ତି। ଅନ୍ୟପଟେ ପୁଅର ଚିକିତ୍ସା ପାଇଁ ବାପା ତ୍ରିନାଥ ଏବେ ଦାଦନ ଖଟୁଥିବା ଜଣାପଡିଛି। କମ୍ପାନୀ ପକ୍ଷରୁ ଚିକିତ୍ସା ସହାୟତା କରିଥିଲେ ହେଁ ସରକାରୀ ସହାୟତା ବର୍ତ୍ତମାନ ସୁଦ୍ଧା ମିଳି ନ ଥିବା ବିଡମ୍ବନାର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।



ଜିଲା ଶ୍ରମ କାର୍ଯ୍ୟାଳୟଠାରେ ଗ୍ରାମୀଣ ଶ୍ରମ ନିରୀକ୍ଷକ ଜୟନ୍ତ ପଣ୍ଡା, ଜିତନ ମାଝି ଓ ସାମାଜିକ କର୍ମୀ ଚୈତନ୍ୟଙ୍କ ସହ ଦାଦନ ଶ୍ରମିକ ସୌମ୍ୟରଞ୍ଜନ ବାଗ ।

### କବାଡ଼ିରେ ଜିଲା ରାଜ୍ୟ ଚାମ୍ପିୟନ

# ଛାତ୍ରୀଛାତ୍ର, ଶିକ୍ଷକଙ୍କ ପ୍ରୟାସ ଜିଲା ପାଇଁ ଗୌରବ ଆଣିଛି

**ନୂଆପଡା ଅଫିସ,୨୧।୧୦**

ନୂଆପଡା ଏକ ଉପାନ୍ତ ଜିଲା। ଏଠିକାର ବହୁ ଅଞ୍ଚଳରେ ବଣପାହାଡରେ ଘେରା ରହିଛି। ଏଠିକାର ଶିକ୍ଷାବ୍ୟବସ୍ଥାରେ ସୁଧାର ଆଣିବାକୁ ସବୁବେଳେ ଉଦ୍ୟମ ଜାରି ରହିଛି । ଉଭୟ ପାଠ ଏବଂ କ୍ରୀଡା କ୍ଷେତ୍ରରେ ରାଜ୍ୟସ୍ତରରେ ଉଲ୍ଲେଖନୀୟ କୃତୀତ୍ୱ ରଖିବାରେ ସଫଳତା ମିଳୁଛି। ଏଥିରେ ଉଭୟ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ମତ ପ୍ରକାଶ ପାଇଛି। ସୋମବାର ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡି ଟୁର୍ଣ୍ଣାମେଣ୍ଟରେ ନୂଆପଡା ଦଳ ଚାମ୍ପିୟନ ହୋଇଥିବାବେଳେ ବିଜୟୀ ଟିମକୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ଅବସରରେ ଅତିଥିମାନେ କହିଛନ୍ତି । ସୂଚନାଯୋଗ୍ୟ ଯେ, ଦେବଗଡ ଜିଲାରେ ଚାଲିଥିବା ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡି ଟୁର୍ଣ୍ଣାମେଣ୍ଟରେ ଫାଇନାଲ ଖେଳରେ ନୂଆପଡା ଦଳ (ବାଳକ ବର୍ଗ) ଯାଜପୁର ଦଳକୁ ୩୭-

**ନୂଆପଡାରେ ଭବ୍ୟ ସମ୍ବର୍ଦ୍ଧନା**

୩୧ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛି। ଏହି ଟିମ ନୂଆପଡାରେ ଆସି ପହଞ୍ଚିବା ପରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଏଥିରେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ, ଜିଲା ଶିକ୍ଷାଧିକାରୀ ମହେଶ କୁମାର ଦଣ୍ଡସେନା, ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ, ଓଷ୍ଟାର ଜିଲା ସମ୍ପାଦକ ବିନୋଦ କୁମାର ପାଢୀ ପ୍ରମୁଖ ଯୋଗଦେଇଥିଲେ। ଖେଳାଳିମାନଙ୍କୁ ଏକତା ଛକ ନିକଟରେ ସ୍ୱାଗତ କରି ପାଛୋଟି ଆଣିଥିବାବେଳେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଅତିଥିମାନେ ଛାତ୍ରୀଛାତ୍ରମାନଙ୍କ ଉନ୍ନତି କାମନା କରିବା ସହ ଆଗାମୀ ଦିନରେ ମଧ୍ୟ ଜିଲା ପାଇଁ ଗୌରବ ଆଣିବାକୁ କହିଥିଲେ । ଚାମ୍ପିୟନ ଟିମରେ ମାଗୁରପାଣୀ ସରକାରୀ ଉନ୍ନୀତ ବିଦ୍ୟାଳୟ, ନେଗିପାଲି ଓଏଭି ବିଦ୍ୟାଳୟ, ନ୍ୟାଶନାଲ କଲେଜ, ଭୋକେଶନାଲ କଲେଜ, କୁରୁମପୁରୀ ଉଚ୍ଚ ବିଦ୍ୟାଳୟ ସିଆଳଟି ଉଚ୍ଚ ବିଦ୍ୟାଳୟ, ସାହିପଲା ଉଚ୍ଚ ବିଦ୍ୟାଳୟ, କୋମନା ପି.ଏସ. କଲେଜର ଛାତ୍ରୀଛାତ୍ରମାନେ ସାମିଲ ଅଛନ୍ତି । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପ୍ରଦୀପ ଭୋଇ, ମହତାବ ଆଡଜୁଆଡ, ଗିରିଧାରୀ ସା, ସଂଯୁକ୍ତା ସୁପକାର, ଦମୟନ୍ତୀ ପଟେଲ, କୁଞ୍ଜ ବିହାରୀ ନାଏକ, ସୁଶୀଲ କୁମାର ତ୍ରିପାଠୀ, ଜିତେନ୍ଦ୍ର କୁମାର ଖମାରୀ, କର୍ଣ୍ଣ ଶବର, କିଶୋର କୁମାର ପରିଡା ପ୍ରମୁଖ ଯୋଗଦେଇଥିଲେ।



ଚାମ୍ପିୟନ ଖେଳାଳିମାନଙ୍କ ସହ ଅତିଥିବୃନ୍ଦ।



"ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତ - ଏମାନେ ଚନ୍ଦ୍ର-ସୂର୍ଯ୍ୟ ଥିବାଯାଏ ନରକ ଭୋଗ କରନ୍ତି।
-ମହାକବି କାଳିଦାସ



**ସଂକ୍ଷେପରେ**



## ଚୋରି ଅଭିଯୋଗରେ ୨ ଗିରଫ

**କଣ୍ଟାବାଞ୍ଜି, ୨୧।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ଥାନା ପୋଲିସ ଚୋରି ଅଭିଯୋଗରେ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଦୁଷ୍ମନ୍ତ ଦାସ ଓ ତୁଲେଶ୍ୱର ମେହେର। ତୁରେକେଲା ଥାନା ଆଇଆଇସି ସତ୍ୟଜିତ କୋଣ୍ଡାଙ୍କେଲଙ୍କ ସୂଚନା ମୁତାବକ ସେମଲା ଗାଁର ସଦାନନ୍ଦ ମେହେରଙ୍କ ଘରୁ ୨ଭରି ସୁନା, ସୁନା କାନ ଫୁଲ ସହ ନଗଦ ୧୦,୦୦୦ଟଙ୍କା ଗତ ଅକ୍ଟୋବର ୮ ତାରିଖ ଦିନ ଚୋରି ହୋଇଥିଲା। ଏ ନେଇ ମେହେର ତୁରେକେଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ପୋଲିସ ଅନୁସନ୍ଧାନ କରି ସେହି ଗାଁର ଦୁଷ୍ମନ୍ତ ଓ ତୁଲେଶ୍ୱରଙ୍କୁ ଧରିଥିଲା। ଅଭିଯୁକ୍ତ ଦ୍ୱୟଙ୍କଠାରୁ ୨ଭରି ସୁନା, ସୁନା କାନଫୁଲ, ନଗଦ ୧୫୦୦ଟଙ୍କା ଉଦ୍ଧାର କରାଯାଇଥିଲା। ଏ ନେଇ ଏକ ମାମଲା ( ନଂ.୧୧୪/୧୯ ) ରୁଜୁ କରାଯାଇଥିଲା।

## ଶୋଚନୀୟ ଅବସ୍ଥାରେ ଜଳଯୋଗାଣ ପ୍ରକଳ୍ପ

**ଲାଠୋର, ୨୧।୧୦ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଦୁର୍ଗେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଥିବା ଜଳଯୋଗାଣ ପ୍ରକଳ୍ପ ଶୋଚନୀୟ ଅବସ୍ଥାରେ ରହିଛି। ଏହି ପ୍ରକଳ୍ପରୁ ରେଳ ଗେଟର ଆରପଟରେ ଥିବା ପ୍ରାୟ ୨ହଜାର ଲୋକେ ଉପକୃତ ହୋଇଥାନ୍ତି। ହେଲେ ବର୍ତ୍ତମାନ ରେଳ ଲାଇନ ନିର୍ମାଣ କାମ ଚାଲୁଥିବାରୁ ବହୁ ସ୍ଥାନରେ ପାଇପ ଫାଟିଛି। ଫଳରେ ଲୋକେ ପାଣି ପାଇବାରୁ ବଞ୍ଚିତ ରହୁଛନ୍ତି। ରେଳ ବିଭାଗରୁ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ସୂଚନା ଦିଆଯାଇଥିଲେ ହେଁ ଅଦ୍ୟାବଧି ସେ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା କୁହାଯାଇଛି। ଏ ନେଇ ଲାଠୋର ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲ ପଚାରିବାରୁ କହିଛନ୍ତି ଯେ, ରେଳ ବିଭାଗରୁ ସୂଚନା ମିଳିବା ପରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ହେଲେ ସେମାନେ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଲୋକ ଏବେ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଥାଶୀଘ୍ର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### କର୍ଲିପାଟରେ କିଡ୍‌ନୀଜନିତ ମୃତ୍ୟୁ ଘଟଣା

# ୩ ନଳକୂପ ବନ୍ଦ କଲା ପ୍ରଶାସନ

**ଟ୍ୟାଙ୍କରେ ପାଣି ଯୋଗାଣ ଦାବି କଲେ ଗ୍ରାମବାସୀ**

**ଲୋଇସିଂହା,୨୧।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ କିଡନୀ ପ୍ରଭାବିତ ଗାଁ କର୍ଲିପାଟ। ପିଇବା ପାଣି ସମସ୍ୟାକୁ ନେଇ ଗ୍ରାମବାସୀ କିଡନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଥିବା ଅଭିଯୋଗ ହୋଇଆସୁଥିଲା। ଏଥିପ୍ରତି ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭା ସେତେଟା ଗୁରୁତ୍ୱ ଦେଉ ନ ଥିଲେ । ପରିସ୍ଥିତି ଅଣାୟତ ହେବା ପରେ ଏବେ ଜିଲା ପ୍ରଶାସନ ଚେଇଁଛି । ନଳକୂପ ପାଣି ପରୀକ୍ଷଣ ପରେ କେତେକ ନଳକୂପ ପାଣିରେ ସମସ୍ୟା ରହିଥିବା ଜିଲା ପ୍ରଶାସନର ହସ୍ତଗତ ହୋଇଛି । ଗତ ଶନିବାର ଜଳ ଓ ପରିମଳ ବିଭାଗ କର୍ମଚାରୀ ଗାଁକୁ ଯାଇ ଏହା ସୂଚନା ଦେଇଥିଲେ । ଗ୍ରାମବାସୀ ବ୍ୟବହାର କରୁଥିବା ୩ଟି ନଳକୂପକୁ ବନ୍ଦ କରି ସିଲ୍ କରି ଦିଆଯାଇଛି । ତିନି ନଳକୂପ ବନ୍ଦ ପରେ ଗ୍ରାମରେ ଥିବା ଅନ୍ୟ ନଳକୂପ ପାଣି ବ୍ୟବହାର କରିବାକୁ ସେମାନେ ଭୟଭୀତ ହୋଇ ପଡିଛନ୍ତି। ପ୍ରଶାସନ ବିକଳ୍ପ ବ୍ୟବସ୍ଥା ଗ୍ରହଣ ନକରି ନଳକୂପ ବନ୍ଦ କରିବାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଅବିଳମ୍ବେ ଗାଁକୁ ଟ୍ୟାଙ୍କରରେ



ପ୍ରଶାସନ ବନ୍ଦ କରିଥିବା ନଳକୂପ ପାଖରେ ଗ୍ରାମବାସୀ।

ପାଣି ଯୋଗାଇବାକୁ ବ୍ଲକ ପ୍ରଶାସନ ନିକଟରେ ସୋମବାର ସେମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ ଯେ, କର୍ଲିପାଟ ଗାଁ ଲୋଇସିଂହା ପଞ୍ଚାୟତର ୫ନଂ ୱର୍ଡ । ଗାଁରେ ୨ଟି ବସ୍ତି ରହିଛି । ଗ୍ରାମବାସୀଙ୍କ ସୂଚନା ମତେ, ଗାଁର ତଳିପଡା ଅଞ୍ଚଳରେ ବିଗତ ୫ ବର୍ଷ ମଧ୍ୟରେ ୧୫ ଜଣ କିଡନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡିଲେଣି । ଏବେ ୧୦ରୁ ୧୨ ଜଣ ଆକ୍ରାନ୍ତ ହୋଇ ବିଭିନ୍ନ ସ୍ଥାନରେ ଚିକିତ୍ସିତ ହେଉଛନ୍ତି। ଚଳିତ ବର୍ଷ ନୀଳାମ୍ବର ପଧାନ ଓ ବୃନ୍ଦାବନ ପଧାନଙ୍କ ମୃତ୍ୟୁ ହୋଇଛି । ଗାଁରେ ୨ଟି ବସ୍ତିରେ ୧୫୦ ପରିବାରର ୮ ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ପାଣି ପାଇଁ ଉପରପଡାର ୨ଟି, ଗାଁ ପ୍ରାଥମିକ ସ୍କୁଲରେ ୧ଟି ଏହିପରି ୧୧ଟି ନଳକୂପ ବସିଛି। ସେଥିରୁ ତଳିପଡା ଅଞ୍ଚଳରେ ଥିବା ଗୋଟିଏ ନଳକୂପ ଦୀର୍ଘଦିନ ହେଲା ଅଚଳ ହୋଇ ପଡିଛି। ପ୍ରଶାସନ ପକ୍ଷରୁ ଗ୍ରାମକୁ ପାଇପ ଯୋଗେ ପାଣି ଯୋଗାଣ ପାଇଁ ୧ କୋଟି ୪୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ପ୍ରକଳ୍ପ ପାଇପ ଲାଇନ ପାଇଁ ଗ୍ରୀଷ୍ମଦିନରେ କାମ ଅରମ୍ଭ ହୋଇଥିଲା। ହେଲେ କାମ ଆଗଉ ନ ଥିବାରୁ ଗ୍ରାମବାସୀ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ୱାର୍ଡସଭ୍ୟ ତରଣୀସେନ ପଧାନ କହିଛନ୍ତି ଯେ, ଆମ ଅଭିଯୋଗକୁ ପ୍ରଶାସନ ଗୁରୁତ୍ୱ ଦେଲାନି । ଆଗରୁ ଏହି ପଦକ୍ଷେପ ନିଆଯାଇଥିଲେ ଆନେକ ମୃତ୍ୟୁ ମୁଖରୁ ବର୍ଞ୍ଚି ଯାଇଥାନ୍ତେ। ବିକଳ୍ପ ବ୍ୟବସ୍ଥା ଗ୍ରହଣ ନ କରି ନଳକୂପ ବନ୍ଦ କରି ଦିଆଯାଇଛି। ଟ୍ୟାଙ୍କରରେ ପାଣି ଦେବାକୁ ବିଡିଓଙ୍କୁ ଦାବି ଜଣାଇଛୁ । ସରପଞ୍ଚଙ୍କୁ କହି ଟ୍ୟାଙ୍କରରେ ପାଣି ବ୍ୟବସ୍ଥା କରାଯିବ ବୋଲି ବିଡିଓ କଥା ଦେଇଛନ୍ତି। ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ କହିଛନ୍ତି ଯେ, ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ୩ ଟି ନଳକୂପ ବନ୍ଦ କରାଯାଇଛି। ପାଇପ ପାଣି ପାଇଁ ଟଙ୍କା ମଞ୍ଜୁର ହୋଇଯାଇଛି। ଡିସେମ୍ବରରୁ କାମ ତ୍ୱରାନ୍ୱିତ କରାଯିବ । ସରପଞ୍ଚ ଚାହିଁଲେ ଗାଁକୁ ଟ୍ୟାଙ୍କରରେ ପାଣି ଯୋଗାଇ ଦେଇପାରିବେ ବୋଲି କହିଥିଲେ।



ବନ ବିଭାଗ ଦ୍ୱାରା ଜବତ କାଠ ବୋଝେଇ ଟାଟା ମ୍ୟାଜିକ।

## ଖଇର କାଠ ସହ ମିନିଟ୍ରକ ଜବତ, ୩ ଗିରଫ

**କଣ୍ଟାବାଞ୍ଜି, ୨୧।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି-ତୁରେକେଲା ପିଡବ୍ଲୁଡି ରାସ୍ତାର ଲର୍କି ନିକଟରୁ ବନ ବିଭାଗ ରବିବାର ରାତିରେ ୯ ସିଫ୍ଟ ଖଇର କାଠ ସହ ଏକ ଟାଟା ମ୍ୟାଜିକ ଓଡି.୦୩ଡି.୨୭୧୭କୁ ଜବତ କରିଛି । କାଠଚାଲାଣ କରୁଥିବା ଅଭିଯୋଗରେ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ତୁରେକେଲାର ବିନ ପାତ୍ର (୪୮), ବୁଢିବାହାଲର ଗଣେଶ ରଣା( ୩୪) ଓ କାମେଶ୍ୱର ରଣା(୩୨) । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଚଢଉରେ ଫରେଷ୍ଟର ଦେବଦତ ବେହେରା, ଆଦିତ୍ୟ ମିଶ୍ର, ସାଗରିକା ସେଠ ପ୍ରମୁଖ ସାମିଲ ଥିଲେ। ଏ ନେଇ ବନ ବିଭାଗ ପକ୍ଷରୁ ଏକ ମାମଲା( ନଂ. ୧୦୮/୧୯-୨୦) ରୁଜୁ ହୋଇଛି।

# ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି

**ପାଟଣାଗଡ, ୨୧।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ଏନଏସି ସଭାଗୃହରେ ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୧୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରୁ ୯୪ଟି ବ୍ୟକ୍ତିଗତ, ୧୫ଟି ସାମୂହିକ ଓ ୧୦ଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ସହାୟତା ସମ୍ପର୍କିତ ଥିଲା। ସେଥିମଧ୍ୟରୁ ୧୫ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ପାଟଣାଗଡ ଉପଜିଲାପାଳ ସୋମନାଥ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ନୋଡାଲ ଅଫିସରଭାବେ ସହକାରୀ ଜିଲାପାଳ ପଦ୍ମନାଭ ପୁରୋହିତ, ପାଟଣାଗଡ ତହସିଲଦାର ଡ. ପୁଷ୍ପାଞ୍ଜଳି ପଣ୍ଡା, ବିଡିଓ ନୀଳମାଧବ ସୁନା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିନୋଦିନୀ ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ପରମାନନ୍ଦ ପୃଷ୍ଟି, ସାମାଜିକ ସୁରକ୍ଷା ଅଧିକାରୀ କ୍ଷିରୋଦ୍ର ତ୍ରିପାଠୀ, ବେଲପଡା ବିଡିଓ ବିଜୟ ହୋତାଙ୍କ ସମେତ ସମସ୍ତ ଜିଲା, ଉପଖଣ୍ଡ ଏବଂ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।




ଅନୁଷ୍ଠିତ ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ।

## ତାଲିକା ଅନୁସାରେ ଦିଆଯାଉନି ଆବାସ ଯୋଜନା କାର୍ଯ୍ୟାଦେଶ

**ଲୋଇସିଂହା, ୨୧।୧୦(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତରେ ବହୁ ଯୋଗ୍ୟ ହିତାଧିକାରୀ ତାଲିକାଭୁକ୍ତ ହୋଇଥିଲେ ବି ଆବାସ ଯୋଜନା କାର୍ଯ୍ୟାଦେଶ ପାଇ ନାହାନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପଞ୍ଚାୟତ କାନ୍ଥରେ ନାମ ଉଲ୍ଲେଖ ଥିଲେ ମଧ୍ୟ ସେମାନଙ୍କୁ କାର୍ଯ୍ୟାଦେଶ ଦେବାରେ ହଇରାଣ କରାଯାଉଛି। ସେମାନେ ସୋମବାର ଜିଲା ପ୍ରକଳ୍ପ ଅଧିକାରୀ ମହେଶ୍ୱର ସ୍ୱାଇଁଙ୍କ ନିକଟରେ ଫେରାଦ ହୋଇଛନ୍ତି। ପଞ୍ଚାୟତ ଅଧୀନ ମାଣ୍ଡିଆପଦର ଗାଁର ଶ୍ରୀମୁଖ ସାହୁ, ସାରଥୀ ସାହୁ, ହୀରାପୁରର ପ୍ରମୋଦ ସାହୁ ଓ ଟେଭାଡୁଙ୍ଗରୀର କବିରାଜ କୁମ୍ଭାର ପ୍ରମୁଖ ପ୍ରକଳ୍ପ ଅଧିକାରୀ ସ୍ୱାଇଁଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ, ପଞ୍ଚାୟତ ପକ୍ଷରୁ କରାଯାଇଥିବା ଆବାସ ଯୋଜନା ହିତାଧିକାରୀଭାବେ ସେମାନଙ୍କ ନାମ ରହିଛି। ତାଲିକା ଅନୁସାରେ କାର୍ଯ୍ୟାଦେଶ ଦେବାକଥା। ହେଲେ ସେପରି କରାଯାଉ ନାହିଁ। ସେମାନେ ବିଡିଓଙ୍କ ପାଖକୁ ଗଲେ ପିଇଓଙ୍କୁ ସାକ୍ଷାତ କରିବାକୁ ସେ କହୁଛନ୍ତି। ପିଇଓଙ୍କ ନିକଟକୁ ଗଲେ ଯିଏ ଟଙ୍କା ଦେବ ତାହା ଘର ହେବ ବୋଲି କହୁଥିବା ଅଭିଯୋଗରେ ଦର୍ଶାଯାଇଛି। ପିଇଓ ଲୋକନାଥ ନାଏକଙ୍କୁ ପଚାରିବାରୁ ତାଲିକା ଅନୁସାରେ କାର୍ଯ୍ୟାଦେଶ ଦେବାରେ କିଛିଟା ବ୍ୟତିକ୍ରମ ହୋଇଥାଇ ପାରେ, ହେଲେ ଟଙ୍କା ମାଗିବା ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି କହିଛନ୍ତି।




ମୁଖ୍ୟଅତିଥି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି ।

### ଟିଟିଲାଗଡରେ ଆନ୍ତଃ ବିଦ୍ୟାଳୟ କରାଟେ ପ୍ରତିଯୋଗିତା

## ଅଂଶଗ୍ରହଣ କଲେ ୨୫୦ ଛାତ୍ରୀଛାତ୍ର

**ଟିଟିଲାଗଡ, ୨୧।୧୦ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ଗୋବିନ୍ଦ ବାଟିକାରେ ସ୍ଥାନୀୟ କରାଟେ ସଂଘର ସାନସାଇ ସୁରେଶ ଜାଲଙ୍କ ତତ୍ତ୍ୱାବଧାନ ଏବଂ ଓମଭେଲି ସ୍କୁଲ ଓ ରାଜଜ୍ୟୋତି ସେବା ସମିତି ସହଭାଗିତାରେ ସ୍କୁଲ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗୀର, କଳାହାଣ୍ଡି ଓ ନୂଆପଡା ଜିଲାର ୨୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ କୁମାର ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ମୁଖ୍ୟତଃ କାତା ଓ ଫାଇଟ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ସ୍ଥାନୀୟ ଏସ୍‌ଡିପିଓ ସୁରେନ୍ଦ୍ର ନାଥ ଶତପଥୀ ମୁଖ୍ୟଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ସହିତ ଖେଳପ୍ରତି ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ। କରାଟେରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କୁ ମେଡାଲ ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କରାଟେ ସଂଘ ସଭାପତି ଅମରଜିତ ବାଗ ଆଗାମୀ ଦିନରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା କରିବା ପାଇଁ ଚେଷ୍ଟା କରାଯିବ ବୋଲି କହିଥିଲେ। ସମ୍ପାଦକ କେଦାର କବାଟ ଖେଳ ପରିଚାଳନା କରିଥିଲେ। କରାଟେ ଚାମ୍ପିୟନଶିପ୍ ଆୟୋଜନରେ ଟିଟିଲାଗଡ କରାଟେ ସଂଘର ସମସ୍ତ ସଭ୍ୟାସଭ୍ୟ ସହଯୋଗ କରିଥିଲେ ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ଟିକ୍ରାପଡା, ୨୧।୧୦ (ଡି.ଏନ.ଏ.)**

ସଇଁତଳା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଅଧିନ କେଓମାଲସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଖର୍ସେଲବାଞ୍ଜି କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ରଘୁନାଥ ପଧାନ ସଭାରେ ଅଧ୍ୟକ୍ଷତା କରିଥିଲେ। ସିଆରସିସି ନିରଞ୍ଜନ ମାଝି ସଭା ସଂଯୋଜନା କରିଥିଲେ । ସମିତି ସଭ୍ୟ ଗଙ୍ଗାଧର ବାରିକ, ସମାଜିକ କର୍ମୀ ସତ୍ୟନାରାୟଣ ରାଜପଲିଆ, ଶିକ୍ଷକ ମାୟାଧର ସା ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ସାହୁ ମୁଖ୍ୟବକ୍ତା ରହିଥିଲେ। ଛାତ୍ରୀଛାତ୍ରଙ୍କ ଅର୍ନ୍ତନିହିତ ପ୍ରତିଭାର ବିକାଶ ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । କ୍ଲଷ୍ଟର ଅନ୍ତର୍ଗତ ୧୦ଟି ବିଦ୍ୟାଳୟର ୧୦୦ ଛାତ୍ରୀଛାତ୍ର ନୃତ୍ୟ, ବକ୍ତୃତା, ଚିତ୍ରାଙ୍କନ, ଗୀତ, ପ୍ରବନ୍ଧ, ସୃଜନାତ୍ମକ ଲିଖନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଜ୍ଞାନେଶ୍ୱର ପ୍ରଧାନୀ ଅତିଥି ପରିଚୟ ଓ ତ୍ରିନାଥ କୁମୁରା ଧନ୍ୟବାଦ ଅର୍ପଣ କରିଥିଲେ । ରୁଦ୍ରପ୍ରକାଶ ମିଶ୍ର, ବିକାଶ ପାତ୍ର, ସାଲାମି ଓରାମ, ଗୀତା କୁଅଁର, ଜୈମିନି ଧରୁଆ ପ୍ରମୁଖ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବ୍ଲକ କଂଗ୍ରେସର ସାଙ୍ଗଠନିକ ବୈଠକ

**ଦେଓଗାଁ,୨୧।୧୦ (ଡି.ଏନ.ଏ.)**

ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅଧୀନ କୁର୍ଲାକାନୀରେ ବ୍ଲକ କଂଗ୍ରେସର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଯୁଗେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ନରସିଂହ ମିଶ୍ରଙ୍କ ଆହ୍ୱାନ କ୍ରମେ ଆସନ୍ତା ୨୨ତାରିଖରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବନ୍ୟା କ୍ଷତିଗ୍ରସ୍ତଙ୍କୁ ଉଚିତ୍ କ୍ଷତିପୂରଣ ଦାବି ନେଇ କାର୍ଯ୍ୟାଳୟ ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ କରିବାକୁ ସ୍ଥିରୀକୃତ ହୋଇଥିଲା। ବିକ୍ଷୋଭ କାର୍ଯ୍ୟକ୍ରମରେ ବ୍ଲକର ୨୬ପଞ୍ଚାୟତରୁ ଶତାଧକ ଚାଷୀ ତଥା ଜନସାଧାରଣ ଯୋଗଦେବା ନେଇ ଆଲୋଚନା କରାଯାଇଥିଲା । ଦଳମତ ନିର୍ବିଶେଷରେ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆନ୍ଦୋଳନ କରାଯାଉଥିବାରୁ ଉପସ୍ଥିତ କର୍ମକର୍ତ୍ତା ତଥା ଚାଷୀବୃନ୍ଦ ବିଧାୟକ ମିଶ୍ରଙ୍କ ପ୍ରୟାସକୁ ସ୍ୱାଗତ କରିଥିଲେ। ଏ ଅବସରରେ ୧୨ନଂ ଜୋନ ଜୋନାଲ ସଭାପତି ରାମଜୀ ଚୌଧୁରୀ, ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, ଅସିତ ମିଶ୍ର, ପୂର୍ବତନ ବ୍ଲକ ଅଧକ୍ଷ କୈଳାସ ତାଣ୍ଡି, ତାରାକାନ୍ତ ବାଗ, କୁତୁର୍ଲା ସରପଞ୍ଚ ବଡ଼ ପଧାନ, ସାରସମାଲ ସମିତି ସଭ୍ୟ ପ୍ରମୋଦ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଯୁବନେତା ବିଶ୍ୱଜିତ ପାତ୍ର, କୁନା ସାହୁ, ସମୀର ସାହୁ, ଯଗୁ ସାହୁ, ଅନ୍ତ ଚୌହାନ, ବୀରେନ ରଣା, ଆଦିବାସୀ ନେତା ମୟ ପ୍ରଧାନୀ, ମନବୋଧ ହରପାଲ, ତଥା ୨୬ପଞ୍ଚାୟତର ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ।



କୁର୍ଲାକାନୀରେ ଦେଓଗାଁ ବ୍ଲକ କଂଗ୍ରେସ ପକ୍ଷରୁ ସାଙ୍ଗଠନିକ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ନେତୃବୃନ୍ଦ।

### ଗଣମାଧ୍ୟମ-ବରିଷ୍ଠ ନାଗରିକଙ୍କ ଭୂମିକା ସମ୍ପର୍କରେ ଆଲୋଚନା

# ସମନ୍ୱୟରେ ସାମଗ୍ରିକ ବିକାଶ ସମ୍ଭବ

**ଲୋଇସିଂହା, ୨୦।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ସିନିୟର ସିଟିଜେନ୍ସ ଆସେମ୍ବ୍ଲି ପକ୍ଷରୁ ବୁର୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମାଜ ପରିବର୍ତ୍ତନରେ ଗଣମାଧ୍ୟମ ଓ ବରିଷ୍ଠ ନାଗରିକଙ୍କ ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ଉଭୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିଲେ ଅଞ୍ଚଳର ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି ଅନୁଷ୍ଠାନ ସଭାପତି ଧର୍ମସିଂ ମିଶ୍ର କହିଥିଲେ। ଏପରିକି ଲୋଇସିଂହା ସିନିୟର ସିଟିଜେନ୍ସ ଆସେମ୍ବ୍ଲିର ଆଭିମୁଖ୍ୟ ଓ ସଫଳତା ସମ୍ପର୍କରେ ଆଲୋଚନା ହୋଇଥିଲା। ଅନୁଷ୍ଠାନ ଉପସଭାପତି ବିଭୂତି ଭୂଷଣ ସାହାଣୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସଭାପତି ମିଶ୍ର ଅଧ୍ୟକ୍ଷତା କରିଥିଲେ। ସମାଜର ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ଗଣମାଧ୍ୟମର



ବୈଠକରେ ଉପସ୍ଥିତ ସିନିୟର ସିଟିଜେନ୍ସ ଆସେମ୍ବ୍ଲିର କର୍ମକର୍ତ୍ତା।

ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସଭାପତି କହିଥିଲେ। ପରେ ଉପସଭାପତି ସହାଣୀ ୨୦୧୧ରେ ଗଠିତ ଅନୁଷ୍ଠାନ ଗତ ଅଗଷ୍ଟ ମାସରେ ସରକାରୀ ଭାବେ ପଞ୍ଜୀକୃତ ହୋଇଥିବା କହିଥିଲେ। ନାଗରିକ କମିଟିର ପୂର୍ବତନ ସମ୍ପାଦକ ସ୍ୱଗତ ଧ୍ରୁବଚରଣ ସାହୁଙ୍କ ଉଦ୍ୟମରେ ଇସ୍ପାତ ଏକ୍ସପ୍ରେସ ରହଣି ଓ ପ୍ଲାଟଫର୍ମର ଉନ୍ନତିକରଣ ଓ ଆଗାମୀ ଦିନରେ ୩ଟି ଏକ୍ସପ୍ରେସର ରହଣୀ ନେଇ ଉଦ୍ୟମ ଚାଲିଥିବା କହିଥିଲେ। ଏପରିକି ଅଞ୍ଚଳର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସହଯୋଗ କାମନା କରିଥିଲେ। ଏଥିରେ ଘୋରଚରଣ ନାଏକ, ଗଜାନନ ଅଗ୍ରୱାଲ, ଶ୍ୟାମସୁନ୍ଦର ଅଗ୍ରୱାଲ, ବ୍ରଜମୋହନ ମିଶ୍ର, ପଞ୍ଛୁ ସା, ହିମାଂଶୁ ସାହୁ, ରାମଚନ୍ଦ୍ର ପଟେଲ, ମଞ୍ଜୁବାଳା ମେହେର ପ୍ରମୁଖ ଉପସ୍ଥିତ ଥିଲେ।



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିଙ୍କୁ ବିପଦରୂପକ ଶସ୍ୟ କାଟିବାକୁ ପଡ଼ିଥାଏ।
- ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ

### ବନ୍ଧୁକ ଦେଖାଇ ଡକାୟତି, ଜଣେ କୋର୍ଟ ଚାଲାଣ

**କୋକସରା,୨୧।୧୦ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କୋକସରା ଥାନା ଅଧୀନ ବାଙ୍କିମୁଣ୍ଡା ଗ୍ରାମରେ ବନ୍ଧୁକ ଦେଖାଇ ଡକାୟତ କରିବା ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଜଣଙ୍କ ହେଲେ ମାନସିଂ ସୋନୀ। ଜାମିନ ନାମଞ୍ଜୁର ହେବାରୁ ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୋନୀଙ୍କଠାରୁ ପୋଲିସ ଏକ ବନ୍ଧୁକ ମଧ୍ୟ ଜବତ କରିଛି । ସୂଚନା ମୁତାବକ ବାଙ୍କିମୁଣ୍ଡା ଗ୍ରାମର ମାନସିଂ ସୋନୀ ଗତ ୧୮ ତାରିଖ ରାତି ପ୍ରାୟ ୨ଟାରେ ମିଥୁଳା ବେୱାଙ୍କ ଘରେ ପଶି ଏକୁଟିଆ ଥିବା ସୁଯୋଗ ଦେଖି ସେ ପିନ୍ଧିଥିବା ସୁନାଗହଣା ଲୁଟ ଉଦ୍ୟମ କରିଥିଲେ। ମହିଳାଙ୍କ ଚିତ୍କାର ଶୁଣି ତାଙ୍କ ଭାଇ ମହେଶ୍ୱର ଭରତିଆ ଓ ପରମାନନ୍ଦ ଆସି ତାଙ୍କୁ ଉଦ୍ଧାର କରିଥିଲେ। ମହିଳାଙ୍କ ଲିଖିତ ଅଭିଯୋଗ ପରେ ମାନସିଂଙ୍କୁ ପୋଲିସ ଗିରଫ କରିଥିଲା। ଏ ନେଇ କୋକସରା ଥାନାରେ ଏକ ମାମଲା (ନଂ. ୧୭୫/୨୦୧୯) ରୁଜୁ ହୋଇଛି।

### ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଗୋଲାମୁଣ୍ଡା,୨୧।୧୦ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଖଲିଆକାନୀଠାରେ ବିଜୁ ଯୁବ ବାହିନୀ ଖଲିଆକାନୀ ତରଫରୁ ସଡକ ସୁରକ୍ଷା ସଚେତନତା ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଡ଼କ ସୁରକ୍ଷା ଓ ନିୟମ ସମ୍ପର୍କରେ ଲୋକଙ୍କୁ ସଚେତନତା କରାଇବା ସହ ନଗର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ଖଲିଆକାନୀ ବିଜୁ ଯୁବ ବାହିନୀ ସଭାପତି ରଞ୍ଜୁ ତାଣ୍ଡି, ଥୟମଣି ରାଉତ, ଶିବ ପ୍ରସାଦ ରାଉତ, ବିକାଶ ରାଉତ, ନବୀନ ରାଉତ, ରାଜେଶ ରାଉତ, ବିକାଶ ରାଉତ, ଈଶ୍ୱରୀ ମେହେର, ଆଲୋକ ମହାନନ୍ଦ ଓ ଗୋଲାମୁଣ୍ଡା ଥାନା କର୍ମଚାରୀ ଉପସ୍ଥିତ ଥିଲେ।

### ରକ୍ତଦାନ, ଚକ୍ଷୁ ଚିକିତ୍ସା ଶିବିର

**ଗୋଲାମୁଣ୍ଡା,୨୧।୧୦(ଡି.ଏନ.ଏ.)-** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ସର୍ବମଙ୍ଗଳା ମହାବିଦ୍ୟାଳୟ ପରିସରରେ ସୋସିଆଲ ଆକ୍ଟିଭିଷ୍ଟ ଅଫ କଳାହାଣ୍ଡି ଓ ସ୍ୱାମୀ ବିବେକାନନ୍ଦ ଯୁବକ ସଙ୍ଗଠନ ଗୋଲାମୁଣ୍ଡା ଆନୁକୁଲ୍ୟରେ ଏକ ରକ୍ତଦାନ ଓ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଲେପ୍ରୋ ସୋସାଇଟି ସହଯୋଗରେ ଏକ ଚକ୍ଷୁ ଚିକିତ୍ସା ଶିବର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦ ଯୁବକ ସଙ୍ଗଠନ ସଭାପତି ରାଜେଶ ଅଗ୍ରୱାଲଙ୍କ ଉଦ୍ୟମରେ ଓ ସୋସିଆଲ ଆକ୍ଟିଭିଷ୍ଟ ଅଫ କଳାହାଣ୍ଡି ପକ୍ଷରୁ ନବୀନ କୁମାର ସାଙ୍କ ସହଯୋଗରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଲେପ୍ରୋ ସୋସାଇଟି ଜୁନାଗଡର ତପନ କୁମାର ଲାବଲାଙ୍କ ଅଧକ୍ଷତାରେ ଚକ୍ଷୁ ଚିକିତ୍ସା ଶିବିରରେ ଶତାଧିକ ବୃଦ୍ଧବୃଦ୍ଧାଙ୍କ ଚକ୍ଷୁ ଚିକିତ୍ସା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ସର୍ବମଙ୍ଗଳା ମହାବିଦ୍ୟାଳୟ ଭାରତ ସ୍କାଉଟ ଗାଇଡ ରୋଭର ଲିଡର ସନ୍ତୋଷ କୁମାର ବାରିକଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ସହଯୋଗ କରିଥିଲେ। ଗୋଲାମୁଣ୍ଡା ବ୍ଲକ ଗାୟତ୍ରୀ ପରିବାର ପକ୍ଷରୁ ପ୍ରଦୀପ ପଣ୍ଡା, ନେହେରୁ ଯୁବ କେନ୍ଦ୍ର ଭବାନୀପାଟଣା ପକ୍ଷରୁ ମନୋଜ କୁମାର ସାହୁ ଓ ସାମାଜିକ କର୍ମୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ ।

### ଜୈବିକ କୃଷି ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଭବାନୀପାଟଣା,୨୧।୧୦(ଡି.ଏନ.ଏ.)-** ପାତଞ୍ଜଳି ହରିଦ୍ୱାର ପକ୍ଷରୁ ପ୍ରଧାନମନ୍ତ୍ରୀ କୌଶଳ ଯୋଜନା ଜରିଆରେ ସ୍ଥାନୀୟ ସମ୍ପ୍ରଶାରଣ ତାଲିମ୍ କେନ୍ଦ୍ରଠାରେ ସୋମବାର ଜୈବିକ କୃଷି ସମ୍ବନ୍ଧିୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସନ୍ତୋଷ କୁମାର ମୁଣ୍ଡ, ମୁଖ୍ୟବକ୍ତା ଭାବେ ଆଇନଜୀବୀ ଆଶିଷ କୁମାର ଦାସ ଓ ସମ୍ମାନିତ ଅତିଥି ଭାବେ ଜେକେ ପେପର ମ୍ୟାନେଜର ଶୁଭବନ୍ତ ସିଂହ ଯୋଗଦେଇଥିଲେ। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଓଡିଶା ପାତଞ୍ଜଳି ବାୟୋଅର୍ଗାନିକ୍‌ର ମୁଖ୍ୟ ଜୟଦେବ ପଣ୍ଡା ପ୍ରଶିକ୍ଷକ ଭାବେ ଯୋଗଦେଇ ବିଭିନ୍ନ ଅଞ୍ଚଳରୁ ଆସିଥିବା ଚାଷୀମାନଙ୍କୁ ଜୈବିକ କୃଷି ସମ୍ବନ୍ଧୀୟ ଚାଷ ଉପରେ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ସୁଧାଂଶୁ ଶେଖର ନାଏକ ପରିଚାଳନା କରିଥିବା ବେଳେ ବିଭିନ୍ନ ଜିଲ୍ଲାରୁ ୨୦ ଜଣ ଚାଷୀ ଏଥିରେ ଅଂଶଗ୍ରହଣ କରିଥିଲେ।

## ନିର୍ମାଣାଧୀନ ଛାତ୍ରୀ ନିବାସ ଭୂତକୋଠି ପାଲଟିଛି
# ୭ ବର୍ଷ ବିତିଲା: କାର୍ଯ୍ୟକ୍ଷମ ହୋଇନି

**ଭବାନୀପାଟଣା,୨୦।୧୦ (ଡି.ଏନ.ଏ.)**

ସରକାର ବେଟି ପଢାଓ ବେଟି ବଚାଅ ଭଳି ନାରା ଦେଇ ଝିଅଙ୍କୁ ଶିକ୍ଷିତ କରିବା ପାଇଁ ରାଜକୋଷରୁ ଅର୍ଥ ବ୍ୟୟ କରି ସ୍କୁଲ କୋଠା ଓ ଛାତ୍ରୀ ନିବାସମାନ ତିଆରି କରୁଛନ୍ତି । ହେଲେ ଶିକ୍ଷା ବିଭାଗ ଓ ସ୍କୁଲ କୋଠା, ଛାତ୍ରୀ ନିବାସ ନିର୍ମାଣ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ୍ୟରେ ବୁଝାମଣା ଠିକ ନ ଥିବାରୁ ସ୍କୁଲ କୋଠା ନିର୍ମାଣର ୭ ବର୍ଷ ବିତିଯାଇଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରୁନି। କଳାହାଣ୍ଡି ଜିଲା ସଦର ମହକୁମାଠାରୁ ମାତ୍ର ୧୦ କିଲୋମିଟର ମୁଖ୍ୟ ରାଜରାସ୍ତା ଉପରେ ଅବସ୍ଥିତ ସଗାଡା ଗ୍ରାମରେ ନିର୍ମାଣାଧୀନ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ନ ହୋଇ ଏବେ ଭୂତ କୋଠି ପାଲଟିଥିବା ଦେଖିବାକୁ ମିଳିଛି। ଅଞ୍ଚଳର ଆଦିବାସୀ ହରିଜନ ଝିଅମାନେ ହଷ୍ଟେଲରେ ରହି ପାଠ ପଢିବା ସୁବିଧା ପାଇବେ ବୋଲି ଯେଉଁ ସପନ ଦେଖିଥିଲେ, ତାହା ସପନରେ ହିଁ ରହି ଯାଇଛି।



ନିର୍ମାଣାଧୀନ ଛାତ୍ରୀ ନିବାସ।

ଜିଲା ସଦର ମହକୁମାଠାରୁ ମାତ୍ର ୧୦ କିଲୋମିଟର ମୁଖ୍ୟ ରାଜରାସ୍ତା ଉପରେ ଅବସ୍ଥିତ ସଗାଡା ଗ୍ରାମ। ଅଖପାଖ ୨୫ଟି ଆଦିବାସୀ ହରିଜନ ଗାଁକୁ ନେଇ ଏହି ପଞ୍ଚାୟତ ଗଠିତ ହୋଇଥିବା ବେଳେ ଉକ୍ତ ଅଞ୍ଚଳର ଆଦିବାସୀ ହରିଜନ ଛାତ୍ରୀମାନେ ହାଇସ୍କୁଲରେ ରହି ପାଠପଢିବା ପାଇଁ ଏଠାରେ ୨୦୧୩ରେ ୩୪ ଲକ୍ଷ ଟଙ୍କା ବ୍ୟୟରେ ଏକ ଛାତ୍ରୀ ନିବାସ ନିର୍ମାଣ କରାଯାଇଥିଲା। ପାଖ ଗାଁଠାରୁ ଆସୁଥିବା ଛାତ୍ରୀମାନେ ଏହି ଛାତ୍ରୀ ନିବାସରେ ରହି ପାଠ ପଢି ପାରିବେ ବୋଲି ବହୁ ଉତ୍ସାହିତ ଥିଲେ। କିନ୍ତୁ ଛାତ୍ରୀ ନିବାସକୁ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ମଧ୍ୟ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସ୍କୁଲ କମିଟି ସଭ୍ୟମାନେ ମଧ୍ୟ ଜିଲା ପ୍ରଶାସନ ଓ ପ୍ରଧାନ ଶିକ୍ଷକଙ୍କୁ ବାରମ୍ବାର ଜଣାଇଛନ୍ତି। ସ୍ଥାନୀୟ ଲୋକଙ୍କ ଦାବି ଶୀଘ୍ର ଏହି ଛାତ୍ରୀ ନିବାସ ଓ ହାଇସ୍କୁଲ ଗୃହ କାର୍ଯ୍ୟକ୍ଷମ ହେଲେ ଅଞ୍ଚଳର ଆଦିବାସୀ ହରିଜନ ଛାତ୍ରୀଛାତ୍ର ଉପକୃତ ହେବେ। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂଙ୍କୁ ଜଣାଇବାରୁ ମୁଁ ଖୁବଶୀଘ୍ର ନିର୍ମାଣ କରିଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି କାର୍ଯ୍ୟକ୍ଷମ କରାଇବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ହେଲେ ଶିକ୍ଷା ବିଭାଗ ଆଦିବାସୀ ହରିଜନ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ କେତେ ଚିନ୍ତିତ ତାହା ଦେଖିବାକୁ ବାକି ରହିଲା।



ବସୁନ୍ଧରା ଯୋଜନାରେ ପାଇଥିବା ଘରଡିହ ପଟ୍ଟା ହିତାଧିକାରୀମାନେ ଦେଖାଉଛନ୍ତି।

# ବସୁନ୍ଧରା ଯୋଜନାରେ ୩୭୨ ପରିବାରକୁ ଘରଡିହ ପ୍ରଦାନ

**ଭବାନୀପାଟଣା,୨୧।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ତହସିଲ ଅଧୀନ ଓଡ୍ରି ଓ ଇନ୍ଦ୍ରାବତୀ ଜଳଭଣ୍ଡାର ମଧ୍ୟରେ ଥିବା ଗରିବ ପରିବାରକୁ ବସୁନ୍ଧରା ଯୋଜନାରେ ଘର ଡିହ ପଟ୍ଟା ବଣ୍ଟନ କରାଯାଇଛି । ତହସିଲଦାର ବିନୟ କୁମାର ଭୋଇଙ୍କ ଉପସ୍ଥିତିରେ ଇନ୍ଦ୍ରାବତୀ ଜଳଭଣ୍ଡାର ମଧ୍ୟରେ ଥିବା ଘୁଟୁଖାଲ ଗ୍ରାମର ୩୧ଟି ପରିବାର ଲୋକଙ୍କୁ ତେନ୍ତୁଳିପଦର ରାଜସ୍ୱ ଗ୍ରାମରେ ଥିବା ସରକାରୀ ଜମି ଚିହ୍ନଟ କରାଯାଇ ପଟ୍ଟା ପ୍ରଦାନ କରାଯାଇଛି। ସେହିଭଳି ଭିତରଡୁଙ୍ଗା ରାଜସ୍ୱ ଗ୍ରାମରେ ଥିବା ସରକାରୀ ଜମି ଚିହ୍ନଟ କରାଯାଇ ଝିରିଗାଁରେ ୧୦ଟି ଘରଡିହି ପଟ୍ଟା ପ୍ରଦାନ କରାଯାଇଛି । ସେହିଭଳି ଓଡ୍ରି ପଞ୍ଚାୟତ କାର୍ଯ୍ୟାଳୟଠାରେ ଓଡ୍ରି ଗ୍ରାମର ୬ ଓ ଢୋଲପାସ ଗ୍ରାମର ୨୪ ଭୂମିହୀନ ପରିବାରଙ୍କୁ ଘରଡିହ ପଟ୍ଟା ପ୍ରଦାନ କରାଯାଇଛି। ଓଡ୍ରିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ୍ରି ପଞ୍ଚାୟତ ସରପଞ୍ଚ ଲକ୍ଷ୍ମଣ ମାଝି ଉପସ୍ଥିତ ଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ରାଜସ୍ୱ ନିରୀକ୍ଷକ ଜିତେନ୍ଦ୍ର ନାଏକ ଓ ରାଜସ୍ୱ ବିଭାଗ କର୍ମଚାରୀ ସହଯୋଗ କରିଥିଲେ। ବ୍ଲକର ୫୨୩ଟି ଭୂମିହୀନ ପରିବାର ଏହି ବସୁନ୍ଧରା ଯୋଜନାରେ ଘରଡିହ ପାଇବା ପାଇଁ ଆବେଦନ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ୩୭୨ ପରିବାରକୁ ଘର ଡିହ ପଟ୍ଟା ଯୋଗାଇ ଦିଆଯାଇଥିବା ତହସିଲଦାର ଭୋଇ ସୂଚନା ଦେଇଛନ୍ତି।

# ୬୦ତମ ପୋଲିସ ଶହୀଦ ଦିବସ

**ଭବାନୀପାଟଣା,୨୧।୧୦ (ଡି.ଏନ.ଏ.)**

ସ୍ଥାନୀୟ ରିଜର୍ଭ ପୋଲିସ ପଡିଆଠାରେ ପୋଲିସ ବାହିନୀର ୬୦ତମ ଶହୀଦ୍ ସ୍ମୃତି ଦିବସ ଉତ୍ସବ ସୋମବାର ପାଳିତ ହୋଇଯାଇଛି। କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ପି ଗଙ୍ଗାଧର କର୍ତ୍ତବ୍ୟ ପାଳନ ସମୟରେ ଶହୀଦ ହୋଇଥିବା ପୋଲିସ କର୍ମଚାରୀ ଓ ଅଧିକାରୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୋଲିସ କର୍ମଚାରୀମାନଙ୍କ ତ୍ୟାଗ, ସାହସ ଓ ବଳିଷ୍ଠ ଅବଦାନ ଯୁବ ମାନସର ପ୍ରେରଣାର ଉତ୍ସ ହେବ ବୋଲି ସେ ପ୍ରକାଶ କରିବା ସହ ଶହୀଦ୍‌ମାନଙ୍କୁ ଗଭିର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମଗ୍ର ଦେଶରେ ଗତ ୧ ବର୍ଷ ମଧ୍ୟରେ ଶହୀଦ୍ ହୋଇଥିବା ୨୯୨ ଜଣ ଶହୀଦ୍‌ଙ୍କ ନାମ ଘୋଷଣା କରିଥିଲେ ଏବଂ ଏହି ଶହୀଦ୍ ଦିବସ ଉପଲକ୍ଷେ ଓଡିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୋକ ବାର୍ତ୍ତା ପାଠ କରିଥିଲେ। ଆମ ରାଜ୍ୟରୁ ଶହୀଦ୍ ହୋଇଥିବା ହାବିଲଦାର ମେଜର ସୁଜିତ୍ କୁମାର ମିଞ୍ଜ ଓ ଜୟରାମ କବାଟିଙ୍କୁ ମଧ୍ୟ ରାଜ୍ୟ ଓ ଜିଲା ପୋଲିସ ବାହିନୀ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏସପି ବି. ଗଙ୍ଗାଧର। ଜିଲା ପୋଲିସ ପ୍ରଶାନ ପକ୍ଷରୁ ପୋଲିସ ରିଜର୍ଭ ପଡିଆଠାରେ ଥିବା ଶହୀଦ୍ ସ୍ତମ୍ଭରେ ଏସ୍‌ପି ବି. ଗଙ୍ଗାଧର ଓ ଜିଲାପାଳ ଗାଭାଲି ପରାଗ ହର୍ଷଦ୍ ଓ ଅନ୍ୟାନ୍ୟ ପୋଲିସ ଅଧିକାରୀମାନେ ଶ୍ରଦ୍ଧାସୁମନ ପ୍ରଦାନ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ୧୯୬୦ଠାରୁ ଦେଶ ପାଇଁ ପ୍ରାଣବଳି ଦେଇଥିବା ଶହୀଦ୍ ପୋଲିସମାନଙ୍କ ଉଦ୍ଦେଶ୍ୟରେ ଏହି ପୋଲିସ ଶହୀଦ୍ ଦିବସ ପାଳିତ ହୋଇ ଆସୁଛି। ରିଜର୍ଭ ଇନ୍ସପେକ୍ଟର୍ ଏ. ବିଘ୍ନେଶ୍ୱର ରାଓଙ୍କ ନେତୃତ୍ୱରେ ପୋଲିସ ପରେଡ୍ ଅନୁଷ୍ଠିତ ହୋଇଥିଲା। ଭବାନୀପାଟଣା ସଦର ଥାନା, ଟାଉନ୍ ଥାନା, ନର୍ଲା ଥାନା ଅଞ୍ଚଳରେ ସୋମବାର ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରୁ ଶହୀଦ୍ ହୋଇଥିବା ପୋଲିସ କର୍ମଚାରୀ ଓ ଅଧିକାରୀମାନଙ୍କ ଉଦ୍ଦେଶ୍ୟରେ ସ୍ମୃତି ସଭାମାନ ଅନୁଷ୍ଠିତ ହୋଇ ଜିଲା ପୋଲିସ ବାହିନୀ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ସେମାନଙ୍କ ତ୍ୟାଗର ସ୍ମୃତିଚାରଣ କରାଯାଉଥିବା ଖବର ମିଳିଛି।



ପୋଲିସ ଶହୀଦ ଦିବସରେ ଏସ୍‌ପି ବି. ଗଙ୍ଗାଧର ଅଭିବାଦନ ଗ୍ରହଣ କରୁଛନ୍ତି ।

**କଳାହାଣ୍ଡି ଜିଲା ପୋଲିସ**

### ଆତ୍ମସୁରକ୍ଷା ତାଲିମ ଶିବିର

**ମୋହନଗିରି,୨୧।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରି ଧବଳେଶ୍ୱର ଡିଗ୍ରୀ କଲେଜ ଅନୁକୁଲ୍ୟରେ ଗତ ୧୭ ତାରିଖରୁ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଯାଇଛି। ଶିବିରର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମ.ରାମପୁର ବିଡିଓ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବଳଭଦ୍ରପାତ୍ର, ସିହପୁର ସରପଞ୍ଚ ବିଦ୍ୟାଧର ପାତ୍ର, ଯୁକ୍ତ ୩ କଲେଜ ସମ୍ପାଦକ ଅମିୟ ରଞ୍ଜନ ପଧାନ, ସଭାନେତ୍ରୀ ଆରତୀ ବିଶ୍ୱାଳ, ଯୁକ୍ତ ୨ କାର୍ଯ୍ୟକାରୀ ସବାପତି ଗୋକୁଳାନନ୍ଦ ବିଶ୍ୱାଳ, ସମ୍ପାଦକ ଶୁକଦେବ ସାହୁ, ଯୁକ୍ତ ୨ ଏବଂ ଯୁକ୍ତ ୩ର ସମସ୍ତ ଅଧାପକଅଧାପିକା ଯୋଗଦେଇଥିଲେ। ତାଲିମ ଶିବିରରେ ବିଶ୍ୱନାଥପୁର ଡିଗ୍ରୀ କଲେଜରୁ ପ୍ରମିଳା ସା ଓ ଅଞ୍ଜଳି ସୁନା ୨ ଜଣ ତାଲିମ ଦେବାକୁ ଆସିଥିବା ବେଳେ ୧୦୦ ଜଣ ଛାତ୍ରୀ ଏଥିରେ ଯୋଗଦେଇ ଦାଲିମ ଗ୍ରହଣ କରୁଛନ୍ତି । ଏହି ତାଲିମ ୧୨ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି ।



ଶହୀଦ ବିଜେନ୍ଦ୍ର ନାଥ ରାଉତଙ୍କ ସ୍ମୃତି ପୀଠରେ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ବିଜେନ୍ଦ୍ର ନାଥ ରାଉତ ସ୍ମୃତି ପୀଠରେ ଶହୀଦ ଦିବସ

**ଗୋଲାମୁଣ୍ଡା,୨୧।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲସ୍ଥିତ ଶହୀଦ ବିଜେନ୍ଦ୍ର ନାଥ ରାଉତଙ୍କ ସ୍ମୃତି ପୀଠରେ ଓଡିଶା ପୋଲିସ ପକ୍ଷରୁ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଲକ୍ଷ୍ମୀନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ଗୋଲାମୁଣ୍ଡା ତହସିଲଦାର ମନିଶା ଦାସ, ଗୋଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ନିଗ୍ଧାରାଣୀ ପ୍ରଧାନ, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ଡୁଲେଶ୍ୱର ନାଏକ, ଗୋଲାମୁଣ୍ଡା ବ୍ଲକ ଉପଧକ୍ଷା ମମତା ରାଉତ, ଗୋଲାମୁଣ୍ଡା ଥାନାଧିକାରୀ ରଶ୍ମିତା ପ୍ରଧାନ, ବୃନ୍ଦାବାହାଲ ସରପଞ୍ଚ ହେମାଙ୍ଗିନି ରାଉତ, ଗଣ୍ଡାମେର ସମିତି ସଭ୍ୟ ଲୋଚନ ନାଏକ, ଧାମନପୁର ସମିତି ସଭ୍ୟ ଇଂ.ଦିନେଶ କୁମାର ରାଉତ, କିଷାନ ସଂଘ ସଭାପତି ସାଉଲ ମଙ୍ଗରାଜ, ବୃନ୍ଦାବାହାଲ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାହ୍ନୁଚରଣ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା। ଗୋଲାମୁଣ୍ଡା ଥାନାଧିକାରୀ ରଶ୍ମିତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ସାମାଜିକ କର୍ମୀ ପଙ୍କଜ ରାଉତ ସଭା ପରିଚାଳନା କରିଥିଲେ। ତରଙ୍ଗ ଚଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ୨୦୧୦ ଏପ୍ରିଲ୍ ୪ ତାରିଖରେ ମାଲକାନଗିରିରୁ କୋମ୍ବିଂ ଅପରେଶନ ସାରି ଫେରୁଥିବା ବେଳେ ମାଓବାଦୀ ଆକ୍ରମଣରେ ବିଜେନ୍ଦ୍ର ନାଥ ରାଉତ ଶହୀଦ ହୋଇଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ପ୍ରସନ୍ନ ରାଉତ, ଉଦିତ ନାରାୟଣ ରାଉତ, ଜିତେନ୍ଦ୍ର ନାଏକ, ଦେବେନ୍ଦ୍ର ରାଉତ, ସଞ୍ଜୀବ ରାଉତ, ମକୁନ୍ଦ ରାଉତ, ଦେବ୍ରାଜ ରାଉତ, ବିକ୍ରମ ରାଉତ, ଅନଙ୍ଗ ରାଉତ, ଶ୍ୟାମସୁନ୍ଦର ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

# ଶକ୍ତି ବିଭାଗ ସଚିବ, କଳାହାଣ୍ଡି ଜିଲାପାଳଙ୍କୁ ସମନ ଜାରି

**ଭବାନୀପାଟଣା,୨୧।୧୦(ଡି.ଏନ.ଏ.)**

ଏକ ବିଦ୍ୟୁତ୍ ଆଘାତରେ ଜଣେ ମହିଳା ଗୁରୁତର ଆହତ ହେବା ଘଟଣାରେ ଓଡିଶା ମାନବ ଅଧିକାର କମିଶନ ଶକ୍ତି ବିଭାଗ ସଚିବ ଓ କଳାହାଣ୍ଡି ଜିଲାପାଳଙ୍କୁ ନୋଟିସ୍ ଜାରି କରିଥିବା ଜଣାପଡିଛି। ଗତ ୨୦୧୮ ଅଗଷ୍ଟ ୧୧ ତାରିଖରେ କଳାହାଣ୍ଡି ଜିଲା କଲମପୁର ବ୍ଲକ ହାରାମାଲ ଗାଁର ପଞ୍ଚାୟତ ପଡାର ଶ୍ୟାମ ଶବରଙ୍କ ସ୍ତ୍ରୀ କନକ ଶବର ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହେବା ଘଟଣାରେ ଓଡିଶା ମାନବ ଅଧିକାର କମିଶନ ଶକ୍ତି ବିଭାଗ ସଚିବ ଓ କଳାହାଣ୍ଡି ଜିଲାପାଳଙ୍କୁ ନୋଟିସ୍ ଜାରି କରି ୧୬ ଡିସେମ୍ବର ୨୦୧୯ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ପ୍ରଶାସନ ଓ ଅନ୍ୟ କେଉଁ ସଂସ୍ଥା ପକ୍ଷରୁ ପୀଡ଼ିତ ପରିବାରଙ୍କୁ କିଛି କ୍ଷତି ପୂରଣ ଦିଆଯାଇଛିକି ନାହିଁ ତାହା ମଧ୍ୟ ରିପୋର୍ଟରେ ଉଲ୍ଲେଖ କରିବାକୁ କଳାହାଣ୍ଡି ଜିଲାପାଳଙ୍କୁ ମାନବ ଅଧିକାର କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଘଟଣା ବାବଦରେ ସାମାଜିକ କର୍ମୀ ଦିଲୀପ କୁମାର ଦାସଙ୍କ ତରଫରୁ ଆଗତ ଅଭିଯୋଗକୁ ଆଧାର କରି ମାନବ ଅଧିକାର କମିସଶନ ଏହି ନୋଟିସ୍ ଜାରି କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ବଡକୁଟୁଠାରୁ ଥୁ.ରାମପୁରକୁ ସଂଯୋଗ ହୋଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ୟାମସୁନ୍ଦର ଶବରଙ୍କ ସ୍ତ୍ରୀ କନକ (୨୮) ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ୧୦୮ ଆମ୍ବୁଲେନ୍ସ ଯୋଗେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କନକଙ୍କ ହାତ ପୋଡିଯାଇ ଆଙ୍ଗୁଳି ସନ୍ଧି ସବୁ ସେ ସମୟରେ ଫାଟି ଯାଇଥିଲା।



ଓଟିଡିସି ଅଧକ୍ଷା ଜିଲାର ଏକ ପର୍ଯ୍ୟଟନସ୍ଥଳ ପରିଦର୍ଶନ କରୁଛନ୍ତି ।

# ଓଟିଡିସି ଅଧକ୍ଷାଙ୍କ କଳାହାଣ୍ଡି ଗସ୍ତ

**ଭବାନୀପାଟଣା,୨୧।୧୦ (ଡି.ଏନ.ଏ.)**

ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧକ୍ଷା ଶ୍ରୀମୟୀ ମିଶ୍ର ରବିବାର କଳାହାଣ୍ଡି ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳ ପରିଦର୍ଶନ କରିଥିଲେ। ଭବାନୀପାଟଣା ରିଷଗାଁ ପାଖ ପଥପ୍ରାନ୍ତ ସୁବିଧାକେନ୍ଦ୍ର, ଫୁର୍ଲିଝରଣ, ରାବଣଦର ଜଳପ୍ରପାତ, ପ୍ରଭୃତି ପର୍ଯ୍ୟଟନସ୍ଥାନ ପରିଦର୍ଶନ କରି ପାରିପାର୍ଶ୍ୱିକସ୍ଥିତି ଅନୁଧ୍ୟାନ କରିଥିଲେ। ବାହାର ପର୍ଯ୍ୟଟକଙ୍କୁ କିଭଳି ଆକୃଷ୍ଟ କରାଯାଇ ପାରିବ ଏବଂ ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ଟୁର ପ୍ୟାକେଜ କରାଯିବା ନେଇ ଆଗାମୀ ଦିନରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ରିଷଗାଁ ପାଖ ପର୍ଯ୍ୟଟନ କାର୍ଯ୍ୟାଳୟ ଓ ପଥପ୍ରାନ୍ତ ସୁବିଧା କେନ୍ଦ୍ରର କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଜିଲା ପର୍ଯ୍ୟଟନ ଅଧିକାରୀ, ପର୍ଯ୍ୟଟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ସରକାରୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଯାପିତ
# ବୈଷ୍ଣବ ଜନ ତୋ, କାରୁବାକୀ ମନ ମୋହିଲା

**ଭବାନୀପାଟଣା,୨୧।୧୦ (ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ କଳାହାଣ୍ଡି କଳାକାର ସଂଘ ପକ୍ଷରୁ ୩ ଦିନ ଧରି ଚାଲିଥିବା ୧୧ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ଦୂରଦର୍ଶନ କେନ୍ଦ୍ର ମୁଖ୍ୟ ଉପନିର୍ଦ୍ଦେଶକ ସୈକତ ବିହାରୀ ବହିଦାର, ସମ୍ମାନିତ ଅତିଥି ନାଟ୍ୟଶ୍ରୀ ପଞ୍ଚାନନ ମିଶ୍ର ଯୋଗଦେଇ କଳାର ମାଟି କଳାହାଣ୍ଡି ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥଙ୍କ ଭଳି ଅନେକ ମହାନ ନାଟ୍ୟକାରଙ୍କୁ ଜନ୍ମ ଦେଇଛି। ସେହି ନାଟ୍ୟ ପରମ୍ପରାକୁ ବଞ୍ଚାଇ ରଖିବା କଳାହାଣ୍ଡି କଳାକାର ସଂଘ ଏକ ମହାନ ପ୍ରୟାସ ବୋଲି କହିଥିଲେ। କଳାକାର ସଭାପତି ସତ୍ୟନାରାୟଣ ମିଶ୍ର ସଭାପତିତ୍ୱ କରିଥିଲେ। ସଂଘର ଉପସଭାପତି ସୁଶୀଲ ଗହୀର ସ୍ୱାଗତ ଭାଷଣ ଦେଇଥିଲେ। ଆକାଶବାଣୀ ତଥା ଦୂରଦର୍ଶନର ଉଦଘୋଷକ ଭାନୁ ପ୍ରକାଶ ରଥ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବରିଷ୍ଠ ଅଭିନେତା ଅବଦୁଲ କାଦିରଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରବିବାର ପ୍ରଥମ ନାଟକ ଭାବେ ସମ୍ବଲପୁର ଅଦୃଶ୍ୟ ନାଟ୍ୟ ଆଶ୍ରମ ଦ୍ୱାରା 'ବୈଷ୍ଣବ ଜନ ତୋ' ମଞ୍ଚସ୍ଥ ହୋଇଥିଲା ନାଟକ । ଏହି ନାଟକଟିକୁ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ଅତିଶ ଶତପଥୀ। ପରେ ସମ୍ବଲପୁର ସ୍ୱରର କଳାକାରମାନେ ପରିବେଷଣ କରିଥିଲେ ନାଟକ 'କାରୁବାକୀ'। ଏହାକୁ ରଚନା କରିଥିଲେ ସରୋଜ ଟପ୍ପୋ ଓ ନିର୍ଦ୍ଦେଶନା ଦେଇଥିଲେ ମାନସ ରଞ୍ଜନ ମିଶ୍ର। ଏହି ନାଟକ ଉତ୍ସବ ପରିସମାପ୍ତି ପରେ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ବିଭିନ୍ନ ବର୍ଗରେ ପୁରସ୍କୃତ ହୋଇଥିବା ନାଟକ ଓ ନିର୍ଦ୍ଦେଶକ ତଥା କଳାକାରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ନାଟକ ଉତ୍ସବରେ ପ୍ରତିଯୋଗିତାରେ ସମ୍ବଲପୁରର ଅଦୃଶ୍ୟ ନାଟ୍ୟଆଶ୍ରମ ନାଟକ 'ବୈଷ୍ଣବ ଜନ ତୋ' ପ୍ରଥମ, ସମ୍ବଲପୁରର ସ୍ୱରନାଟ୍ୟ ସଂସ୍ଥାର ନାଟକ 'କାରୁବାକୀ' ଦ୍ୱିତୀୟ, ପଦ୍ମପୁରର ଲୁ ନାଟ୍ୟ ସଂସ୍ଥାର ଗାନ୍ଧୀଛକ ତୃତୀୟ ନାଟକ ଭାବେ ପୁରସ୍କୃତ ହୋଇଛି।



ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଯାପନୀରେ ପରିବେଷିତ ନାଟକର ଏକ ଦୃଶ୍ୟ ।



ଫିଲ୍ମ ନିର୍ଦ୍ଦେଶକ ମଣି ରତ୍ନମ୍‌ଙ୍କ ସହ କାମ କରିବାକୁ ମୁଁ ଆଗ୍ରହୀ। ତାଙ୍କର ଆଗାମୀ ଫିଲ୍ମରେ ମୋତେ ଡବଲ ରୋଲ୍‌ରେ ଆପଣମାନେ ଦେଖିପାରିବେ।
- ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ବଲିଉଡ୍ ଅଭିନେତ୍ରୀ

## ସଂକ୍ଷେପରେ

### ବଣାଇଁଗଡ଼ରେ ଗଜଲକ୍ଷ୍ମୀ ପୂଜା ଭସାଣି ମେଲଣ

ବଣାଇଁ,୨୧।୧୦ (ସ୍ୱ.ପ୍ର.) ବଣାଇଁଗଡ଼ରେ ଗତ ୧୦ଦିନ ଧରି ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଉଥିବା ମା' ଲକ୍ଷ୍ମୀଙ୍କର ଭସାଣି ଉତ୍ସବ ମହା ସାମାରୋହରେ ଅନୁଷ୍ଠିତ ହୋଇଯାଇଛି। ସହରର ଦେଓଗାଁ, ଶୁଣ୍ଡିକୋଣ, ବ୍ଲକଛକ, ଗୁଣ୍ଡିଚା ମନ୍ଦିର, ବଜାରଛକ, ତେଲି ସାହି, ବ୍ରାହ୍ମଣସାହି, ବିଶିପାଲିଠାରେ ଧୁମଧାମରେ ମା' ଲକ୍ଷ୍ମୀଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଭସାଣିରେ ଦୁଲଦୁଲି, ବ୍ୟାଣ୍ଡ ବାଜା ଓ ଡିଜେର ତାଳେତାଳେ ଯୁବକମାନେ ନୃତ୍ୟରେ ମଜି ଯାଇଥିଲେ। ସହର ପରିକ୍ରମା ପରେ ମା' ଲକ୍ଷ୍ମୀଙ୍କୁ କନ୍ତଯୋଡି ବ୍ରାହ୍ମଣୀ ସେତୁ ଠାରେ ବିସର୍ଜନ କରାଯାଇଥିଲା।

### ସଡକ ସୁରକ୍ଷା ଶୋଭାଯାତ୍ରା

ହେମଗିର, ୨୧।୧୦ (ଡି.ଏନ.ଏ.) ହେମଗିରଠାରେ ବିଜୁ ଯୁବ ବାହିନୀ ଓ ପୋଲିସ ପକ୍ଷରୁ ସଡକ ସୁରକ୍ଷା ପାଇଁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ରାଲି ହେମଗିର ବାଏପାସ ରାସ୍ତାଠାରୁ ବାହାରି ହେମଗିର ରାଜପ୍ରସାଦ ପର୍ଯ୍ୟନ୍ତ ଯାଇଥିଲା। ବାଇକ ଆରୋହୀ ହେଲମେଟ ପିନ୍ଧିବା, ଚାରି ଚକିଆ ଯାନ ଡ୍ରାଇଭର ସିଟ୍ ବେଲ୍ଟ ବାନ୍ଧିବା, ଗାଡି ଚଳାଇବା ସମୟରେ ନିଶାଦ୍ରବ୍ୟ ସେବନ ନ କରିବା ଓ ଅନ୍ୟାନ୍ୟ ସୁରକ୍ଷା ନିୟମ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏସ. ପଟେଲ, ବିଜୁ ଯୁବ ବାହିନୀର ବ୍ଲକ କୋ–ଅର୍ଡିନେଟର କ୍ଷୀରଧର ସା, ବିଜୁ ଯୁବ ବାହିନୀର କର୍ମକର୍ତ୍ତା ଓ ପୋଲିସ ବାହିନୀ ଯୋଗ ଦେଇଥିଲେ।

### ୪ ବର୍ଷର ଶିଶୁକନ୍ୟାକୁ ହତ୍ୟା ଘଟଣା
### ୨ ମହିଳା ଗିରଫ

ସୁନ୍ଦରଗଡ,୨୧।୧୦ (ଡି.ଏନ୍.ଏ.) ସୁନ୍ଦରଗଡ ଜିଲା ଧରୁଆଡିହି ଥାନା ଘୁମୁଡା ଗ୍ରାମରେ ଇନ୍ଦ୍ରମଣି ସାଙ୍କ ୪ବର୍ଷର ଶିଶୁ କନ୍ୟାକୁ ଗୁଣିଗାରେଡି ପାଇଁ ଜଣେ ହତ୍ୟା କରାଯିବା ଘଟଣାରେ ପୋଲିସ ସେହି ଗ୍ରାମର ୨ଜଣ ମହିଳାଙ୍କୁ ଗିରଫ କରିଛି। ସେମାନେ ହେଲେ ସନ୍ଧ୍ୟା ନାଗ ଓ ନବୀନା ସା। ଉଭୟ ପରସ୍ପରକୁ ଦୋଷାରୋପ କରିଛନ୍ତି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ଗାଁରେ ସୋମବାର ପୋଲିସ୍ ବୈଠକ କରିବା ସହ ଲୋକଙ୍କ ସହିତ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ମୃତ ଶିଶୁକନ୍ୟାର ପରିବାରକୁ ଜିଲା ରେଡକ୍ରସରୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଛି ।

## ଲକ୍ଷେଘର ସମାଜର ନୂଆଁଖାଇ ଭେଟଘାଟ
# ଲକ୍ଷ୍ୟ ଏକ ରହିଲେ ବିକାଶ ସମ୍ଭବ

ହେମଗିର, ୨୧।୧୦ (ଡି.ଏନ.ଏ.)

ହେମଗିର ବ୍ଲକ୍ ଲକ୍ଷେଘର ସମାଜ ସଂଘ ପକ୍ଷରୁ ନୂଆଁଖାଇ ଭେଟଘାଟର ସମାରୋହ ବଡ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି । ପଶ୍ଚିମ ଓଡିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ପ୍ରତ୍ୟେକ ଘରେ ଘରେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପାଳନ ହୋଇଥାଏ। ପୁଣି ଏହାକୁ ବିଭିନ୍ନ ଅନୁଷ୍ଠାନ ତଥା ସମାଜ ପକ୍ଷରୁ ସର୍ବଜନୀନ ଭାବରେ ପରସ୍ପର ଭିତରେ ବନ୍ଧୁ ମିଳନର ଏକ ସମ୍ପର୍କ ସୃଷ୍ଟି କରିବା ପାଇଁ ନୂଆଁଖାଇ ଭେଟଘାଟର ଆୟୋଜନ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ହେମଗିର ଲକ୍ଷେଘର ସମାଜ ସଂଘ ପକ୍ଷରୁ କନିକା ହାଇସ୍କୁଲ ପଡିଆରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପ୍ରଥମେ ଶତାଧିକ ମହିଳା ଜଳପୂର୍ଣ୍ଣ କଳସ ଆଣି ନିଜର ଇଷ୍ଟଦେବାଦେବୀଙ୍କୁ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସମାରୋହରେ ଅତିଥି ଭାବରେ ବିଶ୍ୱଜିତ ତନ୍ତି, ବିଧାୟିକା କୁସୁମ ଟେଟେ, ମଧୁକର ବେସନ, ରୁଦ୍ର ପ୍ରସାଦ ଦଣ୍ଡସେନା, ମୁରଲୀ ପଧାନ, ବିଶ୍ୱମ୍ଭର ମହାନନ୍ଦିଆ, ଶ୍ରବଣ କୁମାର ଗର୍ଡିଆ ପ୍ରମୁଖ ଯୋଗ ଦେଇଥିଲେ। ସନାତନ ବାଦୀ ସଭାରେ ସଭାପତିତ୍ୱ କରିଥିଲେ । ସମଗ୍ର ଭାରତ ବର୍ଷରେ ଲକ୍ଷେଘର ସମାଜ ଏକ ବୃହତ ସମାଜ। ହେଲେ ଏକତାର ଅଭାବରୁ ଏମାନେ ଦଳିତ ଭାବରେ ପଡି ରହିଛନ୍ତି । ତେଣୁ ଲକ୍ଷେ ଘର ସମାଜର ଲକ୍ଷ୍ୟ ପ୍ରଥମେ ଏକ ହେଲେ ସେମାନଙ୍କ ବିକାଶ ସମ୍ଭବ ହୋଇପାରିବ। କେହି ନିଜକୁ ଅସହାୟ ଓ ଦଳିତ ମନେ ନ କରି ଆଗେଇ ଯିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଚନ୍ଦ୍ରଭାନୁ ମହାନନ୍ଦିଆ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରାମଚନ୍ଦ୍ର କୁମ୍ଭାର ଧନ୍ୟବାଦ ଦେଇଥିଲେ। ଡିସେମ୍ବର ବାଗ, କିଶୋର ଜୟପୁରିଆ, ପଙ୍କଜ କୁଆ, ଗୋପା ଜୟପୁରିଆ, ନିଳାମ୍ବର ତାଣ୍ଡିଆ, ଜିତେନ ମଗର, ଦଶରଥ ଗର୍ଡିଆ, ବିଭୁତି ଗର୍ଡିଆ, ମନଭୁଲା ବାଗ, ଶ୍ରବଣ ଗର୍ଡିଆ, ମୁକ୍ତେଶ୍ୱର ବୁଢ଼ା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସମାଜର ବହୁ ବରିଷ୍ଠ ନାଗରିକଙ୍କୁ ବିଧାୟିକା ସମ୍ମାନିତ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଅତିଥିଙ୍କ ସହ ସମ୍ମାନିତ ବ୍ୟକ୍ତିମାନେ।

## ତିନି ଦିନିଆ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ
# ମହିଷଛାପଲକୁ ହରାଇ ବଣ୍ଡଡିହି ଚାମ୍ପିୟନ



ଅର୍କେଇକଳା ଗ୍ରାମର ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଲହୁଣୀପଡା, ୨୧।୧୦ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ୍ ରାଜାମୁଣ୍ଡା ପଞ୍ଚାୟତ ଅର୍କେଇକଳା ଗ୍ରାମର ଅର୍କେଇକଳା ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ଚାଲିଥିବା ତିନି ଦିନିଆ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୨୪ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ମହିଷଛାପଲ ଦଳକୁ ହରାଇ ବଣ୍ଡଡିହି ଦଳ ଚାମ୍ପିୟନ ହୋଇଥିଲା। ଅତିଥି ଭାବେ ଲହୁଣୀପଡା ବିଡିଓ ଧାନାଇଚରଣ ଟୁଡୁ, ରାଜାମୁଣ୍ଡା ସରପଞ୍ଚ ମୁରଲୀଧର ମୁଣ୍ଡା, ଫରେଷ୍ଟର ଗୋପାଳ ଓରାମ, ବାଙ୍କି ରେଞ୍ଜର ଅଜୟ କୁମାର ଖେସ୍ ଯୋଗ ଦେଇଥିଲେ । ରଣଜିତ କୁମାର ସାହୁ ଅଧକ୍ଷତା କରିଥିଲେ। ଅଶୋକ କୁମାର ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କୁମାର ଗୌତମ ବାରିକ ମଞ୍ଚ ପରିଚାଳନା କରିଥିଲେ । ଫକୀର କିଶାନ, ଜଗେନ ବେହେରା, ସହଦେବ କିଶାନ, ସ୍ୱାଗତ ଅମାତ ଖେଳ ପରିଚାଳନା କରିଥିଲେ। ପ୍ରଦୀପ ବେହେରା, ଗୋକୁଳାନନ୍ଦ ବାରିକ, ରଣଜିତ ସାହୁ, ଶୁଭସଙ୍କେତ ବାରିକ, ସତ୍ୟବାନ ସାହୁ, ରାଜା ସାହୁ, କୁମାର କିଶାନ, ଦୀପୁ ସାହୁ, ଶତ୍ରୁଘ୍ନ କିଶାନ, ଦୀପକ ବେହେରା, ସଞ୍ଜୟ ନାଏକ ପ୍ରମୁଖ ଅର୍କେଇକଳା ସ୍ପୋର୍ଟିଂ କ୍ଲବର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶାନ୍ତନୁ ବେହେରା ଧନ୍ୟବାଦ ଦେଇଥିଲେ।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ସୁନ୍ଦରଗଡ,୨୧।୧୦ (ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା ଧରୁଆଡିହି ଥାନା ଅନ୍ତର୍ଗତ ଘୁମୁଡାରେ ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତା ମହିଳାଙ୍କ ନାମ ଧରିତ୍ରୀ ଭିତ୍ରିଆ (୨୫) । ପାରିବାରିକ କଳହକୁ କେନ୍ଦ୍ର କରି ସେ ଫ୍ୟାନ୍‌ରେ ଶାଢି ଗୁଡାଇ ଆତ୍ମହତ୍ୟା କରିଥିବା ପୋଲିସ ପ୍ରକାଶ କରିଛି। ଅନ୍ୟପଟେ ମହିଳାଙ୍କ ବାପ ଘର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ଥାନରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ସକାଶେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ ୧୨/୧୯) ରୁଜୁ ହୋଇଛି। ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା । ଧରିତ୍ରୀଙ୍କ ବାପା ଆସି ବୁଝାସୁଝା କରି ଫେରି ଯାଇଥିଲେ। ରାତିରେ ସ୍ୱାମୀ ସ୍ତ୍ରୀ ଅଲଗା ଅଲଗା କଠୋରିରେ ଶୋଇଥିଲେ। ସକାଳେ ଫ୍ୟାନ୍‌ରେ ଧରିତ୍ରୀ ଫ୍ୟାନରେ ଝୁଲୁଥିବା ଦେଖି ଶ୍ୱଶୁର ଘର ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ।

## ଆସିଲେନି ଜିଲାପାଳ ...

ଟେନସା, ୨୧।୧୦ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା କୋଇଡା ବ୍ଲକର ସଭାଗୃହଠାରେ ସୋମବାର ପୂର୍ବାହ୍ନ ୧୧ଟାରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । କିନ୍ତୁ ଜିଲାପାଳ ନିଖିଳ ପବନ କଲ୍ୟାଣ ଏହି ଜନ ଶୁଣାଣିରେ ଉପସ୍ଥିତ ନ ଥିଲେ। ଏଣୁ ଅଞ୍ଚଳର ସମସ୍ୟା ଜିଲାପାଳଙ୍କ ପାଖରେ ଉପସ୍ଥାପନ କରିବା ପାଇଁ ପ୍ରସ୍ତୁତ ଥିବା ଲୋକେ ହଠାତ ଜିଲାପାଳଙ୍କ କୋଇଡା ଗସ୍ତ ବାତିଲ ଖବର ଶୁଣି ନିରାଶ ହୋଇଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନୃସିଂହଚରଣ ସ୍ୱାଇଁ ଜନ ଶୁଣାଣିରେ ଉପସ୍ଥିତ ରହି ଅଞ୍ଚଳର ବିଭିନ୍ନ ସମସ୍ୟାକୁ ଶୁଣିବା ସହିତ ତାହାର ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ କଥା ମଧ୍ୟ ଦେଇଛନ୍ତି । ହେଲେ ଲୋକଙ୍କ ସମସ୍ୟା କେତେଦୂର ସମାଧାନ ହେବ ତାହା ସମୟ କହିବ।

## ଶହୀଦ ପୋଲିସ କର୍ମଚାରୀଙ୍କୁ ସମ୍ମାନ

ସୁନ୍ଦରଗଡ, ୨୧।୧୦ (ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା ପୋଲିସ ପକ୍ଷରୁ ଶଙ୍କରାସ୍ଥିତ ରିଜର୍ଭ ପୋଲିସ ପଡିଆଠାରେ ସୋମବାର ୬୦ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏସ୍‌ପି ସୌମ୍ୟା ମିଶ୍ର ଚଳିତ ବର୍ଷ ଶହୀଦ ହୋଇଥିବା ୨୯୨ ଜଣ ପୋଲିସ କର୍ମଚାରୀଙ୍କ ନାମ ପାଠ କରି ସେମାନଙ୍କର ନିଷ୍ଠାପର କର୍ତ୍ତବ୍ୟ, ସେବା ଓ ତ୍ୟାଗକୁ ମନେ ପକାଇଥିଲେ। ପୋଲିସ ଶହୀଦ ସ୍ତମ୍ଭରେ ଏସ୍‌ପିଙ୍କ ସମେତ ଜିଲାର ବରିଷ୍ଠ ପୋଲିସ ଅଧିକାରୀମାନେ ପୁଷ୍ପଗୁଚ୍ଛ ଦେଇ ଶହୀଦ ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଶହୀଦ ପୋଲିସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ପରେଡ ଅନୁଷ୍ଠିତ ହୋଇଥିଲା । ଆୟୋଜିତ ସମାରୋହରେ ଅତିରିକ୍ତ ଏସ୍‌ପି ରବିନାରାୟଣ ବାରିକ, ଡଃ ଅରୁଣ କୁମାର ମିଶ୍ର, ସଦର ଏସ୍‌ଡିପିଓ ବଳଭଦ୍ର ଦୀପ, ଡିଏସପି ଦାମୋଦର ମାଝି, ପ୍ରବୋଧ କୁମାର ମଲ୍ଲିକଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀ ଓ ଅବସରପ୍ରାପ୍ତ ଜିଲା ପୋଲିସ ଅଧୀକ୍ଷକ ରାମଚନ୍ଦ୍ର ବୈକାର, ପୋଲିସ କର୍ମଚାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଟ୍ରେନରେ ଯୁବକଙ୍କ ହାତ କଟିଲା

ବଣାଇଁ,୨୧।୧୦(ସ୍ୱ.ପ୍ର.)

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ବରସୁଆଁ ରେଳ ଲାଇନରେ ରବିବାର ରାତିରେ ଜଣେ ଯୁବକଙ୍କ ଡାହାଣ ହାତ ସମ୍ପୂର୍ଣ୍ଣ ଭାବେ କଟି ଯାଇଛି। ଏହି ଯୁବକ ଜଣକ ହେଲେ ଅନୁଗୋଳ ଜିଲା କଣ୍ଟାପାଳ ଗ୍ରାମର କୃଷ୍ଣ ନାଏକ (୨୫)। ସେ ଏକ ଟ୍ରକ୍ ନେଇ ବରସୁଆଁ ରେଳ ସାଇଡିଂକୁ ଲୁହାପଥର ଲୋଡ୍ କରିବାକୁ ଯାଇଥିଲେ। ରେଳ ଲାଇନ ଦେଇ ଖାଇବା ପାଇଁ ଯାଉଥିବା ବେଳେ ପଛପଟରୁ ଏକ ମାଲ୍‌ବାହୀ ରେଳ ତାଙ୍କୁ ଧକ୍କା ଦେଇଥିଲା। ସେଠାରେ ସେ ତଳେ ପଡିଯାଇଥିଲେ। ତାଙ୍କ ଡାହାଣ ହାତ ଉପରେ ରେଳ ଚଢ଼ିଯିବାରୁ ହାତଟି ସମ୍ପୂର୍ଣ୍ଣ ଛିଣ୍ଡି ଯାଇଥିଲା। ସେଠାରେ ସେ ସଜ୍ଞାହୀନ ଅବସ୍ଥାରେ ପଡି ରହିଥିଲେ। ସୋମବାର ସକାଳେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେତୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବନ୍ଧମୁଣ୍ଡା ରେଲୱେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ଫୁଟବଲ ଟୁର୍ନାମେଣ୍ଟ ସରିବାର କିଛି ସମୟ ପରେ ମୃତ୍ୟୁ ଆସିଲା

ବଡଗାଁ, ୨୧।୧୦ (ଡି.ଏନ.ଏ.)

ବଡଗାଁ ବ୍ଲକ ଅନ୍ତର୍ଗତ ସିଆଁମାଲ ଗ୍ରାମର ଜଣେ ବ୍ୟକ୍ତି ପାମରା ଦଶରାପଡ଼ାରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟରେ ମ୍ୟାଚ୍ ଖେଳି ସାରିବା ପରେ ତାଙ୍କର ମୃତ୍ୟୁ ଘଟିଛି । ସେ ହେଲେ ପିଟର ସୋରେଙ୍ଗ (୫୧)। ରବିବାର ସିଆଁମାଲ ଓ ପାମରା ଦଶରାପଡା ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ସିଆଁମାଲ ଦଳ ପକ୍ଷରୁ ପିଟର ଓ ତାଙ୍କ ପୁଅ ଅର୍ପିତ (୨୧)ଖେଳୁଥିଲେ । ମ୍ୟାଚ ଶେଷ ହେବାରୁ ପିଟର, ଅର୍ପିତ ଓ ଅନ୍ୟ ଖେଳାଳିମାନେ ପଡିଆ ବାହାରକୁ ଚାଲିଯାଇଥିଲେ। ହେଲେ ପଡିଆରୁ ବାହାରିବା କ୍ଷଣି ପିଟର ପଡିଯାଇଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଲାବେଳେ ରାସ୍ତାରେ ମୃତ୍ୟୁ ଘଟିଥିଲା। ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ତାଙ୍କ ମୃତ୍ୟୁରେ କ୍ରୀଡାପ୍ରେମୀ ଶୋକ ପ୍ରକାଶ କରିଛନ୍ତି।

# ଜିଲା ମହିଳା ଫୁଟବଲ: ପୁରୁଣାପାଣି, ରାଉରକେଲା ବିଜୟୀ

ସୁନ୍ଦରଗଡ, ୨୧।୧୦ (ଡି.ଏନ୍.ଏ)

ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସୁନ୍ଦରଗଡ ଷ୍ଟାଡିୟମଠାରେ ପ୍ରଥମ ଜିଲା ମହିଳା ଫୁଟବଲ ଚମ୍ପିୟନଶିପ ଚାଲିଛି। ସୋମବାର ଏହାର ଦ୍ୱିତୀୟ ଦିବସ ଥିଲା। ଏହି ଅବସରରେ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ମୁଖ୍ୟ ଅତିଥି ରୂପେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ । ପ୍ରଥମ ଲିଗ୍ ମ୍ୟାଚ୍‌ରେ ପୁରୁଣାପାଣି ଦଳ ଏବଂ କିଜିଂର୍ମା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପୁରୁଣାପାଣି ଦଳ ୨–୦ ଗୋଲରେ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ୍ ରାଉରକେଲା ଏକାଦଶ ଏବଂ ଆରସି ମିଶନ ସୁନ୍ଦରଗଡ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଉରକେଲା ଏକାଦଶ ୩–୦ ଗୋଲରେ ବିଜୟୀ ହୋଇଛି । କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ସଂସଦ କର୍ମକର୍ତ୍ତା ସହଯୋଗ କରିବା ସହ ପରିଚାଳନା କରିଥିଲେ।



ସୁନ୍ଦରଗଡ ଷ୍ଟାଡିୟମଠାରେ ପ୍ରଥମ ଜିଲା ମହିଳା ଫୁଟବଲ ଚମ୍ପିୟନଶିପର ସୋମବାର ଦ୍ୱିତୀୟ ଦିବସରେ ଅତିଥି ଓ ଆୟୋଜକଙ୍କ ସହ ଖେଳାଳିମାନେ।

## ୧୦ ନମ୍ବର ରାଜ୍ୟ ରାଜପଥରେ ଲୁଟେରାଙ୍କ ଆତଙ୍କ

କୁତ୍ରା, ୨୧।୧୦ (ଡି.ଏନ.ଏ.)

କୁତ୍ରା ଦେଇ ଯାଇଥିବା ରାଜ୍ୟରାଜପଥ–୧୦ରେ ପ୍ରତିଦିନ ଲୁଟେରାଙ୍କ ଆତଙ୍କ ବଢ଼ିଚାଲିଛି। ଦୀର୍ଘ ଦିନ ହେବ ରାତିରେ କୁତ୍ରାଠାରୁ ରାଜଗାଙ୍ଗପୁର ପର୍ଯ୍ୟନ୍ତ ରାଜ୍ୟ ରାଜପଥ ଉପରେ ଲୁଟେରାମାନେ ଟ୍ରକ୍ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ କରି ମୋବାଇଲ ଓ ନଗଦ ଟଙ୍କା ଲୁଟିବାରେ ଲାଗିଛନ୍ତି । ଅନେକ ଟ୍ରକ୍ ଡ୍ରାଇଭର ପୋଲିସରେ ଅଭିଯୋଗ କରୁ ନ ଥିବା ବେଳେ ବହୁ ଟ୍ରକ୍ ଡ୍ରାଇଭର ଗୁରୁତର ହେବା ପରେ ଯାଇ ଘଟଣା ଲୋକଲୋଚନକୁ ଆସୁଛି। ଲୁଟେରାଙ୍କ ଆକ୍ରମଣରେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ମଧ ଘଟିଥିବା ନଜିର ଅଛି। ଗତ ଶନିବାର ଭୋରରେ କୁତ୍ରା ଥାନା ଅଧୀନ ରାଞ୍ଜିରୋଡ ପେଟ୍ରୋଲ ପମ୍ପ ସମ୍ମୁଖରେ ଛିଡାଥିବା ଏକ ଟ୍ରକ (ନଂ. ସିଜି ୦୪ ଏଚଡବ୍ଲୁ– ୨୯୭୦)ର ଚାଳକ ପ୍ରେମଚନ୍ଦ ପାଲଙ୍କୁ ୩ ଜଣ ଦୁର୍ବୃତ୍ତ ମୁଖାପିନ୍ଧି ଭୁଜାଲିରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ପାଲଙ୍କଠାରୁ ୨୨ ହଜାର ଟଙ୍କା ଓ ଏକ ମୋବାଇଲ ଲୁଟି ନେଇଥିବା କୁତ୍ରା ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଲୁଟେରା ଦଳ ସେହି ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ଘରେ ପଶି ୧୭ ହଜାର ଓ ମଙ୍ଗଳସୂତ୍ର, ସୁନାଚେନ, ଲକେଟ, ୨ଟି ସୁନା ମୁଦି ନେଇ ଯାଇଥିବା ଘର ମାଲିକ ସୁରେନ୍ଦ୍ର କୁମାର ବିଲୁଙ୍ଗ ମଧ କୁତ୍ରା ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ହେଲେ ଲୁଟେରାମାନେ ରାଞ୍ଜି ରୋଡର ଏକ ଦୋକାନରେ ଲୁଟ୍ ପ୍ରୟାସ କରି ବିଫଳ ହୋଇଥିଲେ। ତେବେ ଅଭିଯୋଗ ପରେ ବି କାହାକୁ ଧରି ନ ପାରିବା ପୋଲିସର ପାରିବା ପଣିଆକୁ ପ୍ରଶ୍ନ ଉଠାଉଛି।

### ବଣାଇଁରେ ପଲ୍ୟୁସନ ସାର୍ଟିଫିକେଟ କେନ୍ଦ୍ର ଖୋଲିଲା

ବଣାଇଁ,୨୧।୧୦(ସ୍ୱ.ପ୍ର.)

ସୋମବାରଠାରୁ ବଣାଇଁଗଡ଼ରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ପଲ୍ୟୁସନ ସାର୍ଟିଫିକେଟ୍ କେନ୍ଦ୍ର ଖୋଲିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଥିବା ଦୁଇ ଚକିଆ ଯାନଠାରୁ ଆରମ୍ଭ କରି ୪ଚକିଆ ଯାନଗୁଡିକ ନିଜର ପ୍ରଦୂଷଣ ପ୍ରମାଣପତ୍ର ସଂଗ୍ରହ କରିବାରେ ଲାଗିଛନ୍ତି। ଏହି ପ୍ରମାଣପତ୍ର ସଂଗ୍ରହ କେନ୍ଦ୍ର ଖୋଲିବା ପାଇଁ ବହୁଦିନରୁ ଜିଲାପାଳଙ୍କଠାରେ ଦାବି କରାଯାଇଥିଲା। ଅନ୍ୟପକ୍ଷେ ରାଉରକେଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କ୍ୟାମ୍ପ କରାଯାଇ ଗାଡି ଚାଳକମାନଙ୍କୁ ପ୍ରମାଣପତ୍ର ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଉଛି।

## ଫଟୋରେ ଖବର





ବଣାଇଁ ପୂର୍ତ୍ତ ବିଭାଗ ଅଧୀନରେ ଥିବା ବଣାଇଁଗଡ଼ ସହରର ବସଷ୍ଟାଣ୍ଡଠାରୁ କନ୍ତଯୋଡି ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ କରାଯାଇଛି। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ସାମାନ୍ୟ ବର୍ଷା ହେଲେ ରଥଛକ , ବିଜୁ ପାର୍କ ଛକ ଏବଂ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଛକ ନିକଟରେ ପାଣି ଜମୁଛି (ବାମ)। କୁଆଁରମୁଣ୍ଡା ବ୍ଲକ ଅତିଥିଭବନ ପରିସରରେ ସୋମବାର ବିଜେଡିର ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ଅନୁଷ୍ଠିତ ପରାମର୍ଶ ବୈଠକରେ ରାଜ୍ୟସଭା ସଦସ୍ୟ ଅମର ପଟ୍ଟନାୟକ, ଶାରଦା ନାୟକଙ୍କ ସମେତ ଉପସ୍ଥିତ ଦଳର ଅନ୍ୟ ନେତୃବୃନ୍ଦ।



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡିଦିଏ।
-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ବାରହ୍ବା ଶିକାର ପାଇଁ ବିଛାଯାଇଥିଲା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଚାଷୀ ମୃତ

ନୟାଗଡ଼ ଅଫିସ,୨୧।୧୦: ବାର୍ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସୋମବାର ନୟାଗଡ଼ ଜିଲାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖଣ୍ଡପଡ଼ା ବ୍ଲକ ବେଣାଗାଡ଼ିଆ ପଞ୍ଚାୟତ ବରକୋଳି ଗ୍ରାମର ଘନଶ୍ୟାମ ଖଟୁଆ (୪୫)। ପ୍ରକାଶ ଯେ, ଗତ କିଛିଦିନ ହେବ ଖଣ୍ଡପଡ଼ା ଅଞ୍ଚଳରେ ବାର୍ହା ଉପଦ୍ରବ ଲାଗିରହିଛି। ଧାନ ଓ ପନିପରିବା ଫସଲ ଖାଇବା ପାଇଁ ବାର୍ହା ପଲ ସନ୍ଧ୍ୟା ପରେ କ୍ଷେତକୁ ଆସୁଛନ୍ତି। ଏହାକୁ ସୁଯୋଗ ମନେକରି ଶିକାରୀମାନେ ସକ୍ରିୟ ହୋଇଉଠିଛନ୍ତି। ସେମାନେ ବିଦ୍ୟୁତ୍ ତାର ସାହାଯ୍ୟରେ ବାର୍ହା ଶିକାର କରୁଛନ୍ତି। ଘନଶ୍ୟାମ ସକାଳେ ଚାଷକାମ ପାଇଁ ବିଲକୁ ଯାଉଥିବା ବେଳେ ବାଟରେ ପଡୁଥିବା ଏକ ଜଙ୍ଗଲ ମଧ୍ୟରେ ବିଛାଯାଇଥିବା ବିଦ୍ୟୁତ ତା'ର ସଂସ୍ପର୍ଶରେ ଆସି ଟଳିପଡ଼ିଥିଲେ। ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଏହାଦେଖି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖଣ୍ଡପଡ଼ା ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ସୂଚନା ମିଳିଛି। ଅପରପକ୍ଷେ ନୟାଗଡ଼ ସହର ଉପକଣ୍ଠ ଘଡୁଆଳ ଗ୍ରାମକୁ ସୋମବାର ସକାଳେ ଏକ ଗୟଳ ପଶିଆସି ଆତଙ୍କ ସୃଷ୍ଟି କରିଥିଲା। ଭୟରେ ଗ୍ରାମବାସୀ ଏଣେତେଣେ ଦୌଡ଼ିଥିବା ବେଳେ ଗୟଳ ଆକ୍ରମଣରେ ୩ଜଣ ଆହତ ହୋଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ସମସ୍ତେ ସୁସ୍ଥ ଅଛନ୍ତି।

# ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

**ବଦଳିଲା ପାଣିପାଗ**
- ୪୮ ଘଣ୍ଟାରେ ଲଘୁଚାପର ରୂପ ନେବ
- ୨୭ ପର୍ଯ୍ୟନ୍ତ ବର୍ଷା
- ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ
- ସତର୍କ ରହିବାକୁ ଜିଲାପାଳଙ୍କୁ ଏସ୍ଆର୍ସିଙ୍କ ନିର୍ଦ୍ଦେଶ



ବଦଳିଲା ପାଣିପାଗ। ପୁଣି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ। ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର, ତାମିଲନାଡୁ ଉପକୂଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଲଘୁଚାପର ରୂପ ନେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ ବିଶେଷଜ୍ଞଙ୍କ କହିବାନୁଯାୟୀ, ଅକ୍ଟୋବର ୨୩ରୁ ରାଜ୍ୟରେ ମେଘୁଆ ପାଗ ସହ ବର୍ଷା ଆରମ୍ଭ ହେବ। ଆସନ୍ତା ୨୪ରେ ରାଜ୍ୟର ଅଧିକାଂଶ ସ୍ଥାନରେ ମଧ୍ୟମ ଧରଣର ବର୍ଷା ହେବ ଏବଂ ୨୭ ତାରିଖ ପର୍ଯ୍ୟନ୍ତ ଲାଗିରହିବ। ତେବେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଅଧିକ ବର୍ଷା ହେବା ସହ ଦୀପାବଳି ଦିନ ମଧ୍ୟ ବର୍ଷା ହେବାର ସମ୍ଭାବନା ରହିଛି।

ମଙ୍ଗଳବାର ଦକ୍ଷିଣ ବଙ୍ଗୋପସାଗରରେ ତାମିଲନାଡୁ ସଂଲଗ୍ନ ଉପକୂଳରେ ସୃଷ୍ଟି ଘୂର୍ଣ୍ଣିବଳୟ ଆସନ୍ତା ୨୩ରେ ଲଘୁଚାପରେ ପରିଣତ ହେବ। ପରବର୍ତ୍ତୀ ସମୟରେ ଏହା ଉତ୍ତର-ପୂର୍ବ ଦିଗରେ ଗତି କରି ଆସନ୍ତା ୨୪ରେ ଆନ୍ଧ୍ର ଉପକୂଳ ଛୁଇଁବାର ସମ୍ଭାବନା ରହିଛି। ଅନ୍ୟପଟେ କେନ୍ଦ୍ରୀୟ ଆରବ ସାଗରରେ ସୃଷ୍ଟ ଲଘୁଚାପ କ୍ରମଶଃ ପୂର୍ବ ଦିଗକୁ ଗତି କରି ଆସନ୍ତା ୨୪ରେ ମୁମ୍ବାଇ ନିକଟରେ ପହଞ୍ଚିବ। ସେହିଦିନ ସନ୍ଧ୍ୟାରେ ଉଭୟ ଲଘୁଚାପର ମିଶ୍ରଣ ହେବ। ଫଳରେ ପୂର୍ବ-ପଶ୍ଚିମ ଦିଗରେ ମହାରାଷ୍ଟ୍ରଠାରୁ ବାଂଲାଦେଶ ପର୍ଯ୍ୟନ୍ତ ଏକ ବିସ୍ତୀର୍ଣ୍ଣ ଲଘୁଚାପ ବଳୟ ସୃଷ୍ଟି ହେବ। ଯାହାର ପ୍ରଭାବରେ ଓଡ଼ିଶାକୁ ବଙ୍ଗୋପସାଗରୀୟ ପବନ ଦକ୍ଷିଣ ଦିଗରୁ ବହିବ ଓ ବର୍ଷା ହେବ। ଭୁବନେଶ୍ୱର ସମେତ ଉପକୂଳବର୍ତ୍ତୀ ଅଞ୍ଚଳରେ ଆସନ୍ତା ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ଆକାଶ ମେଘାଛନ୍ନ ରହିବା ସହ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଅନ୍ୟପଟେ ଆସନ୍ତା ୪ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଝଡ଼ତୋଫାନ ସହ ବଜ୍ରପାତ ମଧ୍ୟ ହେବାର ଆଶଙ୍କା ରହିଛି। ମଙ୍ଗଳବାର କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ ଓ ନବରଙ୍ଗପୁରରେ ବର୍ଷା ହୋଇପାରେ। ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ନବରଙ୍ଗପୁର, ବଲାଙ୍ଗୀର, ନୂଆପଡ଼ା, ବରଗଡ଼, ମୟୂରଭଞ୍ଜ, କେନ୍ଦୁଝର ଆଦି ୧୧ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏ ସବୁ ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଦେଇଛି।

ସେହିପରି ବୁଧବାର ଗଜପତି, ଗଞ୍ଜାମ, ରାୟଗଡ଼ା, ପୁରୀ, କନ୍ଧମାଳ, ନୟାଗଡ଼, ନୂଆପଡ଼ା, ବଲାଙ୍ଗୀର ଆଦି ୮ଜିଲାରେ ପ୍ରବଳ ବର୍ଷା ହେବ। ଏନେଇ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ଗୁରୁବାର ଗଜପତି, ଗଞ୍ଜାମ, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ପୁରୀ, ଖୋର୍ଦ୍ଧା, ନବରଙ୍ଗପୁର, କଟକ ଆଦି ୧୨ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଥିବାବେଳେ ଏ ସବୁ ଜିଲାରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ସେହିପରି ଶୁକ୍ରବାର କେନ୍ଦୁଝର, ମୟୂରଭଞ୍ଜ, କଟକ, ବାଲେଶ୍ୱର, ଢେଙ୍କାନାଳ, ଯାଜପୁର ଓ ନୟାଗଡ଼ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଦେଇଛି। ଏସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ସେପଟେ ଆସନ୍ତା ୨୩ ତାରିଖରେ ରାଜ୍ୟରେ ଲଘୁଚାପଜନିତ ବର୍ଷା ହେବାର ଆଶଙ୍କା ରହିଥିବାରୁ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆର୍ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ କୃଷି ନିର୍ଦ୍ଦେଶକ ଓ ସଚିବଙ୍କୁ ସୂଚିତ କରାଯିବା ସହ ଜିଲାପାଳମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲାପାଳମାନଙ୍କୁ କୁହାଯାଇଛି।

## ସମୁଦ୍ରରେ ବୁଡ଼ିଯାଉଥିବା ୨ ପର୍ଯ୍ୟଟକ ଉଦ୍ଧାର

ପୁରୀ ଅଫିସ, ୨୧।୧୦ -ସମୁଦ୍ର ସ୍ନାନ ବେଳେ ବୁଡ଼ିଯାଉଥିବା ୨ଜଣ ପର୍ଯ୍ୟଟକଙ୍କୁ ସୋମବାର ଲାଇଫଗାର୍ଡମାନେ ଉଦ୍ଧାର କରିଛନ୍ତି। ସେମାନେ ହେଲେ ବିହାର ମିଠୁପୁର ଅଞ୍ଚଳର ପଥ୍ୱନ କୁମାର ପାଣ୍ଡେ (୩୮) ଓ ପ୍ରବୀର କୁମାର ପାଣ୍ଡେ(୨୪)। ଅପରାହ୍ନ ୨ଟାରେ ହୋଟେଲ ମହୋଦଧି ସମ୍ମୁଖ ସମୁଦ୍ରରେ ଦୁହେଁ ଗାଧୋଉଥିବା ବେଳେ ବୁଡ଼ିଯାଉଥିଲେ। ଏହାଦେଖି ସେଠାରେ ଉପସ୍ଥିତ ଲୋକେ ଲାଇଫଗାର୍ଡଙ୍କୁ ଡାକ ପକାଇଥିଲେ। ଲାଇଫଗାର୍ଡମାନେ ଦୁହିଁଙ୍କୁ ଉଦ୍ଧାର କରି ଉପରକୁ ଆଣିଥିଲେ।

## ବଳାତ୍କାରୀଙ୍କୁ ୧୫ ବର୍ଷ ଜେଲ

ବ୍ରହ୍ମପୁର ଅଫିସ,୨୧।୧୦

ଗଞ୍ଜାମ ଜିଲା ଅତିରିକ୍ତ ଦୌରାଜଜ (ଏଡିଜେ)-୨ ସୋମବାର ଏକ ବଳାତ୍କାର ମାମଲାର ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି। ବଳାତ୍କାରୀ ବିଶୁ ବେହେରା(୫୫)ଙ୍କୁ ବିଚାରପତି ଜଗଦୀଶ ପ୍ରସାଦ ମହାନ୍ତି ୧୫ ବର୍ଷ ଜେଲ ଦଣ୍ଡ ଦେଇଛନ୍ତି। ଏହାସହିତ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ କ୍ଷେତ୍ରରେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ପ୍ରକାଶଯେ, ୨୦୧୬ ଏପ୍ରିଲରେ ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଜଣେ ନାବାଳିକା ଘରେ ଏକାକୀ ଥିବା ବେଳେ ଏହାର ସୁଯୋଗ ନେଇ ବିଶୁ ତାଙ୍କୁ ବଳାତ୍କାର କରିଥିଲେ। ଏ କଥା ଘର ଲୋକଙ୍କୁ ଜଣାଇଲେ ଗୁଣି କରି ପରିବାରର ସମସ୍ତଙ୍କୁ ଜୀବନରେ ମାରିଦେବାକୁ ବିଶୁ ଧମକ ଦେଇଥିଲେ। ପୀଡିତା ଜଣକ ତାଙ୍କ ଘରେ ଏକାକୀ ଥିବା ବେଳେ ବିଶୁ ତାଙ୍କୁ ବାରମ୍ବାର ବଳାତ୍କାର କରିଥିଲେ। ଫଳରେ ସେ ୪ ମାସର ଗର୍ଭବତୀ ହୋଇଥିଲେ।

ପରିବାର ଲୋକେ ଏକଥା ଝିଅଠାରୁ ଶୁଣିବା ପରେ ପୁରୁଷୋତ୍ତମପୁର ଥାନାରେ ୨୦୧୬ ସେପ୍ଟେମ୍ବର ୧୨ରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ.୧୩୪/୧୬ରେ ଅଭିଯୁକ୍ତ ବିଶୁଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ପରେ ପୋଲିସ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ଅଭିଯୁକ୍ତ ଜଣଙ୍କ ଆଜି ଯାଏ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବନ୍ଦୀ ଭାବେ ଥିଲେ। ସୋମବାର ଏହି ମାମଲାର ବିଚାର ବେଳେ ୧୪ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

## ଫିମ୍ପି ମାରିଗଲା ୨ କୁଇଣ୍ଟାଲ ଚାଉଳ

ଏମଭି ୭୯,୨୧।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଭୁବନପଲି ପଞ୍ଚାୟତ କାର୍ଯ୍ୟାଳୟକୁ ଆଗୁଆ ୩ମାସ ପାଇଁ ମୋଟ ୩୧୯ କୁଇଣ୍ଟାଲ ଚାଉଳ ଆସିଥିଲା। ୩୯ କିଲୋ ଲେଖାଏ ଚାଉଳ ହିତାଧିକାରୀଙ୍କୁ ବଣ୍ଟନ ପାଇଁ ଆସିଥିବା ଏହି ଚାଉଳରୁ ୨କୁଇଣ୍ଟାଲ ଚାଉଳ ଫିମ୍ପିମାରି ନଷ୍ଟ ହୋଇଯାଇଛି। ଏହି ଚାଉଳ ହିତାଧିକାରୀଙ୍କୁ ଦେବାରୁ ସେମାନେ ଏହାକୁ ନେବେ ନାହିଁ ବୋଲି ପ୍ରକାଶ କରିଥିଲେ। ଫଳରେ ସେଠାରେ କିଛି ସମୟ ଧରି ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଖବର ପାଇ ଯୋଗାଣ ଅଧିକାରୀ ପ୍ରଭଞ୍ଜନ ମହାନ୍ତି ଭୁବନପଲି ଆସି ଭଲ ଚାଉଳ ହିତାଧିକାରୀଙ୍କ ମଧ୍ୟରେ ବଣ୍ଟନ କରିଥିଲେ। ଏପରି ଘଟଣା ଯେପରି ଆଗାମୀ ଦିନରେ ନ ଘଟେ ସେନେଇ କର୍ମଚାରୀଙ୍କୁ ତାଗିଦ୍ କରିଥିଲେ।

■ସାତକୋଶିଆରେ ଏନ୍‌ଟିସିଏ ୩ ଜଣିଆ ଟିମ୍

## ୨୫ ହେକ୍ଟରରେ ସୁନ୍ଦରୀ ଏନକ୍ଲୋଜର ଯୋଜନା

ବନ୍ତଳା, ୨୧।୧୦(ଡି.ଏନ.ଏ.)



ଟିକରପଡ଼ା ପାହାଡ଼ ଉପରେ ନୂତନ ଭାବେ ନିର୍ମାଣ ହେଉଥିବା ଘଡ଼ିଆଳ ପ୍ରଜନନ କେନ୍ଦ୍ର।

- ୭୨ ହେକ୍ଟର ଚାରଣ ଭୂମି ପରିଦର୍ଶନ କରିବେ
- ନୂତନ କୁମ୍ଭୀର ପ୍ରଜନନ ଓ ସଂରକ୍ଷଣ ପୋଲ ଦେଖିବେ

ଶିଥିଳ ପଡ଼ିଥିବା ଅନୁଗୋଳ ଜିଲା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ସ୍ଥିତି ସହ ଏନ୍‌କ୍ଲୋଜର ମଧ୍ୟରେ ବର୍ଷେ ହେଲା ବନ୍ଦୀ ଜୀବନ କାଟୁଥିବା ବାଘୁଣୀ ସୁନ୍ଦରୀରର ଗତିବିଧି ଅନୁଧ୍ୟାନ ପାଇଁ ଜାତୀୟ ବ୍ୟାଘ୍ର ପ୍ରାଧୀକରଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ)ର ଏକ ୩ ଜଣିଆ ଟିମ୍ ସାତକୋଶିଆ ଆସିଛନ୍ତି। ମଙ୍ଗଳବାର ଓ ବୁଧବାର ଦୁଇ ଦିନ ଧରି ସେମାନେ ସାତକୋଶିଆରେ ରହିବା ସହ ବାଘୁଣୀ ସୁନ୍ଦରୀର ବ୍ୟାଘ୍ର ପ୍ରକୃତି ପରିବର୍ତ୍ତନ ହୋଇଛି କି ନାହିଁ ଓ ଏନ୍‌କ୍ଲୋଜର ପରିସୀମା ୨୫ ହେକ୍ଟର ବୃଦ୍ଧି ସମ୍ପର୍କିତ ଯୋଜନା ଉପରେ କାର୍ଯ୍ୟ କରିବେ। ଏଥିସହ ଅଭୟାରଣ୍ୟରେ ଥିବା ୭୨ ହେକ୍ଟର ଚାରଣ ଭୂମି ଓ ନୂତନ କୁମ୍ଭୀର ପ୍ରଜନନ କେନ୍ଦ୍ର ପରିର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

ସୋମବାର ସାତକୋଶିଆରେ ପହଞ୍ଚିଥିବା ଏହି ଟିମ୍‌ରେ ଅବସରପ୍ରାପ୍ତ କାହ୍ନା ଟାଇଗର ରିଜର୍ଭର କ୍ଷେତ୍ର ନିର୍ଦ୍ଦେଶକ ଡା. ଖଗେଶ୍ୱର ନାଏକ, ଆସିଷ୍ଟାଣ୍ଟ ଇନ୍ସପେକ୍ଟର ଜେନେରାଲ ଏନ୍‌ଟିସିଏ କମଡି ହେମନ୍ତ ଭାସ୍କର, ଡେପୁଟି ଡାଇରେକ୍ଟର ଏନ୍‌ଟିସିଏ ଭି. କେ. ଶର୍ମା ରହିଛନ୍ତି। ମଙ୍ଗଳବାର ଓ ବୁଧବାର ଏହି ପ୍ରତିନିଧିମାନେ ସାତକୋଶିଆ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ଥିବାବେଳେ ତାଙ୍କ ସହିତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରଦୀପ ରାଜ କରାଟେ, ସାତକୋଶିଆ ଡିଏଫଓ ରାମସ୍ୱାମୀ ପି, ଅନୁଗୋଳ ଡିଏଫଓ ଭି. କାର୍ତ୍ତିକ, ମହାନଦୀ ଡିଏଫଓ ଅଂଶୁପ୍ରଜ୍ଞା ଦାସ,ଏସିଏଫ୍ ଶୁଭେନ୍ଦୁ ବେହେରା ପ୍ରମୁଖ ଉପସ୍ଥିତ ରହିବେ। ଏନ୍‌ଟିସିଏର ତିନି ଜଣିଆ ପ୍ରତିନିଧି ଦଳ ପ୍ରଥମେ ରାଇଗୁଡ଼ା ଯାଇ ସୁନ୍ଦରୀର ଚଳଣି, ପ୍ରକୃତି, ଖାଦ୍ୟ, ଗତିବିଧି ସହିତ ଏନ୍‌କ୍ଲୋଜରର ପରିସୀମା ୨୫ ହେକ୍ଟରକୁ ବୃଦ୍ଧି ନିମନ୍ତେ ଅଞ୍ଚଳ ବୁଲି ଦେଖିବେ। ପରେ ରାଇଗୁଡା ରେଞ୍ଜ, ପମ୍ପାସର ରେଞ୍ଜ, ପୁରୁଣାକୋଟର ବଡ଼ ଦୁମୁକ, ଚୁଆଁରୀ, କନ୍ଧ ଅଏଡା, କଦଳୀ ଖୋଲା ଓ ଜିଳିଣ୍ଡା ରେଞ୍ଜରେ ହୋଇଥିବା ମୋଟ୍ ୭୨ ହେକ୍ଟର ଚାରଣ ଭୂମି ପରିଦର୍ଶନ କରିବେ। ଏଥିସହ ଶମ୍ବର, ହରିଣ, ଗୟଳ ଆଦି ତୃଣଭୋଜି ପ୍ରାଣୀଙ୍କ ସଂଖ୍ୟା ବିଷୟରେ ତଥ୍ୟ ସଂଗ୍ରହ କରିବେ। ପରେ କୁମ୍ଭୀର ପ୍ରଜନନ ପାଇଁ ଟିକରପଡା ପୁରୁଣା ବଙ୍ଗଳା ପାହାଡ଼ ଉପରେ ନିର୍ମିତ ଏନ୍‌କ୍ଲୋଜର ମଧ୍ୟରେ ଦୁଇଟି ବଡ଼ ପୋଲ ଓ ଗାଡ଼ ଘରକୁ ଏନ୍‌ଟିସିଏ ଟିମ୍ ଦେଖିବେ। ଏହାପରେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡକୁ ଏହି ଟିମ୍ ଯିବାର ଯୋଜନା ରହିଥିବା ସୂଚନା ମିଳିଛି। ଏ ବିଷୟରେ ସାତକୋଶିଆ ଡିଏଫ୍‌ଓ କୁହନ୍ତି, ଏନ୍‌ଟିସିଏ ପ୍ରତିନିଧି ଦଳଙ୍କ ୨ ଦିନିଆ କାର୍ଯ୍ୟକ୍ରମ ରହିଛି। ସେମାନେ ମଙ୍ଗଳବାର ସାତକୋଶିଆ ଯାଇ ୬ରୁ ୭ ଟି ଚାରଣ ଭୂମିର ତଦାରଖ କରିବେ।

ଗୁମୁଡୁମାହା ଗୁଳିକାଣ୍ଡ: ଦୋଷୀ ପୋଲିସ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

## ଓଏଚ୍ଆର୍‌ସିଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମିଳୁନି କ୍ଷତିପୂରଣ

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

**ନ୍ୟାୟ ପାଇଁ ପୁଣି କମିଶନଙ୍କ ଦ୍ୱାରସ୍ଥ ହେଲେ ପରିବାର**



କମିଶନଙ୍କୁ ଭେଟିବାକୁ ଆସିଥିବା ମୃତକଙ୍କ ପରିବାର।

କନ୍ଧମାଳ ଜିଲା ଗୁମୁଡୁମାହାରେ ପୋଲିସ ଗୁଳିରେ ମୃତ ବ୍ୟକ୍ତିଙ୍କ ପରିବାର ଓ ଆହତଙ୍କୁ ଏଯାଏ ମିଳିନି ନ୍ୟାୟ। ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି)ଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମୃତକଙ୍କ ପରିବାରକୁ ଅତିରିକ୍ତ ୨ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇନାହିଁ। ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଉଛି ପ୍ରଶାସନ। ଶେଷରେ ନ୍ୟାୟ ପାଇଁ ମୃତକଙ୍କ ପରିବାର ପୁଣି ସୋମବାର ଓଏଚ୍ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ କମିଶନଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ପୋଲିସ ଗୁଳିରେ ଦେଢ଼ ବର୍ଷର ପୁଅ ଓ ସ୍ତ୍ରୀକୁ ହରାଇ ନିଜେ ଗୁରୁତର ଆହତ ହୋଇଥିବା ଲୁଟ୍ ଦିଗଲଙ୍କ ସମେତ ବବି ମଲିକ, ବନମାଳୀ ମଲିକ, ଦୁଲାର ଦିଗଲ, ରୀନା ରାଣୀ ଓ ଅନ୍ୟ କେତେଜଣ ମିଳିତ ଭାବେ କମିଶନଙ୍କୁ ଭେଟିଥିଲେ। କୋଳରେ ଛୋଟ ଶିଶୁକୁ ଧରି ଆସିଥିବା ରୀନା କହିଛନ୍ତି, ପୋଲିସ ଗୁଳିରେ ମୋ ମା' ଆରପାରିକୁ ଚାଲିଗଲେ। ପରେ ବାପା ବି ଆଖି ବୁଜିଲେ। କେମିତି ଚଳିବୁ ବୋଲି କହି ଭୋ ଭୋ ହୋଇ କାନ୍ଦିପକାଇଥିଲେ। ଗତ ୧୨ ତାରିଖରେ ସେମାନେ ଏହି ଘଟଣା ବିଷୟରେ କମିଶନଙ୍କୁ ଜଣାଇବା ପାଇଁ ଆସିଥିଲେ। କିନ୍ତୁ କାର୍ଯ୍ୟାଳୟ ଛୁଟି ଥିବାରୁ ସେମାନେ ଫେରିଯାଇଥିଲେ। ଗୁଳିକାଣ୍ଡ ଘଟଣାରେ ଦୋଷୀ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ, ପ୍ରତ୍ୟେକ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଓ ଆହତଙ୍କୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ସ୍ଥାୟୀ ନିଯୁକ୍ତି, ଗ୍ରାମକୁ ପକ୍କା ରାସ୍ତା, ବିଜୁଳି, ପାଣି, ସ୍ୱାସ୍ଥ୍ୟକେନ୍ଦ୍ର, ମୋବାଇଲ୍ ଟାୱାର ଆଦି ବ୍ୟବସ୍ଥା କରିବା ପାଇଁ ସେମାନେ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୨୦୧୮ ଅଗଷ୍ଟ ୨୪ରେ ମୃତକଙ୍କ ପରିବାରକୁ ଦୁଇମାସ ମଧ୍ୟରେ ଅଧିକ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କମିଶନ ଯେଉଁ ଆଦେଶ ଦେଇଥିଲେ ସରକାର ତାହା କାର୍ଯ୍ୟକାରୀ କରି ନ ଥିବା ନେଇ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେମାନଙ୍କ ସହ ଆସିଥିବା ଦୁଇ ମାନବାଧିକାରୀ କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ ଓ ନରେନ୍ଦ୍ର ମହାନ୍ତି ମଧ୍ୟ ଆଉଏକ ପୃଥକ୍ ଅଭିଯୋଗ ଦାଖଲ କରିଛନ୍ତି। ପ୍ରତ୍ୟେକ ପରିବାରଙ୍କୁ ଜଙ୍ଗଲ ଅଧିକାର ଆଇନ ଅନୁସାରେ ଜମି ଯୋଗାଇ ଦେବା ପାଇଁ ସେମାନେ ଅନୁରୋଧ କରିଛନ୍ତି।

୨୦୧୬ ଜୁଲାଇ ୮ରେ ଏକ ଅଟୋରେ ଗ୍ରାମର କେତେଜଣ ଲୋକ ଯାଉଥିବାବେଳେ କାଦୁଅ ରାସ୍ତାରେ ଫସି ଯାଇଥିଲେ। ସେମାନେ ଅଟୋକୁ କାଦୁଅରୁ ବାହାର କରିବା ପାଇଁ ପଛରୁ ଠେଲୁଥିବାବେଳେ ପୋଲିସ ମାଓବାଦୀ ସନ୍ଦେହ କରି ଆଖିବୁଜା ଗୁଳି ଚଳାଇବାରୁ ୫ଜଣ ନିରୀହ ଆଦିବାସୀଙ୍କ ମୃତ୍ୟୁ ଘଟିଥିଲା ଓ ୮ଜଣ ଗୁରୁତର ଆହତ ହୋଇଥିଲେ। କନ୍ଧମାଳ ଜିଲା ଜଜ୍ ଘଟଣାର ତଦନ୍ତ କରିଥିଲେ ମଧ୍ୟ ଦୋଷୀ ପୋଲିସକୁ ଘଣ୍ଟଘୋଡ଼ାଇବା ପାଇଁ ପରବର୍ତ୍ତୀ ସମୟରେ ରିପୋର୍ଟକୁ ଚାପି ଦିଆଯାଇଥିବା ଅଭିଯୋଗ ହୋଇଥିଲା।

## ଦୀପାବଳି ପରେ କଂଗ୍ରେସ ସାଙ୍ଗଠନିକ ସଜଡ଼ା ସରିବ

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

ଦୀପାବଳି ପରେ କଂଗ୍ରେସ ସାଙ୍ଗଠନିକ ସଜଡ଼ା କାର୍ଯ୍ୟକ୍ରମ ଚାଲିବ। ବିଜେପୁର ଉପନିର୍ବାଚନ ରହିବା ଯୋଗୁ ଏହି ପ୍ରକ୍ରିୟାରେ ବିଳମ୍ବ ହୋଇଥିବା ଦଳ ପକ୍ଷରୁ କୁହାଯାଇଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ ତୁରନ୍ତ ଶେଷ କରାଯିବ। ଦଳର ୩୩ ସାଙ୍ଗଠନିକ ଜିଲାକୁ ପର୍ଯ୍ୟବେକ୍ଷକ ପଠାଯାଇଛି। ଦଳର ବହୁ ବରିଷ୍ଠ ନେତାଙ୍କ ମଧ୍ୟରେ ଏହି ଦାୟିତ୍ୱ ବଣ୍ଟାଯାଇଛି। ସେମାନେ ବିଭିନ୍ନ ଜିଲା ଗସ୍ତ କରି ମତାମତ ଦେବେ। ବିଜେପୁର ନିର୍ବାଚନ ରହିବା ଯୋଗୁ ପ୍ରକ୍ରିୟାରେ ବିଳମ୍ବ ହୋଇଛି। ଆସନ୍ତା ଦୁଇ, ତିନିଦିନ ମଧ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଯିବ। ଦୀପାବଳି ପରେ ସେମାନେ ମତାମତ ଦେବେ। ଏହାପରେ ସେମାନଙ୍କ ମତାମତକୁ ନେଇ ଆଲୋଚନା କରାଯାଇ ପ୍ରସ୍ତୁତ ହେବା ତାଲିକା ଏଆଇସିସି( ଅଖିଳ ଭାରତ କଂଗ୍ରେସ କମିଟି) ନିକଟକୁ ପଠାଇ ଦିଆଯିବ। ସେଠାରୁ ଏଆଇସିସି ଅନୁମୋଦନ ପରେ କମିଟି ଘୋଷଣା ହେବ। ଏହାପରେ ପିସିସି କମିଟିଠାରୁ ଅନ୍ୟାନ୍ୟ କମିଟିଗୁଡିକ ଗଠନ କରାଯିବ। ଏହା ପୂର୍ବରୁ କେଉଁମାନଙ୍କୁ ନେଇ ସଙ୍ଗଠନ କରାଯିବ ତା' ଉପରେ ଅନ୍ୟମାନଙ୍କ ମତାମତ ନିଆଯିବ। ଏଥର ଛୋଟ କମିଟି ଗଠନ ହେବ ବୋଲି ସେ କହିଛନ୍ତି। ନିରଞ୍ଜନ ପୂର୍ବ ଦୋଷକୁ ସ୍ୱୀକାର କରି କହିଛନ୍ତି, ଅବଶ୍ୟ କମିଟି ଗଠନ ହେଲାପରେ ତା'ର ରୂପରେଖ କିପରି ରହୁଛି ଜଣାପଡିବ। ବହୁ ସମୟରେ ଆମେ ଯାହା କହିଥାଉ ଅବସ୍ଥା ଦୃଷ୍ଟିରୁ ତାହା କରିପାରି ନ ଥାଉ। ସୂଚନାଯୋଗ୍ୟ ଯେ, ନିକଟରେ ଏଆଇସିସି ପକ୍ଷରୁ ରାଜ୍ୟ କଂଗ୍ରେସର ସମସ୍ତ କମିଟିକୁ ଭାଙ୍ଗି ଦିଆଯାଇଛି। ମାତ୍ର ଦଳର ସଭାପତି ଏବଂ କାର୍ଯ୍ୟକାରୀ ସଭାପତିଙ୍କୁ ସେମିତି ରଖିଛନ୍ତି। ନିରଞ୍ଜନ ନିଜ ପଦରେ ବଳବତ୍ତର ରହିବାପରେ ନୂଆ କମିଟି ଗଠନ ଉପରେ ଧ୍ୟାନ ଦେଇଥିଲେ। ଏକ ବୈଠକ କରି କମିଟି ଗଠନ ଦାୟିତ୍ୱ କେତେଜଣ ନେତାଙ୍କ ହାତରେ ଦେଇଥିଲେ। ୧୫ଦିନ ମଧ୍ୟରେ ସେମାନଙ୍କୁ ମତାମତ ଦେବା ପାଇଁ କହିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ତାହା ହୋଇପାରିଲା ନାହିଁ। ବିଜେପୁର ଆଳ ଦେଖାଇ ବିଳମ୍ବ ହେଉଛି ବୋଲି ନିରଞ୍ଜନ ସଫେଇ ଦେଉଥିବା ଦଳୀୟ ମହଲରେ ଚର୍ଚ୍ଚା ହେଉଛି।

**ଘରୋଇ ଚିକିତ୍ସାକୁ ସରକାରୀ ଡାକ୍ତରଙ୍କ ପ୍ରାଧାନ୍ୟ**

## ଚାଲିଗଲା ନବଜାତ ଶିଶୁର ଜୀବନ

ଯାଜପୁର ଅଫିସ/ଯାଜପୁରରୋଡ (ନି.ପ୍ର.),୨୧।୧୦




**ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**
- ଡାକ୍ତରଖାନାରେ ଉତ୍ତେଜନା
- ୫ ଘଣ୍ଟା ଧରି ଶିଶୁର ମୃତଦେହ ଧରି ପ୍ରତିବାଦ
- ଶୁଣିଲେନି ଡାକ୍ତରଖାନା କର୍ତ୍ତୃପକ୍ଷ

ଘରୋଇ ଚିକିତ୍ସାକୁ ପ୍ରାଧାନ୍ୟ ଦେଇ ସରକାରୀ ସେବାରେ ଅବହେଳା କରିବାରୁ ଜଣେ ନବଜାତ ଶିଶୁଙ୍କ ଜୀବନ ଚାଲିଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ। ଯାଜପୁର ଜିଲା ଧର୍ମଶାଳା ବ୍ଲକ ଗଡମଧୁପୁର ପନ୍ତୁରୀ ଗ୍ରାମର ସୁରେନ୍ଦ୍ର ମଲ୍ଲିକଙ୍କ ସ୍ତ୍ରୀ କୌଶଲ୍ୟା ରବିବାର ରାତିରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିବାବେଳେ ସୋମବାର ପୂର୍ବାହ୍ନ ୯ଟାରେ ଶିଶୁପୁତ୍ରର ମୃତ୍ୟୁ ଘଟିଥିଲା। ଦାୟିତ୍ୱରେ ଥିବା ଶିଶୁରୋଗ ବିଶେଷଜ୍ଞଙ୍କ ଅବହେଳା ଓ ଦାୟିତ୍ୱହୀନତା ଯୋଗୁ ନବଜାତ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ କରି ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଡାକ୍ତରଖାନା ପରିସରରେ ଶିଶୁଙ୍କ ମୃତଦେହ ରଖି ଅପରାହ୍ନ ୨ଟା ପର୍ଯ୍ୟନ୍ତ ଶିଶୁର ପରିବାର ଓ ସ୍ଥାନୀୟ ଲୋକେ ପ୍ରତିବାଦ କରିଥିଲେ। ହେଲେ ଡାକ୍ତରଖାନା କର୍ତ୍ତୃପକ୍ଷ ନ ଶୁଣିବାରୁ ନିରାଶ ହୋଇ ଘରକୁ ଫେରିଥିଲେ। ଏନେଇ ସୁରେନ୍ଦ୍ର ମଲ୍ଲିକ ସିଡିଏମ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, କୌଶଲ୍ୟା ରବିବାର ରାତି ୨ଟା୧୫ରେ ଯାଜପୁରରୋଡ ସିଏଚସିରେ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ତେବେ ଭୋର ୫ଟାରେ ଶିଶୁପୁତ୍ରର ହାତଗୋଡ ମୋଡି ହେବା ସହ ପ୍ରବଳ କାନ୍ଦିଥିଲା। ଏନେଇ ସେତେବେଳେ ଦାୟିତ୍ୱରେ ଥିବା ଡାକ୍ତର ଦେବାଶିଷ ସାହୁଙ୍କୁ ସୁରେନ୍ଦ୍ର ଜଣାଇଥିଲେ। ହେଲେ ଦେବାଶିଷ ଶିଶୁ ବିଶେଷଜ୍ଞଙ୍କ ସହଯୋଗ ନେବାକୁ ପରାମର୍ଶ ଦେଇଥିଲେ। ଡାକ୍ତରଖାନା ପରିସରରେ ସରକାରୀ କ୍ୱାର୍ଟରରେ ରହୁଥିବା ଶିଶୁ ରୋଗ ବିଶେଷଜ୍ଞ ପୁଲକ ରଞ୍ଜନ ମଲ୍ଲିକଙ୍କ ପାଖକୁ ଧାଇଁ ଯାଇଥିଲେ ସୁରେନ୍ଦ୍ର। କ୍ୱାର୍ଟରରେ କବାଟ ବାଡେଇବା ସହ ପାଟିକରି ଡାକିଥିଲେ ହେଁ ଡାକ୍ତର ମଲ୍ଲିକ ଶୁଣି ନ ଥିଲେ। ହତାଶ ହୋଇ ସେଠାରୁ ଫେରି ଆସିବା ପରେ ଶିଶୁର ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗୁଡୁଥିବା ଦେଖି ସୁରେନ୍ଦ୍ର ପୁଣି ଡାକ୍ତର ମଲ୍ଲିକଙ୍କ ପାଖକୁ ଯାଇଥିଲେ। ତଥାପି ମଲ୍ଲିକ ଶୁଣି ନ ଥିଲେ। ତେବେ ପୂର୍ବାହ୍ନ ୮ଟାରେ ପୁଣି ଯାଇ ଡାକିବାରୁ ଡାକ୍ତର ମଲ୍ଲିକ କୋଠା ଉପରେ ରହି ଏହା କ'ଣ ନର୍ସିଂହୋମ ବୋଲି ଭାବୁଛ କି ବୋଲି କହିବା ସହିତ ପିଲାକୁ ଗଣେଶ ମାର୍କେଟଠାରେ ଥିବା ତାଙ୍କ ନର୍ସିଂହୋମକୁ ନେବା ପାଇଁ କହିଥିଲେ। ସୁରେନ୍ଦ୍ର ପିଲାକୁ ଧରି ଉକ୍ତ ନର୍ସିଂହୋମରେ ପହଞ୍ଚିବା ପରେ ଡାକ୍ତର ମଲ୍ଲିକ ସେଠାରେ ନବଜାତ ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ସାଲାଇନ, ଇଂଜେକ୍ସନ ଆଦି ଲେଖି ଯାଜପୁର ସଦର ଡାକ୍ତରଖାନା ନେବାକୁ ପରାମର୍ଶ ଦେଇଥିଲେ। ସୁରେନ୍ଦ୍ର ସାଲାଇନ ଓ ଇଂଜେକ୍ସନ ଧରି ପୁଣି ଯାଜପୁରରୋଡ ସିଏଚସିକୁ ଫେରି ସାଇଲାଇନ ଦେବାକୁ ଜଣେ ନର୍ସଙ୍କୁ ଅନୁରୋଧ କରିଥିଲେ। ହେଲେ ନର୍ସ ସାଲାଇନ ଦେବାବେଳେ ନବଜାତ ଶିଶୁର ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ। ତୁରନ୍ତ ଚିକିତ୍ସା କରାଇଥିଲେ ଶିଶୁଟି ବଞ୍ଚି ଯାଇଥାନ୍ତା ବୋଲି ସୁରେନ୍ଦ୍ର ପ୍ରକାଶ କରିଛନ୍ତି। ଏନେଇ ସୁରେନ୍ଦ୍ର ଫୋନ ଯୋଗେ ସିଡିଏମଓଙ୍କୁ ମଧ୍ୟ ଜଣାଇଛନ୍ତି। ସ୍ୱାସ୍ଥ୍ୟସେବାରେ ଘରୋଇ ବ୍ୟବସାୟୀକରଣକୁ ଅଧିକ ଗୁରୁତ୍ୱ ଦେଇ ସରକାରୀ ସେବାରେ ଅବହେଳା ଓ ଦାୟିତ୍ୱହୀନତା ମନୋଭାବ ଯୋଗୁ ଯାଜପୁରରୋଡ ସିଏଚସିରେ ଏଭଳି ଅନେକ ନବଜାତ ଶିଶୁ ଓ ପ୍ରସୂତି ମହିଳାଙ୍କ ମୃତ୍ୟୁ ହେଉଥିବା ନଜିର ରହିଛି। ଏ ସଂକ୍ରାନ୍ତରେ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ପୁଲକ ରଞ୍ଜନ ମଲ୍ଲିକଙ୍କୁ ପଚାରିବାରେ, ନବଜାତ ଶିଶୁର ଛାତିରେ କ୍ଷୀର ଅଟକି ଯାଇଥିଲା। ତେଣୁ ତାକୁ ଜିଲା ସଦର ଡାକ୍ତରଖାନାକୁ ନେବା ପାଇଁ ପରାମର୍ଶ ଦିଆଯାଇଥିଲା। ଶିଶୁର ଚିକିତ୍ସା କ୍ଷେତ୍ରରେ ସେ କୌଣସି ଅବହେଳା କରି ନାହାନ୍ତି ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଜଳିଗଲା କପଡ଼ା ଗୋଦାମ, ଲକ୍ଷାଧିକ ଟଙ୍କା ସାମଗ୍ରୀ ନଷ୍ଟ

ରାଉରକେଲା ଅଫିସ,୨୧।୧୦-ପ୍ଲାଣ୍ଟ ସାଇଟ ଥାନା ଅନ୍ତର୍ଗତ ପାୱାର ହାଉସ ରୋଡ ଅଞ୍ଚଳରେ ଥିବା ଏକ କପଡା ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ମୂଲ୍ୟର ସାମଗ୍ରୀ ନଷ୍ଟ ହୋଇଛି। ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସୂଚନାନୁସାରେ ପାୱାର ହାଉସ(ମଙ୍ଗଳଭବନ) ରୋଡ ଅଞ୍ଚଳରେ ଦିନେଶ ତିୱାରୀଙ୍କ କପଡା ଗୋଦାମ ରହିଛି। ସବୁ ଦିନ ଭଳି ରବିବାର ଦିନେଶ କାରବାର ସାରି ରାତି ୧୦ଟା ପରେ ଘରକୁ ଫେରିଥିଲେ। ରାତି ପ୍ରାୟ ୧୧ଟାରେ ତାଙ୍କ ଗୋଦାମରେ ନିଆଁ ଲାଗିଥିବା ଖବର ପାଇ ସେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁ ଆୟତ୍ତ କରିଥିଲେ। ସେତେବେଳକୁ ଦୋକାନ ପୋଡ଼ି ପାଉଁଶ ହୋଇଯାଇଥିଲା। ଏଥି ସହିତ ଗୋଦାମରେ ମହଜୁଦ ଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର କପଡା ନଷ୍ଟ ହୋଇଥିବା ସୂଚନା ମିଳିଛି।

### ଚୋରା ଗଞ୍ଜେଇ ଜବତ, ଜଣେ ଗିରଫ

ରାଉରକେଲା ଅଫିସ,୨୧।୧୦-ଟାଙ୍ଗରପାଲି ଥାନା ଆଇଡିଏଲ୍ ଫାଣ୍ଡି ଅନ୍ତର୍ଗତ ବାଲିଯୋଡି ଅଞ୍ଚଳରୁ ସୋମବାର ପୂର୍ବାହ୍ନ ସାଢେ ୧୦ଟା ବେଳେ ୭କିଲୋ ୧ ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏନେଇ ଅବକାରୀ ବିଭାଗ କର୍ମଚାରୀମାନେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି। ତାଙ୍କ ନାଁ ଦୟାନିଧି ମଲ୍ଲ। ସେ ବାଲିଯୋଡି ମନ୍ଦିର ରୋଡ ବାସିନ୍ଦା। ବହୁଦିନ ହେବ ଦୟାନିଧି ଚୋରା ଗଞ୍ଜେଇ କାରବାର କରୁଥିଲେ। ଏନେଇ ଅବକାରୀ ବିଭାଗ ବିଶ୍ୱସ୍ତସୂତ୍ରରୁ ଖବର ପାଇ ତାଙ୍କ ଦୋକାନ ପଛ ଘରେ ଚଢ଼ାଉ କରିଥିଲା। ସେଠାରୁ ଉପରୋକ୍ତ ପରିମାଣର ଗଞ୍ଜେଇ ଜବତ କରାଯାଇଥିଲା। ପୋଲିସ ଦୟାନିଧିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ବଲଣ୍ଡା ଜଳସେଚନ ପ୍ରକଳ୍ପ ଅଚଳ

# ଚାଷ ବନ୍ଦ, ଚାଷୀଙ୍କ ଆର୍ଥିକ ସ୍ଥିତି ଉଜୁଡିବ



ବଲଣ୍ଡା ଜଳସେଚନ ପ୍ରକଳ୍ପ ପାଇଁ ନିର୍ମାଣ କରାଯାଇଥିବା ନାଳ ଉପରେ ଜବରଦଖଲ କରାଯାଇଛି।

ରାଉରକେଲା ଅଫିସ/ବେଦବ୍ୟାସ (ଡି.ଏନ୍.ଏ.), ୨୧।୧୦

ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକ ଅନ୍ତର୍ଗତ କାଲୁଙ୍ଗା ଅଞ୍ଚଳର ବଲଣ୍ଡା ଜଳସେଚନ ପ୍ରକଳ୍ପ ଅଚଳ ହୋଇପଡିଛି। ଏହି ପ୍ରକଳ୍ପ ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯିବା ପରେ ବି ତାହା ଚାଷୀଙ୍କ କାମରେ ଲାଗୁନି। ଫଳରେ ୨୫ ବସ୍ତିର ଚାଷୀ ଓ ସ୍ଥାନୀୟ ଗ୍ରାମବାସୀ ଚାଷ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ପ୍ରକଳ୍ପ ଆରମ୍ଭ ହେବାର କିଛି ବର୍ଷ ଭିତରେ ଏପରି ଅଚଳାବସ୍ଥା ସୃଷ୍ଟି ହୋଇଛି। ପ୍ରକଳ୍ପ ଧୀରେ ଧୀରେ ପୋତି ହୋଇପଡିବା ଚାଷୀଙ୍କୁ ବ୍ୟଥିତ କରିଛି। କେବଳ ଏତିକି ନୁହେଁ ଉକ୍ତ କେନାଲ ଉପରେ ସିମେଣ୍ଟ ସ୍ଲାବ ପକାଇ ବହୁ ସଂଖ୍ୟାରେ ଘର ଓ ରାସ୍ତା ନିର୍ମାଣ କରାଯିବା ସ୍ଥାନୀୟ ଲୋକଙ୍କୁ ସମସ୍ୟା ପକାଇଛି। କେନାଲ ଏବେ ଶୁଖିଲା ପଡିଥିବା ବେଳେ ଏହାର ଆଖପାଖ ଅଞ୍ଚଳ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଏ ନେଇ ଗତ କିଛି ମାସ ପୂର୍ବେ ସ୍ଥାନୀୟ ଚାଷୀ ବିରୋଧ କରିବା ସହ ଆନ୍ଦୋଳନ କରିଥିଲେ। ଏହା ପରେ ବି କିଛି ଲାଭ ମିଳିନି। ଶୁଖିଲା ନାଳକୁ ଦେଖି ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଉକ୍ତ ପ୍ରକଳ୍ପରୁ କେବେ ପାଣି ଛଡାଯିବ ସେନେଇ କାହା ପାଖରେ ଉତ୍ତର ନାହିଁ। ପିତାମହଲ ଡ୍ୟାମରେ ପାଣି ଲହଡି ମାରୁଥିବା ବେଳେ ପାଖ ଚାଷୀ ପାଣି ନ ପାଇ ହନ୍ତସନ୍ତ ହେଉଛନ୍ତି। ପାଣି ଅଭାବରୁ ସ୍ଥାନୀୟ ଚାଷୀ ଧାନ, ଗହମ ଆଦି ସହ ପରିବା ଚାଷରୁ ସମ୍ପୂର୍ଣ୍ଣ ବଞ୍ଚିତ ରହିଛନ୍ତି। ବିଭିନ୍ନ ସମୟରେ ଚାଷୀ ତଥା ଅଞ୍ଚଳବାସୀ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ତଥାପି ପାଣି ସମସ୍ୟା ଦୂର ହୋଇ ପାରୁନି ବୋଲି ଅଭିଯୋଗ ହୋଇଛି।

#### ଏମାନେ ଯାହା କୁହନ୍ତି..

“ ଦୀର୍ଘଦିନର ଏହି ସମସ୍ୟା ଲାଗି ରହିଛି। ମୁଁ ଅଧ୍ୟକ୍ଷ ହେବା ପୂର୍ବରୁ ଉକ୍ତ ନାଳ ଶୁଖିଲା ପଡିଥିଲା। ଚାଷୀଙ୍କ ଦୁଃଖ ସହିତ ମୋର ବି ସେହି ଅନୁଭବ ରହିଛି। ସେହି ପ୍ରକଳ୍ପକୁ କିପରି ସଚଳ କରାଯିବ ସେ ନେଇ ନିଶ୍ଚିତ ରୂପେ ଧ୍ୟାନ ଦିଆଯିବ।

–**ଜଗନ୍ନାଥ ଟପୋ**,ପାଣି ପଞ୍ଚାୟତ ଅଧ୍ୟକ୍ଷ, ଲୁଙ୍ଗେଇ।

“ ପାଣି ପଞ୍ଚାୟତ ନାଁରେ ଏଠାରେ ମନମୁଖି କାମ ଚାଲିଛି। ଫଳରେ ଚାଷୀମାନେ ଉପକୃତ ହୋଇପାରୁ ନାହାଁନ୍ତି। ସ୍ଥାନୀୟ ଚାଷୀଙ୍କ ପାଇଁ ଉକ୍ତ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ହେଲେ ତାହା ଆଜି ପର୍ଯ୍ୟନ୍ତ ଫଳବତୀ ହୋଇ ପାରିଲାନି। ଏଥିଯୋଗୁ ବିଭିନ୍ନ କିସମର ପନିପରିବା ଚାଷ ଉଜୁଡିବାରେ ଲାଗିଛି। ଧାନ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ପାରମ୍ପରିକ ପନିପରିବା ଚାଷୀ ଏହା ଦ୍ୱାରା ବହୁଳ ଭାବେ ପ୍ରଭାବିତ ହୋଇଛନ୍ତି। ଏଥିପ୍ରତି ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଚାଷୀଙ୍କ ଆର୍ଥିକ ସ୍ଥିତି ଉଜୁଡି ଯିବ।

–**ଦଶ୍ରୁ କିଶାନ**,କୃଷକ ନେତା,କାଲୋକୁଦର।

“ ଏନେଇ ଅଭିଯୋଗ ପାଇବା ପରେ ଆମେ ଜବରଦଖଲକାରୀଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ ପାଇଁ ଲାଠିକଟା ତହସିଲଦାରଙ୍କୁ କହିଛୁ। ଆବଶ୍ୟକ ତଦନ୍ତ ପରେ ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପାଣି କିପରି ନାଳରେ ନିୟମିତ ଆସିବ ସେ ଦିଗରେ ଧ୍ୟାନ ଦିଆଯାଉଛି।

–**ପି.କେ. ପ୍ରଧାନ**, ଜିଲା କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ,ଜଳସେଚନ ବିଭାଗ।

“ ଜବରଦଖଲ ନେଇ ଆମ ପାଖରେ କୌଣସି ଅଭିଯୋଗ ଆସିନାହିଁ। ଯଦି ନିର୍ଦ୍ଦିଷ୍ଟ ଅଭିଯୋଗ ମିଳେ ତେବେ ଆମେ ଅନୁସନ୍ଧାନ କରି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ।

–**ମନସ୍ୱିନୀ ଦାସ**,ତହସିଲଦାର, ଲାଠିକଟା।

## ଏନଆଇଟିଠାରେ ସତର୍କତା ସଚେତନତା କାର୍ଯ୍ୟକ୍ରମ

ରାଉରକେଲା ଅଫିସ, ୨୧।୧୦

ଆଗାମୀ ସତର୍କତା ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଆରଏସ୍‌ପି ସତର୍କତା ବିଭାଗ ଦ୍ୱାରା ଏନ୍‌ଆଇଟି ଇନ୍‌କ୍ୱିଜିଟିଭ କ୍ଲବ ସହଭାଗିତାରେ ସ୍ଥାନୀୟ ସନେଟ୍ ହଲଠାରେ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଗତ ୧୯ ତାରିଖରେ ଆୟୋଜିତ ହୋଇଥିଲା। ଏଥିରେ ଏନ୍‌ଆଇଟିର ନିର୍ଦ୍ଦେଶକ ଡ. ଅନିମେଷ ବିଶ୍ୱାସ ଅଧ୍ୟକ୍ଷତା କରିଥିଲେ। ସତର୍କତା ବିଭାଗର ମ୍ୟାନେଜର ଆନନ୍ଦ କୁମାରଙ୍କ ଦ୍ୱାରା ଶପଥପାଠ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାପରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଦୁଇ ଜଣିଆ ୨୦ ଛାତ୍ରୀଛାତ୍ର ଦଳ ଅଂଶଗ୍ରହଣ କରିଥିଲେ। ୮ଟି ଦଳ ଫାଇନାଲ ରାଉଣ୍ଡ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଫାଇନାଲ ରାଉଣ୍ଡ ମୌଖିକ ରାଉଣ୍ଡ ବିଶିଷ୍ଟ ଥିଲା ଏବଂ ଏଥିରେ ଅଡିଓ ଭିଜୁଆଲ ସେକ୍ସନ ଏବଂ ବଜର ରାଉଣ୍ଡ ରହିଥିଲା। ଦିବ୍ୟନ ଦେବାଶିଷ ସାହୁ ଓ ଦିପ୍ତାଂଶୁ ସ୍ୱାଇଁଙ୍କୁ ନେଇ ଗଠିତ ଦଳ ପ୍ରଥମ ପୁରସ୍କାର ଲାଭ କରିଥିଲେ। ଶୁଭେନ୍ଦୁ ସ୍ୱାଇଁ ଓ ଡି.ଧିଲେଶ୍ୱର ରାଓଙ୍କ ଦଳ ଦ୍ୱିତୀୟ ପୁରସ୍କାର ଏବଂ ଆକାଶ ସିଂ ଓ ବିବେକ ପ୍ରସାଦ ଦଳବେହେରାଙ୍କୁ ନେଇ ଗଠିତ ଦଳ ତୃତୀୟ ପୁରସ୍କାର ଲାଭ କରିଥିଲେ। ଏହି ଅବସରରେ ଆର୍‌ଏସ୍‌ପି ସତର୍କତା ବିଭାଗର ଜିଏମ୍ ଏ.ସି. ରାଠି, ଜିଏମ୍ ଭି.କେ.ଯାଦବ, ଏଜିଏମ୍ ଜେ.ପି.ଶୁକ୍ଳା, ଏନଆଇଟି ରାଉରକେଲା ବିଦ୍ୟାର୍ଥୀ କଲ୍ୟାଣ ବିଭାଗର ଡିନ ଡ. ସରୋଜ ପଟେଲ, ଷ୍ଟୁଡେଣ୍ଟ ଆକ୍ଟିଭିଟି ସେଣ୍ଟରର ଅଧ୍ୟକ୍ଷା ଡ. ସୀମିତା ମହାନ୍ତି, ଉପାଧ୍ୟକ୍ଷ ଡ. ସମ୍ବିତ ବକ୍ସି ଏବଂ ସତର୍କତା ବିଭାଗର ଅଫିସିଆଲ ଉପସ୍ଥିତ ଥିଲେ। ଷ୍ଟୁଡେଣ୍ଟ ଆକ୍ଟିଭିଟି ସେଣ୍ଟର ଇନକ୍ୱିଜିଟିଭର କ୍ଲବ ସଭ୍ୟ, ଚିନ୍ମୟ ମହାନ୍ତି, ସତ୍ୟ ରଞ୍ଜନ ମଲ୍ଲିକ, ଦିବ୍ୟ ପ୍ରକାଶ ମହାନ୍ତି, ଏସ୍.ପି.ଶାନ୍ତନୁ, ଏଲ୍ ମୋହନ ମଣିକାନ୍ତ କୁଇଜ ପରିଚାଳନା କରିଥିଲେ।

### ଆଶା କର୍ମୀ ଆସୋସିଏଶନର ୪ର୍ଥ ରାଜ୍ୟ ସମ୍ମିଳନୀ

# ଜାନୁୟାରୀ ୮ରେ ସର୍ବଭାରତୀୟ ଧର୍ମଘଟ ପାଇଁ ନିଷ୍ପତ୍ତି




ଆଶା କର୍ମୀ ଆସୋସିଏଶନର ୪ର୍ଥ ରାଜ୍ୟ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ରାଉରକେଲା ଅଫିସ,୨୧।୧୦

ଓଡ଼ିଶା ଆଶା କର୍ମୀ ଆସୋସିଏଶନର ୪ର୍ଥ ରାଜ୍ୟ ସମ୍ମିଳନୀ ରାଉରକେଲା ଗୁରୁଦ୍ୱାରା ସଭାକକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଙ୍ଗଠନର ପତାକା ଉତ୍ତୋଳନ କରିଥିଲେ ସିଆଇଟିୟୁ ରାଜ୍ୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୩ଶହ ଆଶା କର୍ମୀ ଯୋଗ ଦେଇଥିଲେ। ଏହି ସମ୍ମିଳନୀକୁ ଉଦ୍‌ଘାଟନ କରି ମହାନ୍ତି କହିଲେ, ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ତୃଣମୂଳସ୍ତରରେ ପହଞ୍ଚାଇବାକୁ ଆଶାକର୍ମୀଙ୍କ ଉଦ୍ୟମ ପ୍ରଶଂସନୀୟ। ହେଲେ ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ଆଶା କର୍ମୀଙ୍କୁ ଶ୍ରମିକ ମାନ୍ୟତା ପ୍ରଦାନ କରିନାହାନ୍ତି। ଯାହା କ୍ଷୋଭର ବିଷୟ। ରାଜ୍ୟ ସରକାର ସାଧାରଣ ଜନତାଙ୍କ ପାଇଁ ବହୁ ଯୋଜନା କରିଥିବା ଡିଣ୍ଡିମ ପିଟୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଥିବା ଆଶା କର୍ମୀଙ୍କୁ ନ୍ୟାୟୋଚିତ ମଜୁରି ପ୍ରଦାନ କରିବାରେ ଅବହେଳା ପ୍ରଦର୍ଶନ କରିଆସୁଛନ୍ତି। ମାସକୁ ଅତି କମ୍‌ରେ ୨୦ ହଜାର ତଥା ସମାନ କାମକୁ ସମାନ ଦରମା, ସାମାଜିକ ସୁରକ୍ଷା, ନ୍ୟାଶନାଲ ହେଲ୍‌ଥ ସ୍କିମ(ଏନଏଚଏସ)କୁ ସ୍ଥାୟୀ କରିବା ଦାବି ନେଇ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ବିରୋଧରେ ଆଶା କର୍ମୀ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ମହାନ୍ତି ଚେତାବନୀ ଦେଇଥିଲେ। ଅନ୍ୟପକ୍ଷେ ସେ ମୋଦି ସରକାରକୁ ଜନ ବିରୋଧୀ, ଶ୍ରମିକ ବିରୋଧୀ ଭାବେ ଅଭିହିତ କରିଥିଲେ। ବହୁ ସଂଗ୍ରାମ ବଳରେ ହାସଲ ଶ୍ରମ ଆଇନକୁ ମୋଦି ସରକାର ଖିନଭିନ କରି ଶ୍ରମିକଙ୍କୁ ପ୍ରତାରିତ କରିଛନ୍ତି ବୋଲି ମହାନ୍ତି ଅଭିଯୋଗ କରିଥିଲେ। ଏହାକୁ ପ୍ରତିବାଦରେ ଜାନୁୟାରୀ ୮ରେ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ।

ସିଆଇଟିୟୁ କେନ୍ଦ୍ରୀୟ ସମ୍ପାଦକ ଅମିତାଭ ଗୁହା ଯୋଗଦେଇ ଆଶା କର୍ମୀଙ୍କ ବହୁ ପ୍ରତୀକ୍ଷିତ ଦାବି ଉପରେ ସବିଶେଷ ଆଲୋଚନା କରିଥିଲେ। ଆଶା କର୍ମୀ ନେତ୍ରୀ ଶକୁନ୍ତଳା ମହାକୁଡ, ରେବତୀ ପରିଡା, କବିତା ଦାସ, ଲୋଭାକାନ୍ତ ସ୍ୱାଇଁଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସମ୍ମିଳନୀ ପରିଚାଳନା କରିଥିଲେ। ସଙ୍ଗଠନ ରାଜ୍ୟ ସାଧାରଣ ସମ୍ପାଦିକା ନଳିନୀ ସାହୁ ସମ୍ମିଳନୀର ଚିଠା ରିପୋର୍ଟ ଉପସ୍ଥାପନ କରିଥିଲେ। ଆଶା କର୍ମୀଙ୍କ ଦାବି ହାସଲ ନ ହେବା ଯାଏ ଆନ୍ଦୋଳନ ଚାଲୁ ରଖିବାକୁ ନିଷ୍ପତ୍ତି ହୋଇଥିଲା। ସମ୍ମିଳନୀରେ ସିଟୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ପ୍ରମୋଦ ସାମଲ, ବିନୋଦିନୀ ଦାସ, ବିମାନ ମାଇତି ଓ ହୃଦାନନ୍ଦ ଯାଦବ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

ଏହି ଅବସରରେ ଆଗାମୀ ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ରୂପେ ଲୋଭାକାନ୍ତ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ରାଧାରମଣ ଷଡଙ୍ଗୀ ଓ ନଳିନୀ ସାହୁ ନିର୍ବାଚିତ ହୋଇଥିବାବେଳେ ଉପସଭାନେତ୍ରୀ ଭାବେ ପୁଷ୍ପା ଦାସ, ହୃଦାନନ୍ଦ ଯାଦବ, ସୁରେଶ ସ୍ୱାଇଁଙ୍କୁ ଚୟନ କରାଯାଇଥିଲା। ଶକୁନ୍ତଳା ମହାକୁଡଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ସନ୍ତୋଷୀ ଦାସ, ସୁଶୀଳା ସିଂ, ରେବତୀ ପରିଡା, ନଳିନୀ ଦାସ, ଲକ୍ଷ୍ମୀପ୍ରିୟା ମହାପାତ୍ର, ସେବତୀ ରାଉଳ ପ୍ରମୁଖ ସମ୍ପାଦିକା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସୁଲୋଚନା ପରିଡାଙ୍କୁ କୋଷାଧ୍ୟକ୍ଷା ଭାବେ ଚୟନ କରାଯାଇଥିଲା।

## ଆର୍‌ଏସ୍‌ପି ପାଇପ ପ୍ଲାଣ୍ଟ ଗୁଣବତ୍ତାରେ ଉନ୍ନତି

ରାଉରକେଲା ଅଫିସ, ୨୧।୧୦



ପୁରସ୍କାର ଗ୍ରହଣ କରୁଥିବା ଆର୍‌ଏସ୍‌ପି ପାଇପ ପ୍ଲାଣ୍ଟର ଅଧିକାରୀମାନେ।

ସେଲ୍ ଅନ୍ତର୍ଗତ ରାଉରକେଲା ଇସ୍ପାତ୍ କାରଖାନା ଉତ୍ପାଦନ ଖର୍ଚ୍ଚ କମ୍ କରିବା ପାଇଁ ମୂଲ୍ୟଯୁକ୍ତ ଗୁଣମାନ ଇସ୍ପାତ୍ ଉତ୍ପାଦନରେ ବୃଦ୍ଧି ଆଣିବା ନିମନ୍ତେ ସମ୍ଭାବ୍ୟ ପ୍ରୟାସ ଜାରି ରଖିଛି। ଆର୍‌ଏସ୍‌ପି ପାଇପ ପ୍ଲାଣ୍ଟ–ସ୍ପାଇରାଲ ୱେଲ୍ଡ ବିଭାଗର ଗୁଣବତ୍ତା ମଣ୍ଡଳୀ ନବସୃଷ୍ଟିର ପ୍ରୟାସ ଦିଗରେ ଏକ ବଳିଷ୍ଠ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ମଣ୍ଡଳୀ ସଫଳତା ସହକାରେ 'ପାଇପ ଫର୍ମିଙ୍ଗ ମେଶିନରେ ପାଇପ ୱେଲ୍ଡ ଗୁଣବତ୍ତାରେ ଉନ୍ନତି' ଶୀର୍ଷକ ଏକ ପ୍ରକଳ୍ପ କାର୍ଯ୍ୟାନ୍ୱିତ କରିଛନ୍ତି, ଯାହା ପାଇପର ଗୁଣବତ୍ତାରେ ଉନ୍ନତି ଆଣିବା ସହ ବାର୍ଷିକ ୧.୪୫ କୋଟି ଟଙ୍କା ସଞ୍ଚୟ ହୋଇଛି। ସ୍ପାଇରାଲ ୱେଲ୍ଡେଡ ପାଇପ ପ୍ଲାଣ୍ଟ ବିଭାଗରେ ୫୫ହଜାର ଟନ୍ କ୍ଷମତାର ୨ଟି ସମଧରଣର ପାଇପ ଫର୍ମିଙ୍ଗ ମେଶିନ ଏମ–୨.୧ ଏବଂ ଏମ–୨.୨ ରହିଛି। ଉଚ୍ଚମାନର ପାଇପ ନିର୍ମାଣ ପାଇଁ ଏହି ୨ଟି ମେଶିନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ। ତେବେ ଏହି ଯନ୍ତ୍ରରେ କିଛି ତ୍ରୁଟି ଯୋଗୁ ବିଭାଗର ଉତ୍ପାଦନ, ୟିଲ୍ଡ ପାଇପର ଗୁଣବତ୍ତାକୁ ପ୍ରଭାବିତ ହେଉଥିଲା। ଉକ୍ତ ଗୁଣବତ୍ତାମଣ୍ଡଳୀ ଏହି ୱେଲ୍ଡ ଡିଫେକ୍ଟ ସମସ୍ୟା ସମାଧାନର ଆହ୍ୱାନ ଗ୍ରହଣ କରିଥିଲେ। ଉକ୍ତ ଦଳ ୱେଲ୍ଡିଂ ପ୍ରୋସେସ ସମୟରେ ସୃଷ୍ଟି ହେଉଥିବା ସମସ୍ୟାଗୁଡ଼ିକର ବିଶ୍ଳେଷଣ କରିଥିଲେ। ଅନ୍ୟ ୱେଲ୍ଡିଂ ସମସ୍ୟା ତୁଳନାରେ ଅଫ୍‌ସେଟ ଏଜ ୱେଲ୍ଡ ସମସ୍ୟାର ସଂଖ୍ୟା ସର୍ବାଧିକ ଥିବା ଜାଣିବାକୁ ପାଇଥିଲେ। ଏହି ସମସ୍ୟାର ସମାଧାନ ପାଇଁ ଦଳ ଟୁଲ ଓ କୌଶଳ ଅବଲମ୍ବନ କରିଥିଲେ। ଅଫ୍‌ସେଟ ୱେଜ ୱେଲ୍ଡିଂ ସମସ୍ୟାର ମୂଳ କାରଣ ଟୁଲ ଫେଲର ବୋଲି ନିର୍ଣ୍ଣୟ କଲେ। ଏହି ସମସ୍ୟାକୁ ଏଡ଼ାଇବା ପାଇଁ ଗ୍ରାଇଣ୍ଡିଙ୍ଗ ଦ୍ୱାରା ରୁକ୍ଷ ଓ କ୍ଷତିଗ୍ରସ୍ତ ଟୁଲଗୁଡ଼ିକର ନବୀକରଣ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେମାନେ ଗ୍ରାଇଣ୍ଡିଙ୍ଗ ଆଟାଚମେଣ୍ଟ ଏବଂ ଟେପର ଫକ୍ସଚର ବିକଶିତ କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ବିଭାଗରେ ନୂତନ ସେଭିଙ୍ଗ ଟୁଲର ଖର୍ଚ୍ଚ ୮୩ରୁ ୧୦ ପ୍ରତିଶତକୁ ହ୍ରାସ ପାଇଛି। ଏହାସହ ଅଫ୍‌ସେଟ ସମସ୍ୟାକୁ ମଧ୍ୟ ଏଡ଼ାଇ ଦିଆଯାଇପାରିଛି। ପାଇପ ପ୍ଲାଣ୍ଟ ବିଭାଗର ମନୋଜ କବି, ଆର.କେ. ମିଶ୍ର, ସୂର୍ଯ୍ୟନାରାୟଣ ବେହେରା, କେ.ଗୁଇଁ, ଏସ୍.ଆର୍ ଗଉଡ଼ଙ୍କୁ ନେଇ ଗଠିତ ଏହି ଗୁଣବତ୍ତା ମଣ୍ଡଳୀର ସଦସ୍ୟମାନେ ଉକ୍ତ ପ୍ରକଳ୍ପକୁ ନିକଟରେ ଅନୁଷ୍ଠିତ ସିସିକ୍ୟୁସିରେ ଉପସ୍ଥାପନ କରି ସ୍ୱର୍ଣ୍ଣ ପୁରସ୍କାର ଲାଭ କରିଥିଲେ। ବିଭାଗର ମ୍ୟାନେଜର ତପନ ପରିଡା ଉପରୋକ୍ତ ଦଳର ଫେସିଲିଟେଟର ଥିଲେ।

## ଆଜିଠୁ ଯୁବ ସଙ୍ଗଠନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ରାଉରକେଲା ଅଫିସ, ୨୧।୧୦

ରାଉରକେଲା ଏସ୍‌ସି/ଏସ୍‌ଟି ଯୁବ ସଙ୍ଗଠନ ପକ୍ଷରୁ ସେକ୍ଟର–୬ ସି ବ୍ଲକ କାର୍ଯ୍ୟାଳୟରେ ୫ବର୍ଷ ପୂର୍ତ୍ତି ଉପଲକ୍ଷେ ଚଳିତମାସ ୨୨ ଓ ୨୩ ତାରିଖ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯିବ। ଏହାସହ ୨୪ ତାରିଖ ଦିନ ୪୧ତମ ନୂଆଁଖାଇ ଜୁହାର ଉତ୍ସବ ପାଳନ ହେବ। ୩ଦିନ ଧରି ହେବାକୁଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ବଲାଙ୍ଗୀରର ଦୁଲଦୁଲି ବାଜା ସହ ସମ୍ବଲପୁରର ରାଧେ ଗ୍ରୁପ ମେଲୋଡି ଏବଂ ସମ୍ବଲପୁରୀ ଗାୟକ ସାନ୍ତ୍ୱନୁ ସାହୁ ମୁଖ୍ୟ ଆକର୍ଷଣ ରହିବେ। ଏହି କାର୍ଯ୍ୟକ୍ରମକୁ ସଭାପତି ଭୀମସେନ ଛତ୍ରିଆ, ସାଧାରଣ ସମ୍ପାଦକ ମହେନ୍ଦ୍ର କୁମ୍ଭାର,ଡୁଲା ମହାନନ୍ଦ, ସାମୁଏଲ ହରିପାଲ, ପ୍ରଦୀପ କୁମ୍ଭାର, ରାନୁ ନନ୍ଦ, ସୁନାଧର ବାରିକ, ରାକେଶ କୁମ୍ଭାର, ପପୁ ମହାନନ୍ଦ, ସିଜୟ ପାଲ, ବ୍ୟାସଦେବ ନାଥ ପ୍ରମୁଖ ଏହି ଉତ୍ସବ ଆୟୋଜନ ପାଇଁ ସହଯୋଗ କରୁଛନ୍ତି।

## ଗାନ୍ଧୀ ମହାବିଦ୍ୟାଳୟରେ ଶହୀଦ ଦିବସ

ରାଉରକେଲା ଅଫିସ,୨୧।୧୦

ଦେଓଗାଁଠାରେ ଥିବା ଗାନ୍ଧୀ ମହାବିଦ୍ୟାଳୟ ପକ୍ଷରୁ ଶହୀଦ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ସନ୍ଧ୍ୟାରାଣୀ ବରାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ କଲେଜର ପୂର୍ବତନ ଛାତ୍ର ତଥା ଶହୀଦ କନ୍‌ଷ୍ଟେବଲ(ବିଏସ୍‌ଏଫ୍) ପ୍ରଦୀପ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଅଧ୍ୟକ୍ଷା ବରାଳ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ଶହୀଦ ପଣ୍ଡା କିପରି ଦେଶ ସେବାରେ ନିଜକୁ ଉତ୍ସର୍ଗ କରି ପ୍ରାଣବଳୀ ଦେଇଥିଲେ ସେନେଇ ଆଲୋକପାତ କରିଥିଲେ। ସୀମା ସୁରକ୍ଷା ବଳ ପ୍ରାନ୍ତୀୟ ମୁଖ୍ୟାଳୟରୁ ମହିଳା କନ୍‌ଷ୍ଟେବଲ ସୁଶ୍ରୀ ସଙ୍ଗୀତା ରାଜ ଏଥିରେ ଯୋଗଦେଇ ଶହୀଦ ପଣ୍ଡାଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାପକ ଲଳିତମୋହନ ଷଡଙ୍ଗୀ, ଅଧ୍ୟାପକ ଅଶୋକ ବେଉରା, ଅଧ୍ୟାପିକା ଅର୍ପିତା ମହାପାତ୍ର, ପ୍ରତିଭା କୁଜୁର ଯାଜ୍ଞସେନୀ ଛତ୍ରିଆ, ସୁଜାତା ହୋତା, ଗ୍ରନ୍ଥାଗାରିକ ଭାଗଗ୍ରାହୀ ପଣ୍ଡା, ଦିପ୍ତୀମୟୀ ମହାନ୍ତି, କର୍ମଚାରି ନନ୍ଦକିଶୋର କୁଅଁର, ରବିନ୍ଦ୍ର ଶତପଥୀ ଓ ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର




ସୋମବାର ପୂର୍ବାହ୍ନରେ ବିଶ୍ରାଛକରେ ଉତ୍ପାତ କରୁଥିବା ଏକ ମାଙ୍କଡ଼।



ଜିଲା ପୋଲିସପକ୍ଷରୁ ଆୟୋଜିତ ପୋଲିସ ଶହୀଦ ଦିବସ ସମାରୋହରେ ଡିଆଇଜି କବିତା ଜଲନ୍, ଏସ୍‌ପି କେ. ଶିବା ସୁବ୍ରାମିନି ଓ ଅନ୍ୟ ଅଧିକାରୀମାନେ ସମ୍ମାନ ପ୍ରଦର୍ଶନ କରୁଛନ୍ତି।



ସେକ୍ଟର–୨୨ ସୁପର ମାର୍କେଟରେ ଜମି ରହିଥିବା ଆବର୍ଜନା ଜଳ।